ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 9/2025 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 134 | ମୂଲ୍ୟ ₹୭/-



**‘ରେଡ୍ ୨’: ରିତେଶ, ଅଜୟ ଟକ୍କର**
ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ ‘ରେଡ୍ ୨’ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।
୦୮

୧୪
**ପ୍ରିୟାଂଶଙ୍କ ଶତକ**
ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ପଞ୍ଜାବ କିଙ୍ଗ୍ସର ପ୍ରିୟାଂଶ ଆର୍ଯ୍ୟ।



10 Layer PLASTO GOLD
ପାନୀୟ ଜଳ ପାଇଁ ସୁରକ୍ଷିତ
Call: 8956002158, 9175107935, 9130011507 9337225857


କେନ୍ଦ୍ରୀୟ ଫିଲିପାଇନ୍ସସ୍ଥିତ କାନ୍‌ଲାଓନ୍ ଆଗ୍ନେୟଗିରି ମଙ୍ଗଳବାର ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ଆକାଶ ୪ କି.ମି. ଉଚ୍ଚତା ପର୍ଯ୍ୟନ୍ତ ପାଉଁଶରେ ଆଚ୍ଛାଦିତ ହୋଇଯାଇଛି।

# ମୂଳ ଲକ୍ଷ୍ୟ କଂଗ୍ରେସକୁ ନ ଯାଆନ୍ତୁ

ଭୁବନେଶ୍ୱର,୮।୪(ସୁନିତ୍ ମିଶ୍ର)

କେନ୍ଦ୍ରୀୟ ଭାଜପା ନେତୃତ୍ୱ ବୁଝିସାରିଲେଣି ନବୀନ-ପାଣ୍ଡିଆନ ବର୍ତ୍ତମାନ ଏକଘରିକିଆ ହୋଇଗଲେଣି। ତୃଣମୂଳସ୍ତର କର୍ମୀ ଆଉ ତାଙ୍କ ଉପରେ ଭରସା ରଖୁନାହାନ୍ତି କି ସେମାନଙ୍କ ପାଖରେ ରହିବେ ନାହିଁ। ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷୀୟ ବିଜେଡି ସରକାରର ବିପର୍ଯ୍ୟୟ ହେଲା। ଏହାପରେ ମଧ୍ୟ କେନ୍ଦ୍ର ଭାଜପା ବିଜେଡି ସବଳ ରହୁ ବୋଲି ଚାହୁଁଥିଲା। ଓଡ଼ିଶାରେ କଂଗ୍ରେସର ଯେପରି ଉତ୍ଥାନ ନ ହେବ ସେଥିଲାଗି ବିଜେଡିକୁ ସବଳ ରଖିବା ଭାଜପା ଶୀର୍ଷ ନେତୃତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିଲାଗି ରାଜ୍ୟରେ ଭାଜପା ସରକାରକୁ ୧୦ ମାସ ପୂରିବା ସତ୍ତ୍ୱେ ବିଜେଡିର ଦୁର୍ନୀତି ବିରୋଧରେ ସେଭଳି କୌଣସି ତଦନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ହେଲେ ପ୍ରଥମେ ଗତ ବିଧାନସଭା ଅଧିବେଶନ ସମୟରେ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ସରକାର ବିରୋଧରେ ମାତ୍ରାଧିକ କାର୍ଯ୍ୟକ୍ରମ କରାଯିବା, ୱାକ୍‌ଫ ବିଲ୍‌କୁ ନେଇ ପ୍ରଥମେ ଏମ୍‌ପି ଦେବାଶିଷ ସାମନ୍ତରାୟଙ୍କ ବିବୃତି ୨ୟରେ ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁଙ୍କ ସମର୍ଥକମାନେ ନବୀନ ନିବାସ ଭିତରେ ପାଣ୍ଡିଆନ ବିରୋଧୀ ସ୍ଲୋଗାନ ଦେବା ପରେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ପୂର୍ବ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି। ସେମାନେ ବୁଝିଲେଣି ବିଜେଡିର ଆଉ ପୁରୁଣା ସ୍ଥିତି ନାହିଁ। ଦଳକୁ ନବୀନ-ପାଣ୍ଡିଆନ ଆଉ ସମ୍ଭାଳିପାରିଲା ଭଳି ସମ୍ଭାବନା ସେମାନେ ଦେଖିପାରୁ ନାହାନ୍ତି। ଏହି ପରିସ୍ଥିତି ଗତ ୪୮ରୁ ୭୨ ଘଣ୍ଟା ଭିତରେ ଘଟିବା ଆରମ୍ଭ ହୋଇଯାଇଛି। ୧୯୯୭ ମସିହା ଭଳି ବିଜେଡିକୁ ଭାଙ୍ଗି ଆଉ ଏକ ଆଞ୍ଚଳିକ ଦଳ ସୃଷ୍ଟି କରିବା ନିମନ୍ତେ ଏକ ବିଧିବଦ୍ଧ ପ୍ରକ୍ରିୟା ଭାଜପାର କେନ୍ଦ୍ର ସ୍ତରରୁ ଆରମ୍ଭ କରାଯାଇଛି। ☞ପୃଷ୍ଠା-୪

# ମେ’ ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

କଟକ,୮।୪(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଖାତାଦେଖା କାର୍ଯ୍ୟ ଶେଷ ହେବାକୁ ଆଉ ୨ ଦିନ ସମୟ ଲାଗିବ। ପରେ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ଆସନ୍ତା ମେ’ ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ। ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିପରି ବିଜ୍ଞାନ ବିଷୟରେ ୪ ମାର୍କ ପ୍ରଶ୍ନ କମ୍ ଥିବା ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯିବା ସମ୍ପର୍କରେ ଖୁବ୍‌ଶୀଘ୍ର ବୋର୍ଡର ପରୀକ୍ଷା ପରିଚାଳନା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ତରାଇ କହିଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୯ ତାରିଖରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇଛି। ରାଜ୍ୟର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଛି। ମୋଟ୍ ୧୧,୮୦୦ ଜଣ ପରୀକ୍ଷକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥାରେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ଦେଖାଯାଉଛି। ମାଟ୍ରିକ୍ ପରୀକ୍ଷା ଖାତାଦେଖା ପାଇଁ ୪୭ଟି ମୂଲ୍ୟାୟନ କେନ୍ଦ୍ର ହୋଇଥିବାବେଳେ ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହେଉଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେଉଛି। ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀ ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ବଦଳୁ ବ୍ୟବସ୍ଥା

# ବିଲ୍ ଚାପିପାରିବେନି ରାଜ୍ୟପାଳ

ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ପାରିତ ବିଲ୍‌କୁ ରାଜ୍ୟପାଳ କୌଣସି ଆଳ ଦେଖାଇ ଚାପିପାରିବେ ନାହିଁ ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଧେୟକଗୁଡ଼ିକ ଉପରେ ସ୍ୱାକ୍ଷର କରିବାକୁ ବାଧ୍ୟ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ର ପ୍ରୟୋଗ କରି ଐତିହାସିକ ରାୟ ଦେଇଛନ୍ତି। ତାମିଲନାଡୁ ବିଧାନସଭାରେ ୨୦୨୦ରେ ଗୋଟିଏ ଏବଂ ୨୦୨୧ରୁ ୨୦୨୩ ମଧ୍ୟରେ ଗୃହୀତ ୯ଟି ବିଧେୟକ ଉପରେ ରାଜ୍ୟପାଳ ଆର୍.ଏନ୍. ରବି ମୋହର ଦେଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ନଭେମ୍ବର ୧୦ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟପାଳଙ୍କ କାର୍ଯ୍ୟକୁ ଭର୍ତ୍ସନା କରିବା ସହ ‘ନିଆଁ ସହ ଖେଳନାହିଁ’ ବୋଲି ତାଙ୍କୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ରବି ସମ୍ପୃକ୍ତ ବିଧେୟକଗୁଡ଼ିକୁ ଅଣଦେଖା କରିଚାଲିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୨୦୨୫ ଏପ୍ରିଲ ୮ରେ ଏହା ଉପରେ ରାୟ ପ୍ରକାଶ କରି ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ରାଜ୍ୟପାଳ ୧୦ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ସକାଶେ ପଠାଯିବ କହି ଚାପିରଖିବା ମନମୁଖି, ବେଆଇନ ଓ ଅସାମ୍ବିଧାନିକ କାର୍ଯ୍ୟ। ଏହି ବିଧେୟକଗୁଡ଼ିକ ରାଜ୍ୟପାଳଙ୍କ ସମ୍ମୁଖରେ ପୁନଃ ଉପସ୍ଥାପିତ ହେବା ଦିନଠାରୁ ସେଗୁଡ଼ିକୁ ମଞ୍ଜୁରୀପ୍ରାପ୍ତ ବୋଲି ଧରାଯିବ। କାରଣ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁସାରେ ରାଜ୍ୟପାଳଙ୍କ ହାତରେ କୌଣସି ବିଶେଷାଧିକାର କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ନାହିଁ ତାଙ୍କୁ ମନ୍ତ୍ରୀ ପରିଷଦର ପରାମର୍ଶ ଓ ସହଯୋଗ କ୍ରମେ ହିଁ କାର୍ଯ୍ୟ କରିବାକୁ ପଡ଼ିଥାଏ। ରାଜ୍ୟପାଳ ଫାଇଲ ଅଟକାଇ ଅବରୋଧକ ସାଜିବା ଅନୁଚିତ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ପୁନଃ ଉପସ୍ଥାପନ କରାଯିବାର ମାସକ ଭିତରେ ରାଜ୍ୟପାଳ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପୂର୍ବରୁ ମଧ୍ୟ ବିଧାନସଭା ଏବଂ ରାଜଭବନ ମୁହାଁମୁହିଁ ହୋଇଥିବାରୁ ରବିଙ୍କ ସମେତ ଆଉ କେତେକ ରାଜ୍ୟର ରାଜ୍ୟପାଳଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିସାରିଛି। ବିହାରର ପାଟନାରେ ଜନ୍ମିତ ରବି ୧୯୭୬ରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ କେରଳ କ୍ୟାଡର ଅଧିକାରୀ ଭାବେ ଯୋଗଦେଇଥିଲେ। ନିଜ ଚାକିରିଜୀବନରେ ସେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଫିସର ରୂପେ କାର୍ଯ୍ୟ କରିଥିଲେ।

## ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ ୧୦ ବିଧେୟକକୁ ମଞ୍ଜୁରୀ


ଆର୍.ଏନ୍. ରବି



ନୂଆଦିଲ୍ଲୀ,୮।୪

ରାଜ୍ୟ ବିଧାନସଭାରେ ଗୃହୀତ ହୋଇଥିବା ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ଚାପି ରଖିପାରିବେ ନାହିଁ କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିବା ସହ ଏଥିପାଇଁ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଛନ୍ତି। ପ୍ରଥମ ଥର ଫେରାଇଥିବା ୧୦ ବିଲ୍ ବିଧାନସଭାରେ ଦ୍ୱିତୀୟ ଥର ଗୃହୀତ ହେବା ପରେ ମଧ୍ୟ ରାଜ୍ୟପାଳ ସେଗୁଡ଼ିକୁ ☞ପୃଷ୍ଠା-୪

## ଅନୁଚ୍ଛେଦ ୧୪୨ କ’ଣ କହୁଛି

ସୁପ୍ରିମକୋର୍ଟ ମଙ୍ଗଳବାର ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଏହି ୧୦ ବିଲ୍‌କୁ ମଞ୍ଜୁରୀ ମିଳିସାରିଛି ବୋଲି ଘୋଷଣା କରିବା ସକାଶେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରିବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଏହି ଟିପ୍ପଣୀ ପରେ ଅନୁଚ୍ଛେଦ ୧୪୨କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ଅଦାଲତରେ ବିଚାରାଧୀନ କୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ☞ପୃଷ୍ଠା-୪

# କାର୍ଯ୍ୟକାରୀ ହେଲା ୱାକ୍‌ଫ ଆଇନ

ନୂଆଦିଲ୍ଲୀ,୮।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଛି। ଏନେଇ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି ହୋଇଛି। ୱାକ୍‌ଫ ଆଇନର ଧାରା ୧(୨) ଅନୁଯାୟୀ, ଏଥିରେ ରହିଥିବା ବ୍ୟବସ୍ଥାଗୁଡ଼ିକ ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ କରାଯାଇଛି। ଗତ ସପ୍ତାହରେ ପାର୍ଲାମେଣ୍ଟରେ ୱାକ୍‌ଫ ସଂଶୋଧନ ବିଲ୍ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ।

# ୧.୦୩ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ୧୩ ଚୁକ୍ତି

ଭୁବନେଶ୍ୱର,୮।୪
(ଅନୁରାଧା ମହାରଣା)

## ଓଡ଼ିଶାରେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ଆଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ରାଜ୍ୟରେ ପୁଞ୍ଜିନିବେଶ ନେଇ ୧୩ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିଭିନ୍ନ କମ୍ପାନୀ ସହ ହୋଇଥିବା ଏହି ଚୁକ୍ତି ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିଥିବାବେଳେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ଆୟୋଜିତ ଚୁକ୍ତି ସ୍ୱାକ୍ଷର ସମାରୋହରେ ମୁଖ୍ୟମନ୍ତ୍ରୀ ଶିଳ୍ପନେତୃତ୍ୱଙ୍କୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପକ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି। ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ନିବେଶ କରିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା ☞ପୃଷ୍ଠା-୪

# ପୋଲିସ ବାରାକ୍‌ରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

■ ଅବସାଦପୂର୍ଣ୍ଣ ହ୍ୱାଟ୍ସଆପ୍ ଷ୍ଟାଟସ୍‌କୁ ନେଇ ଚର୍ଚ୍ଚା


ଯଶୋଦା ଦାସ

ବାଲେଶ୍ୱର,୮।୪(ବାଞ୍ଛାନିଧି ଦେ)

‘ବେଳେବେଳେ ମଣିଷ ହୀରାକୁ ଖୋଜିବାକୁ ଯାଇ ମୂଲ୍ୟବାନ ସୁନାକୁ ହାତ ମୁଠାରେ ପାଇ ମଧ୍ୟ ଫିଙ୍ଗି ଦେଇଥାଏ। ଯେତେବେଳେ ହୀରା ଖୋଜି ଖୋଜି ଥକିଯାଏ ସେବେ ସେ ବୁଝିପାରେ ଫିଙ୍ଗିଥିବା ସୁନାର ମୂଲ୍ୟ କେତେ କ’ଣ’। ଏପରି ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ରଖିବା ପରେ ଆତ୍ମହତ୍ୟା କରିଛନ୍ତି ଜଣେ ମହିଳା କନଷ୍ଟେବଲ। ବାଲେଶ୍ୱର ପୋଲିସ ବାରାକ୍‌ର ନିଜ ରୁମ୍‌ରୁ ତାଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ☞ପୃଷ୍ଠା-୪

# ୨ କ୍ଷୁଦ୍ରତାରା ଧକ୍କାରେ ଚନ୍ଦ୍ରଠାରୁ ୧୦ଗୁଣା ଉଜ୍ଜ୍ୱଳ ବିସ୍ଫୋରଣ ହେବ

ଲଣ୍ଡନ, ୮।୪

ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ମାତ୍ର ୧୫୦ ଆଲୋକ ବର୍ଷ ଦୂରରେ ଏକ ବିରଳ ଉଚ୍ଚ ବହୁଳତା ବିଶିଷ୍ଟ ବାଇନାରି ଷ୍ଟାର୍ ସିଷ୍ଟମକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ୨ଟି କ୍ଷୁଦ୍ରତାରା ପରସ୍ପର ଆଡ଼କୁ ଅଗ୍ରସର ହେଉଛନ୍ତି। ୨,୩୦୦ କୋଟି ବର୍ଷ ପରେ ଉଭୟ କ୍ଷୁଦ୍ରତାରା ଧକ୍କାହେବା ସହ ଏକ ବିନାଶକାରୀ ଏବଂ ଚମକପ୍ରଦ ‘ଟାଇପ ୧ଏ ସୁପରନୋଭା’ ବିସ୍ଫୋରଣରେ ପରିଣତ ହେବେ। ଏହି ବିସ୍ଫୋରଣ ଏତେ ଉଜ୍ଜ୍ୱଳ ହେବ ଯେ, ଏହା ଚନ୍ଦ୍ର ଅପେକ୍ଷା ୧୦ ଗୁଣା ଆଲୋକ ବିସ୍ତାର କରିବ ଏବଂ ସମ୍ପୂର୍ଣ୍ଣ ଆକାଶ ଗଙ୍ଗା (ମିଲ୍କି) ଛାୟାପଥକୁ କିଛି ମୁହୂର୍ତ୍ତ ପାଇଁ ଚମକାଇଦେବ। ଗତ ୪ ତାରିଖରେ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଏହି ଆବିଷ୍କାରକୁ ପ୍ରକାଶ କରାଯାଇଛି।



ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଉକ୍ତ ବାଇନାରି ଷ୍ଟାର୍ ସିଷ୍ଟମରେ ୨ଟି ଧଳା ରଙ୍ଗର କ୍ଷୁଦ୍ର ତାରା ରହିଛି, ଯାହା ଧୀରେ ଧୀରେ ପରସ୍ପର ଆଡ଼କୁ ଟାଣିହୋଇ ଆସୁଛି। ଉଭୟ କ୍ଷୁଦ୍ର ତାରାର ମୋଟ ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ୧.୫୬ ଗୁଣା ଅଧିକ, ଯାହା ସେମାନଙ୍କୁ ☞ପୃଷ୍ଠା-୪

SIKSHA ‘O’ ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2024
■ 14th Best in University Category
■ 26th Best in Engineering Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in

## ପାଣିରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଟାଉନ ଥାନା ଅଧୀନ ଖଲିଆପାଲିଠାରେ ଜଣେ ବୃଦ୍ଧା ବନ୍ଧକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତା ବୃଦ୍ଧା ଜଣକ ହେଲେ ଲାଲ ଭୁଏ (୮୦) । ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କଲା ପରେ ବନ୍ଧ ପାଣିରେ ସେ ବୁଡିଯାଇ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ତାଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। କିଭଳି ପରିସ୍ଥିତିରେ ମହିଳା ଜଣକ ବୁଡିଗଲେ ସେନେଇ ଟାଉନ ଥାନା ପୋଲିସ ତଦନ୍ତ କରୁଛି।

**ସଂକ୍ଷେପରେ**

## ଥଇଥାନ ନ କଲେ ଆନ୍ଦୋଳନ ଚେତାବନୀ

### ରାସ୍ତା ପ୍ରଶସ୍ତୀକରଣ ପାଇଁ ଉଚ୍ଛେଦ

ଖପ୍ରାଖୋଲ,୮।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ରୁ ଖପ୍ରାଖୋଲ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି । ଏହି ପରିପ୍ରେକ୍ଷୀରେ ଖପ୍ରାଖୋଲ ସଦର ମହକୁମା ମୁଖ୍ୟ ରାସ୍ତା କଡ଼ରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ସୋମବାର ଉଚ୍ଛେଦ କରାଯାଇଥିଲା। ମଙ୍ଗଳବାର ମଧ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ତେବେ ଦୋକାନ ଘର ହରାଇଥିବା ଦୋକାନୀମାନେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଭେଟି ତୁରନ୍ତ ସମସ୍ତଙ୍କୁ ଥଇଥାନ କରି ସରକାରୀ ସ୍ଥାନରେ ରାସ୍ତା କଡ଼ରେ ଦୋକାନ ଘର ଯୋଗାଇଦେବାକୁଦାବିକରିଛନ୍ତି।ଥଇଥାନନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏନେଇ ତହସିଲଦାର ମିଶ୍ରଙ୍କୁ ପଚାରିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୋକାନୀଙ୍କ ଦାବି ଜଣାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଦୋକାନ ଘର ଭଙ୍ଗାଯିବାରୁ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଓ ଚାପା ଉତ୍ତେଜନା ଦେଖାଦେଇଛି।

## ଧଣ୍ଡାମାଲ ପଞ୍ଚାୟତରେ ଜନଶୁଣାଣି ଶିବିର

ଦେଓଗାଁ,୮।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବିଡିଓଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ ପ୍ରିୟ ରଞ୍ଜନ କୁମାର, ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ, ଏପିଓ ସୁଧାଂଶୁ ଭୂଷଣ ମେହେର, ଯନ୍ତ୍ରୀ ବେଦବ୍ୟାସଙ୍କ ସମେତ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଚଳିତବର୍ଷ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ଚୟନ କରାଯାଇଥିବା ବେଳେ କେତେକ ସ୍ଥାନରେ ଏ ନେଇ ଅନିୟମିତତା ହୋଇଥିବା ବ୍ଲକ ଅଧ୍ୟକ୍ଷ ଖମାରୀ ଅଭିଯୋଗ ଉଠାଇଥିଲେ। ବ୍ଲକ ଅଧ୍ୟକ୍ଷ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଥିଲା । ବିଡିଓ ସମସ୍ତ ଅଭିଯୋଗକୁ ତଦନ୍ତ କରାଯିବ ବୋଲି କହି କେବଳ ଦିନ ଗଡାଉଥିବା ବେଳେ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ସମିତି ସଭ୍ୟ ଶଙ୍କର ମୁଦୁଲି ଅଭିଯୋଗ ଆଣିଛନ୍ତି। ଏପରି କି ଧଣ୍ଡାମାଲ ଗ୍ରାମର ଜଣେ ବ୍ୟକ୍ତି ଚଳିତ ଖରିଫ ଋତୁରେ ୧୦୦ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି କରିଥିବା ବେଳେ ତାଙ୍କୁ କିଭଳି ଆବାସ ଗୃହ ଦିଆଗଲା ବୋଲି ସମିତି ସଭ୍ୟ ମୁଦୁଲି ଅଭିଯୋଗ ଆଣି ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ବିଡିଓଙ୍କ ନିକଟରେ ଦାବି କରିଥିଲେ । ଶିବିରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କରାଯାଇଥିବା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଶାୟୀ ମାନେ ହୋହାଲ୍ଲା କରିଥିଲେ ।

## ୪ ଦିନ ପରେ ଯାଆଁଳା ଶିଶୁକନ୍ୟାଙ୍କ ମୃତ୍ୟୁ

### ଆମ୍ବୁଲାନ୍ସରେ ସିଲିଣ୍ଡର ବିସ୍ଫୋରଣ ମାମଲା

ଟିଟିଲାଗଡ଼,୮।୪(ଶରତ ମିଶ୍ର)

ଟିଟିଲାଗଡ଼ସ୍ଥିତ ପିପିଲପଦରଠାରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଶୁକ୍ରବାର ଏକ ଆମ୍ବୁଲାନ୍ସରେ ଅକ୍ସିଜେନ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ଜଣେ ବୃଦ୍ଧା ଗୁରୁତର ହୋଇଥିବା ବେଳେ ଏଥିରେ ଆହତ ହୋଇ ଚିକିତ୍ସାଧୀନ ଥିବା ଯାଆଁଳା ଶିଶୁକନ୍ୟାଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି । ଏନେଇ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ମୁରିବାହାଲ ଥାନା ଅନ୍ତର୍ଗତ ଚିକିନିବାହାଲି ଗ୍ରାମର ଋଷଭ ଜାନି ସ୍ତ୍ରୀ ରାଧାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଟିଟିଲାଗଡ଼ ମାତୃ ଓ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେ ଯାଆଁଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ମାତ୍ର ଉଭୟ ଶିଶୁଙ୍କ ଓଜନ କମ ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ରେଫର କରିଥିଲେ । ଗତ ୪ ତାରିଖ ଦିନ ପ୍ରସୂତି ମହିଳା, ଯାଆଁଳା ଶିଶୁ , ଋଷଭ ଓ ଋଷଭଙ୍କ ମା' ଦୁତୀୟା ଜାନି ଆମ୍ବୁଲାନ୍ସରେ ଯିବା ପାଇଁ ବାହାରିବା ବେଳେ ହଠାତ୍ ଅକ୍ସିଜେନ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା । ଫଳରେ ଦୁତୀୟା ନିଆଁରେ ପୋଡି ହୋଇ ଗୁରୁତର ହୋଇଥିଲେ । ନିଆଁ ଧାସରେ ଶିଶୁ ଦ୍ୱୟ ଓ ପ୍ରସୂତି ମହିଳା ଆହତ ହୋଇଥିଲେ । ସେମାନଙ୍କୁ ଭୀମଭୋଇ ମେଡିକାଲ ପଠାଯାଇଥିଲା ।

# 'ଏକତା ହିଁ ବିସ୍ଥାପିତଙ୍କ ସମସ୍ୟା ସମାଧାନ ମନ୍ତ୍ର'

ବଲାଙ୍ଗୀର,୮।୪(ବୀରେନ୍ଦ୍ର କୁମାର ଝାଙ୍କର)


ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।

### ବନଦୁର୍ଗା ମହୋତ୍ସବ ଉଦ୍‌ଘାଟିତ

ଲୋୟର ସୁକ୍‌ତେଲ ଡ୍ୟାମ ନିକଟ ମାଗୁରବେଡା ଠାରେ ସୋମବାର ଠାରୁ ଆରମ୍ଭ ହୋଇଥିବା ବନଦୁର୍ଗା ମହୋତ୍ସବକୁ ମହୋତ୍ସବ କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ସେ କହିଥିଲେ, ବନଦୁର୍ଗା ମହୋତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ। ଏହି ମହୋତ୍ସବ ମାଧ୍ୟମରେ ବୁଡି ଅଞ୍ଚଳର ବିସ୍ଥାପିତଙ୍କ ମଧ୍ୟରେ ଏକତା ଆଣିବା ମୂଳ ଲକ୍ଷ୍ୟ। ଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ଏକତା ହିଁ ସେମାନେ ଭୋଗୁଥିବା ସମସ୍ୟାର ସମାଧାନ କରିବ ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର କହିଥିଲେ। ସେ ଆହୁରି କହିଥିଲେ, ଏହା ଆରମ୍ଭ ମାତ୍ର, ଆଗାମୀ ଦିନରେ ଏହି ମଞ୍ଚ ଜରିଆରେ ବିସ୍ଥାପିତ, ଅବହେଳିତଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ଏବଂ ଏହା ବୁଡି ଅଞ୍ଚଳବାସୀଙ୍କ ସ୍ୱର ହେବ । ବୁଡିଅଞ୍ଚଳର ଦେବାଦେବୀ, ପୂଜା ପାର୍ବଣ, ପ୍ରଥା ପରମ୍ପରା, ସାହିତ୍ୟ, ସଂସ୍କୃତି, ସାମାଜିକ ବ୍ୟବସ୍ଥା, ପ୍ରାକୃତିକ ପରିବେଶର ପୁନରୁଦ୍ଧାର ଓ ତାର ସୁରକ୍ଷା କରାଯିବ ବୋଲି କହିଥିଲେ। ଲୋକେ ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧାରୁ ବଞ୍ଚିତ ନ ହେବେ ସେ କ୍ଷେତ୍ରରେ ଲୋକଙ୍କୁ ଏକଜୁଟ୍ କରି କାମ କରାଯିବ ବୋଲି କହିଥିଲେ । ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ ଯୋଗଦେଇ ବର୍ତ୍ତମାନ ସୁକ୍‌ତେଲ ଡ୍ୟାମର କିଭଳି ସ୍ଥିତି ରହିଛି। କେଉଁ ସବୁ କାମ ଚାଲିଛି। ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ କ'ଣ ସବୁ କରାଯାଇପାରିବ କହିଥିଲେ। ମୁଖ୍ୟବକ୍ତା ଭାବେ ଲୋୟର ସୁକ୍‌ତେଲ ପ୍ରକଳ୍ପର ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବେଲାର ସିଂ ଭୋଇ ଯୋଗଦେଇ ସୁକତେଲ ଡ୍ୟାମ୍‌ର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଉଭୟ ପ୍ରଶାସନ ଏବଂ ବିସ୍ଥାପିତ କିଭଳି ମିଳିତ ଭାବେ କାମ କରିପାରିବେ କହିଥିଲେ। କ'ଣ କରାଗଲେ ବିସ୍ଥାପିତଙ୍କ ସମସ୍ୟାର ପ୍ରକୃତ ସମାଧାନ ହୋଇପାରିବ କହିଥିଲେ। ସାମାଜିକ କର୍ମୀ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଭାରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କମିଟି ସଭାପତି ସଞ୍ଜୟ ଗଡତ୍ୟା, ସମ୍ପାଦକ ଜୟକୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ। ସଭାକୁ ସହସମ୍ପାଦକ ବିକାଶ ଚନ୍ଦ୍ର ରଥ ପରିଚାଳନା କରିଥିଲେ। ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଣ୍ଡ ଶିରୋମଣି ସାନନ୍ଦ ଶିକା ଓ ସାଥୀ, କଳାକାର ଗୋପାଳ ପଣ୍ଡା ଓ ସାଥୀ, ସମଲେଶ୍ୱରୀ କଳା ପରିଷଦ ଲୋକକଳା ପ୍ରଦର୍ଶନ କରିଥିଲେ। ଏଠାରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ପାଣ୍ଡେ ସଂଯୋଜନା କରିଥିଲେ। ସକାଳୁ ପ୍ରଥମେ ବନଦୁର୍ଗା ଦେବୀଙ୍କ ଦେହେରୀ ଏବଂ ଅନ୍ୟମାନେ ଗଡଶଙ୍କର ଡୁଙ୍ଗୁରିପାଲି ପୁନର୍ବାସ କଲୋନୀରୁ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ମାଗୁରବେଡା ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ମହୋତ୍ସବ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ବିସ୍ଥାପିତଙ୍କ ସମସ୍ୟା ଓ କଳା ସଂସ୍କୃତି ସୁରକ୍ଷା ଉପରେ ଆଲୋଚନା ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗାଁର ବିସ୍ଥାପିତ ଏବଂ ଆଖପାଖ ଗାଁ ଲୋକଙ୍କ ସମାଗମ ହେଉଛି।

# ଛାତ୍ରୀଙ୍କୁ ମାଡ଼ ଘଟଣା: ଶିକ୍ଷକ ନିଲମ୍ବିତ

ଲୋଇସିଂହା,୮।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ସେବାଶ୍ରମରେ ରହି ଲୋଇସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମାଡ଼ ମାରିଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୪୯(ତା ୭।୪।୨୦୨୫)ରେ ଶିକ୍ଷକ ଜ୍ୟୋତିପ୍ରକାଶ ଷଡଙ୍ଗୀଙ୍କୁ ନିଲମ୍ବନ କରାଯାଇଛି। ଏହି ସମୟ ମଧ୍ୟରେ ଶିକ୍ଷକ ଜଣକ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ହାଜର ହେବେ ଏବଂ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହି ପାରିବେନି ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ ସରଗାଡା ପଞ୍ଚାୟତ ସିଂହାଣୀମୁଣ୍ଡା ଗ୍ରାମର ଛାତ୍ରୀ ପିଙ୍କି ନନ୍ଦ ଗତ ୨ ବର୍ଷ ହେଲା ଉକ୍ତ ସେବାଶ୍ରମରେ ରହି ପାଠ ପଢୁଛନ୍ତି। ଗତ ମାର୍ଚ୍ଚ ୧ ତାରିଖ ଦିନ ଶ୍ରେଣୀରେ ବସିଥିବା ବେଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ଏପରି କି ପାଠ ପଢା ଯାଉଥିବା ସମୟରେ କୁଆଡେ ତାଙ୍କ ଆଖି ଲାଗି ଯାଇଥିଲା । ଏହାଦେଖି ଶ୍ରେଣୀରେ ପାଠ ପଢାଉଥିବା ସମ୍ପୃକ୍ତ ଶିକ୍ଷକ ଜଣକ ଛାତ୍ରୀଙ୍କ ପାଖକୁ ଆସି କୌଣସି ତାଗିଦ ନ କରି ବାଡିରେ ମାଡ ମାରିଥିଲେ। ଏହି ସମୟରେ ଛାତ୍ରୀ ଜଣକ ଅସୁସ୍ଥ ଅନୁଭବ କରୁଥିବାରୁ ଆଖି ପଡିଯାଇଥିବା କହିଥିଲେ। ଏହାସତ୍ତ୍ୱେ ତାଙ୍କୁ ମାଡ ମାରିବାକୁ ଶିକ୍ଷକ ପଛାଇ ନ ଥିଲେ । ଛାତ୍ରୀ ଏ ନେଇ ପରିବାରବର୍ଗଙ୍କୁ ଜଣାଇଥିଲେ। ଖବର ପାଇ ଛାତ୍ରୀଙ୍କ ମା'ବାପା ଓ ସମ୍ପର୍କୀୟ ସ୍କୁଲକୁ ଆସିଥିଲେ। ସେମାନେ ଝିଅର ବାହୁରେ ମାଡ ଦାଗ ଦେଖି ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରଧାନଶିକ୍ଷକ ଓ ମାଡ ମାରିଥିବା ଶିକ୍ଷକଙ୍କ ନିକଟରେ ପ୍ରତିବାଦ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହିତ ଛାତ୍ରୀ ଏବଂ ଅଭିଭାବକ ବ୍ଲକ ଶିକ୍ଷା ବିଭାଗ ନିକଟରେ ଫେରାଦ ହୋଇଥିଲେ। ଶିକ୍ଷା ଅଧିକାର ଆଇନ ୨୦୦୯ ଉଲ୍ଲଂଘନ କରିଥିବାରୁ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିଇଓ ରୀନାକୁମାରୀ ବେହେରା ପ୍ରକାଶ କରିଛନ୍ତି।

# ଜୈବିକ ଚାଷ ଉପରେ ଗୁରୁତ୍ୱ

### ଆନ୍ତର୍ଜାତିକ ସମବାୟ ବର୍ଷ ପାଳନରେ ଯୋଗ ଦେଲେ ଉପମୁଖ୍ୟମନ୍ତ୍ରୀ


ମଞ୍ଚାସୀନ ଅତିଥି ବୃନ୍ଦ ।

ବେଲପଡା,୮।୪ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ କପାଣି ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ହୋଇଛି। ଏଥିରେ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ,ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଛି। ସମସ୍ତ ଚାଷୀ ଏହାର ସୁବିଧା ସୁଯୋଗ ନେବା ଦରକାର । ଚାଷୀମାନେ ଧାନ ଚାଷ ଉପରେ ଅଧିକ ନିର୍ଭର ନ କରି ଅନ୍ୟ ଚାଷ ପ୍ରତି ଧ୍ୟାନ ଦିଅନ୍ତୁ। ତାହେଲେ ଚାଷୀମାନଙ୍କ ଆର୍ଥିକ ବିକାଶ ହୋଇପାରିବ। ବିଶେଷ କରି ଜୈବିକ ପଦ୍ଧତିରେ ଚାଷ କଲେ ସରକାରୀ ସ୍ତରରେ ଉତ୍ପାଦିତ ସାମଗ୍ରୀକୁ ବିଦେଶକୁ ରପ୍ତାନି କରିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ଦ୍ୱାରା ପ୍ରଦତ୍ତ ଅଭିଯୋଗପତ୍ର ଗ୍ରହଣ କରିଥିବା ବେଳେ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ପ୍ରଥମେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପାଟଣାଗଡ଼ ଉପଜିଲାପାଳ ସୁନିଲ ମେହେର, ପାଟଣାଗଡ଼ ଏଆରସିଏସ ରଥ ହେମରନ, ବେଲପଡା ବିଡିସିସି ବ୍ୟାଙ୍କ ମ୍ୟାନେଜର ରୋଶନ ପାଣିଗ୍ରାହୀ, ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ହିମାଂଶୁ ପାଢ଼ୀ, କପାଣ ପାକ୍ସ ସଭାପତି ମନ୍ମୟ ଦାସ ଓ ପାକ୍ସ ଉପସଭାପତି ସକୁନ୍ତଲା ସାହୁ ମଞ୍ଚାସୀନ ଥିଲେ। ବିଧାୟକ ପ୍ରତିନିଧି ତନ୍ମୟ ଦାସ, ଏମ୍‌ପିଙ୍କ ପ୍ରତିନିଧି କୁନୁ ମୁଣ୍ଡା, ପ୍ରଶାନ୍ତ ଦାସ, ଆଲୋକ ବେହେରା, ଆନନ୍ଦ ମେହେର, ତେଜରାଜ ମେହେର ଓ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଜାହାରୀ ଓ ସ୍ଥାନୀୟ ଥାନାଧିକାରୀ ଅନନ୍ତ ପଧାନଙ୍କ ସହ ପୋଲିସ ଫୋର୍ସ ମୁତୟନ ଥିଲେ ।

# ୩ ଗ୍ରାମର ରାସ୍ତା ଶୋଚନୀୟ


ବୁର୍ଡା ଅଲେଖ ମହିମା ମଣ୍ଡପ ନିକଟ ରାସ୍ତାରେ ପାଣି ।

ଲୋଇସିଂହା,୮।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବୁର୍ଡା, ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତର ମୁଖ୍ୟାଳୟ ଗ୍ରାମର ରାସ୍ତା ବିଭିନ୍ନ କାରଣରୁ ବିପର୍ଯ୍ୟସ୍ତ ହୋଇ ପଡିଛି। ଫଳରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣ ଯିବା ଆସିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ଯୋଗୀସର୍ଡା ବସ୍ତିର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ନିକଟରେ ଆରଡବ୍ଲୁଏସ୍‌ଏସ୍ ବିଭାଗ ପକ୍ଷରୁ ଗ୍ରାମର ଘରକୁ ଘର ପାଇପ ଜଳ ଯୋଗାଣ ଲାଗି ପାଇପ ପୋତା ଯାଇଥିଲା। ସେତେବେଳେ ଗ୍ରାମ୍ୟ ରାସ୍ତାର କଂକ୍ରିଟକୁ ତାଡି ଦିଆଯାଇଥିଲା। ପାଇପ ପୋତି ସାରିଲା ପରେ ନୂତନ ଭାବେ କଂକ୍ରିଟ କରିବା କଥା । କିନ୍ତୁ ତାହା କରା ନଯାଇ କେବଳ ଖୋଳା ଯାଇଥିବା ମାଟି ପୁଣି ବିଛାଇ ଦିଆଯାଇଛି । ଫଳରେ ରାସ୍ତା ଆବଡା ଖାବଡା ହୋଇଛି । ବିଭିନ୍ନ ଛକରେ ରାସ୍ତା ଉପରେ ପାଣି ଜମି ରହୁଛି । ରାସ୍ତା କର୍ଦ୍ଦମାକ୍ତ ହେବାରୁ ମଶା,ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଏପଟେ ରାସ୍ତା ମରାମତି ନ କରି ପାଇପ କାମ କରିଥିବା ଠିକାଦାର ଛୁ ମାରିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବାଦିବାହାଲ ପଞ୍ଚାୟତ ସଦର ମହାକୁମା ବାଦିବାହାଲ ଗ୍ରାମରେ ହୋଇଥିବା କଂକ୍ରିଟ ରାସ୍ତା ଶୋଚନୀୟ ହୋଇ ପଡିଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ଯୋଗାଣ ପାଇଁ ଷ୍ଟାଣ୍ଡପୋଷ୍ଟ ଥିବାରୁ ଅନେକ ସମୟରେ ରାସ୍ତା ଉପରେ ପାଣି ଜମୁଛି । କର୍ଦ୍ଦମାକ୍ତ ରାସ୍ତା ଦେଇ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍କୁଲ ଯିବାକୁ ପଡୁଛି । ସେହିପରି ଗ୍ରାମର ମନ୍ଦିର ପୂଜକ ଆବର୍ଜନାପୂର୍ଣ୍ଣ ପାଣି ମାଡି ମନ୍ଦିରକୁ ନିୟମିତ ପୂଜା ଭାର ଧରି ଯାଉଥିବା ଦେଖିବାକୁ ମିଳିଛି । ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏପରି ସସସ୍ୟା ସୃଷ୍ଟି ହେଉଛି । ବୁର୍ଡା ପଞ୍ଚାୟତ ବୁର୍ଡା ଗ୍ରାମର ଦଳିତ ବସ୍ତିର ଅଲେଖ ମହିମା ମଣ୍ଡପ ନିକଟସ୍ଥ ଡ୍ରେନ ସଫେଇ ହେଉନାହିଁ । ଡ୍ରେନ ପାଣି ରାସ୍ତା ଉପରକୁ ମାଡି ଆସୁଛି। ଆଗକୁ ଉକ୍ତ ମଣ୍ଡପରେ ବୈଶାଖ ମେଳା ଉପଲକ୍ଷେ ଅଲେଖ ମହିମା ସମ୍ପ୍ରଦାୟ ପକ୍ଷରୁ ହୋମଯଜ୍ଞ ଅନୁଷ୍ଠିତ ହେବାର ଅଛି । ରାସ୍ତାର ଏପରି ଅବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଟ୍ରେନ୍‌ରେ ଟଳି ପଡ଼ିଲେ ଦାଦନ ଶ୍ରମିକ

### ୧୦ ଘଣ୍ଟା ପରେ ଗାଁରେ ହେଲା ଶବସତ୍କାର

କଣ୍ଟାବାଞ୍ଜି, ୮।୪ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା କମିବାର ନାଁ ନେଉନାହିଁ। ଜିଲାର ଜଣେ ଦାଦନ ଶ୍ରମିକ ଘରକୁ ଫେରିଲା ବେଳେ ଟ୍ରେନ୍‌ରେ ଟଳି ପଡିଥିଲେ। ଗାଁରେ ମୃତଦେହ ପହଞ୍ଚିବା ପରେ ମଧ ୧୦-୧୨ ଘଣ୍ଟା ବିଳମ୍ବରେ ଶବସତ୍କାର ହୋଇଥିବା ଜଣାପଡିଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ମୁତାବକ, ବଲାଙ୍ଗୀର ଜିଲା ତୁରେକେଲା ଥାନା କୁଇବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମରସିଂ ପହରିଆପଡାର ଏକ ପରିବାର ଗତ ଦଶହରା ସମୟରୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଞ୍ଚଳର ଇଟାଭାଟିକୁ ଦାଦନ ଖଟି ଯାଇଥିଲେ। ଏହି ପରିବାରର ଶୋଭାଗିନୀ ମାଝି (୩୫) ଓ ତାଙ୍କ ସ୍ୱାମୀ ଉଦ୍ଧବ ମାଝିଙ୍କୁ କଣ୍ଟାବାଞ୍ଜିର ଜଣେ ଦାଦନ ସର୍ଦ୍ଦାର ଇଟା ଗଢ଼ିବାକୁ ନେଇଥିଲେ। ଇଟାଭାଟିରେ କାମ କରିବା ମଧ୍ୟରେ ଶୋଭାଗିନୀଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ଏହାପରେ ତାଙ୍କ ସ୍ୱାମୀ ତାଙ୍କୁ ସେଠାରେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ହେଲେ ଉପଯୁକ୍ତ ଚିକିତ୍ସା ନ ହେବାରୁ ଶୋଭାଗିନୀ ଆହୁରି ଅସୁସ୍ଥ ହୋଇପଡିଥିଲେ। ଶେଷରେ ଉଦ୍ଧବ ଅସୁସ୍ଥ ସ୍ତ୍ରୀଙ୍କୁ ଟ୍ରେନରେ ଧରି ନିଜ ଗାଁକୁ ଫେରୁଥିଲେ। ସୋମବାର ସେ ଗୁଣ୍ଟୁର ଷ୍ଟେଶନରୁ ଟ୍ରେନ ଯୋଗେ କଣ୍ଟାବାଞ୍ଜି ଅଭିମୁଖେ ଆସିବା ସମୟରେ ଟ୍ରେନ ଭିତରେ ଶୋଭାଗିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହା ଜାଣିବା ପରେ ବିଶାଖାପାଟଣାଠାରେ ତାଙ୍କ ମୃତଦେହକୁ ପୋଲିସ ଟ୍ରେନରୁ ଓହ୍ଲାଇ ଦେଇଥିଲେ । ଏହାପରେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଉଦ୍ଧବ ସ୍ତ୍ରୀଙ୍କ ମୃତଦେହକୁ ଏକ ଆମ୍ବୁଲାନ୍ସରେ ଆଣି ମଙ୍ଗଳବାର ନିଜ ଗାଁରେ ପହଞ୍ଚିଥିଲେ। ଏହାପରେ ପ୍ରାୟ ୧୦ ଘଣ୍ଟା ଧରି ସ୍ତ୍ରୀଙ୍କ ମୃତଦେହ ତାଙ୍କ ଘରେ ପଡି ରହିଥିଲା। ପରେ ସନ୍ଧ୍ୟାରେ ସମାଜ ଲୋକେ ଗାଁରେ ଅନ୍ତିମ ସଂସ୍କାର କରିଥିବା ଉଦ୍ଧବ କହିଛନ୍ତି। ମୃତଦେହ ୧୦ ଘଣ୍ଟା ଧରି ପଡି ରହିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଶ୍ରମ ବିଭାଗ ଅଧିକାରୀ ପହଞ୍ଚି ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପରେ ସରପଞ୍ଚ ବିଳାସ ପୁଟେଲ ଘରେ ପହଞ୍ଚି ହରିଶଚନ୍ଦ୍ର ଯୋଜନା ସହାୟତା ରାଶି ବାବଦକୁ ୩ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। କଣ୍ଟାବାଞ୍ଜିର ଦାଦନ ସର୍ଦ୍ଦାର ସନ୍ଧ୍ୟାରେ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଭଡା ବାବଦକୁ ୫ ହଜାର ଟଙ୍କା ସହାୟତା ଦେଇଥିବା ଜଣାପଡିଛି। ତେବେ ଉଦ୍ଧବ ସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି ।

# ରାମଜୀ ନାଟକ ସଂସଦର ରାମଲୀଳା ଉଦ୍‌ଘାଟିତ

ବଲାଙ୍ଗୀର,୮।୪(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳାର ଏକ ଦୃଶ୍ୟ ।

### ତାଡକା, ସୁବାହୁ, ମାରିଚ ବଧ

ବଲାଙ୍ଗୀର ରାମଜୀ ନାଟକ ସଂସଦର ପ୍ରସିଦ୍ଧ ରାମଲୀଳା ସୋମବାର ରାତିରେ ଉଦ୍‌ଘାଟିତ ହୋଇଛି। ଲୀଳା ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା ମଞ୍ଚ ପୂଜା ସହ ରାମଲୀଳା ନାଟକ ଉଦ୍‌ଘାଟନ କରିଥିଲେ। ପ୍ରଥମେ ରାମ ବନ୍ଦନାରୁ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ରାମଲୀଳା। ବ୍ରହ୍ମା ଆଦେଶ ପରେ ମହାଯୋଗୀ ଶିବ ମାତା ପାର୍ବତୀଙ୍କୁ ରାମକଥା ଶୁଣାଇଥିଲେ। ଏହିଠାରୁ ରାମଲୀଳା ନାଟକର ପ୍ରଥମ ଦୃଶ୍ୟ ଆରମ୍ଭ ହୋଇଥିଲା। ଋଷି ବିଶ୍ୱାମିତ୍ର ଅଯୋଧ୍ୟା ଆଗମନ କରିବା ପରେ ରାଜା ଦଶରଥଙ୍କୁ ଦୁଇ ପୁତ୍ର ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେବା ପାଇଁ ଇଚ୍ଛା ଜାହିର କରିଥିଲେ। ମୁନି ଋଷିଙ୍କ ସୁରକ୍ଷା ପାଇଁ ହୋମ ଯଜ୍ଞରେ ବାଧା ଯେଭଳି ନ ଉପୁଜେ ସେଥିପାଇଁ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଉପସ୍ଥିତି ଜରୁରୀ ବୋଲି କହିଥିଲେ। ଋଷିଙ୍କ ସହ ଯଜ୍ଞସ୍ଥଳକୁ ଗଲାବେଳେ ବାଟରେ ତାଡକା ବଧ, ସୁବାହୁ ଓ ମାରିଚ ବଧ କରିଥିଲେ। ଶ୍ରୀରାମଙ୍କ ପାଦସ୍ପର୍ଶ ମାତ୍ରକେ ପାଷାଣ ରୂପି ଅହଲ୍ୟା କିଭଳି ନିଜସ୍ୱ ଶରୀର ଫେରିପାଇଲେ ଏହି ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଥମ ଦିନ ବ୍ରହ୍ମା ଭୂମିକାରେ କଳାକାର ଶଙ୍କର୍ଷଣ ରାଉତ, ଶିବ ଭୂମିକାରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରୁଦ୍ର ନାରାୟଣ ପଟେଲ, ପାର୍ବତୀ ଭୂମିକାରେ ଶ୍ରୀତମ ପଟେଲ, ବିଶ୍ୱାମିତ୍ର ଭୂମିକାରେ ଅରୁଣ ରାଉତ, ଦଶରଥ ଭୂମିକାରେ କୁମୁଦ ନାଏକ ଚମତ୍କାର ଅଭିନୟ କରିଥିଲେ। ମନ୍ତ୍ରୀ ଭୂମିକାରେ ଗୁଣ୍ଠୁଗୋପାଳ ମିଶ୍ର ଓ ରାଜେଶ ନାଏକ, ବିଶ୍ୱାମିତ୍ର ଋଷି ଭୂମିକାରେ ସୁରୁ ବଡିଆ, ତାଡକା ଭୂମିକାରେ ଘନଶ୍ୟାମ ସାଏ, ସୁବାହୁ ଭାବେ ଆଲୋକ ବଡିଆ ଓ ମାରିଚ ଭାବେ ଗୁଲୁ ବଡିଆ, ଅହଲ୍ୟା ଭୂମିକାରେ ଚୈତନ୍ୟ ମଟାରୀ, ନାବିକ ଭୂମିକାରେ ସୁବାସ ସାଏ ଓ ସାରଥି ପଟେଲ, କୌଶଲ୍ୟା ଭାବେ କୁଳମଣି ପଟେଲ, କ୍ଷେତ୍ରବାସୀ ବନଛୋର, ରାମ ଭୂମିକାରେ ଶୈଳିନ ବାବୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ସାହୁ, ସୀତାଙ୍କ ଭୂମିକାରେ ମାନସ ସାହୁ, ସପ୍ତଋଷି ଭୂମିକାରେ ସତ୍ୟ ଚୋପଦାର ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାମଲୀଳାକୁ ଦର୍ଶକମାନେ ଉପଭୋଗ କରିଥିଲେ ।

# ଚେକ୍‌ଡ୍ୟାମ ପାଇଁ ଶିଳାନ୍ୟାସ କଲେ ବିଧାୟକ


କୁବୁରିମହୁଲରେ ଚେକ୍‌ଡ୍ୟାମର ଶିଳାନ୍ୟାସ କରାଯଉଛି ।

ଦେଓଗାଁ,୮।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଷଣ୍ଡ, ସିଂଙ୍ଗାମୁଣ୍ଡା ପଞ୍ଚାୟତରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ହେବାକୁ ଥିବା ଚେକ୍‌ଡ୍ୟାମଗୁଡିକର ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗର ଦେଓଗାଁ ଡିଭିଜନର ସହକାରୀ ଯନ୍ତ୍ରୀ କବିନ କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଦୁଇଟି ଚେକ୍‌ଡ୍ୟାମର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଧାୟକ ସିଂଦେଓ ବରଘାଟି, କୁବୁରିମହୁଲ, ଆମଘାଟ ଗାଁରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ନେଟୱାର୍କ ସମସ୍ୟା, ଡ୍ରେନ ବ୍ୟବସ୍ଥା, ବିଭିନ୍ନ ଗାଁରେ ଲଗାଇଯାଇଥିବା ଷ୍ଟ୍ରିଟ ଲାଇଟ ଜଳୁନଥିବା ଏବଂ ବିଭିନ୍ନ ବନ୍ଧର ମାଟି ଉନ୍ନତୀକରଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଧାୟକ ସିଂଦେଓ ଅଧିକାରୀମାନଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଧଣ୍ଡାମାଲ ସମିତି ସଭ୍ୟ ଶଙ୍କର ମୁଦୁଲି, ସୁରଥ ଧରୁଆ, ଛାତ୍ର ବିଜେଡି ସଭାପତି ଦୀପକ ବେହେରା, ଜନ୍ମେଜୟ ପୋଢ, ରାଜପ୍ରତାପ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାରରେ ଅନୁଷ୍ଠିତ ଶିବିରକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପଧାନ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପଧାନ ନିଜେ ରକ୍ତଦାନ କରି ମେଡିକାଲ କର୍ମଚାରୀ, ରକ୍ତଦାତା, ସ୍ୱେଚ୍ଛାସେବୀ ଓ ଯୁବପୀଢ଼ିଙ୍କୁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ତଥା ଜିଲା ରେଡକ୍ରସ ଶାଖା ସମ୍ପାଦକ ପ୍ରତୀକ କର, ଏଡିପିଏଚ୍‌ଓ (ଭିବିଡି) ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ବ୍ଲଡ ବ୍ୟାଙ୍କ ଅଧିକାରୀ ଡ଼ାକ୍ତର ମାନସ ଦାଶ ଯୋଗ ଦେଇଥିଲେ। ହସ୍ପିଟାଲ ମ୍ୟାନେଜର ବି. କେ. ସାଗରିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ପରିଚାଳନାରେ ମନୋଜ କୁମାର ପଣ୍ଡା, ଜିଲା ଜୁନିୟର ରେଡକ୍ରସ ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଓ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସହଯୋଗ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଉପସ୍ଥିତ ଥିଲେ।

# ସେବା ମିଳିଲାନି, ଆମ୍ବୁଲାନ୍ସ ଖତଖାଉଛି

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତର ଜନସାଧାରଣଙ୍କୁ ସେବା ଯୋଗାଇବା ପାଇଁ ଆମ୍ବୁଲାନ୍ସ କିଣା ହୋଇଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂହଦେଓଙ୍କ ଏମ୍‌ପି ଲ୍ୟାଡ୍ ଓ ମହଦା ପଞ୍ଚାୟତ ପାଣ୍ଠିରୁ ଏହା କିଣାଯାଇଥିଲା। ଇତି ମଧ୍ୟରେ ୮ ବର୍ଷ ବିତି ଗଲାଣି। ଆମ୍ବୁଲାନ୍ସ ମହଦା ପଞ୍ଚାୟତ କାର୍ଯ୍ୟାଳୟରେ ସେମିତି ପଡି ରହିଛି। ଧୂଳି ଓ ବୁଢିଆଣି ଜାଲ ଆମ୍ବୁଲାନ୍ସକୁ ମାଡି ଗଲାଣି। ସେବା ପ୍ରଦାନ ଲକ୍ଷ୍ୟ ନେଇ କିଣାଯାଇଥିବା ଆମ୍ବୁଲାନ୍ସ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ପାରିନି। ଏ ଦିଗରେ ପ୍ରାକ୍ତନ ଏମ୍‌ପି କିମ୍ବା ଜିଲା ପ୍ରଶାସନ କେବେ ସମୀକ୍ଷା କରିବାକୁ ଉଚିତ ମଣ ନ ଥିବା ଅଭିଯୋଗ ହୋଇଛି।

୨୦୧୫-୧୬ ଆର୍ଥିକ ବର୍ଷରେ ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂହଦେଓ ଏମ୍‌ପି ପାଣ୍ଠିରୁ ମହଦା ପଞ୍ଚାୟତର ସିଆଲି ପାଇଁ ଏକ ଆମ୍ବୁଲାନ୍ସ ସକାଶେ ୭ଲକ୍ଷ ୧ହଜାର ୯୨୩ଟଙ୍କା ପ୍ରଦାନ କରିଥିଲେ। ଏକ ମହିନ୍ଦ୍ରା ବୋଲେରୋ କିଣିବା ପାଇଁ ଉକ୍ତ ଅର୍ଥ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଆମ୍ବୁଲାନ୍ସ କିଣିବା ପାଇଁ ଅର୍ଥ ନିଅଣ୍ଟ ପଡିବାରୁ ମହଦା ପଞ୍ଚାୟତ ପାଣ୍ଠିରୁ ସେତେବେଳେ ୩୬ହଜାର ୧୦୦ଟଙ୍କା ଦିଆ ଯାଇଥିଲା। ମୋଟ ୭ଲକ୍ଷ ୩୮ହଜାର ୨୩ଟଙ୍କାରେ ଏକ ମହିନ୍ଦ୍ରା ବୋଲେରୋ ମେକ୍ କିଣା ଯାଇଥିଲା। ଅଳ୍ପ କିଛି ଦିନ ଏହା ଜରୁରିକାଳୀନ ସେବାରେ ବ୍ୟବହାର ହୋଇଥିଲା। ଲୋକେ ଆବଶ୍ୟକ ଦେୟ ଦେଇ ଡାକ୍ତରଖାନା ଯାଉଥିଲେ। ତେବେ ପରିଚାଳନା ଗତ ସମସ୍ୟା ସହିତ ଡ୍ରାଇଭର ଦରମା ଓ ଫୁଏଲ ଖର୍ଚ୍ଚ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଆମ୍ବୁଲାନ୍ସ ଚାଲି ପାରି ନ ଥିଲା। ନୂଆ ଗାଡିଟି ସେମିତି ପଡି ରହିଲା। ବ୍ୟବହାର ନ ହୋଇ ଏବେ ତାହା ମରାମତି ଆବଶ୍ୟକ କରୁଛି। ଏ ସମ୍ପର୍କରେ ମହଦା ପଞ୍ଚାୟତର ସରପଞ୍ଚ ଭୀମସେନ ସିଂହଦେଓ କୁହନ୍ତି, ମହତ୍ ଉଦ୍ଦେଶ୍ୟ ନେଇ ଆମ୍ବୁଲାନ୍ସ କିଣା ଯାଇଥିଲା। ଗରିବ ଲୋକେ ଉପକୃତ ହୋଇଥାନ୍ତେ। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନେଲେନି। ସେବା ଯୋଗାଇବା ବଦଳରେ ପଞ୍ଚାୟତ କାର୍ଯ୍ୟାଳୟରେ ଆମ୍ବୁଲାନ୍ସ ପଡି ରହି ଖତ ଖାଉଛି। ଅନ୍ୟପକ୍ଷେ ସଠିକ୍ ଯୋଜନା ନ କରି ଆମ୍ବୁଲାନ୍ସ କିଣା ଯାଇଥିବାରୁ ସରକାରଙ୍କ ମାଲ୍ ଦରିଆ ମେ ଡାଲ ନୀତିରେ ସରକାରୀ ଅର୍ଥ ବରବାଦ୍ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ମହଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଡିରହିଥିବା ଆମ୍ବୁଲାନ୍ସ।

**ରାଜ୍ୟ ସଭା ସଦସ୍ୟ ଲ୍ୟାଡ୍‌ରୁ କିଣାଯାଇଥିଲା**

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ


ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟମାନେ।

ବିନିକା, ୮।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ପିଏଚ୍‌ଡି ନିର୍ବାହୀ ଯନ୍ତ୍ରୀ ଏ.କୁମାର ମୂର୍ତ୍ତିଙ୍କ ସମେତ ସମସ୍ତ ପଦାଧିକାରୀ, କାଉନସିଲରମାନେ ଉପସ୍ଥିତ ଥିଲେ। ଉନ୍ନୟନ କାର୍ଯ୍ୟ ସବୁ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବିଧାୟକ ଜଗଦଲା ନିର୍ଦ୍ଦେଶ ଦେଇଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ବିନିକା, ୮।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଝାରପଡା ମାତୃବିହାର ତରଫରୁ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ମ୍ୟାନେଜିଙ୍ଗ ଟ୍ରଷ୍ଟି ଶାଶ୍ୱତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ଖମାରୀ, ଶିକ୍ଷାକେନ୍ଦ୍ର ସଭାପତି ମଧୁମିତା ପରମଗୁରୁ, ଅଧ୍ୟକ୍ଷ ସନ୍ତୋଷ କୁମାର ସାଲିମା, ଉପାଧ୍ୟକ୍ଷ ତରଙ୍ଗିନୀ ଶଙ୍ଖୁଆ, କିଶୁ ଜଗଦଲା, ସୀମାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ କମଳ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଏବଂ ଅନ୍ୟମାନେ।

# ଶ୍ରୀରାମଙ୍କ ବନ ଗମନ ମଞ୍ଚସ୍ଥ

ବୌଦ୍ଧ,୮।୪(ଅଜିତ କୁମାର ବାରିକ)

**ବୌଦ୍ଧ ରାମଲୀଳା ଯାତ୍ରାର ତୃତୀୟ ଦିବସ**

ବୌଦ୍ଧ ରାମଲୀଳା ଯାତ୍ରାର ତୃତୀୟ ଦିବସରେ ବୁଟୁପାଲି ମୁକ୍ତାକାଶ ରଙ୍ଗମଞ୍ଚରେ ରାମସୀତାଙ୍କ ବିବାହ ଉତ୍ସବ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଶ୍ରୀରାମଙ୍କ ବରଯାତ୍ରୀ ଦଳରେ ସାମିଲ ହୋଇଥିଲେ। ଶ୍ରୀରାମ ମାତା ସୀତାଙ୍କ ସମେତ ଅନ୍ୟ ଭାଇ ଏବଂ ବଧୂମାନଙ୍କୁ ଅଯୋଧ୍ୟାବାସୀଙ୍କ ପକ୍ଷରୁ ସ୍ୱାଗତ କରାଯିବା ପରେ ନାଟକ ରାମ ବନବାସ ଅନୁଷ୍ଠିତ ହୋଇଥିଲା। ଅଯୋଧ୍ୟା ନଗରୀ ଶ୍ରୀରାମ ଓ ସୀତାଙ୍କ ସମେତ ଅନ୍ୟ ରାଜକୁମାର ଓ ନବବଧୂଙ୍କୁ ପାଇ ଉତ୍ସବ ମୁଖର ପାଲଟିଥିଲା। ରାଜା ଦଶରଥ ଶ୍ରୀରାମଙ୍କୁ ରାଜ୍ୟଭାର ଅର୍ପଣ କରିବାକୁ ପ୍ରସ୍ତୁତି ଆରମ୍ଭ କରୁଥିବାବେଳେ ରାଣୀ କୈକେୟୀଙ୍କ ବର ଯାଚନା ଯୋଗୁ ଅଯୋଧ୍ୟାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପିତୃ ସତ୍ୟ ପାଳନ କରିବା ପାଇଁ ଶ୍ରୀରାମ ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହିତ ବନ ଗମନ କଲା ପରେ ପୁତ୍ର ବିରହରେ ରାଜା ଦଶରଥଙ୍କ ପରଲୋକ ହୋଇଥିଲା। ଭବାନୀ ଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଲେଖନୀ ଚାଳନାରେ ଯାତ୍ରାନୁଷ୍ଠାନର କଳାକାରମାନେ ଚରିତ୍ରଗୁଡିକୁ ନିଖୁଣ ଭାବେ ପରିବେଷଣ କରିଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

# ମେଣ୍ଡାମାଳ ରାମଲୀଳା: ତାଡକାସୁର ବଧ


ରାମଲୀଳା ନାଟକରେ ରାଜା ଦଶରଥଙ୍କ ସହ ରାମ ଓ ଲକ୍ଷ୍ମଣ ।

ବୀରମହାରାଜପୁର,୮।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ରାମ ନବମୀଠାରୁ ରାମଲୀଳା ନାଟକ ଆରମ୍ଭ ହୋଇଛି। ବୀରମହାରାଜପୁର ଅଞ୍ଚଳର ପୁରୁଣା ରାମଲୀଳା ନାଟକ କରୁଥିବା ଗାଁ ହେଉଛି ମେଣ୍ଡାମାଳ। ଦୀର୍ଘ ୫୪ବର୍ଷ ହେଲା ଏଠାରେ ରାମଲୀଳା ନାଟକ ହୋଇ ଆସୁଛି। ଏହିକ୍ରମରେ ସୋମବାର ତାଡକା ସୁରବଧ ଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଭାଇ ଲକ୍ଷ୍ମଣ ବନକୁ ଯାଇ ଋଷିମାନଙ୍କ ଯଜ୍ଞ ରକ୍ଷା କରିବାକୁ ଯାଇ ତାଡକା ସୁର ବଧ କରିଥିଲେ। ଏହି ନାଟକରେ ଶିବ ଭୂମିକାରେ ଶ୍ରୀନିବାସ ଗାଇଗରିଆ, ଦୁର୍ଗା ଶ୍ରୀଧର କର୍ଣ୍ଣ, ଦଶରଥ କାର୍ତ୍ତିକ ଖଣ୍ଡଗିରିଙ୍ଗ୍, ବଶିଷ୍ଠ ମାଗୁଣି ନନ୍ଦ, ରାମ ଯୁଗଳ କିଶୋର ଡାଙ୍ଗ, ଲକ୍ଷ୍ମଣ କୁବେର କର୍ଣ୍ଣ , ବିଶ୍ୱାମିତ୍ର ଶ୍ୟାମ ବାରିକ, ତାଡକା ଭଲ ମେଣ୍ଡିଲି, ସୁବାହୁ ଚୈତନ୍ୟ ପଧାନ, ମାରିଚ ଯୁଗେଶର ପାତ୍ର ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମଙ୍ଗଳବାର ଶିବଧନୁ ଭଗ୍ନ ନାଟକ ମଞ୍ଚସ୍ଥ ହୋଇଥିବା ବରିଷ୍ଠ କଳାକାର କାର୍ତ୍ତିକ ଖଣ୍ଡଗିରୀ ସୂଚନା ଦେଇଛନ୍ତି। ବୁଧବାର ସୀତା ବିବାହ ନାଟକ ପରିବେଶିତ ହେବାର କାର୍ଯ୍ୟକ୍ରମ ରହିଛି।

# ବୌଦ୍ଧରେ ଗୃହ, ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ବୌଦ୍ଧ,୮।୪( ଅଜିତ କୁମାର ବାରିକ)

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବୌଦ୍ଧ ଜିଲା ଗସ୍ତ କରି ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲାସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ମନ୍ତ୍ରୀ ମହାପାତ୍ର ସହରାଞ୍ଚଳର ପାନୀୟ ଜଳ ସମସ୍ୟା, ପରିମଳ ବ୍ୟବସ୍ଥା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି କହିଥିଲେ, ଆମ ସରକାର ଲୋକଙ୍କ ସରକାର, ଯୋଜନା ଗୁଡିକ ଯେପରି ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ନେଇ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଅବଗତ କରାଇଥିଲେ। ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ରାମଜୀ କ୍ଲବ, ରାମଧୁନ ବି, ସି ବିଜୟୀ

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

**ମୁଖ୍ୟମନ୍ତ୍ରୀ ଅନ୍ତଃ କ୍ଲବ ଫୁଟବଲ ଚାମ୍ପିୟନଶିପ୍**

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଅନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଦ୍ୱିତୀୟ ଦିବସରେ ନିମ୍ନା ରାମଜୀ କ୍ଲବ, ରାମଧୁନ କ୍ଲବ ବି ଓ ରାମଦୁନ କ୍ଲବ ସି ବିଜୟୀ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଓଡ଼ିଶା ଫୁଟବଲ ସଂଘ, ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ଓ କ୍ରୀଡା ଏବଂ ଯୁବ ସେବା ବିଭାଗ ପକ୍ଷରୁ ଏହି ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ପ୍ରଥମ ମ୍ୟାଚ୍ ବିସିଏ ଉଲୁଣ୍ଡା ଓ ରାମଜୀ କ୍ଲବ ନିମ୍ନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମ୍ନା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରାମଧୁନ କ୍ଲବ ଏ ଓ ରାମଧୁନ କ୍ଲବ ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଧୁନ କ୍ଲବ ବି ୨-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ରାମଧୁନ କ୍ଲବ ସି ଓ ରାମଧୁନ କ୍ଲବ ଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଧୁନ କ୍ଲବ ସି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫେରୀ ସଞ୍ଜୀବ ସାହୁ, ଅନିଲ ଭୋଇ, ନରେଶ ମାଝୀ, ଶ୍ରବଣ ବିଶ୍ୱାଳ, ରାଜେଶ ଥନାପତି, ଅନିତା ମହାକୁଡ ଓ ପ୍ରଶାନ୍ତ ସେଠୀ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝି ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଖବରଦାତା ଦିଲ୍ଲିପ କୁମାର ପାତ୍ର, ବିବେକାନନ୍ଦ ମିଶ୍ର ଯୋଗଦାନ କରିଥିଲେ। ଦିଗମ୍ବର ଶତପଥୀ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମ୍ୟାଚ୍‌ରେ ବିକାଶ ପଣ୍ଡା ଓ ସନ୍ତୋଷ ପାଢୀ ସହଯୋଗ କରିଥିଲେ।

# ମାଉଳି ମନ୍ଦିର ପ୍ରତିଷ୍ଠା ଉତ୍ସବ


କମିରାରେ ମନ୍ଦିର ପ୍ରତିଷ୍ଠା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଅମରପାଲି, ୮।୪(ପୀତାମ୍ବର ସାହୁ)

**୧୭ ଶମ୍ଭୁ ମିଳନ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାଠାରେ ନବ ନିର୍ମିତ ମା' ମାଉଳି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସୋମବାର ଭବ୍ୟ କଳସ ଶୋଭାଯାତ୍ରା ସହ ଅଙ୍କୁରାରୋପଣ ହୋଇଥିଲା। ମଙ୍ଗଳବାର ଏଠାରେ ହୋମଯଜ୍ଞ ଆଦି ପୂଜାର୍ଚ୍ଚନା ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଅବସରରେ ୧୭ ଶମ୍ଭୁ ମିଳନ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ ଆଦି ଜିଲାର ମହାଦେବ ବାବାଙ୍କ ମଧ୍ୟରେ ଭେଟ୍‌ଘାଟ ଉତ୍ସବ ଅନୁଷ୍ଠିତ ହେଉଥିଲା। ଢୋଲ, ନିଶାନ, ଛତିଛତ୍ର, ବାନା, ବଇରଖ ସହ ଶୋଭାଯାତ୍ରା ସହକାରେ ଦିଅଁମାନେ ଉତ୍ସବସ୍ଥଳୀକୁ ବିଜେ କରିଥିଲେ। ଏଠାରେ ସମସ୍ତ ଦିଅଁମାନଙ୍କ ଏକତ୍ର ପୂଜାର୍ଚ୍ଚନା ହୋଇଥିଲା ଓ ବିଭିନ୍ନ ଦଣ୍ଡ ସୁଆଙ୍ଗ ମଧ୍ୟ ପରିବେଷଣ କରାଯାଇଥିଲା। ଏକାଠି ୧୭ ଶମ୍ଭୁଙ୍କୁ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଏଥିରେ ଗଜେନ୍ଦ୍ର ପଧାନ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ସପନ ପଧାନ, କର୍ଣ୍ଣରାଜ ପଧାନ, ପ୍ରକାଶ ବାରିକ, ଉମେଶ ପଧାନ, ଚିଦାନନ୍ଦ ପଧାନ, ଅଜିତ ପଧାନ ପ୍ରମୁଖ ସମସ୍ତ ଗ୍ରାମବାସୀ ଓ ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ। ବୁଧବାର ଏଠାରେ ମନ୍ଦିର ପ୍ରବେଶ ସହ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ଜଣାଯାଇଛି। ଦିନବେଳା ପାଣିଦଣ୍ଡ ଓ ରାତ୍ରୀ ରେ ଷୋଳ ସୁଆଙ୍ଗ ପରିବେଷଣ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଟ୍ରଫି: ଏମ୍‌ଏମ୍‌ୱାଇସି ମାଉଲସିଙ୍ଗା ବିଜୟୀ

ବୌଦ୍ଧ,୮।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନ ଖେଳ ଏମ୍‌ଏମ୍‌ୱାଇସି ମାଉଲସିଙ୍ଗା ଓ ଜିଏମ୍‌ସି ନୂଆସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଉଲସିଙ୍ଗା ଦଳ ୮-୦ ଗୋଲ୍‌ରେ ବିଜୟୀ ହୋଇଛି। ଖେଳରେ ଅତିଥି ଭାବେ ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ଜିଲା କ୍ରୀଡ଼ା ଅଧିକାରୀ ସୁଦାମ କୁମାର ସ୍ୱାଇଁ, ମ୍ୟାଚ୍ କମିଶନର ଲମ୍ବୋଦର ପୁରୋହିତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଭାବେ ଚନ୍ଦନ ମହାରଣା ପରିଚାଳନା କରିଥିବାବେଳେ ଲାଇନ୍‌ରେ ବଳରାମ ବେହେରା ଓ ସୂର୍ଯ୍ୟକାନ୍ତ ବେହେରା ସହାୟତା କରିଥିଲେ। ପ୍ରମୋଦ ବେହେରା ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ବୁଧବାର ଯୋଗୀନ୍ଦ୍ର ଦେବ ହାଇସ୍କୁଲ ଓ ବିଏସ୍‌ଏସ୍‌ଏ ବୌଦ୍ଧ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ


ଅମରପାଲିରେ ମନ୍ଦିର ପ୍ରତିଷ୍ଠା ପାଇଁ ଘୃତଯଜ୍ଞ।

ଅମରପାଲି,୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ଦୁର୍ଗା ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ସମାପନ ହୋଇଛି। ଏହି ଅବସରରେ ଏକ ଅଷ୍ଟ ପ୍ରହର ନାମଯଜ୍ଞ ହୋଇଥିଲା। ରବିବାର କଳସ ଯାତ୍ରା କରି ନାମ ମଣ୍ଡପ ଓ ହୋମ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାର ଅଷ୍ଟ ପ୍ରହର ନାମଯଜ୍ଞ ଅଧିବାସ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ୧୦ଟି ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସୋମବାର ପୂର୍ବାହ୍ନରୁ ଆରମ୍ଭ ହୋଇଥିଲା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ। ପରେ ହୋମ, ଘୃତଯଜ୍ଞ କରାଯାଇଥିଲା। ଏକ ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ସହ ବିଗ୍ରହମାନଙ୍କୁ ମନ୍ଦିରକୁ ନେଇ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ବିଦ୍ୟାଧର ସାହୁ ଓ ରାଜଶ୍ରୀ ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇ ଥିଲେ।

## ସଂକ୍ଷେପରେ

### ବୋଲେରୋକୁ ପିଟିଲା ବାଇକ୍, ଜଣେ ମୃତ

ରାଉରକେଲା,୮।୪(ଦିନେଶ ମିଶ୍ର): ରଘୁନାଥପାଲି ଥାନା ଅନ୍ତର୍ଗତ ରିଜର୍ଭ ପୋଲିସ ଗେଟ୍ ସମ୍ମୁଖରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପିୟୁଷ କୁମାର ସାହୁ(୧୬)। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବାଇକ ସହ ବୋଲେରୋକୁ ଜବତ କରିବା ସହ ଶବକୁ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏ ନେଇ ରଘୁନାଥପାଲି ଥାନାରେ ଏକ ମାମଲା (ନଂ.୨୨୫/୨୫) ରୁଜୁ କରି ଘଟଣାର ତଦନ୍ତ ଚାଲିଛି। ସୂଚନା ଅନୁସାରେ, ବାସନ୍ତୀ କଲୋନି ଏଲ୍ ବ୍ଲକ ଅଞ୍ଚଳର ପିୟୁଷ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ଏକ ବାଇକ୍ (ନଂ.ଓଡି୧୪ଏଏଚ/୦୯୧୦) ଯୋଗେ ଦୁଇ ଜଣ ସାଙ୍ଗଙ୍କ ସହ ବୁଲାବୁଲି କରି ଘରକୁ ଫେରୁଥିଲେ। ଏହି ସମୟରେ ରିଜର୍ଭ ପୋଲିସ ଗେଟ୍ ସମ୍ମୁଖରେ ଏକ ବୋଲେରୋ (ନଂ.ଓଡି୦୨ସିଏକ୍ସ/୧୭୦୫)କୁ ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପିୟୁଷଙ୍କ ମୃତ୍ୟୁ ହୋଇଥିଲା।

### ଅଲ୍ ଇଣ୍ଡିଆ ଫୁଟ୍‌ବଲ: ଧନବାଦ୍ ବିଜୟୀ

ରାଉରକେଲା,୮।୪(ଦିନେଶ ମିଶ୍ର): ରାଉରକେଲା ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ ପରିସରରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ୧୯ତମ ଅଲ୍ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଶେଷ ହୋଇଛି। ଏହି ମ୍ୟାଚ୍‌କୁ ଅବସରପ୍ରାପ୍ତ ଏସ୍‌ପି ରବୀନ୍ଦ୍ର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୀପକ କୁମାର ଦାସ ଓ ପରମେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ୱାର୍ଟର ଫାଇନାଲରେ ଡିଏଫ୍‌ଏ ଧନବାଦ ଦଳ ବିହାର ବକ୍ସର ଦଳକୁ ୪-୧ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଧନବାଦ ଫୁଟବଲ ଦଳର ଫରୱାର୍ଡ ଖେଳାଳି ଅମର ମୁର୍ମୁ ଖେଳର ୨୫ ମିନିଟ୍‌ରେ ପ୍ରଥମ ଗୋଲ ମାରିଥିବାବେଳେ ସୌରଭ ସ ଦ୍ୱିତୀୟ ଗୋଲ୍ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ବିହାର ଦଳ ଏହି ଗୋଲର ପ୍ରତିଶୋଧ ନେଇ ଖେଳର ୩୨ ମିନିଟ୍‌ରେ ଧନବାଦ ବିପକ୍ଷରେ ଗୋଟିଏ ଗୋଲ ମାରିଥିଲା। ଧନବାଦ ଦଳ ବିହାର ଦଳ ବିପକ୍ଷରେ ଆକ୍ରମକ ଖେଳ ପ୍ରଦର୍ଶନ କରି ପୁଣି ଖେଳର ୪୩ ଓ ୭୦ ମିନିଟ୍‌ରେ ପଙ୍କଜ ବକ୍ସି ୨ଟି ଗୋଲ୍ ମାରି ଦଳକୁ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ସୌରଭ ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରୀ ଆଶୀର୍ବାଦ କାନୁନଗୋ, ଲିଙ୍ଗରାଜ ପ୍ରଧାନ, ଦିଲୀପ କୁମାର ରାଉତ ଓ ରୋଶନ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ।

### ପାଣିରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ବଲାଙ୍ଗୀର,୮।୪(ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଟାଉନ ଥାନା ଅଧୀନ ଖଲିଆପାଲିଠାରେ ଜଣେ ବୃଦ୍ଧା ବନ୍ଧକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତା ବୃଦ୍ଧା ଜଣକ ହେଲେ ଲାଲ ଭୁଏ (୮୦) । ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ।

# କାର୍ଯ୍ୟକାରୀ ହେଲାନି ସ୍ମାର୍ଟ ପ୍ରକଳ୍ପ

ରାଉରକେଲା,୮।୪(ଦିନେଶ ମିଶ୍ର)

ରାଉରକେଲା ସହର ସ୍ମାର୍ଟସିଟି ଘୋଷଣା ହେବାର ଦୀର୍ଘ ଏଗାର ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ଆଜିଯାଏଁ ବହୁ ସ୍ମାର୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ। ରାଉରକେଲା ସହର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ସ୍ୱତନ୍ତ୍ର ଟ୍ରାଫିକ୍, ସ୍ମାର୍ଟ ବସ୍ ଟର୍ମିନାଲ, ଭୂତଳ ବିଦ୍ୟୁତୀକରଣ, ସ୍ୱଚ୍ଛତା, ସ୍ୱେରେଜ ସିଷ୍ଟମ ଭଳି ଅନେକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଯୋଜନା କରାଯାଇଥିଲା। ଏସବୁ କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୭୬ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିଲା। ମାତ୍ର ଏହିସବୁ ସ୍ମାର୍ଟ ବ୍ୟବସ୍ଥା ସହରବାସୀଙ୍କୁ ଆଜିଯାଏଁ ଉପଲବ୍ଧ ହୋଇପାରିନାହିଁ। ଫଳରେ ରାଉରକେଲା ସହରବାସୀ ସ୍ମାର୍ଟ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ରାଉରକେଲାକୁ ଉତ୍ତମ ସ୍ମାର୍ଟସିଟି କରାଯାଇପାରିବା ନେଇ ବିଭିନ୍ନ ଠିକା କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟ ଶେଷ ହୋଇନାହିଁ।

ସେହିପରି ରାଉରକେଲା ସହରର ପ୍ରମୁଖ ଛକମାନଙ୍କରେ ଆପରାଧିକ କାର୍ଯ୍ୟ ରୋକିବା ପାଇଁ ଲାଗିଥିବା ସିସି କ୍ୟାମେରା କାର୍ଯ୍ୟକାରୀ ହୋଇପାରିନାହିଁ। ସେହିଭଳି ଏକାଧିକ ଛକରେ ଟ୍ରାଫିକ ନିୟନ୍ତ୍ରଣ ଲାଇଟ କାର୍ଯ୍ୟ କରୁ ନ ଥିବାବେଳେ ସ୍ୱେରେଜ ଅବସ୍ଥା ନ କହିବା ଭଲ। ବର୍ଷାଦିନେ ବର୍ଷାଜଳ ସଂରକ୍ଷଣ ପାଇଁ ହୋଇଥିବା ଏକାଧିକ ଭୂତଳ ଟାଙ୍କି ଭଗ୍ନ ଅବସ୍ଥାରେ ପଡି ରହିଛି। ଛେଣ୍ଡ ସ୍ଥିତ ସାଇନ୍ସ ପାର୍କର କାର୍ଯ୍ୟ ଆଜିଯାଏଁ ସରିବା ନାଁ ଧରୁନି। ପୂର୍ବରୁ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା ପାଇଁ ଯୋଜନା ରହିଥିବାବେଳେ ଆଜିଯାଏଁ କୌଣସି ସ୍ଥାନରେ ଏକ ଉକ୍ତ ବ୍ୟବସ୍ଥା ହୋଇନାହିଁ। ଫଳରେ ଅନେକ ସମୟରେ ରାଉରକେଲାର ଡେଲିମାର୍କେଟ, ଉଦିତନଗର, ପାନପୋଷ ମେନ୍ ରୋଡ, ସିଭିଲଟାଉନ୍‌ଶିପ୍ ମେନ୍ ରୋଡ୍ ଆଦି ଅଞ୍ଚଳରେ ବେଆଇନ ପାର୍କିଂ ବଢ଼ିବାରେ ଲାଗିଛି। ଖାଲି ସ୍ମାର୍ଟସିଟି ନାମରେ ପ୍ରଥମ ପର୍ଯ୍ୟାୟରେ ସହରରେ ଥିବା ବିଭିନ୍ନ ଛୋଟମୋଟ ପାର୍କର ଉନ୍ନତୀକରଣ ସାଙ୍ଗକୁ ସ୍ୱେରେଜ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱେରେଜ କାର୍ଯ୍ୟ ନିମ୍ନମାନର ଯୋଗୁ ବର୍ତ୍ତମାନ ଏକାଧିକ ସ୍ୱେରେଜ ଟାଙ୍କିର ମଇଳା ପାଣି ରାସ୍ତାରେ ଭାସୁଛି। ସେହିପରି ପାନପୋଷ ଛକରୁ ଆମ୍ବେଡ଼କର ଛକ ପର୍ଯ୍ୟନ୍ତ ସ୍ମାର୍ଟ ରୋଡ୍ ବାବଦକୁ ୨୦ କୋଟି ୬୯ ଲକ୍ଷ ଓ ସ୍ମାର୍ଟ ବସ୍ ସେଲ୍‌ଟର ପାଇଁ ୨କୋଟି ୧ ଲକ୍ଷ ସହ ସ୍ମାର୍ଟ ବସ୍ ଟର୍ମିନାଲ ପାଇଁ ୧୦ କୋଟି ଟଙ୍କା ବ୍ୟୟ ହେବାର ଥିବାବେଳେ ଏହା ହୋଇନାହିଁ।

ଏ ନେଇ ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ସ୍ମାର୍ଟସିଟି ପ୍ରକଳ୍ପରୁ ବର୍ତ୍ତମାନ ସ୍ମାର୍ଟବସ୍ ଟର୍ମିନାଲ, ସ୍ମାର୍ଟ ପାର୍କିଂ ଓ ଭୂତଳ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥାକୁ ବାଦ୍ ଦିଆଯାଇଛି। ସହର କିଭଳି ସ୍ୱଚ୍ଛ ରହିବ ସେ ନେଇ ଆମେ ସହରରୁ ଦୂର ତରକେରା ଅଞ୍ଚଳରେ ନୂତନ ଡମ୍ପିଂ ୟାର୍ଡ ତିଆରି କରୁଛୁ। ଏଥିସହ ଖୁବ୍‌ଶୀଘ୍ର ସହରରେ ସିସି କ୍ୟାମେରା ଓ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା ସାଙ୍ଗକୁ ଅନ୍ୟାନ୍ୟ ସ୍ମାର୍ଟକାର୍ଯ୍ୟ କାର୍ଯ୍ୟକାରୀ ହୋଇଯିବ ବୋଲି ସିଇଓ କୁଲକର୍ଣ୍ଣି କହିଥିଲେ।


ଶୋଚନୀୟ ଅବସ୍ଥାରେ ଥିବା ପାଦଚଲା ରାସ୍ତା।

**ରାଉରକେଲା ସ୍ମାର୍ଟସିଟି ଘୋଷଣାକୁ ୧୧ ବର୍ଷ ବିତିଲା**

## ସମ୍ୱଲେଶ୍ୱରୀ ପୀଠରେ ବାର୍ଷିକୋତ୍ସବ ଉଦ୍‌ଯାପିତ


ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଅତିଥି।

ରାଉରକେଲା,୮।୪(ଦିନେଶ ମିଶ୍ର)

ସେକ୍ଟର-୨୦ସ୍ଥିତ ଭିଆଇପି ପଡ଼ିଆ ପରିସରସ୍ଥ ଶ୍ରୀ ଶ୍ରୀ ସମ୍ୱଲେଶ୍ୱରୀ ପୀଠରେ ବୀର ବଜରଙ୍ଗବଲୀ ଆଖଡା କମିଟି ପକ୍ଷରୁ ଆୟୋଜିତ ୫୧ତମ ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଏମ୍ଏସ୍‌ର ବରିଷ୍ଠ ନେତା ତଥା ସମାଜସେବୀ ହିମାଂଶୁ ବଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଦେବେନ୍ଦ୍ର ବାଗ, ସଭାପତି ବଜରଙ୍ଗୀ ଛତ୍ରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପଣ୍ଡିତ ଉଜ୍ଜ୍ୱଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଉତ୍ସବରେ ବିଧିପୂର୍ବକ ପୂଜାକାର୍ଯ୍ୟ ସହ ହୋମଯଜ୍ଞରେ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନେକ୍ସ ଜେନ୍‌ର ପ୍ରତିଷ୍ଠାତା ତଥା ଡ୍ୟାନ୍ସ ଗୁରୁ ଆନନ୍ଦ କୁମାର ସୁନା ମଞ୍ଚ ପରିଚାଳନା କରିଥିଲେ। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଗାୟକ ଅମର କୁମାର ଦାଶ ଯୋଗଦେଇ ଗୀତ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ସମାଜସେବୀ ଓ ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ମୋହନ କୁମ୍ଭାର, ତ୍ରିଲୋଚନ ଛତ୍ରୀ, ସମର ନାଗ, କିଶୋର ଛତ୍ରୀ, ସୁରେଶ ମହାନନ୍ଦ, ଶତ୍ରୁଘ୍ନ ଗୌଡ, ବଜରଙ୍ଗ ଛତ୍ରୀ, ଶଙ୍କର ହରିପାଲ ପ୍ରମୁଖ ସହଯୋଗ କରିଥିଲେ। ଆନନ୍ଦ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାରୀରିକ ଅପେକ୍ଷା ମାନସିକ ସୁସ୍ଥତା ଜରୁରୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୮।୪(ଦିନେଶ ମିଶ୍ର)

ଉତ୍କଳ ସ୍ନେହୀ ମହିଳା ସମିତି ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ବ୍ରିଜମୋହନ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଯେକୌଣସି ବ୍ୟକ୍ତିଙ୍କ ବ୍ୟବହାର ତାଙ୍କ ବାତାବରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଅସୁସ୍ଥତା କେବଳ ବୟସ ଉପରେ ନିର୍ଭର କରି ନ ଥାଏ। ବୟସ ଅନୁସାରେ ଶରୀରର ଅବକ୍ଷୟ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ପ୍ରତ୍ୟେକ ମଣିଷର ବ୍ୟକ୍ତିଗତ, ସାମାଜିକ ଓ ବୃତ୍ତିଗତ ପରିସର ରହିଛି। ଏହି ୩ଟିକୁ ପରସ୍ପରଠାରୁ ଭିନ୍ନ ରଖିବାକୁ ହେବ। ସମୟ ଅନୁସାରେ ସାମାଜିକ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ପଡିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରିସଂଖ୍ୟାନ ଅନୁଯାୟୀ ୨୦୫୦ ବେଳକୁ ବୟସ୍କ ନାଗରିକଙ୍କ ସଂଖ୍ୟା ଦୁଇଗଣ ହୋଇଯିବ। ଶତକଡା ୩୦ ଭାଗ ବୟସ୍କ ବ୍ୟକ୍ତି ମାନସିକ ଅବସାଦର ଶିକାର ହୋଇଥାନ୍ତି। ଏକାନ୍ତ ଅନୁଭବ ମଣିଷକୁ ରୋଗଗ୍ରସ୍ତ କରିଦିଏ। ଏଥିପାଇଁ ରୋଗୀଙ୍କୁ ଠିକ୍ ଭାବେ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ଚିକିତ୍ସା ଆବଶ୍ୟକ ବୋଲି ଡାକ୍ତର ସିଂ କହିଥିଲେ। ମହିଳା ସମିତି ସଭାପତି ସବିତା ସାହୁଙ୍କ ଆବାହକତ୍ୱ ଓ ପାଠାଗାର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ଗୋକୁଳାନନ୍ଦ ସାହୁ ଅତିଥି ପରିଚୟ ଦେଇଥିଲେ। ନମିତା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସଭାରେ ବହୁ ବରିଷ୍ଠ ନାଗରିକ ଓ ସଦସ୍ୟ ଉପସ୍ଥିତ ଥିଲେ। ପାଠାଗାର କୋଷାଧ୍ୟକ୍ଷ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ଏକତା ଆଖଡ଼ାର ସୁନ୍ଦରାକାଣ୍ଡ ପାଠ

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ସିଭିଲଟାଉନଶିପ୍ ଇ-୪, ଏଫ୍ -୪ ସ୍ଥିତ ଶ୍ରୀରାମ ଏକତା ଆଖଡ଼ା ପକ୍ଷରୁ ରାମନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କଲୋନିବାସୀଙ୍କ ପକ୍ଷରୁ ଝଣ୍ଡା ପୂଜା, ମିଷ୍ଟାନ୍ନ ବଣ୍ଟନ ତଥା ସନ୍ଧ୍ୟାରେ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସୁଧୀର ହରିଚନ୍ଦନ ଓ ଗୀତାଞ୍ଜଳି ହରିଚନ୍ଦନ ତଥା ପୂଜକ ଭାବେ ଉମେଶ ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ଦୀପାଞ୍ଜଳି, ଆରତୀ, ବିଜୟଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ, ନିହାରିକା, ସରିତା, ସୁନିତା, ଜ୍ୟୋତି, ଗାୟତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ମଧ୍ୟରେ ଭାଇଚାରା, ଐକ୍ୟବଦ୍ଧତା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ତଥା ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀରାମ ଏକତା ଆଖଡ଼ା ପକ୍ଷରୁ କୁହାଯାଇଛି।

## ସାଧନା ଡ୍ୟାନ୍ସ ଏକାଡେମୀର ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡ ସ୍ଥିତ ସାଧନା ଡ୍ୟାନ୍ସ ଏକାଡେମୀର ବାର୍ଷିକ ପରୀକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏକାକ୍ଷ ଗୋପବନ୍ଧୁ ପାଠାଗାରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଗୁରୁ ସାଧନା ଓ ମାନଭଞ୍ଜନ ସାମନ୍ତରାୟଙ୍କ ଆବାହକତ୍ୱ ତଥା ସୀମାଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନବଘନ ସାହୁ, ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ, ଜୟନ୍ତ ମିଶ୍ର, ପ୍ରଶାନ୍ତ ସେଠୀ, ଗୁରୁ ବିନାୟକ ସାମଲ, ଗୁରୁ ଦୀପକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲାର ନୃତ୍ୟଶିଳ୍ପୀଙ୍କ ପ୍ରତିଭା ଲୋକଲୋଚନକୁ ଆଣିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ସେହିପରି ଓଡ଼ିଆ ଅସ୍ମିତା, ସଂସ୍କୃତିକୁ ବଞ୍ଚାଇବା ପାଇଁ ଏହା ଏକ ସଫଳ ଉଦ୍ୟମ ବୋଲି କହିଥିଲେ। ଚଳିତବର୍ଷ ପରୀକ୍ଷାରେ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଭାବେ ଆରାଧ୍ୟା ଦାଶଙ୍କୁ ଶିବାଙ୍ଗୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗର କୃତୀ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମଇଳା ନିଷ୍କାସନରେ ବାଧକ ସେସ୍‌ପୁଲ୍ ଗାଡ଼ି

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ଛେଣ୍ଡ ଅଞ୍ଚଳରେ ୧୫ଶହରୁ ଊର୍ଦ୍ଧ୍ୱ ଘରର ମଇଳା ପାଣି ସ୍ୱେରେଜ ଲାଇନ ମାଧ୍ୟମରେ ନିଷ୍କାସନ କରାଯାଉଛି। ମାତ୍ର ଅଧିକାଂଶ ସମୟରେ ଏହି ମଇଳା ପାଣି ନିଷ୍କାସନରେ ଘରୋଇ ସେସ୍‌ପୁଲ୍ ଗାଡ଼ି ବାଧକ ସାଜୁଛି। ଉକ୍ତ ଗାଡ଼ି ଲୋକମାନଙ୍କ ସେପ୍ଟି ଟାଙ୍କିର ମଇଳା ଆଣି ସ୍ୱେରେଜ ସିଷ୍ଟମରେ ପକାଉଛନ୍ତି। ଫଳରେ ମଇଳା ପାଣି ଆଗକୁ ନ ଯାଇ ଜାମ୍ ହୋଇ ରହୁଛି।

ସୂଚନା ଅନୁସାରେ, ଛେଣ୍ଡ ଅଞ୍ଚଳରେ ସମୁଦାୟ ୧୫ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଘରକୁ ସ୍ୱେରେଜ ପାଇପ ସଂଯୋଗ କରାଯାଇଛି। ଏହି ଅଞ୍ଚଳରୁ ଦୈନିକ ୧ଲକ୍ଷ ୮୦ହଜାର ଲିଟର ମଇଳା ପାଣି ମାଟି ଛେଣ୍ଡସ୍ଥିତ କବ୍ରିସ୍ଥାନ ପମ୍ପ ହାଉସକୁ ନିଷ୍କାସିତ ହେଉଛି। ସେହିପରି ମଇଳା ପାଣି ନିଷ୍କାସନ ତଦାରଖ କରିବାକୁ ୨୫ଶହରୁ ଊର୍ଦ୍ଧ୍ୱ ଚ୍ୟାମ୍ବର ମଧ୍ୟ ସ୍ୱେରେଜ ବିଭାଗର ପକ୍ଷରୁ ସ୍ଥାପନ କରାଯାଇଛି। କବ୍ରିସ୍ଥାନ ପମ୍ପ ହାଉସରୁ ସିଧାସଳଖ ଛେଣ୍ଡର ମଇଳା ପାଣି ସିଭିଲଟାଉନଶିପ୍ ମୁଖ୍ୟ ପମ୍ପିଙ୍ଗ ହାଉସକୁ ପାଇପ ଯୋଗେ ନିଷ୍କାସିତ ହେଉଛି ଏବଂ ପରେ ବାଲୁଘାଟସ୍ଥିତ ବିଶୋଧନାଗାରରେ ବିଶୋଧିତ ହୋଇ ବ୍ରାହ୍ମଣୀ ନଦୀକୁ ଛଡାଯାଉଛି। ମାତ୍ର ଆରଏମସି ଅନୁମୋଦିତ ପ୍ରାଇଭେଟ ସେସ୍‌ପୁଲ୍ ଗାଡ଼ିଗୁଡିକ ଲୋକଙ୍କର ସେପ୍ଟି ଟାଙ୍କିରୁ ମଇଳା ସଂଗ୍ରହ କରି ବାଲୁଘାଟକୁ ନେଇ ପକାଇବା ବଦଳରେ ସ୍ୱେରେଜ ସିଷ୍ଟମର ଚ୍ୟାମ୍ବର ମଧ୍ୟରେ ପକାଉଛନ୍ତି। ଏଥିଯୋଗୁ ପ୍ରାୟ ସମୟରେ ସ୍ୱେରେଜ ବ୍ଲକେଜ ହେବାରୁ ସ୍ଥାନୀୟ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ସୋମବାର ଛେଣ୍ଡସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖ ସ୍ୱେରେଜ ଲାଇନ ଏଭଳି କାରଣରୁ ବ୍ଲକେଜ ହୋଇଥିବା ବେଳେ ଅଞ୍ଚଳବାସୀ ଅସୁବିଧା ଭୋଗିଥିବା ଜଣାପଡିଛି।

ପ୍ରକାଶ ଥାଉକି, ଆର୍‌ଏମ୍‌ସି ପକ୍ଷରୁ ସେସ୍‌ପୁଲ୍ ଗାଡ଼ିଗୁଡିକ ସେପ୍ଟି ଟାଙ୍କିରୁ ମଇଳା ସଂଗ୍ରହ କରି ବାଲୁଘାଟ ସ୍ଥିତ ଡମ୍ପିଂ ୟାର୍ଡରେ ପକାଇବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଘରୋଇ ସେସ୍‌ପୁଲ୍ ଗାଡ଼ି ମାଲିକ ଡିଜେଲ ଖର୍ଚ୍ଚ ବଞ୍ଚାଇବା ପାଇଁ ରାସ୍ତାକଡ଼ ସ୍ୱେରେଜ ସିଷ୍ଟମରେ ମଇଳା ପକାଉଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ଏଭଳି ଅବୈଧ କାର୍ଯ୍ୟ କରୁଥିବା ସେସ୍‌ପୁଲ୍ ଗାଡ଼ି ମାଲିକଙ୍କ ଉପରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସ୍ୱେରେଜ ସିଷ୍ଟମ ବ୍ୟବସ୍ଥାକୁ ସୁଗମ କରାଯିବ ବୋଲି ସେ କହିଥିଲେ।


ଛେଣ୍ଡ ଅଞ୍ଚଳରେ ଚ୍ୟାମ୍ବର ଖୋଲି ମଇଳା ପକାଯାଉଛି।

## ବନ୍ଧମୁଣ୍ଡାରେ ମା' ମଙ୍ଗଳା ପୂଜା ପାଳିତ

ବନ୍ଧମୁଣ୍ଡା,୮।୪(ସୁବ୍ରତ ଦେ)

ବନ୍ଧମୁଣ୍ଡାଠାରେ ମଙ୍ଗଳବାର ମା' ମଙ୍ଗଳାଙ୍କ ପୂଜା ଭକ୍ତି ସହକାରେ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରୁ ଲୋକମାନେ ଡୁମେରତା ମାହାତୋ ଟୋଲିସ୍ଥିତ ପୋଖରୀରେ ପହଞ୍ଚି ପୂଜା କରିଥିଲେ ଏବଂ କଳସ ଘଟ ଯାତ୍ରା ମଧ୍ୟ ବାହାର କରିଥିଲେ। ପାରମ୍ପରିକ ଢୋଲ ଏବଂ ମନ୍ଦାର ଧ୍ୱନି ମଧ୍ୟରେ ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ମହିଳା ଭକ୍ତମାନେ ପୋଖରୀରୁ ପାଣି ଭର୍ତ୍ତି କରି ମା' ଦେବୀଙ୍କ ପାଦ ଧୋଇଥିଲେ। କୁନି କୁନି ଛୁଆମାନେ ମଧ୍ୟ ସଂଗୀତ ଏବଂ ଢୋଲ ସହିତ ପରିଚାଳିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ମା'ଙ୍କ ଦର୍ଶନ ପାଇଁ ଡୁମେରତା ଛକରୁ ପୋଷ୍ଟ ଅଫିସ ଛକ ଏବଂ ଡି କ୍ୟାବିନ ଛକ ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ସି-ସେକ୍ଟରସ୍ଥିତ ସ୍ୱିଟ ଷ୍ଟାର କ୍ଲବର ସଦସ୍ୟମାନେ ଏକ ଶିବିର ସ୍ଥାପନ କରି ମା' ମଙ୍ଗଳାଙ୍କ ଭକ୍ତମାନଙ୍କ ମଧ୍ୟରେ ଗୁଡ଼, ଚଣା ଏବଂ ସରବତ ବଣ୍ଟନ କରିଥିଲେ। କ୍ଲବର ଶ୍ୱେତା ସିଂ, ଅର୍ଚ୍ଚନା ଭଟ୍ଟାଚାର୍ଯ୍ୟ, ପ୍ରିୟଙ୍କା ସିଂ, ମୀନା ମଣ୍ଡଳ, ପଦ୍ମା ବୁଦା, କୁମାରୀ, ରୀତା ନାୟକ, ଅନୁପମା କୁମାରୀ, ଦର୍ଶିକା ସିଂ, ଦିଶା ପାଢ଼ୀ, ସୁଦୀପ ସିଂ, ଦେବ କୁମାର ଦେ, ବାବୁଲି ନାୟକ, ସୁବ୍ରତ ଦେ, ହିମାଂଶୁ ଗଡ଼ନାୟକ, ସନ୍ତୋଷ ମୁଖୀ, ବାବୁ ଦାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଆର୍‌ଏସ୍‌ପି ଠିକା କର୍ମଚାରୀଙ୍କୁ ସୁରକ୍ଷା ତାଲିମ

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଦୀକ୍ଷା-ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ରରେ କାରଖାନାର ବିଭିନ୍ନ ୟୁନିଟ୍‌ର ୧ଶହରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀମାନଙ୍କ ପାଇଁ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗତ ମାର୍ଚ୍ଚ ୨୪ ତାରିଖରେ ୱେଲ୍‌ଡିଙ୍ଗ ସୁରକ୍ଷା ଉପରେ ଏକ ତାଲିମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧ଜଣ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୨୫ତାରିଖରେ ୩୮ଜଣ ଅଂଶଗ୍ରହଣକାରୀ ନିରାପଦ କନଭେୟର ବେଲ୍ଟ ଅପରେଶନ ଉପରେ ସଚେତନତା ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୬ତାରିଖରେ ସାମଗ୍ରୀ ପରିଚାଳନା ସୁରକ୍ଷା ଉପରେ ହୋଇଥିବା ତାଲିମରେ ମୋଟ ୫୧ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଅଧିବେଶନ ଗୁଡିକରେ ସାଧାରଣ ସୁରକ୍ଷା, ସାମଗ୍ରୀ ପରିଚାଳନା ଉପକରଣ ସହିତ କାର୍ଯ୍ୟ କରିବା ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା, ସୁରକ୍ଷା ଦିଗ ଓ ୱେଲ୍ଡିଙ୍ଗ, କନଭେୟର ବେଲ୍ଟରେ କାମ କରିବା ସମୟରେ ସୁରକ୍ଷା ଦିଗ ଉପରେ ଆଲୋକପାତ କରାଯାଇଥିଲା। ଅଧିବେଶନ ଗୁଡିକ ଶ୍ରମ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ନିର୍ଦ୍ଦେଶାଳୟର ଏସ୍. ଆର. ଗୋଛାୟତ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ପି. ପି. ପାତ୍ର ପରିଚାଳନା କରିଥିଲେ। ତାଲିମ ସମାପ୍ତ ହେବା ପରେ ଡିଟିଏନ୍‌ବିଡବ୍ଲ୍ୟୁଇ ପ୍ରଦତ୍ତ ପ୍ରମାଣପତ୍ର ଅଂଶଗ୍ରହଣକାରୀଙ୍କୁ ପ୍ରଦାନ କରାଯିବ। ଏଚ୍‌ଆର ସିଏଲ୍‌ସି ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ଏଚ୍‌ଆର ସିଏଲ୍‌ସି ବିଭାଗର ସିନିୟର ମ୍ୟାନେଜର ରାଜୀବ ମୁଖାର୍ଜୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସଗୁଡିକ ଦୂର କରିବା, ଦକ୍ଷତା ବୃଦ୍ଧି ପାଇଁ ଠିକା କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରିବାକୁ ଏହି କେନ୍ଦ୍ର ଲକ୍ଷ୍ୟ ରଖିଛି। ଆଚରଣ ସୁରକ୍ଷାରେ ବିଶେଷଜ୍ଞତା ସହିତ ରାଉରକେଲା ଏବଂ ଆଖପାଖରେ ଦକ୍ଷ କାର୍ମିକ ସମୂହ ବିକଶିତ କରିବା ଉକ୍ତ କେନ୍ଦ୍ରର ଉଦ୍ଦେଶ୍ୟ ରହିଛି।


ଠିକା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

# ମାତୃ, ଶିଶୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ

**ଆଇଜିଏଚ୍ ହସ୍ପିଟାଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ରାଉରକେଲା ଶାଖା ସଭାପତି ଡ. ପି. କେ. ମହାପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଡ. ଆର୍. ଆର୍. ମହାନ୍ତି, ବହୁ ଡାକ୍ତର, ନର୍ସ ଏବଂ କର୍ମଚାରୀ ଯୋଗ ଦେଇଥିଲେ। କନସଲଟାଣ୍ଟ ଡା. ସ୍ନେହାଲ ପାର୍ଭେ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ଆଚାର୍ଯ୍ୟ ମାତୃ ଏବଂ ଶିଶୁଯତ୍ନ ଉପରେ ଆଇଜିଏଚ୍‌ର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ଏବଂ ଚଳିତ ବର୍ଷର ବିଷୟବସ୍ତୁ ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ ଏବଂ ପରିବାର, ଦେଶ ଓ ସମାଜ ଗଠନରେ ମା'ମାନଙ୍କ ଭୂମିକା ଉପରେ ବାଖ୍ୟା କରିଥିଲେ। ଉପଯୁକ୍ତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ରାଷ୍ଟ୍ର ଓ ସମ୍ପ୍ରଦାୟର ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରିବ ବୋଲି ସେ କହିଥିଲେ। ଡା. ପାର୍ଭେ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଗୁରୁତ୍ୱ, ମାତୃ ଏବଂ ଶିଶୁ ମୃତ୍ୟୁହାରକୁ ପ୍ରଭାବିତ କରୁଥିବା କାରଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମାର୍ଗଦର୍ଶିକା ଅନୁଯାୟୀ ମାତୃ ପୃଷ୍ଟିସାର, ମାନସିକ ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତୀକରଣ ବିଷୟରେ ଆଲୋଚନା କରିଥିଲେ। ଚିକିତ୍ସା ବିଭାଗର କନସଲଟାଣ୍ଟ ଡା. ଅନିନ୍ଦିତା ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏସ୍‌ଡିଏମ୍‌ଓ ଡା. ସି. କସି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଆଇଜିଏଚ୍ ନର୍ସ ତାଲିମ ପ୍ରତିଷ୍ଠାନରେ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। ଏଥିରେ ଅତିରିକ୍ତ ସିଏମ୍‌ଓ ତଥା ଏନ୍‌ଟିଆଇ ପ୍ରଭାରୀ ଡା. ସୋନିଆ ଯୋଶୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ସିଏମ୍‌ଓ ଡା. ପ୍ରତିଭା ଷଡଙ୍ଗୀ, ଡା. ମଧୁମିତା ସାହୁ, ମୁଖ୍ୟ ପରାମର୍ଶଦାତା ଡା. ମାୟା ବୋଷ ଓ ଡେପୁଟି ମ୍ୟାନେଜର ସୁଶ୍ରୀ ନବନୀତା ଜେନା ଉପସ୍ଥିତ ଥିଲେ।



ବିଶ୍ୱ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଚକୁଲିର ବୁଣାକାରଙ୍କୁ ଭେଟିଲେ ଜିଲାପାଳ**

**ସମ୍ବଲପୁର,(ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପରେ ମାନେଶ୍ୱର ବ୍ଲକ ଚକୁଳି ଗ୍ରାମକୁ ଯାଇ ବୁଣାକାରମାନଙ୍କୁ ଭେଟିଥିଲେ। ବିଭିନ୍ନ ସରକାରୀ ଯୋଜନାରୁ ବୁଣାକାରମାନେ କିଭଳି ଲାଭ ପାଉଛନ୍ତି ସେ ବିଷୟରେ ସେ ସ୍ଥାନୀୟ ହିତାଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ଚକୁଳି ଗ୍ରାମବାସୀ ଗାଁରେ ଗ୍ରୀଷ୍ମ ସମୟରେ ପାନୀୟ ଜଳ ସଙ୍କଟ ରହିଥିବା ଅବଗତ କରିଥିଲେ। ଏହାସହ ଚକୁଳି ଗ୍ରାମକୁ ମୁଖ୍ୟରାସ୍ତାରୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ବିଷୟରେ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ। ଅଭିଯୋଗ ଶୁଣିବା ପରେ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ୧୮ରେ ରେଲ୍‌ୱେ ଶ୍ରମିକ କଂଗ୍ରେସର ୪୮ଘଣ୍ଟିଆ ଅନଶନ

ସମ୍ବଲପୁର,୮।୪(ଭବାନୀ ଶଙ୍କର ଭୋଇ)

ରେଲୱେରେ କାର୍ଯ୍ୟ କରୁଥିବା ରନିଙ୍ଗ ଷ୍ଟାପ ଓ ବିଭିନ୍ନ ରେଳ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଆଗାମୀ ୧୮ ତାରିଖରେ ଇଷ୍ଟ କୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ସମ୍ବଲପୁର ଡ଼ିଭିଜନ ପକ୍ଷରୁ ୪୮ ଘଣ୍ଟିଆ ଅନଶନ କରାଯିବ। ଏନେଇ ମଙ୍ଗଳବାର ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଶ୍ରମିକ କଂଗ୍ରେସର ଡିଭିଜନାଲ ସାଧାରଣ ସମ୍ପାଦକ ମହମ୍ମଦ ରଫିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ମଧ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଜାତୀୟସ୍ତରୀୟ ପଦାଧିକାରୀମାନେ ରେଲୱେର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଏହି ୭ ଦଫା ଦାବି ପୂରଣ ନେଇ ଆଲୋଚନା କରିବା ସହ ଚିଠି ମାଧ୍ୟମରେ ସୂଚିତ କରିସାରିଛନ୍ତି। ତଥାପି ଦାବି ପୂରଣ ନେଇ କୌଣସି ପ୍ରତିଶ୍ରୁତି ମିଳପାରି ନାହିଁ। ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆ ନ ଗଲେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ୧୮ ତାରିଖ ଦିନ ସମ୍ବଲପୁର ରେଲୱେ ଷ୍ଟେଶନ ଓ ଟିଟିଲାଗଡ ରେଲୱେ ଷ୍ଟେଶନ ଲବିଠାରେ ୪୮ଘଣ୍ଟିଆ ଅନଶନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଅନ୍ୟ ସବୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

### ଶୋକସଭାରେ ଧୋବୁଣି ନାହାକଙ୍କ ସ୍ମୃତିଚାରଣ

ସମ୍ବଲପୁର,୮।୪(ବି.ଶଙ୍କର)

ଧର୍ମପରାୟଣ ମହିଳା ଧୋବୁଣି ନାହାକଙ୍କ ପରଲୋକରେ ଏମ୍‌ସିଏଲ ଆନନ୍ଦ ବିହାର କଲୋନୀରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଲୋନୀର ପ୍ରତ୍ୟେକ ପୂଜା, ପାର୍ବଣ ଓ ସାମାଜିକ କାର୍ଯ୍ୟରେ ସେ ଯୋଗଦାନ କରୁଥିଲେ। ଇସ୍କନ ମନ୍ଦିର ସହିତ ବହୁ ବର୍ଷ ଧରି ସମ୍ପୃକ୍ତ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଆଗରେ ଛିଡା ହେଉଥିବାରୁ ତାଙ୍କୁ ଲୋକେ ଏମସିଏଲ ମାଉସୀ କହି ସମ୍ବୋଧନ କରୁଥିଲେ ବୋଲି ଶୋସଭାରେ ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ। ଏଥିସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ପୃଥକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଗତ ଏପ୍ରିଲ ୧ ତାରିଖ ରାତିରେ ହୃଦ୍‌ଘାତରେ ଧୋବୁଣିଙ୍କ ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସମ୍ବଲପୁର ସ୍ଥିତ ରାଜଘାଟରେ ତାଙ୍କର ଶେଷ କୃତ୍ୟ କରାଯାଇଥିଲା। ସେ ଏମ୍‌ସିଏଲ ଜନସମ୍ପର୍କ ବିଭାଗରେ କାର୍ଯ୍ୟରତ ଚିତ୍ତରଞ୍ଜନ ନାହାକଙ୍କ ମାତା ଅଟନ୍ତି ।

### ଆବଶ୍ୟକସ୍ଥଳେ ସୁବୋଧଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ

**ମଣପୁରମ୍ ଡକାୟତି ମାମଲା**

ସମ୍ବଲପୁର, ୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ବୁଢ଼ାରଜାର ବହୁ ଚର୍ଚ୍ଚିତ ମଣପୁରମ୍ ସୁନା ଋଣ ସଂସ୍ଥା ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂ(୨୮)ଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି ଏସ୍‌ପି ମୁକେଶ କୁମାର ଭାମୁ। ସେ କହିଛନ୍ତି, ସୁବୋଧଙ୍କୁ ୧୦ଦିନ ରିମାଣ୍ଡରେ ଅଣାଯାଇ ପ୍ରାଥମିକସ୍ତରର ପଚାରାଉଚରା କରାଯାଇଛି। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହିତ ଉକ୍ତ ଲୁଟ୍ ଘଟଣାରେ ସମ୍ପୃକ୍ତ ତାଙ୍କ ସହଯୋଗୀଙ୍କ ସମ୍ପର୍କରେ ମଧ କିଛି ସୂଚନା ମିଳିଛି। ତେବେ ମିଳିଥିବା ତଥ୍ୟର ସତ୍ୟାସତ୍ୟ ଅନୁଧ୍ୟାନ ପରେ ଆବଶ୍ୟକ ହେଲେ ସୁବୋଧଙ୍କୁ ପୁନର୍ବାର ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି। ଗତ ଜାନୁଆରୀ ୩ରେ ସ୍ୱଷ୍ଟ ଦିବାଲୋକରେ ବୁଢ଼ାରଜାର ମଣପୁରମ ସୁନା ଋଣ ସଂସ୍ଥାରୁ ବନ୍ଧୁକ ମୁନରେ ହୋଇଥିବା ୩୦ କେଜି ସୁନା ଓ ନଗଦ ପ୍ରାୟ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୁବୋଧଙ୍କୁ ଗତ ମାର୍ଚ୍ଚ ୨୭ରେ ପୋଲିସ ଗିରଫ କରିଥିଲା। ଏହାବାଦ ତାଙ୍କୁ ପଚରାଉଚରା ପାଇଁ ଗତ ମାର୍ଚ୍ଚ ୨୮ରେ ପୋଲିସ ୧୦ଦିନିଆ ରିମାଣ୍ଡରେ ନେଇଥିଲା। ୧୦ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ଗତ ସୋମବାର ଅଭିଯୁକ୍ତଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା। ଏହି ମାମାଲାରେ ଏପର୍ଯ୍ୟନ୍ତ ୪ ଜଣଙ୍କୁ ଗିରଫ କରାଯାଇଥିଲେ ହେଁ, ଲୁଟ୍ ସୁନା ଓ ଟଙ୍କା ଉଦ୍ଧାର କରାଯାଇ ପାରିନାହିଁ।

# କଳା, ସଂସ୍କୃତିର ବିକାଶକୁ ପ୍ରାଥମିକତା



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରବିନାରାୟଣ ନାଏକ ସାହିତ୍ୟିକ ଭବାନୀଶଙ୍କର ନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୁଚିଣ୍ଡା,୮।୪(ବିରଞ୍ଚି ଦର୍ଶା)

ରାଜ୍ୟ ସରକାର କଳା, ସଂସ୍କୃତିର ବିକାଶକୁ ପ୍ରାଥମିକତା ଦେଉଛନ୍ତି। କଳାକାରଙ୍କୁ କିପରି ଉଚିତ ସମ୍ମାନ ମିଳିବ ତାହା ଉପରେ କାର୍ଯ୍ୟ କରାଯାଉଛି। ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ଚାଲିଥିବା ଗୁଦଗୁଦା ମହୋତ୍ସବର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ଆରଡିସି ସଚିନ ରାମଚନ୍ଦ୍ର ଜାଧବ, ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ,ଏସପି ମୁକେଶ ଭାମୁ, ଜିଲା ପରିଷଦ ସିଡିଓ ପ୍ରସନ୍ନ କୁମାର ପାତ୍ର, ଇଡିଏମ ଅଶୋକ କୁମାର ଭୋଇ,ଉପଜିଲ୍ଲାପାଳ ତଥା ମହୋତ୍ସବ ଅଧ୍ୟକ୍ଷ ଗୌରବମୟ ପ୍ରଧାନ ଏହି ଅବସରରେ ମଞ୍ଚାସୀନ ଥିଲେ।

**ଗୁଦଗୁଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଉତ୍କୃଷ୍ଟ ଲେଖନୀ ସହ ଗଣି ସାହିତ୍ୟିକ ଭାବେ ପରିଚିତ କୁଟୁରାଟୁଆଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାଏକ ଓ ବାଉରୀଗୋଡାର ସଫଳ ମସ୍ତଚାଷୀ ପ୍ରଶାନ୍ତ ଉନସନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦର୍ଶକଙ୍କ ଭରପୁର ସମାଗମ ହୋଇଥିଲା। ସମ୍ବଲପୁରୀ ରଙ୍ଗବତୀ ଗୀତ ଓ ନୃତ୍ୟର ଭରପୁର ମଜା ନେଇଥିଲେ ଲୋକେ। ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ମଳୟ ବେହେରା ପରିଚାଳନା କରିଥିବା ବେଳେ ସଂଯୋଜକ ସୁରଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ବିଭିନ୍ନ ଷ୍ଟଲ ପରିଚାଳନା ଦର୍ଶନ କରିଥିଲେ।

# ଟ୍ରାଫିକ୍ ପୋଷ୍ଟରେ ହେଲା ଛାଇ ବ୍ୟବସ୍ଥା

ସମ୍ବଲପୁର, ୮।୪(ପ୍ରମୋଦ ବହିଦାର)



ଲକ୍ଷ୍ମୀଟକିଜ ଛକରେ ଛାଇ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଚାଲିଛି।

ସମ୍ବଲପୁର ସହରର ବ୍ୟସ୍ତବହୁଳ ଛକ ମାନଙ୍କରେ ଥିବା ଟ୍ରାଫିକ ପୋଟେରେ ଅଟକି ରହୁଥିବା ଯାନବାହାନ ଆରୋହୀଙ୍କୁ ଖରାରୁ ମିଳିବ ଆଶ୍ୱସ୍ତି। ଏଥିପାଇଁ ଜିଲା ପେଲିସ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଲକ୍ଷ୍ମୀଟକିଜ ଟ୍ରାଫିକ ପୋଷ୍ଟରେ ସିଗ୍‌ନାଲ ପାଇଁ ଦୀର୍ଘ ସମୟ ଧରି ଅଟକି ରହୁଥିବା ଯାନବାହାନ ବିଶେଷ କରି ବାଇକ୍ ଆରୋହୀଙ୍କୁ ଖରାଦାଉରୁ ସୁରକ୍ଷା ସ୍ୱରୂପ କପଡା ସିଲିଂ କରାଯାଇ ଛାଇ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଛକ ସଂଲଗ୍ନ ଚାରିଦିଗର ଦୁଇଥାକିଆ ରାସ୍ତାର କେବଳ ବାମପାର୍ଶ୍ୱ ରାସ୍ତାରେ ବାଉଁଶ ସହିତ କପଡ଼ା ସିଲିଂ କାମ ଆରମ୍ଭ ହୋଇଛି। ବର୍ତ୍ତମାନ ଖରାର ପ୍ରଖରତା ବୃଦ୍ଧି ସାଙ୍ଗକୁ ଅଂଶୁଘାତ ଭଳି ଯେକୌଣସି ଅଘଟଣରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଜିଲା ପୋଲିସ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହାକୁ ନେଇ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ସହରର ବିଭିନ୍ନ ଛକରେ ଏଭଳି ଛାୟା କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧୦ ତାରିଖରୁ ସକାଳୁଆ ଅଫିସ ହେବା ଦ୍ୱାରା ଛକମାନଙ୍କରେ ଭିଡ଼ ବୃଦ୍ଧି ସାଙ୍ଗକୁ ସେହି ଅନୁପାତରେ ସିଗନାଲ ପାଇଁ ଅଧିକ ସମୟ ପର୍ଯ୍ୟନ୍ତ ଅଟକି ରହିବାକୁ ପଡ଼ିବ। ବର୍ତ୍ତମାନ ସକାଳ ୯ଟାରୁ ଖରାର ପ୍ରଖରତା ଆରମ୍ଭ ହେଉାଇ ଯାଉଛି। ତେଣୁ ଛକରେ ଅଟକି ରହୁଥିବା ଲୋକଙ୍କ ପାଇଁ ଏଭଳି ଛାଇ ସହିତ ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ମଧ କରାଯିବ। ବର୍ତ୍ତମାନ ଅଇଁଠାପାଲି ଛକରେ ଫ୍ଲାଇ ଓଭର ନିର୍ମାଣ କାମ ଆଗେଇ ଚାଲିଥିବାରୁ ଆବଶ୍ୟକତା ଅନୁସାରେ ପାଣି ସହିତ ସ୍ଥାନ ନିରୂପଣ କରି ଛାୟା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ରେଳଧାରଣାରୁ ମୃତଦେହ ଜବତ

ସମ୍ବଲପୁର, ୮।୪(ପ୍ରମୋଦ ବହିଦାର)

ବୁର୍ଲା ପାୱାର ଚ୍ୟାନେଲ ନିକଟ ରେଳଧାରଣାରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି ରେଳବାଇ ପୋଲିସ। ମୃତକ ବୁର୍ଲା କନ୍‌ଷ୍ଟ୍ରକ୍ସର୍ସ କଲୋନୀର ରୋହିତ ବାଲି(୩୬) ବୋଲି ପରିଚୟ ମିଳିଛି। ରେଳବାଇ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସକାଳେ ଜଣେ ଟ୍ରାକ୍‌ମ୍ୟାନ ମୃତଦେହ ପଡିଥିବା ଦେଖି ହୀରାକୁଦ ରେଳ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ରେଳବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ସମ୍ବଲପୁର ସିଟି ସେଣ୍ଟର ମଲରେ କାମ କରୁଥିଲେ। ରୋହିତ ପ୍ରତିଦିନ ବୁର୍ଲାରୁ ସମ୍ବଲପୁର ଯିବା ଆସିବା କରୁଥିଲେ। ମାତ୍ର ସୋମବାର ସେ ସମ୍ବଲପୁର ଆସି ରାତିରେ ଘରକୁ ଫେରି ନ ଥିଲେ। ତାଙ୍କ ସହିତ ପରିବାର ଲୋକଙ୍କ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ମଙ୍ଗଳବାର ସକାଳେ ରେଳଧାରଣରୁ ତାଙ୍କ ମୃତଦେହ ଠାବ କରାଯାଇଥିଲା।

### ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ କଂଗ୍ରେସର ବିରୋଧ

ସମ୍ବଲପୁର,୮।୪(ବି.ଶଙ୍କର)

ରନ୍ଧନ ଗ୍ୟାସ ଦରବୃଦ୍ଧି ହୋଇଛି। ଏହାକୁ ସମ୍ବଲପୁର ଜିଲା କଂଗ୍ରେସ ବିରୋଧ କରିଛି। ମଙ୍ଗଳବାର ରାତି ୮ଟାରେ କଂଗ୍ରେସ କମିଟି ପକ୍ଷରୁ ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ପୋଷ୍ଟର ପୋଡ଼ିଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର କମ ଥିବା ବେଳେ କେନ୍ଦ୍ର ସରକାର ଗ୍ୟାସ ଦର ୫୦ ଟଙ୍କା ବଢାଇ ଲୋକଙ୍କ ଉପରେ ଦାଉ ସାଧିଛନ୍ତି। ଏଣୁ ବର୍ଦ୍ଧିତ ଦରକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ପ୍ରତିବାଦ କାର୍ଯ୍ୟକ୍ରମରେ ସୁବାସ ବିଶ୍ୱାଳ, ଗିରିଜା ନାୟକ, ମହମ୍ମଦ ଜୁବେର, ରବି ରାଉତ, ମୋହନ ସାହା, ମହମ୍ମଦ ସଲିମ, ଏମଡି ମୁକ୍ତାର, ହରୀ ପାଢ଼ୀ, ଫିଲିପ୍ସ କୁମାର, ଜିତେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ମହାନନ୍ଦଙ୍କ ସମେତ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ୧୨ରେ ସମ୍ବଲପୁରରେ ନୌଚାଳନା ପ୍ରତିଯୋଗିତା

**ସମ୍ବଲପୁର,୮।୪(ପ୍ରମୋଦ ବହିଦାର):** ସମ୍ବଲପୁରରେ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ ସ୍ୱର୍ଗତ ମୀନକେତନ ଦେହୁରୀ ଦ୍ୱିତୀୟ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା। ସମ୍ବଲପୁର ହାଟପଡ଼ାର ବୀର ବଜରଙ୍ଗବଳି ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମ୍ବଲପୁର ସହିତ ସୋନପୁର, ବୌଦ୍ଧ, ବରଗଡ଼ ଆଦି ଜିଲାର ନୌକା ଚାଳକ ପ୍ରତିଯୋଗୀମାନେ। ହାଟପଡ଼ା କଲ୍ୟାଣ ମଣ୍ଡପରେ ସଂଘ ସଭାପତି ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଦୀପକ ବରାଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସମ୍ବଲପୁର ମହାନଦୀର ଅଯୋଧ୍ୟା ସରୋବର ଘାଟରେ ୧୨ତାରିଖ ଅପରାହ୍ନ ୩ଟାରେ ଏହି ପ୍ରତିଯୋଗିତର ଶୁଭାରମ୍ଭ ହେବ। ପ୍ରତିଯୋଗିତାରେ ୧୫ଟି ଦଳକୁ ନେଇ ମୋଟ ୩ଟି ହିଟ୍ ଆୟୋଜନ କରାଯିବ। ସେଥିମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ୯ଟି ଦଳ ଫାଇନାଲ ପାଇଁ ଚୟନ କରାଯିବ। ଫାଇନାରେ ଭାଗ ନେଉଥିବା ୯ଟି ଦଳ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାରୀ କରିଥିବା ୪ଟି ଦଳକୁ ଯଥାକ୍ରମେ ଟ୍ରଫି ସହ ଅର୍ଥରାଶିରେ ପୁରସ୍କୃତ କରାଯିବ। ସହ ସମ୍ପାଦକ ସୋମନାଥ ସେଠ୍, କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରୀ, ସଭ୍ୟ ହରିବଂଶ ସେଠ୍, ସାଂସ୍କୃତିକ ସଂଯୋଜକ ବବଲୁ ବାଗ, କୈବର୍ତ୍ତ ସମାଜ ସଭାପତି ଶିଶିର ପାଣ୍ଡେ, ମତ୍ସ୍ୟଜୀବୀ ସଂଘ ସଭାପତି ସନ୍ତୋଷ କୁମାର ବେରିହା, ମୁଖ୍ୟ ରେଫରୀ ସୁରେନ୍ଦ୍ର ନାଏକ ପ୍ରମୁଖଙ୍କ ସହିତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଆରମ୍ଭ ହେଲା କୁସୁମୀ ରାମଲୀଳା ମହୋତ୍ସବ

**କୁଚିଣ୍ଡା, ୮।୪(ବିରଞ୍ଚି ଦର୍ଶା):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ କଳା ଓ କଳାକାର ସଂଘ ପକ୍ଷରୁ କୁସୁମୀ ସପ୍ତମ ରାମଲୀଳା ମହୋତ୍ସବ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ଶତାଧିକ ମହିଳା ଓ ପୁରୁଷଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ଅଧିବାସ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଦେବ ନିମନ୍ତ୍ରଣ ସହ କଳାକାର ବରଣ ମଧ କରାଯାଇଛି। ସନ୍ଧ୍ୟା ୭ଟାରେ ରାମାୟଣ ଉପରେ ଆଧାରିତ ଗୀତିନାଟ୍ୟ ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ରାମାୟଣର ବିଭିନ୍ନ ପ୍ରସଙ୍ଗର ସାତଟି କାଣ୍ଡ ୭ଦିନ ଧରି ମଞ୍ଚସ୍ଥ ହେବା କାର୍ଯ୍ୟକ୍ରମ ରହିଛି। ଅଞ୍ଚଳର ବଛାବଛା କଳାକାରଙ୍କୁ ନେଇ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ, ରାମଜନ୍ମ ଓ ନାମକରଣ, ଏକୋଇଶିଆ ଉତ୍ସବ ସହ ବିଦ୍ୟାରମ୍ଭ ଓ ତାଡକା ବଧ କାର୍ଯ୍ୟକ୍ରମ ହେବ। ଦ୍ୱିତୀୟ ଦିନରେ ସୀତା ସ୍ୱୟମ୍ବର, ସୀତା ବିବାହ, ରାମ ବନବାସ, ତୃତୀୟ ଦିବସରେ ସୀତା ଚୋରି, ଜଟାୟୁ ଉଦ୍ଧାର, ଚତୁର୍ଥ ଦିନରେ ଶବରୀ ପ୍ରସଙ୍ଗ, ସୁଗ୍ରୀବ ମିତ୍ରତା, ବାଳି ବଧ, ପଞ୍ଚମ ଦିନରେ ସୀତା ଠାବ, ଲଙ୍କା ପୋଡ଼ି, ଷଷ୍ଠ ଦିନରେ ସେତୁବନ୍ଧ ପ୍ରତିଷ୍ଠା, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ସପ୍ତମ ଦିନରେ ତରଣିସେନ ବଧ, ରାବଣ ବଧ ଓ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ଉତ୍ସବ ଆଦି ବିଷୟ ଅଭିନୟ ହେବା କାର୍ଯ୍ୟକ୍ରମ ରହିଛି।

# ମାଣ୍ଡିଆ ଚାଷ ବିସ୍ତାର ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ନାକଟିଦେଉଳ,୮।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଶ୍ରୀଅନ୍ନ ଅଭିଯାନ ଯୋଜନାରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ମାଣ୍ଡିଆ ଚାଷ ବିସ୍ତାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସ୍ୱେଚ୍ଛାସେବୀ ସଂସ୍ଥା ଭିଆଇଆରଡି ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ସୁମନ୍ତ ଖଟୁଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ବ୍ଲକ କୃଷି ଅଧିକାରୀ ମଧୁମତି ମୁର୍ମୁ ଅତିଥିଭାବେ ଯୋଗଦେଇ ମାଣ୍ଡିଆ ଚାଷ, ଉତ୍ପାଦନ ଏବଂ କ୍ରୟ ବିକ୍ରୟ ସହିତ ଏହି ଚାଷ ଦ୍ୱାରା ଚାଷୀମାନେ କିପରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏହି ଚାଷର ସୁଦୂର ପ୍ରସାରି ଲାଭ ସହିତ ଏହାର ସ୍ୱାସ୍ଥ୍ୟ ଉପକାରିତା ଉପରେ ଆଲୋକପାତ କରିଥିଲେ। ଅପରପକ୍ଷରେ ମାଣ୍ଡିଆ ଚାଷକୁ କିପରି ବ୍ଲକର ସମସ୍ତ ୧୪ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଧିକରୁ ଅଧିକ କରାଯିବ ସେ ଦିଗରେ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦକ ସଂସ୍ଥାର ସିଇଓ ସରୋଜ କୁମାର ସାଗର, ଶ୍ରୀଅନ୍ନ ଅଭିଯାନର ବ୍ଲକ ସହ ସଂଯୋଜକ କାମେଶ ରଞ୍ଜନ ବେହେରା ଯୋଗଦେଇ ବ୍ଲକ ପଞ୍ଚାୟତ ପ୍ରତିନିଧିମାନଙ୍କର ସହାଭାଗିତାରେ ମାଣ୍ଡିଆ ଚାଷକୁ ବ୍ଲକ ଅଞ୍ଚଳରେ କିପରି ବ୍ୟାପକ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶ୍ରୀଅନ୍ନ ଅଭିଯାନର ସିଆରପି ଏବଂ ମାଣ୍ଡିଆରୁ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ



ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ରକ୍ତଦାନ କରୁଛନ୍ତି ଛାତ୍ରୀ।

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ଓଡ଼ିଶା ସରକାରଙ୍କ ପକ୍ଷରୁ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସକୁ ରକ୍ତଦାନ ଅଭିଯାନ ଦିବସ ଭାବେ ପାଳନ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଓ ସରକାରୀ ମହିଳା ମହାବିଦ୍ୟାଳୟରେ ସମାନ୍ତରାଳଭାବେ ଦୁଇଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉଭୟ ଶିବରରେ ମୋଟ ୬୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସରକାରୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଓ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ୟୁନିଟର ମିଳିତ ଉଦ୍ୟମରେ ଆୟୋଜିତ ମେଗା ରକ୍ତଦାନ ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ମୁଖ୍ୟ ଡା. କମ୍ଳେଶ କକ୍କଡ଼ ଓ ତାଙ୍କ ସହଯୋଗୀମାନେ ଶିବିର ପରିଚାଳନା କରିଥିଲେ। ସକାଳ ୮ଟାରୁ ଆରମ୍ଭ ହୋଇଥିବା ଶିବରରେ ଅତିଥିଭାବେ ଯୋଗଦେଇ ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ନେତୃତ୍ୱରେ ପ୍ରଫେସର ଡ ଦୀପକ କୁମାର ଓଝା, ସୁଶାନ୍ତ କୁମାର ପଣ୍ଡା, ପବିତ୍ର ମୋହନ ବେହେରା, ଡ ଶ୍ରାବଣୀ ମିଶ୍ର, ଡ ସନ୍ଧ୍ୟାମୟୀ ସାହୁ, ଡ ଶୁଭସ୍ୱରାଜ ପଟ୍ଟନାୟକ, ଶ୍ୱେତଲାନା ତିର୍କୀ, ସୁପ୍ରଭା ଭୋଇ, କ୍ୟାପଟେନ ସରିତା ନାୟକ ପ୍ରମୁଖ ରକ୍ତଦାନ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**୬୦ ୟୁନିଟ୍ ରକ୍ତ ସଂଗୃହୀତ**

### ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ଉଦ୍‌ଘାଟିତ



ଟ୍ରେଡ୍ ଫେୟାରକୁ ବିଧାୟକ ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୮।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପିଏଚ୍‌ଡି ପଡିଆରେ ଅନ୍ତର୍ଜାତୀୟ ଟ୍ରେଡ ଫେୟାର-୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଆୟୋଜିତ ଏହି ଟ୍ରେଡ ଫେୟାରକୁ ବିଧାୟକ ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଅବସରରେ ବିଧାୟକ ମିଶ୍ର କହିଥିଲେ, ସମ୍ବଲପୁରରେ ବ୍ୟବସାୟକୁ ଅଧିକ ବିକଶିତ କରିବା ଦିଗରେ ଏହି ବାଣିଜ୍ୟ ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଟ୍ରେଡ ଫେୟାରରେ ୮ଟି ଦେଶର ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏଥିରେ ୨ଶହଟି ବାତାନୁକୂଳିତ ଷ୍ଟଲ ସ୍ଥାନ ପାଇଛି। ଟ୍ରେଡ ଫେୟାରରେ ଖାଦ୍ୟ ଷ୍ଟଲ ସମେତ ଗ୍ରାହକ ମାନଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ, ଏମଏସଏମଇ ଉତ୍ପାଦ, ଘର ନିର୍ମାଣ ସାମଗ୍ରୀ ସ୍ଥାନ ପାଇଛି। ସମ୍ବଲପୁରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି ମେଳାରେ ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଲୋକପ୍ରିୟ ଟ୍ରେଡର ସାମିଲ ହୋଇଛନ୍ତି । ଉଦଘାଟନୀ ଅବସରରେ ଟ୍ରେଡ ଫେୟାର ଆୟୋଜନ କମିଟିଅଧ୍ୟକ୍ଷ ଦୀନେଶ ସିଙ୍ଗାନିଆ, ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲର ସଭାପତି ନରେଶ ଡାଲମିଆ, ସମ୍ପାଦକ ପ୍ରଦୀପ ଲାଠ, ଜନସମ୍ପର୍କ ଅଧିକାରୀ ଡ. ପ୍ରମୋଦ ରଥ ଉପସ୍ଥିତ ରହିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଟ୍ରେଡ ଫେୟାର ଚାଲିବ।

# ଦେଶ ଗଠନରେ ଭାଗୀଦାର ହୁଅ

କୁଚିଣ୍ଡା, ୮।୪(ବିରଞ୍ଚି ଦର୍ଶା)



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପିଏମଶ୍ରୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜନ କୁମାର ନାଏକ ସଭାପତିତ୍ୱ କରି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସ୍ୱତନ୍ତ୍ର ଅତିଥି, ଭୋଜପୁର ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆଇରିନା ମିଞ୍ଜ, ଟିକିଲିପଡା ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, ବରିଷ୍ଠ ଖବରଦାତା ବିରଞ୍ଚି ଦର୍ଶା, ଅର୍ଡାବାହାଲ ସମିତି ସଭ୍ୟା ଚମ୍ପାବତୀ ବେହେରା, ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ପଟେଲ, ଅର୍ଡାବାହାଲ ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିହର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା ପିଲାଙ୍କ ଭବିଷ୍ୟତ ଗଠନ ସହ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ତେଣୁ ଭଲ ପାଠ ପଢି ଦେଶ ଗଠନରେ ଭାଗିଦାର ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଗୁରୁଜନ ଖୁଣ୍ଟିଆ, ଉଦୟ କୁମାର ପାଣିଗ୍ରାହୀ, ଚନ୍ଦନ ମାକର, ବିକାଶ ବିଜୟ ନାୟକ, ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଶିବାନୀ ମରେଇ, ଝିଲି ପ୍ରଧାନ, ସୁଷମା ପାଣି, ଦୀପିକା ନାୟକ, ତୃପ୍ତି ପଟେଲ, ସୁନିମା ନାଏକ, ଦୁଲାରି କେର୍କେଟା ସହଯୋଗ କରିଥିଲେ।




## ହଳଧରଙ୍କୁ ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଏସ୍‌ଡି ହଳଧର ନାୟକ(ଓଏଏସ୍)ଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ଏ ସଂକ୍ରାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରୁ ଭାଗ୍ୟଲିପି ମଲ୍ଲ ଫେବୃଆରୀ ୨୮ରେ ଅବସର ଗ୍ରହଣ କରିଥିବାବେଳେ ହଳଧରଙ୍କୁ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# କୁପୋଷଣ ଚିହ୍ନଟରେ ଏଆଇ ବ୍ୟବହାର

**ଓଡ଼ିଶା ଦେଶରେ ପ୍ରଥମ**

**ଶିଶୁଙ୍କ ଉଚ୍ଚତା, ଓଜନ ନିରୀକ୍ଷଣରେ ସହାୟକ ହେବ**

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଏବେ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଆନ୍ଥ୍ରୋପୋମେଟ୍ରି ତଥା ଓଜନ ଏବଂ ଉଚ୍ଚତା ମାପ କରାଯିବା ସହ କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ। ଯଦ୍ୱାରା ଶିଶୁଙ୍କ ଓଜନ ଏବଂ ଉଚ୍ଚତା ବୃଦ୍ଧିକୁ ଗୁରୁତ୍ୱ ଦିଆଯିବା ସହ ରାଜ୍ୟରୁ କୁପୋଷଣ ଦୂର ହୋଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ ବୋଲି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା କହିଛନ୍ତି।

ସୋମବାର ଏକ ପାଞ୍ଚଦିନିଆ ତାଲିମ କର୍ମଶାଳାକୁ ଉଦ୍‌ଘାଟନ କରି ଶୁଭା କହିଥିଲେ, କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକଲ ବ୍ୟବହାର କରି ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ୍ ପାଇପାରିବେ। ଆଇସିଏମ୍‌ଆର୍, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ(ଏନ୍‌ଆଇଏନ୍), ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇର ବିଶେଷଜ୍ଞ ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିବେ। ତାଲିମ ପରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ପାଇଲଟ୍ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାଗୁଡ଼ିକରେ ୩ରୁ ୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ। ଭୁବନେଶ୍ୱରର ଆଇସିଏମ୍‌ଆର ଅଡିଟୋରିୟମ ହଲ୍‌ରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ୱାଧୱାନୀ ଏଆଇ, ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଭାଗିତାରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ ପାଞ୍ଚ ଦିନିଆ ତାଲିମ ତଥା କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆରଏମଆରସି ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନ୍. ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ନାମରେ ମିଥ୍ୟା ରିପୋର୍ଟ

**ସିଏଜି ରିପୋର୍ଟ**

**ଖଣି ପ୍ରଭାବିତ ଯୁବତୀଯୁବକ ଦକ୍ଷତା ବିକାଶ ତାଲିମରୁ ବଞ୍ଚିତ**

ଯାଜପୁର,୮।୪ (ହର୍ଷବର୍ଦ୍ଧନ ବେହେରା)

ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ସରକାର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ହେଲେ ତାଲିମ ପାଇଥିବା ଯୁବତୀଯୁବକଙ୍କ ମଧ୍ୟରୁ କାହାକୁ କେଉଁ ଶ୍ରେଣୀରେ କେତେ ନିଯୁକ୍ତି ମିଳିଲା ତାହା ବୁଝିବାକୁ କାହାରି ସମୟ ନାହିଁ। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ୨୦୦ ଯୁବତୀଯୁବକଙ୍କୁ ପ୍ରଦାନ କରାଯାଇଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଓଏମ୍‌ବିଏଡିସି ନିଷ୍ପତ୍ତିକୁ ଉଲ୍ଲଂଘନ କରାଯାଇ ୨୦୦ ଜଣ ଯୁବତୀଯୁବକଙ୍କ ମଧ୍ୟରୁ ୧୯୧ ଜଣଙ୍କୁ ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚୟନ କରାଯାଇନାହିଁ। ଏହାସହ ବିଭାଗୀୟ ରିପୋର୍ଟ ଅନୁସାରେ ତାଲିମପ୍ରାପ୍ତ ଯୁବତୀଯୁବକଙ୍କ ମଧ୍ୟରୁ କେହି ମଧ ଖ୍ୟାତି ସମ୍ପନ୍ନ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇନାହାନ୍ତି। ତାଲିମଦାତା ସଂସ୍ଥା ସେଞ୍ଚୁରିଆନ



ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ଠିକ୍ ସୂଚନା ନ ରଖି ମିଥ୍ୟା ରିପୋର୍ଟ ଦେଇଥିଲା ବୋଲି ଗତ ୨ ତାରିଖ ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ(ସିଏଜି) ସମୀକ୍ଷା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି।

ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ତଦନୁଯାୟୀ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୬ରୁ ୨୦୦ ଯୁବତୀଯୁବକଙ୍କୁ ୨ ବର୍ଷ ପାଇଁ ଫିଟର ଏବଂ ଇଲେକ୍ଟ୍ରିକାଲ ବିଷୟରେ ବିଭିନ୍ନ ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ୨.୯୨ କୋଟି ଟଙ୍କା ଖର୍ଚ୍ଚ ଧାର୍ଯ୍ୟ ହୋଇଥିଲା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଆର୍ଥିକ ବିକାଶ ନିଗମ(ଓଏସ୍‌ଏଫ୍‌ଡିସି) ଅଧୀନରେ ସିୟୁଟିଏମ୍‌କୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିଲା। ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ପ୍ରାର୍ଥୀ ଚୟନ କରାଯିବାର ସର୍ତ୍ତ ରଖି ଓଏମ୍‌ବିଏଡିସି ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ତେବେ ସିଏଜି ସମୀକ୍ଷାବେଳେ ଓଏସ୍‌ଏଫ୍‌ଡିସି ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, ୨୦୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ପ୍ରାର୍ଥୀ(୯୫.୫%) ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚିହ୍ନଟ ହୋଇ ନ ଥିଲେ। ତେଣୁ ଖଣି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଏସ୍‌ସି/ଏସ୍‌ଟି ଯୁବତୀଯୁବକମାନେ ଦକ୍ଷତା ବିକାଶ ତାଲିମ ପାଇବାରୁ ବଞ୍ଚିତ ହୋଇଥିଲେ। ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର ୨୦୪ ଜଣ ୫ମ ପର୍ଯ୍ୟାୟ ପର୍ଯ୍ୟନ୍ତ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୧୮୮ ଜଣ ୨୦୨୨ ମାର୍ଚ୍ଚ ସୁଦ୍ଧା ଦୁଇବର୍ଷର ପାଠ୍ୟକ୍ରମ ସମାପ୍ତ କରିଥିଲେ। ଚୁକ୍ତି ଅନୁସାରେ ପ୍ରତି ଯୁବତୀଯୁବକଙ୍କ ପିଛା ତାଲିମ ଖର୍ଚ୍ଚ ୫୦ ହଜାର ଟଙ୍କା ଏବଂ ରହିବା ଓ ଖାଇବା ଖର୍ଚ୍ଚ ବାବଦକୁ ୯୬ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ତାଲିମ ସମାପ୍ତ ହେବାର ୨ ମାସ ପରେ ସିୟୁଟିଏମ୍ ଦ୍ୱାରା ଖ୍ୟାତିସମ୍ପନ୍ନ ଶିଳ୍ପଗୁଡ଼ିକରେ ୮୦ ପ୍ରତିଶତ ନିଯୁକ୍ତି ଦିଆଯିବାକୁ ସର୍ତ୍ତ ରହିଥିଲା। ତେବେ ସିଏଜି ସମୀକ୍ଷାରେ ଦେଖାଗଲା ଯେ, ପ୍ରଥମ ଓ ଦ୍ୱିତୀୟ ବ୍ୟାଚ୍‌ର ତାଲିମପ୍ରାପ୍ତ ୧୪୩ ଜଣଙ୍କ ମଧ୍ୟରୁ ୧୨୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଯାଇଥିଲା। ହେଲେ ଓଏସ୍‌ଏଫ୍‌ଡିସିର ନିଯୁକ୍ତି ଯାଞ୍ଚ କମିଟି କେବଳ ନିଯୁକ୍ତି ପାଇଥିବା ୩୦ ଜଣ ତାଲିମଧାରୀଙ୍କ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା। ସିୟୁଟିଏମ୍ ଦ୍ୱାରା ଦର୍ଶାଯାଇଥିବା କୌଣସି ତାଲିମଧାରୀ ସମ୍ପୃକ୍ତ ସଂସ୍ଥାରେ ନିୟୋଜିତ ନ ଥିଲେ। ଏଭଳି ଭାବେ ଏହା ପ୍ରମାଣିତ ହେଲା ଯେ, ସିୟୁଟିଏମ୍ ଠିକ ସୂଚନା ରଖି ନ ଥିଲା କିମ୍ବା ଓଏସ୍‌ଏଫ୍‌ଡିସିକୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିଲା ବୋଲି ସିଏଜିର ସମୀକ୍ଷା ରିପୋର୍ଟରେ ଦର୍ଶାଯାଇଛି। ଏହାପରେ ଓଏସ୍‌ଏଫ୍‌ଡିସିର ଯାଞ୍ଚ କମିଟି ତାଲିମଦାତା ସଂସ୍ଥା ସିୟୁଟିଏମ୍ କର୍ତ୍ତୃପକ୍ଷଙ୍କୁ ୨୦୨୧ ଅକ୍ଟୋବରରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତାଲିମ ମୂଲ୍ୟର ଅଷ୍ଟମ କିସ୍ତି ଦେୟକୁ ଅଟକାଇ ଦେଇଥିଲା। ପରବର୍ତ୍ତୀ ସମୟରେ କୌଣସି ଅନୁସନ୍ଧାନ ନ କରି ଅଷ୍ଟମ କିସ୍ତି ପ୍ରଦାନ କରାଯାଇଥିଲା। ତୃତୀୟ ବ୍ୟାଚ୍‌ର ୨୨ଜଣ ତାଲିମପ୍ରାପ୍ତ ପ୍ରାର୍ଥୀଙ୍କୁ କୌଣସି ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ତଥାପି ସିୟୁଟିଏମ୍‌କୁ ୨୭.୬୫ ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଥିଲା। ତେବେ ତଥ୍ୟଗୁଡ଼ିକୁ ପ୍ରମାଣ କରିବାକୁ ଓଏସ୍‌ଏଫ୍‌ଡିସି ଏବଂ ସିୟୁଟିଏମ୍ ସହିତ ଏକ ମିଳିତ ଯାଞ୍ଚ ହୋଇଥିଲା। ଏହି ଯାଞ୍ଚରେ ମଧ ସନ୍ତୋଷଜନକ ନିଯୁକ୍ତି ଦିଆଯାଇ ପାରି ନ ଥିବା ଜଣାପଡ଼ିଥିଲା ବୋଲି ସିଏଜି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।




# ମେରାମଣ୍ଡଳୀ ରେଳଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ବୁଢ଼ାପଙ୍କ-ଶାଳଗାଁ ୩ୟ ଏବଂ ୪ର୍ଥ ରେଳଲାଇନ ପ୍ରକଳ୍ପ ଅନ୍ତର୍ଗତ ଢେଙ୍କାନାଳ-ଅନୁଗୋଳ ରେଳ ସେକ୍ସନରେ ହିନ୍ଦୋଳ ରୋଡ୍ ଏବଂ ମେରାମଣ୍ଡଳୀ ରେଳଷ୍ଟେଶନ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ୨୭.୨୮ କିଲୋମିଟର ଦୀର୍ଘ ଏହି ରେଳଲାଇନରେ ଟ୍ରାକ୍ ଲିଙ୍କିଙ୍ଗ୍ ଏବଂ ନନ-ଇଣ୍ଟରଲକିଙ୍ଗଜନିତ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରେନ ସେବାକୁ ସାମୟିକ ଭାବେ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନେକ ଟ୍ରେନ୍ ଏପ୍ରିଲ୧୩ରୁ ୨୪ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଦିନଗୁଡ଼ିକରେ ବାତିଲ ଏବଂ ମାର୍ଗ ପରିବର୍ତ୍ତନ କରିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୮୪୨୨/୧୮୪୨୧ ସୋନପୁର-ପୁରୀ-ସୋନପୁର ଏକ୍ସପ୍ରେସ, ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ, ୧୨୧୪୫/୧୨୧୪୬ ଏଲ୍‌ଟିଟି-ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ, ୧୨୯୯୩/୧୨୯୯୪ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ, ୨୨୮୦୫/୨୨୮୦୬ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ, ୨୦୯୧୭/୨୦୯୧୮ ଇନ୍ଦୋର-ପୁରୀ-ଇନ୍ଦୋର ଏକ୍ସପ୍ରେସ୍, ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍, ୨୦୮୩୨/୨୦୮୩୧ ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ୍, ୨୦୮୦୪/୨୦୮୦୩ ସମ୍ବଲପୁର-ଶାଲିମାର-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରହିଛି। ମାର୍ଗ ପରିବର୍ତ୍ତନ ହୋଇଥିବା ଟ୍ରେନଗୁଡ଼ିକ ମଧ୍ୟରେ ୧୨୮୮୦ ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ୍, ୨୨୮୬୬ ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍ ଏବଂ ୨୦୪୭୨ ପୁରୀ-ଲାଲଗଡ଼ (ବିକାନେର) ଏକ୍ସପ୍ରେସ, ୧୨୮୭୯ ଏଲ୍‌ଟିଟି-ଭୁବନେଶ୍ୱର ଏକ୍ସପ୍ରେସ୍, ୨୦୪୭୧ ଲାଲଗଡ଼-ପୁରୀ ଏକ୍ସପ୍ରେସ ଆଦି ଟ୍ରେନ ରହିଛି।

# 'ଓଡ଼ିଶାରେ ୨୭% ଓବିସି ସଂରକ୍ଷଣ କରାଯାଉ'

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓବିସି ଫୋରମ୍**

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାର ୧୯୯୦ ମସିହାରେ ସରକାରୀ ଚାକିରୀ କ୍ଷେତ୍ରରେ ୨୭% ପଛୁଆବର୍ଗ ସଂରକ୍ଷଣ ଲାଗୁ କରିଥିଲେ। ଅନେକ ରାଜ୍ୟ ସରକାର ମଧ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ତେବେ ଓଡ଼ିଶା ସରକାର ଏହି ସୁପାରିସକୁ ଲାଗୁ କଲେ ନାହିଁ। ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନାମଲେଖା କ୍ଷେତ୍ରରେ ଦୀର୍ଘ ୨୦ ବର୍ଷ ହେଲା କେନ୍ଦ୍ର ସରକାର ଓବିସି ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦେଇଥିବା ବେଳେ ଓଡ଼ିଶା ସରକାର ଆଜିପର୍ଯ୍ୟନ୍ତ ତାହା ଲାଗୁ କରିନାହାନ୍ତି। ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ମାମଲା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ ହେବାରେ କୌଣସି ବାଧା ନାହିଁ ବୋଲି ରାୟ ଦେବା ପରେ ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ତୁରନ୍ତ ୨୭% ସଂରକ୍ଷଣ ଲାଗୁ କରିବାକୁ ଓବିସି ଫୋରମ୍ ଦାବି କରିଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ନେଇ ଚିଠି ଲେଖି ଓଡ଼ିଶାରେ ଓବିସିଙ୍କ ପାଇଁ ନିଯୁକ୍ତି ଓ ନାମଲେଖା କ୍ଷେତ୍ରରେ ୨୭% ଲାଗି ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାବ୍ୟତୀତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ ରାଜ୍ୟର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ସେ ଦାବି କରିଛନ୍ତି। ପୂର୍ବ ସରକାର ସମୟରେ ପଛୁଆବର୍ଗ କମିଶନ ପକ୍ଷରୁ ଯେଉଁ ଓବିସି ସଂରକ୍ଷଣ କରାଯାଇଥିଲା, ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ମଧ ଦାବି କରାଯାଇଛି। ରାଜ୍ୟରେ ନୂଆ ସରକାର ଆସିବାର ୯ ମାସ ମଧ୍ୟରେ ୨.୬ ହଜାର ପିଲାଙ୍କୁ ସରକାରୀ ଚାକିରି ଦିଆଯାଇଛି ବୋଲି ସରକାର କହୁଛନ୍ତି, କିନ୍ତୁ ରାଜ୍ୟରେ ଓବିସିଙ୍କ ପାଇଁ ୨୭ଭାଗ ସଂରକ୍ଷଣ ଲାଗୁ ହୋଇ ନ ଥିବାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ପିଲା ଚାକିରି ହରାଇଲେଣି। ଏପ୍ରିଲ ୧୩ରେ ମଣ୍ଡଳ କମିଶନର ଅଧ୍ୟକ୍ଷ ବି.ପି. ମଣ୍ଡଳଙ୍କ ଶ୍ରାଦ୍ଧ ଦିବସ ଏବଂ ୧୪ରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ଜନ୍ମଦିବସ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିବାକୁ ଫୋରମ୍ ଅଧ୍ୟକ୍ଷ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



# ଆଜି କ'ଣ କେଉଁଠି

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲ୍ଲାସ୍ତରୀୟ ଆୟୋଜିତ ଓଡ଼ିଆ ଦିବସ କାର୍ଯ୍ୟକ୍ରମରେ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରୋଟାରୀ କ୍ଲବ ଆୟୋଜିତ ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୩ଟା।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ରାମଲୀଳା ମହୋତ୍ସବ, ସ୍ଥାନ: ବିଶାଳଖିଣ୍ଡା ଗ୍ରାମ/ବରପାଲି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ବଲାଙ୍ଗୀର ଚାମ୍ପିଅନ ଲିଗ୍ କ୍ଲବ୍ ବଲ କ୍ରିକେଟ୍ ମ୍ୟାଚ୍ ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ମିନିଟ୍।
- ବ୍ରାହ୍ମଣ ମହାସଭା ପକ୍ଷରୁ ସାମୂହିକ ବ୍ରତୋପନୟନ,ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର,ସମୟ: ସକାଳ ୭ଟା।
- ବନ୍ଧୁଗୀ ମହୋତ୍ସବସ୍ଥାନ: ଲୋଇସିଂଗା ସ୍କୁଲରେ ପ୍ଲେ ଫିଲ୍ଡ, ମାଗୁରବେଡା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ଶିଶୁ ବିଦ୍ୟାମନ୍ଦିରରେ ସଙ୍ଗୀତ କଳା କର୍ମଶାଳୀ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ପରିଷଦର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।
- ରାମ ନବମୀର ଚତୁର୍ଥ ସନ୍ଧ୍ୟାରେ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା।
- ସପ୍ତାହ ବ୍ୟାପୀ ଭାଗବତ ଭାବ (ସପ୍ତାହ)ରେ ଜଗଦ୍‌ଗୁରୁ ବାମଦେବ ଗୌଡୀୟ ମଠ ପୁରୀରୁ ଆଗତ ପ୍ରବକ୍ତା ତ୍ରିଦଣ୍ଡି ସ୍ୱାମୀ ଭକ୍ତି ବେଦାନ୍ତ ବୋଧାୟନ ମହାରାଜଙ୍କ ପ୍ରବଚନ, ସ୍ଥାନ: ମା' ଲକ୍ଷ୍ମୀ ପୂଜା ମଣ୍ଡପ, ମହେଶଡିହି, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ମା' ସମଲେଶ୍ୱରୀ ଓ ଶୀତଳା ଦେବୀଙ୍କ ନବ କଳେବର ଉତ୍ସବ,ସ୍ଥାନ: କୁରୁଆଁ, ବରଗଡ଼, ସମୟ: ସକାଳ ୧୦ଟା। ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଚକରକେନ୍ଦ, ବରଗଡ଼,ସମୟ: ସକାଳ ୭ଟା।
- ଜୈବ ସମାରୋହ ବାର୍ଷିକ ସମ୍ମିଳନୀ, ସ୍ଥାନ:ପଲ୍ଲବ ମଣ୍ଡପ, ଗୋଡିଭଞ୍ଜା, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ସି.ଏମ୍.ଟ୍ରଫି ଫୁଟବଲ୍, ସ୍ଥାନ:ଲେଙ୍କ୍ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୮ଟା।
- ଜିଲା ଭାରତ ସ୍କାଉଟସ ଓ ଗାଇଡସ କ୍ୟାମ୍ପୋରୀ, ସ୍ଥାନ: ସରକାରୀ ହାଇସ୍କୁଲ, ଭଟଲି, ସମୟ: ସନ୍ଧ୍ୟା ୫ଟା।
- ସର୍ବଭାରତୀୟ ରାତ୍ରିକାଳୀନ କ୍ରିକେଟ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲଳିତକଳା ପ୍ରଦର୍ଶନୀ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ୨୭% ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଥ ଦିନ ନାଟକ ଖର, ଦୂଷଣ, ତ୍ରିଶିର ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଥ ଦିବସ ନାଟକ ରାମ ବନବାସ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼
- ଶ୍ରୀ ରାମନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆସ ବହିଟିଏ କିଣିବା ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସିଧାସଳଖ ଧାନ ବିହନ ବୁଣାଯିବ ସହାୟକ ଚାଷ ସମ୍ପର୍କରେ ଜିଲ୍ଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ସିଡିଏଓ କାର୍ଯ୍ୟାଳୟ ନୂଆ ବାଲିରୋଡ଼, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଜାଦ କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନଶିପ୍ ଫର୍ ବିଏମ୍ ଟ୍ରଫି, ସ୍ଥାନ: ଜଲିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' ଜନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ, ଆଳତି ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଭବନ, ସମୟ: ସକାଳ ୮ଟା ୩୦।
- ତରଭା ବ୍ଲକ ସରଗଡ଼ରେ ରାମନବମୀ ଉତ୍ସବର ତୃତୀୟ ଦିବସ ଓ ସୀତା ଚୋରି ନାଟକ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ: ସକାଳ ୯ଟା।
- ତରିଣୀ ମେଳା ଉତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକ ଅମ୍ପୁର ପାରେଟିଲା ପବ୍ଲିକ ସ୍କୁଲ ପଡ଼ିଆ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଅନ୍ତଃସ୍କୁଲ ଫୁଟବଲ ଚାମ୍ପିଅନଶିପ୍ ତୃତୀୟ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ତରଭା ବ୍ଲକ ରାଏକେତାରେ ରାମଲୀଳାର ଚତୁର୍ଥ ଦିବସରେ ତୁଳସୀ ରାମାୟଣ ପଠନ ଓ ନାଟକ ସୀତା ଚୋରି ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୮ଟା।
- ତରଭା ବ୍ଲକ ନଳିକେନ୍ଦା ଗାଁରେ ରାମଲୀଳାର ତୃତୀୟ ସନ୍ଧ୍ୟା ଓ ସୀତା ଚୋରି ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।

## ନୂଆପଡ଼ା
- କଳସ ଶୋଭାଯାତ୍ରା, ସ୍ଥାନ: କୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ଅପରାହ୍ନ ୩ଟା ୩୦।
- ଆସ ବହିଟିଏ କିଣିବା ଅଭିଯାନ, ସ୍ଥାନ: ଜିଲା ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ଶ୍ରୀରାମନବମୀ ମେଳା ସମାପନ, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦଳଦଳି ଗାଁ, ସମୟ: ସକାଳ ୯ଟା ୪୪।
- ପ୍ରଭୁଦାସ ଶ୍ରୀ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ତୃତୀୟ ସନ୍ଧ୍ୟା, ସ୍ଥାନ: ତରବୋଡ ଗାଁ ଦୁର୍ଗାମଣ୍ଡପ ସପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଅନୁସୂଚିତ ଜାତି ଓ ଜନଜାତି ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁ, ସମୟ: ସନ୍ଧ୍ୟା ୬ଟା ୦୨।

## ଝାରସୁଗୁଡ଼ା
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଦେଓପାଳି ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଗରପାଲି ନାମ ମଣ୍ଡପ ସମୟ: ସକାଳ ୮ଟା।
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମାପାଲି, ସମୟ: ସକାଳ ୮ଟା।
- ଅଂଶୁଘାତ ମୁକାବିଲା ପାଇଁ ସଚେତନତା ଶିବିର, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତିରୁ ଡିପ୍ରେସନ ଲାଗି ରହିବ। ଦୂରଦର୍ଶିତାବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ। ରଚନାତ୍ମକ କାମରେ ସାମାଜିକ ସ୍ୱୀକୃତି ଲାଭ କରିବା ସଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲାଭକରିବେ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ଅର୍ଥ ସଙ୍କଟ କାରଣରୁ ଆଶା ଓ ଅଭିଳାଷ ଅପୂରଣ ରହିଯିବ। କର୍ମକ୍ଷେତ୍ର, ମକଦ୍ଦମା,ଲେଖାପଢ଼ା,ଜମିଜମା କାରବାର ପ୍ରଭୃତି କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ପରିସ୍ଥିତି ସଙ୍ଗକୁ ଅର୍ଥସଂକଟଜନିତ ଭାବପ୍ରବଣତା ବୃଦ୍ଧି ପାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ପଡ଼ୋଶୀ କାର୍ଯ୍ୟଦକ୍ଷତାର ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଅର୍ଥ ଓ ସମ୍ମାନ ସଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ** ଅସମୟ ଭୋଜନ କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପଛେଇ ଯିବେ। ଶିଳ୍ପ, ବାଣିଜ୍ୟ, ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ସିଂହ** ପାରିବାରିକ କ୍ଷେତ୍ରର ସମସ୍ୟା ମୁଣ୍ଡବିନ୍ଧାର କାରଣ ହେବ। ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, କଳା, ସଙ୍ଗୀତ, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**କନ୍ୟା** ବିଭିନ୍ନ ପୁରୁଣା ସମସ୍ୟା ଲାଗିରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଭୁଲ୍ ବୁଝାମଣା ଯୋଗୁ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଜନ ସମାଜରେ ପ୍ରଶଂସିତ ହେବେ।

**ତୁଳା** ସକାଳୁ ସକାଳୁ କୌଣସି ଖୁସି ଖବର ସଙ୍ଗକୁ ଆର୍ଥିକ ସାହାଯ୍ୟ ପାଇବେ। ଉପରିସ୍ଥ କର୍ମଚାରୀ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ କାମଟି କରିଦେବେ। ସାମାଜିକ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଶାନ୍ତିର ବାତାବରଣ ଆସି ନ ପାରେ।

**ବିଛା** କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘ ଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। କଳା,ସାହିତ୍ୟ ତଥା ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପରିବାରରେ ଭୁଲ୍ ବୁଝାମଣା ହେତୁ ସହଯୋଗ ନ ପାଇ କାମ ହାସଲରେ ଅସୁବିଧାର ସମ୍ମୁଖୀନ ହେବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ବହୁତ ଦିନହେଲା ପଡ଼ିରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର** ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଈର୍ଷାପରାୟଣ ହୋଇ ଖଳଲୋକ ଅପପ୍ରଚାର କଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧିରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। କର୍ମଜଞ୍ଜାଳର ଆଧିକ୍ୟ ହେତୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ବ୍ୟବସାୟ, ପରିବହନ, ସାମ୍ବାଦିକତାରେ ସୁଫଳ ମିଳିବ।

**ମୀନ** ସମସ୍ୟା ହେତୁ ଦୁର୍ଭାବନା ବଢ଼ିଚାଲିବ, ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପ୍ରଶାସନ, ଯୋଗାଯୋଗ, ପରିବହନ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସହନଶୀଳତାର ଅଭାବ ଓ ସ୍ୱେଚ୍ଛାଚାରିତା ମନୋଭାବ ଅଶାନ୍ତିର କାରଣ ହୋଇପାରେ।

ଆଜି ଏପ୍ରିଲ ୯ ତାରିଖ, ବୁଧବାର, ଶ୍ରୀମନ୍ଦିରରେ ବନବାସ ଓ କର୍ନ୍ଦପ ଅଧିବାସ, ଚୈତ୍ରଶୁକ୍ଳପକ୍ଷର ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ରାଶି/ନକ୍ଷତ୍ର-ଦିବା ଘ.୦୯.୫୭ମି. ଗତେ ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୭ମି. ଗତେ ୦୭.୧୬ମି. ମଧ୍ୟେ, ସକାଳ ଘ.୧୦.୧୫ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ବିଲ୍ ଚାପିପାରିବେନି...

ଅନୁମୋଦନ ନ କରି ଆଇନ ବିରୋଧରେ କାର୍ଯ୍ୟ କରିଛନ୍ତି। ସେହି ବିଲ୍‌ଗୁଡ଼ିକ ମଞ୍ଜୁର ହୋଇଥିବା ଅଦାଲତ ଘୋଷଣା କରିଛନ୍ତି। ରାଜ୍ୟ ବିଧାନସଭାରେ ପୁନର୍ବାର ବିଚାରବିମର୍ଶ ପରେ ବିଲ୍ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଗଲେ, ତାକୁ ଅନୁମୋଦନ କରିବାକୁ ସେ ବାଧ୍ୟ। କେବଳ ବିଲ୍ ଭିନ୍ନ ହୋଇଥିଲେ ସେ ସ୍ୱୀକୃତି ଦେବାକୁ ମନା କରିପାରନ୍ତି। ରାଷ୍ଟ୍ରପତିଙ୍କ ପାଖକୁ ନ ପଠାଇ ୧୦ଟି ବିଲ୍‌କୁ ପକାଇ ରଖିଥିବାରୁ ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବେଆଇନ ଏବଂ ମନମାନି ବୋଲି ଜଷ୍ଟିସ୍ ଜେ.ବି. ପର୍ଡ଼ିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିବା ସହ ତାଙ୍କର ଏଭଳି କାର୍ଯ୍ୟକୁ ରଦ୍ଦ କରିଛନ୍ତି। ରାଜ୍ୟପାଳଙ୍କ ନିକଟରେ ପୁନଃ ଉପସ୍ଥାପନ କରାଯିବା ଦିନ ହିଁ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ମିଳିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

ରାଜ୍ୟପାଳ ଉତ୍ତର ଆସ୍ଥାର ସହ କାର୍ଯ୍ୟ କରିନାହାନ୍ତି। ସେ ବିଲ୍‌ଗୁଡ଼ିକୁ ଦୀର୍ଘଦିନ ଚାପିରଖିବା ପରେ ପଞ୍ଜାବ ରାଜ୍ୟପାଳଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥିଲେ। ବିଲ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ରାଜ୍ୟପାଳମାନେ ମଞ୍ଜୁରୀକୁ ଅଟକାଇ ରଖିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ସମେତ ବିଧାନସଭାରେ ଗୃହୀତ ଅନେକ ବିଲ୍‌କୁ ରାଜ୍ୟପାଳ ରବି ମଞ୍ଜୁରୀ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପର୍ଡ଼ିୱାଲା ଲେଖିଥିବା ରାୟରେ କହିଛନ୍ତି, ସମ୍ବିଧାନ ରାଜ୍ୟପାଳମାନଙ୍କୁ ନିରଙ୍କୁଶ ଭିଟୋ କିମ୍ବା ପକେଟ ଭିଟୋ ଅନୁମତି ଦେଇନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ, ବିଲ୍ ଉପରେ ରାଜ୍ୟପାଳମାନଙ୍କର କେବଳ ୩ଟି ବିକଳ୍ପ ରହିଛି। ତାହା ହେଲା ମଞ୍ଜୁରୀ ପ୍ରଦାନ କରିବା, ମଞ୍ଜୁରୀ ନ ଦେବା କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବା। ବିଲ୍ ପ୍ରଥମ ଥର ଉପସ୍ଥାପନ ହୋଇଥିଲେ, ରାଜ୍ୟପାଳ ତାହାକୁ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପାଇଁ ପଠାଇପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ତେଣୁ କିଛି ନ କରି ବିଲ୍‌କୁ ପକାଇ ରଖିବାର ଅନୁମତି ଅନୁଚ୍ଛେଦ ୨୦୦ରେ ନିଆଯାଇ ନାହିଁ। ତେଣୁ ରାଜ୍ୟପାଳଙ୍କୁ ୩ଟି ବିକଳ୍ପ ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବାକୁ ହେବ। ବିଲ୍‌କୁ ରାଜ୍ୟପାଳ ଚାପିରଖି ପାରିବେ ନାହିଁ କିମ୍ବା ପକେଟ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ୧୦ ବିଲ୍ ମଧ୍ୟରୁ କେତେକ ୨୦୨୦ ଜାନୁଆରୀରୁ ପଡ଼ିରହିଛି। ବିଧାନସଭାରେ ପୁନର୍ବାର ଗୃହୀତ ହେବା ପରେ ସେଗୁଡ଼ିକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଛି, ଯାହାକି ବେଆଇନ ଏବଂ ତ୍ରୁଟିପୂର୍ଣ୍ଣ।

ବିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟପାଳମାନଙ୍କ ପାଇଁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଛନ୍ତି। ଯଦି ରାଜ୍ୟପାଳ ବିଲ୍ ଉପରେ ସହମତ ହୁଅନ୍ତି, ତେବେ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି ଜଣାଇବେ। ଯଦି ପୁନର୍ବିଚାର ପାଇଁ ବିଲ୍‌କୁ ଫେରାଇବାକୁ ଚାହୁଁଥାନ୍ତି, ତେବେ ତାହା ୩ ମାସ ମଧ୍ୟରେ ହେବା ଆବଶ୍ୟକ। ଯଦି ବିଲ୍‌କୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ଥାଏ, ତେବେ ତାହା ମଧ୍ୟ ୩ ମାସ ମଧ୍ୟରେ ହେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ଯଦି ରାଜ୍ୟପାଳ ଏହି ସମୟସୀମା ଅନୁପାଳନ ନ କରନ୍ତି, ତାଙ୍କ ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରିବ। ରାଜ୍ୟପାଳ ସମ୍ବିଧାନକୁ ଅନୁପାଳନ କରିବା ସହ ରାଜ୍ୟ ବିଧାନସଭାକୁ ସମ୍ମାନ ଦେବା ଆବଶ୍ୟକ। ରାଜନୈତିକ କାରଣକୁ ଆଧାର କରି ସେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

## ଅନୁଚ୍ଛେଦ ୧୪୨......

ପ୍ରଦାନ ସକାଶେ ରାୟ ପ୍ରକାଶ କରିବାକୁ କ୍ଷମତା ଦେଇଛି, ଯାହାକି ସାରା ଦେଶରେ ଲାଗୁ ହେବ। ଏପରି କି ପାର୍ଲାମେଣ୍ଟରେ ପ୍ରଣୀତ ଆଇନ ଭଳି ସୁପ୍ରିମକୋର୍ଟଙ୍କ ଉକ୍ତ ରାୟକୁ କାର୍ଯ୍ୟକାରୀ କରାଯାଇପାରିବ। ଯେତେବେଳେ ପ୍ରଚଳିତ ଆଇନ ପର୍ଯ୍ୟାପ୍ତ ହୋଇ ନ ଥାଏ କିମ୍ବା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥାଏ, ସେତେବେଳେ ନ୍ୟାୟପାଳିକା ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଅନୁଚ୍ଛେଦ ୧୪୨ର ପ୍ରୟୋଗ କରିଥାଏ। କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଗାଇଡ୍‌ଲାଇନ୍ ଜାରି ବେଳେ ସୁପ୍ରିମକୋର୍ଟ ଏହାର ପ୍ରୟୋଗ କରିଥିଲେ। ସେହିପରି ୧୯୮୪ର ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ମଧ୍ୟ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସକାଶେ କୋର୍ଟ ଅନୁଚ୍ଛେଦ ୧୪୨ର ଉପଯୋଗ କରିଥିଲେ।

## ମୂଳ ଲକ୍ଷ୍ୟ କଂଗ୍ରେସକୁ...

ବିଜେଡିର ଜନ୍ମ ଯେପରି ହୋଇଥିଲା, ସେହି ଢାଞ୍ଚାରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୧୯୯୭ରେ ଭାଜପାର କେନ୍ଦ୍ରୀୟ ନେତା ପ୍ରମୋଦ ମହାଜନ ଓଡ଼ିଶାରେ ଦଳର ଏକ ସ୍ୱତନ୍ତ୍ର ରାଜନୈତିକ ରାସ୍ତା ତିଆରି କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ। ସେହି ସମୟରେ ରାଜ୍ୟ ରାଜନୀତିରେ ପ୍ରଭାବ ରଖୁଥିବା କେତେଜଣ ନେତାଙ୍କ ଜରିଆରେ ଭାଜପାର ପଇସା ଲଗାଇ ନବୀନଙ୍କ ଭାବମୂର୍ତ୍ତି ସୃଷ୍ଟି କରାଯାଇଥିଲା। ସେତେବେଳେ ସେହି ନେତାମାନେ ସ୍ୱପ୍ନରେ ଚିନ୍ତା କରି ନ ଥିଲେ ଯେ, ନବୀନଙ୍କ ଭାବମୂର୍ତ୍ତି ଏତେବଡ଼ ହୋଇଯିବ, ଅନ୍ୟମାନେ ସବୁ ଲିଭିଯିବେ। ବର୍ତ୍ତମାନ ସେହିଭଳି ପ୍ରତ୍ୟାଖ୍ୟାତ ନେତାଙ୍କ ଜରିଆରେ ଭାଜପା କେନ୍ଦ୍ରୀୟ ନେତାମାନେ ସମାନ ଢଙ୍ଗରେ ଗୋଟି ଚଳାଇବାକୁ ଯୋଜନା କରିଛନ୍ତି। ବିଜେଡି ଭାଙ୍ଗିଗଲେ ବିଜେଡିର ଯେଉଁ ବିଧାୟକ କି ନେତାମାନେ ଭାଜପାରେ କେବେହେଲେ ସାମିଲ ହେବେ ନାହିଁ, ସେମାନଙ୍କୁ ଏହି ୪ର୍ଥ ସାମ୍ମୁଖ୍ୟ ଜରିଆରେ ବାନ୍ଧିରଖିବା ହେଉଛି ମୂଳ ଲକ୍ଷ୍ୟ। କୌଣସି ପରିସ୍ଥିତିରେ ଯେପରି ରାଜ୍ୟରେ କଂଗ୍ରେସ ସବଳ ନ ହେବ ତାହା ହେଉଛି ବାସ୍ତବ ଉଦ୍ଦେଶ୍ୟ। ବିଜେଡିର ଏଭଳି ସ୍ଥିତିରେ ସେମାନଙ୍କ ଦଳର ବହୁ ନେତା କଂଗ୍ରେସ ଆଡ଼କୁ ମଧ୍ୟ ଢଳିବାର ସମ୍ଭାବନା ସୃଷ୍ଟି ହେଉଛି। କାରଣ ଓଡ଼ିଶାର ଗ୍ରାମାଞ୍ଚଳରେ କଂଗ୍ରେସର ସ୍ଥିତି ଦୃଢ଼ ହେଉଥିବାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ତରଫରୁ ଦିଲ୍ଲୀକୁ ଗତ ୨ ଦିନ ଭିତରେ ଏକାଧିକ ରିପୋର୍ଟ ଯାଇଛି। ଏହାକୁ ପ୍ରତିରୋଧ କରିବା ଲାଗି ରାଜ୍ୟର କେତେଜଣ ପ୍ରତ୍ୟାଖ୍ୟାତ ନେତାଙ୍କୁ ଭାଜପାର ଉପରସ୍ତରରୁ ବ୍ୟବହାର କରିବା ଆରମ୍ଭ ହୋଇଛି। ଏହି ଦାୟିତ୍ୱ ତୁଲାଇବା ଲାଗି ଭାଜପା ବାଛିଥିବା ନେତାମାନଙ୍କ ପାଇଁ ସାଧାରଣ ଜୀବନରେ ଆଉ ଆଗଭଳି ସେତେଟା ସୁଯୋଗ ନ ଥିବାବେଳେ ସେମାନଙ୍କୁ ଏଭଳି ଏକ ରଣନୀତି ଉପହାର ସଦୃଶ ହୋଇଛି। ରାଜ୍ୟରେ ଥିବା ଅଣଭାଜପା ଭୋଟ ଯେପରି କଂଗ୍ରେସ ଖାତାକୁ ନ ଯିବ ସେଥିପାଇଁ ଏତେବଡ଼ ଯୋଜନା ଆରମ୍ଭ ହୋଇଯାଇଛି। ନବୀନ-ପାଣ୍ଡିଆନଙ୍କୁ ଯେଉଁମାନେ ଛାଡ଼ିକି ଯାଇପାରନ୍ତି ସେମାନଙ୍କୁ ଅନ୍ୟ ଏକ ଆଞ୍ଚଳିକ ଦଳ ଜରିଆରେ ଗୋଠ ବାନ୍ଧି ରଖିବା ହେଉଛି ଏହାର ମୂଳ ଲକ୍ଷ୍ୟ। ବିହାରରେ ଭାଜପାକୁ ବଞ୍ଚାଇ ରଖିବା ପାଇଁ ନୀତୀଶ କୁମାରଙ୍କ ଦଳ ଏକ ବଡ଼ ଭୂମିକା ତୁଲାଇଆସୁଛି। ବିହାରରେ କିଛି ଭୋଟ ରହିଛି, ଯାହା ଆର୍‌ଜେଡିକୁ ନ ଗଲେ ମଧ୍ୟ କେବେହେଲେ ଭାଜପାକୁ ଯିବନାହିଁ। ହେଲେ ସେଥିରୁ ବହୁ ଭୋଟ ଜେଡିୟୁ ଜରିଆରେ ଭାଜପା ପରୋକ୍ଷରେ ନିଜ ସପକ୍ଷରେ ଆଣିପାରିଛି। ଯଦି ତାମିଲନାଡୁ କଥା ଦେଖିବା ସେଠାରେ ମଧ୍ୟ ସମାନ ସ୍ଥିତି। ସେଠାରେ ଡିଏମ୍‌କେ ଦଳର ଭୋଟ ପ୍ରତିଶତ ହ୍ରାସ କରାଇବା ଲାଗି ଏଆଇଏଡିଏମ୍‌କେକୁ ଭାଜପା ପରୋକ୍ଷରେ ସହଯୋଗ କରୁଛି। ଓଡ଼ିଶାରେ ମଧ୍ୟ ସମାନ ଢାଞ୍ଚା ଆପଣାଇବାକୁ ପ୍ରୟାସ ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ସ୍ଥିତି ଉପରେ ଯଦି ନଜର ପକାଇବା, ୱକ୍‌ଫ ବିଲ୍ ପ୍ରସଙ୍ଗରେ ନବୀନ ନିବାସ ସହଯୋଗରେ ଯେଉଁ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କଲା ସେଥିଯୋଗୁ ଦଳର ସଂଖ୍ୟାଲଘୁ ଭୋଟର ଅସନ୍ତୁଷ୍ଟ ହୋଇଛନ୍ତି। କେବଳ ସଂଖ୍ୟାଲଘୁ ନୁହେଁ, ତାଙ୍କ ବ୍ୟତୀତ ଓଡିଶାରେ ଏକ ବଡ଼ ପ୍ରତିଶତ ଭୋଟ ଏବେ ମଧ୍ୟ ଭାଜପାକୁ ଯାଉନାହିଁ, ଯାହାକି ୨୦୨୪ ନିର୍ବାଚନରେ ଜଣାପଡ଼ିଥିଲା। ସଂଖ୍ୟାଲଘୁ ଭୋଟ ଯଦି ବିଜେଡି ଖାତାକୁ ନ ଯାଏ, ତାହା କେବେ ହେଲେ ଭାଜପାକୁ ମିଳିବନି। ତେଣୁ ସେହି ଭୋଟରମାନେ ପୁନର୍ବାର କଂଗ୍ରେସମୁହାଁ ହେବା ସ୍ୱାଭାବିକ। ବିଜେଡି ଭାଙ୍ଗିଲେ ସେହି ଭୋଟକୁ କେବଳ ଆଉ ଏକ ଆଞ୍ଚଳିକ ଦଳ ଜରିଆରେ କଂଗ୍ରେସ ପାଖକୁ ଯିବାରୁ ରୋକାଯାଇପାରିବ। ଏହିଭଳି ଆହୁରି ବହୁତ ଭୋଟ ଅଛି, ବିଜେଡି ନ ରଖିପାରିଲେ ତାହା ସିଧାସଳଖ କଂଗ୍ରେସ ଖାତାକୁ ଚାଲିଯିବ। ତାହା ଏବେ ଭାଜପା କେନ୍ଦ୍ରୀୟ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ବିରୋଧୀ ଦଳ ଉପନେତା ତଥା ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ତାଙ୍କ ଦଳ କାହିଁକି ଭାଙ୍ଗିବ, ଏବେ ମଧ୍ୟ ତାଙ୍କ ଦଳରେ ବଳ ଅଛି। ସେ ନବୀନ-ପାଣ୍ଡିଆନଙ୍କୁ ତ୍ୟାଗକରି ଆଗକୁ ବଢ଼ିବେ କି ବୋଲି ପଚାରିବାରୁ ପ୍ରସନ୍ନ କହିଛନ୍ତି, ସେ ସନ୍ନ୍ୟାସ ତ ନେଇନାହାନ୍ତି କାହାକୁ ଛାଡ଼ିବା କଥା କ'ଣ ପାଇଁ ପଡ଼ିଛି। ରାଜନୀତି କେତେବେଳେ ସ୍ଥିର ନୁହେଁ। ପରିବର୍ତ୍ତନ ଗଣତନ୍ତ୍ରର ଲକ୍ଷଣ ବୋଲି ସେ କହିଛନ୍ତି। ପ୍ରତାପ ଜେନାଙ୍କୁ ଏନେଇ ପ୍ରଶ୍ନ କରିବାରୁ ସେ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।




## ୧.୦୩ ଲକ୍ଷ କୋଟିର...

ପରେ ପୁଞ୍ଜିନିବେଶ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଇଓସିଏଲ୍ ସହ ଚୁକ୍ତି ଅନୁଯାୟୀ ୫୮,୦୪୨ କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ଏହି ପ୍ରକଳ୍ପ ୨୪ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆ ରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି। ସେହିପରି କିରି ଇଣ୍ଡଷ୍ଟ୍ରିଜ୍ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ କରିବାକୁ ଥିବାବେଳେ ଏସ୍‌ଏଲ୍‌ଏମ୍‌ଜି ବେଭେରେଜ୍‌ସ ପ୍ରାଇଭେଟ ଲିମିଟେଡ୍ ରାଜ୍ୟରେ ବେଭେରେଜ ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାବ୍ୟତୀତ ଜଳଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍ ପ୍ରସ୍ତୁତ ଅଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରି ସ୍ପେଶିଆଲିଟି ବାଲେଶ୍ୱରରେ ଟାୟାର ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ କରିବ। ଆଇନକ୍ସ ଜିଏଫ୍‌ଏଲ୍ କେମିକାଲ ୟୁନିଟ୍ ଏବଂ ବମ୍ବେ ଡାଇଙ୍ଗ ମ୍ୟାନୁଫାକ୍ଚରିଂ କୋ. ଲିମିଟେଡ୍ ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ କରିବ। ଏହାବ୍ୟତୀତ ଆସୋସିଏଶନ ଅଫ୍ ଇଣ୍ଡିଆନ ମାନ୍ୟୁଫାକ୍ଚର୍ସ ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍‌ଇଡି), ଟ୍‌ଏ ଆସୋସିଏଶନ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ଷ୍ଟେଟ୍‌ସ ଇଣ୍ଡିଆ ବିଜନେଶ୍ କାଉନସିଲ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ଆଲୋଚନା ଫଳପ୍ରଦ ହୋଇଛି। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ କରିବା ସହ ଅର୍ଥନୀତି ଅଭିବୃଦ୍ଧିକୁ ନୂଆରୂପ ଦେବ। ସେହିପରି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। କେମିକାଲ, ପେଟ୍ରୋକେମିକାଲ, ବସ୍ତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରି ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରପ୍ତାନି ବୃଦ୍ଧି କରିବ।

ଚୁକ୍ତି ସ୍ୱାକ୍ଷର ସମାରୋହରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଆଇଓସିଏଲ୍ ଚେୟାରମ୍ୟାନ ଏ. ଏସ୍. ସାହାଣୀ ମତ ରଖିଥିଲେ। ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା ଭିଡିଓ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ହରଦୀପ ସିଂହ ପୁରୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।

## ମେ' ଦ୍ୱିତୀୟ ସପ୍ତାହରେ...

ଭାବେ ତଦାରଖ କରୁଛନ୍ତି। ଖାତାଦେଖା ପ୍ରକ୍ରିୟାକୁ ସହଜ କରିବା ପାଇଁ କେତେକ ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ, ଦୁଇଜଣ ଉପ ପରୀକ୍ଷକ, ଦୁଇ ସ୍କୁଟିନାଇଜର, ତଦାରଖ ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ବୋର୍ଡ ପକ୍ଷରୁ ଜଣେ କ୍ୟାମ୍ପ ଅଫିସର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ପ୍ରତିଦିନ ମୂଲ୍ୟାୟନ ପରେ ନମ୍ବର ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯାଉଛି। ଏଥିପାଇଁ ବୋର୍ଡ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି। ନମ୍ବର ଏଣ୍ଟ୍ରି ସମୟରେ ଯେପରି ତ୍ରୁଟି ନ ରୁହେ ଏଥିପ୍ରତି ଯତ୍ନବାନ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫,୧୦,୭୭୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ରାଜ୍ୟର ମୋଟ୍ ୨,୯୭୯ କେନ୍ଦ୍ରରେ ପରୀକ୍ଷା ହୋଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୭୬୬ ଜଣ ଫର୍ମ ପୂରଣ କରିଥିବାବେଳେ ୧୦୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। ଏଥିସହ ମଧ୍ୟମା ପରୀକ୍ଷା ପାଇଁ ୩,୭୯୨ ଜଣ ଫର୍ମ ପୂରଣ କରିଥିବାବେଳେ ୫୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି।

## ୨ କ୍ଷୁଦ୍ରତାରା ଧକ୍କାରେ...

'ଟାଇପ୍ ୧ଏ ସୁପରନୋଭା' ବିସ୍ଫୋରଣ ପାଇଁ ଉପଯୁକ୍ତ କରିଥାଏ। ସମ୍ପ୍ରତି ଉଭୟ ତାରା ୧୪ ଘଣ୍ଟାରେ ନିଜର ଗୋଟିଏ ଘୂର୍ଣ୍ଣନ ସମାପ୍ତ କରୁଛନ୍ତି। ଆଗାମୀ ୨,୩୦୦ କୋଟି ବର୍ଷ ପରେ ଯେତେବେଳେ, ଉଭୟେ କ୍ଷୁଦ୍ର ତାରା ପରସ୍ପରକୁ ଧକ୍କାହେବେ ସେତେବେଳେ ସେମାନଙ୍କର ଗତି ଅତ୍ୟନ୍ତ ତୀବ୍ର ହୋଇଥିବ। ସେତେବେଳେ ସେମାନେ ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ଗୋଟିଏ ଘୂର୍ଣ୍ଣନ ସମାପ୍ତ କରିବେ। ଛାୟାପଥରେ ଏହିପରି ବିସ୍ଫୋରଣ ୫୦୦ ବର୍ଷରେ ଥରେ ହୋଇଥାଏ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି।

ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ ୪ଟି ଚରଣରେ ଏହି ବିସ୍ଫୋରଣ ହେବ। ପ୍ରଥମ ଚରଣରେ ଏକ ତାରା ନିଜ ସାଥୀ ତାରାର ବସ୍ତୁତ୍ୱକୁ ଟାଣିବ। ଦ୍ୱିତୀୟ ଚରଣରେ ଉକ୍ତ ତାରାର ମୂଳ ଅଂଶରେ ବିସ୍ଫୋରଣ ହେବ ଏବଂ ଏଥିରେ ଥିବା ସାମଗ୍ରୀଗୁଡ଼ିକ ବିଭିନ୍ନ ଦିଗରେ ବିସ୍ତାରିତ ହେବ। ତୃତୀୟ ଚରଣରେ ଏହି ସାମଗ୍ରୀ ଅନ୍ୟ ଏକ ତାରା ସହ ଧକ୍କାହେବ ଫଳରେ ପୁଣିଥରେ ବିସ୍ଫୋରଣ ହେବ। ଅନ୍ତିମ ଚରଣରେ ଉଭୟ ତାରା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବେ ଏବଂ ଏକ ଉଜ୍ଜ୍ୱଳ ସୁପରନୋଭାରେ ପରିଣତ ହେବେ। ଏହି ବିସ୍ଫୋରଣର ଶକ୍ତି ସବୁଠାରୁ ଶକ୍ତିଶାଳୀ ମାନବ ନିର୍ମିତ ପରମାଣୁ ବୋମା ଅପେକ୍ଷା ହଜାର ଟ୍ରିଲିୟନ ଗୁଣା ଅଧିକ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ତେବେ ପୃଥିବୀଠାରୁ ବହୁ ଦୂରରେ ଥିବାରୁ ଏହା ଲୋକଙ୍କୁ କ୍ଷତି ପହଞ୍ଚାଇବ ନାହିଁ।

## ପୋଲିସ ବାରାକ୍‌ରେ...

ଜବତ କରାଯାଇଛି। ମୃତ କନଷ୍ଟେବଲ ହେଲେ ରେମୁଣା ଥାନା ଅଧୀନ ମନ୍ଦାରପୁର ଗ୍ରାମର ଯଶୋଦା ଦାସ। ପ୍ରେମଜନିତ କାରଣରୁ ଯଶୋଦା ଜୀବନ ହାରିଥିବା ସନ୍ଦେହ କରାଯାଉଛି। ତେବେ ତାଙ୍କର ମୋବାଇଲର କଲ୍ ଡିଟେଲ୍ସ ଏବଂ ହ୍ୱାଟ୍ସଆପ୍ ଚାଟ୍ ଯାଞ୍ଚ କଲେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

୨୦୨୩ ବ୍ୟାଚ୍‌ରେ କନଷ୍ଟେବଲ ଭାବେ ନିଯୁକ୍ତି ପାଇଥିଲେ ଯଶୋଦା। ସେବେଠାରୁ ବାଲେଶ୍ୱର ପୋଲିସ ବାରାକ୍‌ରେ ରହିଆସୁଥିଲେ। ଏବେ ସେ ବାଲେଶ୍ୱର ପୋଲିସ ମୁଖ୍ୟାଳୟରେ କନଷ୍ଟେବଲ ଭାବେ ଚାକିରି କରୁଥିଲେ। ସମସ୍ତଙ୍କ ସହିତ ତାଙ୍କର ଭଲ ବ୍ୟବହାର ଥିଲା। ମଙ୍ଗଳବାର ସକାଳେ ବାରାକରେ ଅନ୍ୟ ସହକର୍ମୀ ଡ୍ୟୁଟି ଯିବା ପରେ ଯଶୋଦା ରୁମ୍‌ରେ ଏକା ଥିଲେ। ସକାଳ ପ୍ରାୟ ୮ଟା ୬ମିନିଟ୍‌ରେ ଏକ ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍‌ରେ ଷ୍ଟାଟସ ଦେଇଥିଲେ। ଏହାପରେ ନିଜ ରୁମ୍‌ରେ ପଙ୍ଖାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ୟ ସହକର୍ମୀମାନେ ଡ୍ୟୁଟିରୁ ଫେରି ବାରାକ୍‌ରେ ଏହା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହ କ୍ରାଇମ୍ ଡିଏସ୍‌ପି ତପସ୍ୱିନୀ କହଁର, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ସବ୍‌ଇନ୍ସପେକ୍ଟର ସସ୍ମିତା ମଲ୍ଲିକ ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ କନଷ୍ଟେବଲଙ୍କ ରୁମ୍‌ରୁ ଏକ ଡାଏରୀ ଜବତ ହୋଇଛି। ସୋର ଅଞ୍ଚଳର ଜଣେ ଯୁବକଙ୍କୁ ସେ ଭଲ ପାଉଥିବା ତାଙ୍କର ସମ୍ପର୍କୀୟ ଭାଇ କହିଛନ୍ତି।

ଏ ନେଇ ଏସ୍‌ପି ରାଜପ୍ରସାଦ କହିଛନ୍ତି, ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରେ ବ୍ୟକ୍ତିଗତ କାରଣରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କିଛିଦିନ ଧରି ମହିଳା କନଷ୍ଟେବଲ ଜଣକ ମାନସିକ ଅବସାଦରେ ରହୁଥିଲେ। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

# ଲଘୁଚାପ: ୧୯ ଜିଲାରେ ବର୍ଷିବ

ଭୁବନେଶ୍ୱର,୮।୪ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୋମବାର ସୃଷ୍ଟି ହୋଇଥିବା ଲଘୁଚାପକ୍ଷେତ୍ର ମଙ୍ଗଳବାର ଆହୁରି ଘନୀଭୂତ ହୋଇ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଆଗାମୀ ୧୨ଘଣ୍ଟା ପର୍ଯ୍ୟନ୍ତ ନିଜର ତୀବ୍ରତା ବଜାୟ ରଖିବା ସହ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ୧୨ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହୋଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଦେଓଗଡ଼, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୋଳ, ଢେଙ୍କାନାଳ ଆଦି ୧୯ଟି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାକୁ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପ୍ରମୁଖ ଶକ୍ତିପୀଠକୁ ନେଇ ହେବ ଶକ୍ତି କରିଡର: ଉପମୁଖ୍ୟମନ୍ତ୍ରୀ



ତାରାତାରିଣୀ ପୀଠରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ପୁରୁଷୋତ୍ତମପୁର,୮।୪(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ସରିଛି। ଶେଷ ପାଳିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର,ଆସିକା ବିଧାୟକ ସରୋଜ ପାଢୀ ଆସି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ, ଆଗାମୀ ଦିନରେ ଓଡିଶାର ପ୍ରମୁଖ ଶକ୍ତିପୀଠଗୁଡିକୁ ନେଇ ଏକ ଶକ୍ତି କରିଡର କରାଯିବ। ଯାଜପୁର ବିରଜାଙ୍କ ପୀଠରୁ ଆରମ୍ଭ କରି କାକଟପୁର ମା' ମଙ୍ଗଳା, ବାଣପୁର ମା ଭଗବତୀ, ଉଗ୍ରତାରା, ତାରାତାରିଣୀ, କାଳିଜାଇ, ଭୈରବୀ ଆଦି ପୀଠକୁ ନେଇ ଶକ୍ତି କରିଡର ଘୋଷଣା କରାଯିବ। ଏହାଦ୍ୱାରା ଭକ୍ତଙ୍କୁ ସହଜରେ ମା'ଙ୍କ ଦର୍ଶନ କରିବାର ସୁଯୋଗ ମିଳିବ।

ପୂର୍ବରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାରାତାରିଣୀ ପୀଠ ପାଇଁ ୮ କୋଟି, ତପ୍ତପାଣି ପାଇଁ ୧୧ କୋଟି, ଜିଲାର ଥିବା ନାରାୟଣୀ ପୀଠ ପାଇଁ ବି ଅର୍ଥ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ବିଭାଗ ୬୦ କୋଟିରୁ ଅଧିକ ଟଙ୍କା ଚଳିତବର୍ଷ ଗଞ୍ଜାମ ଜିଲାକୁ ଦେଇଛି। ଏହାବାଦ ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ଶକ୍ତି କରିଡର ପ୍ରତିଷ୍ଠା କରିବା ଦାୟିତ୍ୱ ବହନ କରିବେ। ପୂର୍ବରୁ ମନ୍ତ୍ରୀମାନଙ୍କ ପକ୍ଷରୁ ଏ ନେଇ ଦାବି ଥିଲା ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ମନ୍ତ୍ରୀ ଜେନା କହିଥିଲେ ଯେ, ଆଧ୍ୟାତ୍ମିକ ଶକ୍ତି ପୀଠଗୁଡିକୁ ସଂଯୋଗୀକରଣ ନେଇ ଯୋଜନା ହୋଇଛି। ଶ୍ରଦ୍ଧାଳୁମାନେ ସବୁ ଶକ୍ତିପୀଠକୁ ଅଳ୍ପ ସମୟରେ ସୁବିଧାରେ ଦର୍ଶନ କରିପାରିବା ଭଳିବ୍ୟବସ୍ଥା ହେବ। ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଛି। ଚଳିତବର୍ଷ ଏକ ଡବ୍ଲୁମେୱାରୀ ପିଲ୍ଲ ବି ନିର୍ମାଣ ହୋଇଛି ବୋଲି ସେ କହିଥିଲେ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାର ପ୍ରମୁଖ ଶକ୍ତିପୀଠକୁ ନେଇ ଶକ୍ତି କରିଡର ଭାବେ ଯୋଡିବା ଯୋଜନା ରହିଛି। ଓଡ଼ିଶାରୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କ ସହରରେ ଦର୍ଶନ କରିବା ଭଳି ସୁଯୋଗ ମିଳିବ। ପର୍ଯ୍ୟଟନ ବିଭାଗ ଏବେଠୁ କାର୍ଯ୍ୟକ୍ରମ ଜାରି ରଖିଛି। ପୂର୍ବରୁ ବିଭାଗ ମଧ୍ୟ ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରିଛି। ପୀଠଗୁଡିକର ଐତିହାସିକ ବିକାଶ ଓ ଉନ୍ନତିକରଣ ଏବଂ ସଂଯୋଗୀକରଣ କରାଗଲେ ସ୍ଥାନୀୟ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଦର୍ଶନ ସୁବିଧା ହେବ। ହେଲିକପ୍ଟର ଯୋଗେ ଶକ୍ତିପୀଠଗୁଡିକର ସଂଯୋଗୀକରଣ କରିବା ଯୋଜନା ରହିଛି। ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇ ଆସନ୍ତା ୨ ବର୍ଷ ଭିତରେ ଏହାକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଯୋଜନା ରହିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ଶ୍ରଦ୍ଧାଳୁ ଯେଭଳି ବିନା ଦ୍ୱିଧାରେ ମା'ଙ୍କ ମନ୍ଦିରକୁ ଯାଇ ଦର୍ଶନ କରିପାରିବେ ସେଥିନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଥିଲେ। ଏସପି ଶୁଭେନ୍ଦୁ କୁମାର ପାତ୍ର, ପୁରୁଷୋତ୍ତମପୁର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠାରୁ ମା'ତାରିଣୀଙ୍କ ଚଇତି ପର୍ବ



## ୧୫ତାରିଖ ପର୍ଯ୍ୟନ୍ତ ସକାଳୁ ରାତି ପାହିବା ଯାଏ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

ଘଟଗାଁ,୮।୪ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ପ୍ରସିଦ୍ଧ ମା' ତାରିଣୀଙ୍କ ୮୯ ତମ ଚଇତି ପର୍ବ ବୁଧବାରଠାରୁ ଆରମ୍ଭ ହେବ। ଏହି ପର୍ବ ବୁଧବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସାତ ଦିନ ଧରି ମା' ଙ୍କୁ ସୁନା ବେଶରେ ସଜ୍ଜିତ ହେବେ। ସେହିପରି ତାରିଣୀ ବେଢାରେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରେ ଦେବୀ ସୁକ୍ତି ଓ ଗୀତା, ଭାଗବତ,ଚଣ୍ଡୀପାଠ ଓ ପାଲା ମଣ୍ଡପରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ପାଲା ପରିବେଷଣ, ପ୍ରବଚନ, ଘୋଡା ନାଚ, ବିଭିନ୍ନ ଗ୍ରୁପ୍ ଦ୍ୱାରା ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ବିଶିଷ୍ଟ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନସାରା ଅଖଣ୍ଡ ଭଜନ ସଂଗୀତ ଚାଲିବ। ଏହି ଉପଲକ୍ଷେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ହେବା ସହ, ପଣା, ଚକୁଳି ପ୍ରସାଦ ବିତରଣ, ପାନୀୟ ଜଳ ଯୋଗାଣ, ପାର୍କିଂ ଆଦି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ମନ୍ଦିର ବିଭିନ୍ନ ପାର୍ଶ୍ୱରେ ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଛି। ଏହାସହ ପ୍ରତ୍ୟହ ମାଗଣା ଅନ୍ନ ପ୍ରସାଦ ବିତରଣ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ଜାମିନରେ ଗଲେ ଭାଜପା ନେତା,କର୍ମୀ

## କରୋନା ସମୟରେ ବେଆଇନ ଏକାଠି ହେବା ମାମଲା

ବଡ଼ବିଲ,୮।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଜେଏମ୍ଏଫ୍ସି କୋର୍ଟରୁ ଭାଜପାର ବରିଷ୍ଠ ନେତା ଓ କର୍ମୀ ଜାମିନରେ ଯାଇଛନ୍ତି। ୨୦୨୦ରେ ଦେଶରେ କରୋନା ମହାମାରୀକୁ ନେଇ ସାଧାରଣ ଯାତାୟାତ, ଏକତ୍ରୀକରଣ ଓ ଅକାରଣରେ ଘରୁ ବାହାରିବାକୁ ସରକାର ପ୍ରତିବନ୍ଧକ ଲଗାଇଥିବାବେଳେ ଅମାନିଆଙ୍କ ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ତେବେ ବେଆଇନ ଭାବେ ଏକାଠି ହେବା ଅଭିଯୋଗରେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ୨୦୨୦ ଜୁଲାଇ ୫ରେ ବଡ଼ବିଲ ଥାନାରେ ଏକ ମାମଲା(ନଂ.୯୦/୨୦) ରୁଜୁ ହୋଇଥିଲା। ଏହି ମାମଲାରେ ମଙ୍ଗଳବାର ବଡ଼ବିଲ ଜେଏମ୍ଏଫ୍ସି କୋର୍ଟରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଥିବା ବରିଷ୍ଠ ଭାଜପା ନେତା ମୂରଲୀ ମନୋହର ଶର୍ମାଙ୍କ ସହ ଅନ୍ୟ କର୍ମୀମାନେ ଜାମିନରେ ଯାଇଥିବା ଜଣାପଡ଼ିଛି।

# ଘର ଭିତରେ ଝୁଲୁଛି କସନ୍ଦି ପୋଷ୍ଟମାଷ୍ଟରଙ୍କ ମୃତଦେହ

ନନ୍ଦପୁର, ୮।୪(ତୁଷାର ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ବାଲଡ଼ାସ୍ଥିତ ଭଡ଼ାଘରୁ କସନ୍ଦି ପଞ୍ଚାୟତ ପୋଷ୍ଟ ମାଷ୍ଟର (ବିପିଏମ୍) ପୀୟୂଷ ମିଶ୍ର (୨୨)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ସକାଳୁ ମିଳିଛି। ପୀୟୂଷଙ୍କ ନିଜ ଘର ବାଲେଶ୍ୱର। ସେଠାରୁ ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ଜବତ ସହ ପରବର୍ତ୍ତୀ ତଦନ୍ତ କରାଯିବ ବୋଲି ପାଡୁଆ ପୋଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ସୋମବାର ରାତିରେ ପୀୟୂଷ ଘରେ ଥିଲେ। ମଙ୍ଗଳବାର ତାଙ୍କ ମା' ପୀୟୂଷଙ୍କୁ ବାରମ୍ବାର ଟେଲିଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ସେ ଘର ମାଲିକଙ୍କୁ ଫୋନ୍ କରିଥିଲେ। ଘର ମାଲିକ ଯାଇ ପୀୟୂଷଙ୍କ କବାଟ ବାଡ଼େଇ ଥିଲେ ମଧ୍ୟ ଭିତରୁ କିଛି ଉତ୍ତର ଆସି ନ ଥିଲା। ଘର ମାଲିକ ପୀୟୂଷ ମା'ଙ୍କ ପରାମର୍ଶ କ୍ରମେ ପାଡୁଆ ପୋଲିସକୁ ସୂଚନା ଦେଇଥିଲେ। ଏସ୍ଆଇ ଦୀପକ ବାରିକ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କବାଟ ଓ ଝରକା ଫାଙ୍କରୁ ପୀୟୂଷଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପୀୟୂଷ ୬ ମାସ ତଳେ ନନ୍ଦପୁର ଉପ ଡାକଘର ଅଧୀନ କସନ୍ଦି ବିପିଏମ୍ ଭାବେ ନିଯୁକ୍ତି ପାଇଥିଲେ। ସେ ବାଲଡ଼ାରେ ଭଡ଼ାଘରେ ରହୁଥିଲେ। ତାଙ୍କୁ ଅଫିସ ଓ ଘର ଛଡ଼ା ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ ବୋଲି ଘର ମାଲିକଙ୍କ ସମେତ ପଡ଼ିଶାଘର ଲୋକେ କହିଛନ୍ତି। ନନ୍ଦପୁର ଉପ ଡାକଘର ପୋଷ୍ଟମାଷ୍ଟର ଏସ୍.ଜ୍ୟୋତି ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା କହିଛନ୍ତି।


ପୀୟୂଷ ମିଶ୍ର

# ହିମାଳୟନ ନାଗଟିବା ଆରୋହଣ କଲେ କଳାହାଣ୍ଡିର ୨୬ ପର୍ବତାରୋହୀ

## ୧୦ହଜାର ଫୁଟ ଶିଖରରେ ଜାତୀୟ ପତାକା ଉଡ଼ାଇଲେ



ହିମାଳୟନ ନାଗଟିବା ଶିଖରରେ କଳାହାଣ୍ଡିର ୨୬ ପର୍ବତାରୋହୀ।

ଭବାନୀପାଟଣା,୮।୪ (ଉତ୍ତମ କୁମାର ଦାଶ)

ଉତ୍ତରାଖଣ୍ଡ ରାଜ୍ୟର ହିମାଳୟନ ନାଗଟିବା ଟ୍ରେକିଂ ଅଭିଯାନରେ କଳାହାଣ୍ଡି ଜିଲାର ୨୬ ଜଣିଆ ଦୁଃସାହସିକ ପର୍ବତାରୋହୀ ଦଳ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅଭିଯାନ ଗତ ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବାବେଳେ ୧୧ ଏପ୍ରିଲରେ ଶେଷ ହେବ। ଏହି ଟ୍ରେକିଂ ଅଭିଯାନ ହେଉଛି ଓଡିଶାର ପ୍ରଥମ ଆଇଏମ୍ଏଫ୍ ଅନୁମୋଦିତ। ଦୁଃସାହସିକ ପର୍ବତାରୋହଣ କାର୍ଯ୍ୟକ୍ରମ ଡେରାଡୁନରୁ ଆରମ୍ଭ ହୋଇ ପନତବାଡି ଦେଇ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ୫ ଏପ୍ରିଲ ଭୋର ୪ଟାରେ ହିମାଳୟନ ଅଭିମୁଖେ ଯାତ୍ରା କରିଥିଲେ। ପ୍ରାୟ ସାଢେ ୮ ଘଣ୍ଟା ପର୍ବତାରୋହଣ କରିବା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ୧୦ହଜାର ଫୁଟ ଉଚ୍ଚତା ବିଶିଷ୍ଟ ହିମାଳୟନ ନାଗଟିବାରେ ସଫଳତାର ସହିତ ପହଞ୍ଚିଥିଲେ। ସେଠାରେ ସେମାନେ ଜାତୀୟ ପତାକା ଉଡାଇବା ସହିତ ମା' ମାଣିକେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର କରିଥିଲେ। ଏହି ୨୬ ଜଣିଆ ଟିମରେ ୨୦ ଜଣ ଦୁଃସାହସିକ କ୍ରୀଡାବିତ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୬ ଜଣ ଅଫିସିଆଲ ରହିଥିଲେ। ଏହି ଅଭିଯାନରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡାସ୍ଥିତ ରିଷିଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବିକାଶ ଗହୀର, ରଞ୍ଜୁ ରଣା, ମଧୁସ୍ମିତା ସାହୁ, ତନୁଶ୍ରୀ ସାହୁ, ମଦନପୁର ରାମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସସ୍ମିତା ରଣା, ପୂଜା ଭୋଇ, ପ୍ରତିମା ପାତ୍ର, ଜୟଦୁର୍ଗା ଉଚ୍ଚ ବିଦ୍ୟାପୀଠ ମଦନପୁର ରାମପୁରରୁ ଅଶ୍ୱିନୀ ଡୁଙ୍ଗରୀ, ନର୍ଲା ବ୍ଲକ ଡୁଲାପଡାସ୍ଥିତ ବିଜୟାନନ୍ଦ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଅଜୟ ମାଝୀ, ଗୀତାଞ୍ଜଳି ମାଝୀ, ସରିତା ଦୀପ, ନର୍ଲା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପୁଷ୍ପରାଜ ପୋଢ, ରୁବିନା ବାଗ, ରୁପ୍ରାରୋଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରିୟଙ୍କା ପୁଟେଲ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁପ୍ରାରୁ ଅଷ୍ଟମ ଶ୍ରେଣୀ ଛାତ୍ର ରାଜ ମାଝୀ, ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଘନଶ୍ୟାମ କୁମାର, ରାହୁଲ ବେମାଲ, ଜୁଲି ସାହୁ ପ୍ରମୁଖ ରହିଥିଲେ। ଉକ୍ତ ଅଭିଯାନରେ ଏଭେରେଷ୍ଟ ଆରୋହୀ ତଥା ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ ନେତୃତ୍ୱ ନେଇଥିବା ବେଳେ ବରିଷ୍ଠ ପର୍ବତାରୋହୀ ପ୍ରଶିକ୍ଷକ ରୋମାଞ୍ଚଳ ଭୋଇ, ଧନପତି ବାଗ, ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡକ୍ଟର ଘନଶ୍ୟାମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଛାତ୍ରୀଙ୍କୁ ଗାଇଡ କରିବା ପାଇଁ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଅଧାପିକା ରୋଜ ମେରି ରଶ୍ମିତା ଏକା ତଥା ବରଗଡର ଦୁଃସାହସିକ ଗାଇଡ ପୂଜା ପ୍ରଧାନ ରହିଥିଲେ। ବେଦାନ୍ତ ଆଲୁମିନିୟମ ଏହି ଅଭିଯାନର ପ୍ରାୟୋଜକ ରହିଥିବାବେଳେ ଭବାନୀପାଟଣା ବିକାଶ ଗ୍ରୁପ ଅଫ ଶିକ୍ଷାନୁଷ୍ଠାନ, କଳାହାଣ୍ଡି ଜିଲାପାଳ ଓ ଲୋକ ସଭା ସାଂସଦ ମାଳବିକା ଦେବୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆସନ୍ତା ୧୧ ତାରିଖରେ ଏହି ଦଳ କଳାହାଣ୍ଡିକୁ ଫେରିବେ ବୋଲି ଜଣାପଡିଛି।

# ବାଂଶପାଳରୁ ଜାପାନ ଯାତ୍ରା

## ଆଦିବାସୀ ଛାତ୍ର ସମ୍ବିତଙ୍କ ସଫଳତା

କେନ୍ଦୁଝର(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ), ୮।୪

ଦଶମ ଶ୍ରେଣୀ ଆଦିବାସୀ ଛାତ୍ର ସମ୍ବିତ ମୁଣ୍ଡା ୭ ଦିନିଆ ଜାପାନ ଯାତ୍ରା କରିବାକୁ ସୁଯୋଗ ପାଇଛନ୍ତି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗଦାଧରପୁରଠାରେ ଥିବା ଶ୍ରୀଗୁରୁକୁଳ ସ୍କୁଲରେ ହୋଇଥିବା ଏକ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠ ବିଜେତା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ଚଳିତମାସ ୧୯ ତାରିଖରେ ସେ ଯାତ୍ରା କରିବେ। ଯେଉଁଥିରେ ଛାତ୍ରୀଛାତ୍ରୀମାନେ ଜାପାନର ଶିକ୍ଷା, ସଂସ୍କୃତି ଏବଂ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଅଧିକ ଜାଣିପାରିବେ। ଉଲ୍ଲେଖଯୋଗ୍ୟ ଯେ, ମେଟା ଲର୍ନ ଇନସ୍ପାୟାର ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ସମ୍ବିତ ଭାଗ ନେଇଥିଲେ।


ସମ୍ବିତ ମୁଣ୍ଡା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

A Reputed Garment Distribution House needs the following people:
• SENIOR MARKETING MANAGER - 1
• MARKETING EXECUTIVE - 2 • MASTER IN MIS & AI - CHAT GPT - 1 • PERSONAL SECRETARY - 1
• CRM EXECUTIVE - 1 • DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar,
Beside Nayara Petrol Pump, Phulnakhara, Contact - 8328899459

JOB OPPORTUNITIES


| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ପରଲୋକ

ଢେଙ୍କାନାଳ,୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ପୂର୍ବ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଭଞ୍ଜଙ୍କର ସୋମବାର ବିଳମ୍ବିତ ରାତିରେ ତାଙ୍କର ମୀନାବଜାରସ୍ଥିତ ନିଜସ୍ୱ ବାସଭବନର ପରଲୋକ ହୋଇଯାଇଛି । ତାଙ୍କୁ ୮୭ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର କନିଷ୍ଠ ପୁତ୍ର ପ୍ରଶାନ୍ତ ଭଞ୍ଜଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣକରି ଶେଷଦର୍ଶନ କରିଥିଲେ। ସେ ୧୯୭୯ରୁ ୧୯୮୪ ପର୍ଯ୍ୟନ୍ତ ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ଥିଲେ । ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଗଁଦିଆର ବିଧାୟକ ଥିଲେ । ସେହିପରି ଅବିଭକ୍ତ ଢେଙ୍କାନାଳ ଜିଲାର ୩ ଥର ଜିଲା କଂଗ୍ରେସ ସଭାପତି ଦାୟିତ୍ୱରେ ରହିଥିଲେ । ୧୯୯୬ରୁ ୧୯୯୯ ପର୍ଯ୍ୟନ୍ତ ସେ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନର ଅଧ୍ୟକ୍ଷ ଥିଲେ। ସେ ଗଁଦିଆ ନିର୍ବାଚନମଣ୍ଡଳୀରେ ବିଧାୟକ ଥିବା ସମୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ସେ ମଧ୍ୟ ଜଣେ ବିଶିଷ୍ଟ ହକି ଖେଳାଳି ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ହକି ଦଳରେ ସେ ସାମିଲ ହୋଇ ବହୁ ସୁନାମ ଅର୍ଜନ କରିଥିଲେ । ଜିଲା କ୍ରୀଡ଼ା ସଂସଦର ସଦସ୍ୟ ରହିଥିଲେ । ଏଥିସହ ମୀନାବଜାର ଲକ୍ଷ୍ମୀପୂଜା କମିଟିର ଦୀର୍ଘଦିନ ଧରି ଅଧ୍ୟକ୍ଷ ରହିଥିଲେ । ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଜିଲା କ୍ରୀଡା ସଂସଦ, ପୌର କାର୍ଯ୍ୟାଳୟ ଆଦିକୁ ନିଆଯିବା ପରେ ସୁଆଗୀ ଶ୍ମଶାନଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।



# ଫାଲ୍‌କନାମା ଏକ୍ସପ୍ରେସର ୨ ବଗି ଅଲଗା ହୋଇଗଲା



ବ୍ରହ୍ମପୁର,୮।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଆନ୍ଧ୍ରପ୍ରଦେଶର ପଲାସା ଥାନା ଅନ୍ତର୍ଗତ ସୁମାଦେବୀ -ମଞ୍ଜୁସା ରେଳ ଧାରଣାରେ ଯାଉଥିବା ସିକନ୍ଦରାବାଦ ସୁପରଫାଷ୍ଟ 'ଫାଲ୍‌କନାମା ଏକ୍ସପ୍ରେସ' ମଙ୍ଗଳବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଦୁଇଟି ବଗିର କ୍ଲିପିଂ କଟିଯିବାରୁ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଏଥିରେ କୌଣସି ଯାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନାହାନ୍ତି। ପଲାସା ଡିଭିଜନ ରେଳ ବିଭାଗର ସି ଆଣ୍ଡ ଇଉ କର୍ମଚାରୀମାନେ ପହଞ୍ଚି ମରାମତି କରିଥିଲେ। ଏ-୧ ଏସି ବଗିରେ ଯାତ୍ରା କରୁଥିବା ପ୍ରାୟ ୪୬ ଜଣ ଯାତ୍ରୀଙ୍କୁ ଅନ୍ୟ ଏକ ଏସି ବଗିରେ ବସିବାକୁ କୁହାଯାଇଥିଲା। ଟ୍ରେନଟି ସେଠାରେ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ମରାମତି ସରିବା ପରେ ଗନ୍ତବ୍ୟ ସ୍ଥଳକୁ ବାହାରିଥିଲା ବୋଲି ପଲସା ଜିଆରପି ଥାନାଧିକାରୀ ଶେଖ ସରିଫ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିକନ୍ଦରାବାଦରୁ ହାୱାଡା ଅଭିମୁଖେ ବାହାରିଥିବା ଫାଲକନାମା ଏକ୍ସପ୍ରେସ ମଙ୍ଗଳବାର ସକାଳ ୭ଟାରେ ପଲସା ରେଳ ଷ୍ଟେଶନ ଛାଡିଥିଲା। ସୁମାଦେବୀ -ମଞ୍ଜୁସା ମଧ୍ୟରେ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଟ୍ରେନଟି ଏ-୧ ବଗି ଛାଡି ଚାଲିଯାଇଥିଲା। ସେଥିରେ ବସିଥିବା ଯାତ୍ରୀମାନେ ଏହି ଦୃଶ୍ୟ ଦେଖି ଭୟଭୀତ ହୋଇଯାଇଥିଲେ। ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି।

MAHESWARI
(+2 SCIENCE & ARTS COLLEGE)
HIGHER SECONDARY SCHOOL
ADMISSION OPEN
FREE SUMMER COURSE
START: 20th MARCH 2025
• Experienced & Best Teachers
• Well settled laboratory
• Smart Classroom
• Well settled Computer Lab.
• Transportation Facility
• Hostel Facility [Separate for Girls & Boys]
TOTAL 100% RESULT
NO FAIL NO 3rd DIVISION
Astha Naik 89% Science
Karishma Sahoo 84% Arts, District Topper
CONTACT - 9437158472 ,7008286350, 7008259050
ADDRESS: AT/PO: SANKARA, DIST : SUNDARGARH, ODISHA, 770020

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/02

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଡିନ, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |
| 2 | ଏକ୍ସଟାରନାଲ ଫ୍ୟାକଲ୍ଟି, ଏସ୍ ବି ଆଇ ଏଲ କୋଲକାତା | 03 | ଚୁକ୍ତିନାମା |
| 3 | ମାର୍କେଟିଂ ଏକ୍ସିକ୍ୟୁଟିଭ୍, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.04.2025 ରୁ 22.04.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 02.04.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ



# ବଦଳୁ ବ୍ୟବସ୍ଥା

ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଓ ରାଷ୍ଟ୍ରପତିଙ୍କ ପ୍ରତିନିଧି ଭାବେ କାମ କରିଥାନ୍ତି। ରାଜ୍ୟରେ ନିର୍ବାଚିତ ସଂଖ୍ୟାଗରିଷ୍ଠ ଦଳର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥାନ୍ତି। ଏଣୁ ରାଜ୍ୟରେ ନିର୍ବାଚିତ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ସମନ୍ୱୟ ଓ ସୁସମ୍ପର୍କ ରହିଲେ ଶାସନ ଠିକ୍ ବାଟରେ ଚାଲେ। ଯେବେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହେ, ସେବେ ଶାସନ ବାଟବଣା ହେବା ଥୟ। ତାମିଲନାଡୁରେ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ୭ ମେ ୨୦୨୧ରେ କ୍ଷମତାକୁ ଆସିବା ପରେ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମଧ୍ୟରେ ବିବାଦ ଲାଗିରହିଛି। ରାଜ୍ୟପାଳ ମଧ୍ୟ ତାମିଲନାଡୁ ବିଧାନସଭାରେ ବିଭିନ୍ନ ସମୟରେ ପାରିତ ହୋଇଥିବା ୧୦ଟି ବିଲ୍‌କୁ ମଞ୍ଜୁରୀ ନ ଦେଇ ପକାଇ ରଖିଥିଲେ। ଫଳରେ ତାମିଲନାଡୁ ସରକାର ଏହା ବିରୋଧରେ ୨୦୨୩ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଏମ୍‌କେ ସରକାରଙ୍କ ଅଭିଯୋଗର ଶୁଣାଣିକରି ଜଷ୍ଟିସ୍ ଜି.ବି. ପର୍ଡିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୧୦ ଫେବୃଆରୀରେ ରାୟ ସଂରକ୍ଷିତ ରଖିଥିଲେ। ଏପ୍ରିଲ ୮ରେ ଏହି ରାୟ ପ୍ରକାଶକରି ଶୀର୍ଷ ଅଦାଲତ କହିଛନ୍ତି, ରାଜ୍ୟପାଳ କୌଣସି ବିଲ୍‌କୁ ରୋକିପାରିବେ ନାହିଁ। ରାଜ୍ୟପାଳ ତାହାକୁ ମଞ୍ଜୁରୀ ଦେଇପାରନ୍ତି କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇପାରନ୍ତି। କିନ୍ତୁ ବିଧେୟକକୁ ଦ୍ୱିତୀୟ ଥର ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ କହି ତାହାକୁ ରୋକିପାରିବେ ନାହିଁ। ଏହା ସହ କୋର୍ଟ ଦର୍ଶାଇଛନ୍ତି, ରାଜ୍ୟପାଳ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେବା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଏବଂ ୧୦ଟି ବିଲ୍‌କୁ ଅନୁମୋଦନ ନ କରିବା ବେଆଇନ ଓ ମନମୁଖି କାମ। ଉଲ୍ଲେଖଯୋଗ୍ୟ, ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ କୌଣସି ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲ୍‌କୁ ସହମତି ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଇବାର ନିୟମ ରହିଛି। ଏହା ଉପରେ ରାଜ୍ୟପାଳ ସହମତି ଦେଇପାରିବେ କିମ୍ବା ବିଲ୍‌କୁ ସ୍ଥଗିତ ରଖିପାରିବେ ଅବା ରାଷ୍ଟ୍ରପତିଙ୍କ ଦ୍ୱାରା ବିଚାର ପାଇଁ ବିଧେୟକକୁ ସଂରକ୍ଷିତ ରଖିପାରିବେ। ଏଥିସହ ରାଜ୍ୟପାଳ ଅର୍ଥ ବିଲ୍ ଭିନ୍ନ ଯେକୌଣସି ବିଲ୍‌ର ପୁନର୍ବିଚାର ପାଇଁ ବିଧାନସଭାକୁ ଫେରାଇପାରିବେ। ଯଦି ବିଧାନସଭା ସେହି ବିଧେୟକକୁ ସଂଶୋଧନ କିମ୍ବା ବିନା ସଂଶୋଧନରେ ପୁନର୍ବାର ରାଜ୍ୟପାଳଙ୍କ ନିକଟକୁ ପଠାଏ, ସେଭଳି କ୍ଷେତ୍ରରେ ରାଜ୍ୟପାଳଙ୍କୁ ସମ୍ମତି ପ୍ରଦାନ କରିବାକୁ ପଡ଼ିବ। ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ସେଥିରେ ତାମିଲନାଡୁ ରାଜ୍ୟପାଳ ଅନେକାଂଶରେ ତାଙ୍କ କ୍ଷମତା ବହିର୍ଭୂତ ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ତେଣୁ ଶୀର୍ଷ ଅଦାଲତଙ୍କ ଏହି ରାୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଐତିହାସିକ କହିବା ସହ ଏହା କେବଳ ତାମିଲନାଡୁର ନୁହେଁ, ବରଂ ସବୁ ରାଜ୍ୟର ବିଜୟ ବୋଲି ଦର୍ଶାଇଛନ୍ତି। ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତର ସଂଘୀୟ ବ୍ୟବସ୍ଥାରେ ତାମିଲନାଡୁ ସଂଘର୍ଷର ଏହା ଏକ ଉଲ୍ଲେଖନୀୟ ବିଜୟ।

କେରଳ କ୍ୟାଡରର ପୂର୍ବତନ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଆର୍.ଏନ୍. ରବି ତାମିଲନାଡୁର ରାଜ୍ୟପାଳ ଭାବେ ୯ ସେପ୍ଟେମ୍ବର ୨୦୨୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ମେଘାଳୟ ଓ ନାଗାଲାଣ୍ଡର ରାଜ୍ୟପାଳ ରହିଥିଲେ। କିନ୍ତୁ ତାମିଲନାଡୁରେ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ସହ ବିବାଦ ଆରମ୍ଭ ହୋଇଥିଲା। ଏଥିରୁ ବୁଝାପଡ଼ିଥିଲା ଯେ, କେନ୍ଦ୍ର ଭାଜପା ସରକାରର ଇଙ୍ଗିତରେ ରବି ପ୍ରତ୍ୟେକଟି କାର୍ଯ୍ୟ କରୁଛନ୍ତି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କର ଭୂମିକା ଅତ୍ୟନ୍ତ ସୀମିତ। ଏହା ସତ୍ୟ ଯେ, ସମ୍ବିଧାନରେ ରାଜ୍ୟପାଳଙ୍କର କ୍ଷମତାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେଉଁଥିରେ ସେହି ପଦବୀରେ ମନୋନୀତ ହୋଇଥିବା ବ୍ୟକ୍ତି ନିର୍ବାଚିତ ମନ୍ତ୍ରିମଣ୍ଡଳର ସୁପାରିସକୁ ସମ୍ପୂର୍ଣ୍ଣ ଭାବେ ଶୁଣିବା ପାଇଁ ବାଧ୍ୟନୁହନ୍ତି। ଅନ୍ୟପଟେ ଏହା ମଧ୍ୟ ମାନିକରି ଚଳିବାକୁ ହେବ ଯେ, ଏହିସବୁ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କୁ ଦରମା ସାଧାରଣ ନାଗରିକଙ୍କଠାରୁ ଆଦାୟ କରାଯାଇଥିବା ଟିକସରୁ ଦିଆଯାଉଛି। ସେଥିପାଇଁ ସବୁ ରାଜ୍ୟରେ ସାଧାରଣ ନାଗରିକଙ୍କ ଭୋଟରେ ଜିତି ସରକାର ଗଢ଼ିଥିବା ଦଳ ସେହିମାନଙ୍କର ଇଚ୍ଛା ପୂରଣ କରିବା ପାଇଁ କାର୍ଯ୍ୟ କରିଥାଏ। କୌଣସି ରାଜନୈତିକ ଦଳ ଲୋକ ବିରୋଧୀ ଆଭିମୁଖ୍ୟ ରଖି ସରକାର ଚଳାଇପାରିବ ନାହିଁ। ତେଣୁ ସମ୍ବିଧାନର ଊର୍ଦ୍ଧ୍ୱକୁ ଯାଇ ଦୃଷ୍ଟି ପକାଇଲେ ଏହା ସ୍ପଷ୍ଟ ହୁଏ ଯେ, ରାଜ୍ୟପାଳଙ୍କର ପ୍ରତ୍ୟେକଟି କାର୍ଯ୍ୟ ତାଙ୍କ ରାଜ୍ୟର ମନ୍ତ୍ରିମଣ୍ଡଳର କହିବା ଅନୁଯାୟୀ ହେବା ଦରକାର। ରବିଙ୍କ ଭଳି ଆଜୀବନ ଚାକିରି କରିଆସିଥିବା ବ୍ୟକ୍ତି ନିଜକୁ ସ୍ୱାଧୀନ ଭାବିବା ଅସମ୍ଭବ। ତେଣୁ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ନିର୍ଦ୍ଦେଶ ଦ୍ୱାରା ହୋଇଥାଏ। ସେହିଭଳି ରାଜ୍ୟପାଳ କେବଳ ଆଜିର ଭାଜପା ସରକାର ବେଳେ ସୀମିତ ନୁହେଁ। ପୂର୍ବରୁ କଂଗ୍ରେସ ସରକାର ସମୟରେ ମଧ୍ୟ ରାଜ୍ୟପାଳମାନେ ବିଭିନ୍ନ ରାଜ୍ୟରେ ଅଗଣତାନ୍ତ୍ରିକ କାର୍ଯ୍ୟ କରିଥିବାର ଉଦାହରଣ ରହିଛି।

କିଛି ଦଶନ୍ଧି ପୂର୍ବେ ରାଜ୍ୟପାଳ ପଦବୀକୁ ଉଠାଇଦେବା ପାଇଁ କେତେଜଣ ରାଜନୈତିକ ନେତା ମତ ଦେଇଥିଲେ। ଏହି ମତକୁ ସବୁ ଜାତୀୟ ଦଳ ମିଳିତ ଭାବେ ବିରୋଧକରିବା ପଛରେ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ବୁଝାପଡ଼ିଥିଲା। ଆଜିର ସ୍ଥିତିରେ ତାମିଲନାଡୁ ସହ କେରଳ, ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଭଳି ରାଜ୍ୟର ରାଜ୍ୟପାଳମାନେ ଅନୁରୂପ ଚରିତ୍ର ପ୍ରଦର୍ଶନ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ଦଳ କେନ୍ଦ୍ରରେ ଶାସନରେ ରହିବ, ତାହା ଦ୍ୱାରା ମନୋନୀତ ରାଜ୍ୟପାଳମାନେ ସରକାରଙ୍କୁ ହଇରାଣ କରିବା କଥା ଏକ ପ୍ରକାର ଥୟ। ସେଥିପାଇଁ ଏହି ବ୍ୟବସ୍ଥାରେ ଅତିଶୀଘ୍ର ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ଦେଖାଦେଲାଣି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | | 7 | | | |
| | | 3 | 9 | 6 | | 4 | | |
| | | 5 | 8 | | | | 2 | |
| | | | 1 | | 5 | | 4 | |
| | 5 | 9 | | 4 | | | | |
| | | | | | | | | |
| | 9 | 6 | 2 | 3 | | | | |
| 2 | | 4 | | | | | 5 | |
| | | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 1 | 8 | 7 | 2 | 5 | 3 |
| 2 | 8 | 1 | 3 | 6 | 5 | 4 | 9 | 7 |
| 3 | 5 | 7 | 9 | 4 | 2 | 6 | 1 | 8 |
| 5 | 4 | 6 | 2 | 3 | 9 | 8 | 7 | 1 |
| 7 | 1 | 2 | 8 | 5 | 6 | 3 | 4 | 9 |
| 8 | 9 | 3 | 4 | 7 | 1 | 5 | 2 | 6 |
| 4 | 2 | 8 | 7 | 1 | 3 | 9 | 6 | 5 |
| 1 | 3 | 5 | 6 | 9 | 4 | 7 | 8 | 2 |
| 6 | 7 | 9 | 5 | 2 | 8 | 1 | 3 | 4 |

ଗତକାଲିର ଉତ୍ତର

# ଛଦ୍ମ ଭିକାରି



ବୈକୁଣ୍ଠନାଥ ମିଶ୍ର

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ସମୟ ଥିଲା, କୃଷିଜୀବୀମାନେ ଥିଲେ ଏ ଦେଶର ପୃଷ୍ଠପୋଷକ। କୃଷକଟି ବିଲରେ ଖଟି ହିଡ଼ମାଟି ହିଡ଼ରେ ଲଦି ଯାହା ଅମଳ କରୁଥିଲା, ସେଥିରେ ଯେନତେନ ପ୍ରକାରେ ଚଳିଯାଉଥିଲା। ବର୍ଷତମାମ କୃଷି କର୍ମରେ ଲିପ୍ତ ରହି ମଧ୍ୟ ଅଭାବ ମେଣ୍ଟୁ ନ ଥିଲା। ଆବଶ୍ୟକସ୍ଥଳେ ଜମିଦାର, ସାହୁକାର ଓ ମହାଜନଠାରୁ ଋଣ କରୁଥିଲା। ମୂଳକଥା ଛାଡ଼ ସୁଧ ଗଣ୍ଡାକ ମଧ୍ୟ ପଇଠ କରିବାରେ ସେ ଥିଲା ଅକ୍ଷମ। ମହାଜନ ଚକ୍ରବୃଦ୍ଧି ସୁଧ ଆଦାୟ କରି କୁବେର ପାଲଟୁଥିବା ବେଳେ ବିଚାରା ଚାଷୀଟି ସର୍ବସ୍ୱାନ୍ତ ହେଉଥିଲା। ତା' ସହ ମହାଜନ ଓ ଜମିଦାରଙ୍କର ଅଜବ ହିସାବ ଥିଲା କୃଷକର ଦାରିଦ୍ର୍ୟର ଅନ୍ୟତମ କାରଣ। ଉଦାହରଣ ସ୍ୱରୂପ ଜମିଦାର ଶହେଟଙ୍କା ଦେଇ କହୁଥିଲା- 'ମୁଁ ଦେଲି ଶହେ, ତୁ ନେଲୁ ଶହେ'। ସମୁଦାୟ ହେଲା ଦୁଇଶହ। ଚାଲିଲା ଦୁଇଶହ ଟଙ୍କାର ହିସାବ। ବିଚାରା କୃଷକ ସେ ହିସାବ ବୁଝିପାରୁ ନ ଥିଲା କିମ୍ବା ବୁଝିଲେ ମଧ୍ୟ ନିରୁପାୟ ଭାବେ ନୀରବ ରହୁଥିଲା। ଶେଷରେ ଜମିବାଡ଼ି, ଏପରିକି ଘରଡିହ ଖଣ୍ଡକ ହାତଛଡ଼ା ହେଉଥିଲା। ଜମିଦାରଙ୍କ କ୍ଷେତରେ ଖଟି ଦୁଃଖରେ ଚଳୁଥିଲା। କବି ସଚ୍ଚି ରାଉତରାୟ ତାଙ୍କର ପ୍ରସିଦ୍ଧ କବିତା 'ଛୋଟ ମୋର ଗାଆଁ ଟି'ରେ ଏହାକୁ ସୁନ୍ଦର ଭାବେ ପରିବେଷଣ କରିଛନ୍ତି:-

ପ୍ରତାପଶାଳୀ ସାମନ୍ତରାୟ-
ଗାଁରେ କଲେ ଏମନ୍ତରାୟ
ଦେଏଣାଭାରେ ସକଳେ ହାୟ-
ରେଙ୍ଗୁନ୍ ଭୂଇଁ ଧାଆନ୍ତି
ଛୋଟ ମୋର ଗାଆଁ ଟି ॥

କୃଷକଟି ନିଃସ୍ୱ ହେଲା ପରେ ବାଧ ହୋଇ ପେଟ ପୋଷିବା ପାଇଁ ବିଦେଶ ପଳାଉଥିଲା। ସେ ସମୟରେ ମଣିଷ ଏତେ କଷ୍ଟରେ ଥାଇ ସୁଦ୍ଧା ଅଭାବ ପାଇଁ ସ୍ୱଭାବ ହରାଉ ନ ଥିଲା। ଚୋରି କରୁ ନ ଥିଲା କି ଭିକ ମାଗୁ ନ ଥିଲା। ଭିକ୍ଷାବୃତ୍ତିକୁ ମର୍ଯ୍ୟାଦାହୀନ, ଅସମ୍ମାନଜନକ ଓ ଘୃଣ୍ୟ ବୋଲି ବିବେଚନା କରୁଥିଲା। ମାଗି ଖାଇବା ଅପେକ୍ଷା ଲାଗି ଖାଇବାକୁ , ଲୁଟି ଖାଇବା ଅପେକ୍ଷା ଖଟି ଖାଇବାକୁ ସେ ପସନ୍ଦ କରୁଥିଲା। କିନ୍ତୁ ସମୟର ବିଘଟନ ଓ ପାରିବେଶିକ ଅସନ୍ତୁଳନ ପ୍ରଭାବରୁ କ୍ରମେ ଏ ଜାତି ତା' ମହାନ୍ ସ୍ୱାଭିମାନଭରା ପରମ୍ପରାରୁ ବିଚ୍ୟୁତ ହେଲା। ଲୁଟିବା, ଠକିବା ଏପରିକି ଛଦ୍ମ ଭାବରେ ଭିକ୍ଷାବୃତ୍ତିକୁ ଆଦରି ନେବାରେ କୁଣ୍ଠାବୋଧ କଲାନାହିଁ। କେବଳ କିଛି ଭିନ୍ନକ୍ଷମ, ରୋଗଗ୍ରସ୍ତ ବ୍ୟକ୍ତି ଭିକ୍ଷା କରୁଥିଲେ, ଯାହାଙ୍କ ପ୍ରତି ସମାଜ ସମ୍ବେଦନଶୀଳ ଥିଲା। ଶାସ୍ତ୍ର କହେ -

ବାଣିଜ୍ୟେ ବସତେ ଲକ୍ଷ୍ମୀ ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜସେବୟାଂ ଭିକ୍ଷାଂ ନୈବ ଚ ନୈବ ଚ।

ଅର୍ଥାତ୍ ବାଣିଜ୍ୟ ବ୍ୟବସାୟରେ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ତା'ର ଅର୍ଦ୍ଧେକ କୃଷି କର୍ମରେ। ତା'ର



ଅର୍ଦ୍ଧେକ ରାଜସେବାରେ। କିନ୍ତୁ ଭିକ୍ଷା ଯାଚନାରେ ଆଦୌ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ନାହିଁ। ହେଲେ ସମ୍ପ୍ରତି କେତେକ ସୁସ୍ଥ ସବଳ ବ୍ୟକ୍ତି ଭିକ୍ଷାବୃତ୍ତିକୁ ଆପଣେଇଛନ୍ତି। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ, ଭାରତରେ ମୋଟ ଭିକାରି ସଂଖ୍ୟା ଥିଲା ୪ ଲକ୍ଷ ୧୩ ହଜାର ୬୭୦। ସେହି ରିପୋର୍ଟ କହେ, ଓଡ଼ିଶାରେ ଭିକାରି ସଂଖ୍ୟା ଥିଲା ୬ ହଜାର ୯୭୦, ଯାହା ୨୦୨୧ରେ ଓଡ଼ିଶା ବିଧାନସଭାରେ ସ୍ପଷ୍ଟ ହୋଇଥିଲା। ସେହି ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗରେ ସବୁଠାରୁ ଅଧିକ ଓ ତା' ତଳକୁ ଉତ୍ତରପ୍ରଦେଶରେ ଦ୍ୱିତୀୟ ସର୍ବାଧିକ ଭିକାରି ଥିଲେ। ୨୦୨୧ ପରଠାରୁ ଭିକାରିଙ୍କ ଥଇଥାନ ଓ ସେମାନଙ୍କ ଆର୍ଥିକ ବିକାଶ ଲାଗି ସରକାରୀ ଯୋଜନାମାନ ହାତକୁ ନିଆଗଲା। ୨୦୨୩ରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଭିକାରିମୁକ୍ତ ଅଭିଯାନ ଆରମ୍ଭ କରି ଆଂଶିକ ସଫଳତା ପ୍ରାପ୍ତ ହୋଇଥିଲା। ୨୦୨୪ରେ କେନ୍ଦ୍ର ସରକାର (ନ୍ୟାୟ ଓ ସଶକ୍ତୀକରଣ ବିଭାଗ) ଦେଶର କେତେକ ସହରକୁ ୨୦୨୬ ସୁଦ୍ଧା ଭିକାରିମୁକ୍ତ କରିବାର ସଂକଳ୍ପ ନେଲେ। ଏଥିରେ ଅଯୋଧ୍ୟା, ଅମୃତସର, ଶିମ୍‌ଲା, ଇନ୍ଦୋର ପ୍ରଭୃତି ୩୦ଟି ସହର ଅନ୍ତର୍ଭୁକ୍ତ ହୋଇଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ଜିଲା ପ୍ରଶାସନ ଆଉ ପାଦେ ଆଗକୁ ଯାଇ ଯେଉଁମାନେ ଭିକାରିଙ୍କୁ ଭିକ ଦେବେ, ସେମାନଙ୍କ ବିରୋଧରେ ଏତଲା ଦାଏର କରାଯିବ ବୋଲି ଘୋଷଣା କରିଛି।

ଭିକାରିମୁକ୍ତ ଅଭିଯାନ ଏକ କ୍ଷଣସ୍ଥାୟୀ ଅଭିଯାନ ନୁହେଁ। ଏହା ଦୀର୍ଘସ୍ଥାୟୀ। କାରଣ କେବଳ କ୍ଷୁଧାତୁର ବ୍ୟକ୍ତି ଭିକ୍ଷା ଯାଚନା କରୁଥିଲେ ସେମାନେ ହୁଏତ ସରକାରୀ ଯୋଜନା ବଳରେ ଭିକ୍ଷାବୃତ୍ତି ତ୍ୟାଗ କରିପାରନ୍ତି। ମାତ୍ର ଅଭ୍ୟାସବଶତଃ ଅଧିକ ଧନୀ ହେବା ଲକ୍ଷ୍ୟରେ ଯେଉଁମାନେ ଛଳନା ମାଧ୍ୟମରେ ଭିକ୍ଷାବୃତ୍ତି କରନ୍ତି, ସେମାନଙ୍କ ପଥରୋଧ କରିବା ଏକ ଦୁରୂହ ବ୍ୟାପାର। ଭାରତବର୍ଷରେ କୋଟିପତି ମଧ୍ୟ ଭିକ୍ଷା ଯାଚନା କରନ୍ତି। ମୁମ୍ବାଇ ସହରରେ ବାସ କରନ୍ତି 'ଭରତ ଜୈନ'। ତାଙ୍କ ନିକଟରେ ଅଛି ଅମାପ ସମ୍ପତ୍ତି। ମୁମ୍ବାଇ ଭଳି ସହରରେ ତାଙ୍କର ଅଛି ଦୁଇଟି ମୂଲ୍ୟବାନ୍ ଫ୍ଲାଟ, ଦୁଇଟି ଅତ୍ୟାଧୁନିକତାରେ ବିମଣ୍ଡିତ ଫ୍ଲାଟ୍ ଓ ମାର୍କେଟ କମ୍ପ୍ଲେକ୍ସରେ ୩ଟି ଘର, ଯାହା ବ୍ୟବସାୟ ପ୍ରତିଷ୍ଠାନ ହିସାବରେ ଭଡ଼ାସୂତ୍ରରେ ଦିଆଯାଇଛି। ତାଙ୍କର ନିଜର ରହିଛି ଏକ ସୁଦୃଶ୍ୟ ଅଟ୍ଟାଳିକା, ଯେଉଁଥିରେ ତାଙ୍କ ପରିବାର ସଦସ୍ୟମାନେ ରହନ୍ତି। ରାତି ପାହିବା ଆଗରୁ ସେ ନିଜକୁ ଭିକାରି ବେଶରେ ସଜାଇ ରାଜରାସ୍ତା ଓ ଗଳିକନ୍ଦିରେ ଭିକ୍ଷା ଯାଚନା କରନ୍ତି। ତାଙ୍କର ଭିକ୍ଷାଲବ୍ଧ ମାସିକ ଆୟ ୮୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ। ନିଜ ପରିବାର ପାଇଁ ମଧ୍ୟ ଦୈନିକ ଖାଇବା ଗଣ୍ଡାକ ସେ ଭିକ୍ଷାସୂତ୍ରରେ ପ୍ରାପ୍ତ ହୁଅନ୍ତି। ତାଙ୍କ ପରିବାର ସମ୍ବନ୍ଧରେ ତାଙ୍କ ପଡ଼ିଶାମାନେ ମଧ୍ୟ ଅଜ୍ଞ। ସାମାନ୍ୟ ଅସାବଧାନତାରୁ ତାଙ୍କ ପରିଚୟ ଜଣାପଡ଼ିବା ପରେ ପ୍ରାୟ ଛ' ମାସ ତଳେ ସେ ଗଣମାଧ୍ୟମ ନଜରକୁ ଆସିଥିଲେ। ସେତେବେଳେ ଭାରତର ସମସ୍ତ ପ୍ରମୁଖ ଖବରକାଗଜରେ ଏହା ପ୍ରକାଶିତ ହୋଇ ଜନମାନସକୁ ଆନ୍ଦୋଳିତ କରିଥିଲା।

ଭିକ୍ଷାବୃତ୍ତିରେ ପୂର୍ଣ୍ଣଚ୍ଛେଦ ଆଣିବାକୁ ଚିନ୍ତା କରୁଥିବା ସମୟରେ ଦେଶର ସମସ୍ତ ରାଜନୈତିକ ଦଳ ଭିକ୍ଷାବୃତ୍ତିକୁ ପରୋକ୍ଷ ପ୍ରୋତ୍ସାହନ ଦେଇ ଆସୁଥିବା ପରି ମନେହୁଏ। ରାଜନୀତିରେ ମାଗଣା ସାମଗ୍ରୀ ଓ ଅର୍ଥଦାନ ଦେବାରେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଲିପ୍ତ ରହୁଛନ୍ତି। ରିହାତି ପ୍ରଦାନ, ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ଓ ନାନାଦି ଦ୍ରବ୍ୟ ଦାନ, ଋଣଛାଡ଼ ଭଳି ପ୍ରୋତ୍ସାହନ ପରୋକ୍ଷରେ କର୍ମକ୍ଷମମାନଙ୍କୁ ପ୍ରଭାବିତ କରୁଛି। ସାଧାରଣ ଯୁବବର୍ଗ କ୍ରମେ କର୍ମବିମୁଖତାକୁ ଆପଣେଇ ନେଲେଣି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଣିଧାନଯୋଗ୍ୟ। ଜଷ୍ଟିସ୍ ବି. ଆର୍. ଗଭାଇ ଓ ଅଗଷ୍ଟାଇ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଉଦ୍‌ବେଗଜନକ ମନ୍ତବ୍ୟ ଦେଇଛନ୍ତି ଯେ, ସରକାରଙ୍କର ବିଭିନ୍ନ ମାଗଣା ଯୋଜନା ଦ୍ୱାରା ଦେଶରେ ଏକ ପରାଙ୍ଗପୁଷ୍ଟ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ବିଚାରପତିଙ୍କ ମତହେଲା, କୃଷିକର୍ମ ପାଇଁ ଆଉ ଶ୍ରମିକ ମିଳୁନାହାନ୍ତି। ଅନ୍ୟକୁ ଦେଖି ଚାଷୀ ପରିବାର ପିଲା ବିଲକୁ ଗଡୁନାହାନ୍ତି। ଥୋକେ ସରକାରୀ ଓ ବିଭିନ୍ନ କମ୍ପାନୀ ଚାକିରି କରି ସହରାଞ୍ଚଳକୁ ଚାଲିଯାଇ ନିଜ ଶସ୍ୟକ୍ଷେତକୁ ଅଣଦେଖା କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ଫେବୃୟାରୀରେ ଉଦ୍‌ବେଗ ପ୍ରକାଶ କରିଛି ଯେ, ରାଜ୍ୟଗୁଡ଼ିକ ନିଜସ୍ୱ ମାଗଣା ଆର୍ଥିକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଇ ଦେଶ ଉପରକୁ ବୃହତ୍ ଆର୍ଥିକ ସଙ୍କଟକୁ ଟାଣି ଆଣୁଛନ୍ତି। ପରିସ୍ଥିତି ଯାହା ହେଲାଣି, ଦେଶର ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ମାଗଣା ପ୍ରଦାନ ପ୍ରତିଶ୍ରୁତିରେ କେବେ କ୍ଷାନ୍ତ ହୋଇପାରିବେ ନାହିଁ। ଫଳରେ ଦେଶ ଆଗକୁ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଭିକ୍ଷାବୃତ୍ତିକୁ ନିଷେଧ କରିବାକୁ ଅଙ୍ଗୀକାରବଦ୍ଧ ସରକାରଗୁଡ଼ିକ ପରୋକ୍ଷ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ କରୁଛନ୍ତି। ଦେଶକୁ ଶ୍ରମକାତର ଛଦ୍ମ ଭିକାରିଙ୍କ ପ୍ରଭାବରୁ ମୁକ୍ତି ମିଳୁ। ଏ ତ ଭାତହାଣ୍ଡିରୁ ଗୋଟିଏ ଚିପିବା ପରି। ଦେଶର ବିଶେଷକରି ଓଡ଼ିଶାରେ ଯେଉଁ ସରକାରୀ ବାବୁମାନଙ୍କର କଳାଧନର ପର୍ଦ୍ଦାଫାଶ ହେଉଛି, ସେମାନେ ଜଣେ ଜଣେ କୋଟିପତି ଭିକାରି ନୁହନ୍ତି କି ? ଏହିମାନେ ଜଣେ ଜଣେ ଛଦ୍ମବେଶୀ ଭିକାରି।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ବିମ୍‌ଷ୍ଟେକ୍ ବୈଠକରେ ଭାରତର ବାର୍ତ୍ତା



ଲଳିତେନ୍ଦୁ ପଲାଉରୀ

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଶେଷ ହୋଇଛି ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ର ସମୂହ ସଙ୍ଗଠନ ବିମ୍‌ଷ୍ଟେକ୍‌ର ଷଷ୍ଠ ବୈଠକ। ବିମ୍‌ଷ୍ଟେକ୍ ହେଉଛି ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ କୋଅପରେଶନ। ବୈଠକରେ ଭାରତ, ଥାଇଲାଣ୍ଡ, ମ୍ୟାନ୍‌ମାର, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ୍‌ର ପ୍ରତିନିଧିମାନେ ଯୋଗ ଦେଇ ପ୍ରମୁଖ ଆଞ୍ଚଳିକ ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ଯୋଗାଯୋଗ, ଜ୍ଞାନକୌଶଳର ଆଦାନପ୍ରଦାନ ଓ ସାମଗ୍ରିକ ବିକାଶ ନେଇ ମାନସ ମନ୍ଥନ କରିଥିଲେ। ବ୍ୟାଙ୍କକ୍‌ର ଏହି ବୈଠକରେ ୨୦୩୦ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ନେପାଳ ଓ ଭୁଟାନ୍‌କୁ ଛାଡ଼ି ଅନ୍ୟ ରାଷ୍ଟ୍ରଗୁଡ଼ିକ ବଙ୍ଗୋପସାଗରତଟୀୟ ଦେଶ। ତେଣୁ ସମୁଦ୍ର ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ବିମ୍‌ଷ୍ଟେକ୍‌କୁ ଦକ୍ଷିଣ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆର ପ୍ରମୁଖ ସମ୍ପର୍କର ସେତୁ ବୋଲି କୁହାଯାଉଛି। ଏହି ସଙ୍ଗଠନ ୧୯୯୭ରେ ଗଠନ ହୋଇଥିବା ବେଳେ ପ୍ରଥମେ ୪ଟି ଦେଶ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରେ ବାଂଲାଦେଶ, ଭାରତ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ହେଉଛନ୍ତି ପ୍ରତିଷ୍ଠାତା ସଦସ୍ୟ, ଯାହାକୁ ପ୍ରଥମେ BIST-EC ବୋଲି କୁହାଯାଉଥିଲା। ୨୦୦୪ରେ ଭୁଟାନ୍ ଓ ନେପାଳ ସଙ୍ଗଠନରେ ଯୋଡ଼ି ହେବା ପରେ ଏହା BIMSTEC ନାଁରେ ପରିଚିତ ହେଲା। ତେବେ ଭୁଟାନ୍ ଓ ନେପାଳ ଯଦିଓ ବଙ୍ଗୋପସାଗରତଟୀୟ ଦେଶ ନୁହନ୍ତି, କିନ୍ତୁ ଏହି ଦୁଇ ଦେଶ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହି ଆସିଛନ୍ତି।

୨୦୨୩ ତଥ୍ୟ କହୁଛି, ଏହିସବୁ ଦେଶର ମିଳିତ ଜାତୀୟ ଅଭିବୃଦ୍ଧି ୫.୨ ଟ୍ରିଲିୟନ ଡଲାର ରହିଛି। ବିମ୍‌ଷ୍ଟେକ୍‌କୁ ସାର୍କ ସଙ୍ଗଠନର ବିକଳ୍ପ ବୋଲି କୁହାଯାଉଛି। କାରଣ ୨୦୧୪ରେ ନେପାଳରେ ଆୟୋଜିତ ସାର୍କ ବୈଠକର ବିଫଳତା ପରେ ଏସିଆ ମହାଦେଶରେ ବିମ୍‌ଷ୍ଟେକ୍‌ର ଗୁରୁତ୍ୱ ବଢ଼ାଇଛି। ବିମ୍‌ଷ୍ଟେକ୍‌ରେ ସବୁଠାରୁ ଶକ୍ତିଶାଳୀ ଦେଶ ହେଉଛି ଭାରତ। ୨୦୧୪ ପରେ ଏହି ସଙ୍ଗଠନରେ ଭାରତର ଗୁରୁତ୍ୱ ବଢ଼ିବା ସହ ଭାରତର ଲୁକ୍ ଇଷ୍ଟ ଆକ୍ଟ ଆଭିମୁଖ୍ୟକୁ ଆକ୍ଟ ଇଷ୍ଟ ପଲିସିରେ ରୂପାନ୍ତର କରିବାରେ ଏହା ସହାୟକ ହୋଇଛି। ୮୦% ତୈଳ କାରବାର ଏବଂ ୪୦% ବିଶ୍ୱ ବାଣିଜ୍ୟ ଭାରତ ମହାସାଗର ଦେଇ ହେଉଥିବା ବେଳେ ଭାରତ ପାଇଁ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଦେଶ ଗୁରୁତ୍ୱପୂର୍ଣ୍ଣ। ଏହା ସହ ଏସିଆ ମହାଦେଶରେ ଆମର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚାଇନା। ଚାଇନା ପାକିସ୍ତାନକୁ ହାତ କରି ବେଲ୍ଟ ଆଣ୍ଡ ରୋଡ୍ ଆଭିମୁଖ୍ୟ ଜରିଆରେ ଏହି ଅଞ୍ଚଳରେ ନିଜର ବିସ୍ତାରବାଦ ନୀତିକୁ ବଢ଼ାଇବାକୁ ଚାହୁଁଥିବା ବେଳେ ଏହାକୁ ରୋକିବାକୁ ଭାରତ ପାଇଁ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜରୁରୀ। ଅପରପକ୍ଷେ ଭାରତ ବିମ୍‌ଷ୍ଟେକ୍ ରାଷ୍ଟ୍ରଙ୍କ ସହଯୋଗକୁ ପାଥେୟ କରି ଭାରତ-ମ୍ୟାନ୍‌ମାର-ଥାଇଲାଣ୍ଡ ହାଇୱେ, ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ପାଇଁ ପ୍ରୟାସ,




ମେକାଙ୍ଗ-ଗଙ୍ଗା ସହଯୋଗ, ପ୍ରତିରକ୍ଷା ଓ ନୌସୁରକ୍ଷା ସହଯୋଗକୁ ଆଗକୁ ନେବାରେ ପ୍ରୟାସ ଜାରି ରଖିଛି।

ବ୍ୟାଙ୍କକ୍‌ର ବିମ୍‌ଷ୍ଟେକ୍ ବୈଠକ ତାଳେତାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ସହଯୋଗ ନେଇ ଆଲୋଚନା କରିଥିଲେ। ୨୦୨୪ରେ ବାଂଲାଦେଶରେ ଅସ୍ଥିରତା ଓ ପ୍ରଧାନମନ୍ତ୍ରୀ ସେଖ୍ ହାସିନାଙ୍କ ଗାଦିଚ୍ୟୁତ ପରେ ଭାରତ-ବାଂଲାଦେଶ ସମ୍ପର୍କରେ ଭଟ୍ଟା ପଡ଼ିଛି। ଏଭଳି ସ୍ଥିତିରେ ବାଂଲାଦେଶ ମଧ୍ୟବର୍ତ୍ତୀ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ବ୍ୟାଙ୍କକ୍‌ରେ ଭେଟିଥିଲେ ପ୍ରଧାନମନ୍ତ୍ରୀ ମୋଦି। ବିଶେଷକରି ବାଂଲାଦେଶରେ ସାଧାରଣ ନିର୍ବାଚନ କରିବା, ବାଂଲାଦେଶୀ ଅନୁପ୍ରବେଶ ଉପରେ ରୋକ ଲଗାଇବା, ଭାରତ ବିରୋଧରେ ଅର୍ଥହୀନ ମନ୍ତବ୍ୟ ନ ଦେବାକୁ ୟୁନୁସ୍‌ଙ୍କୁ ସେ ପରାମର୍ଶ ଦେଇଛନ୍ତି । ଏହାସହ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା, ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ମୋଦି କହିଥିଲେ। ନିକଟରେ ୟୁନୁସ୍ ଚାଇନା ଗସ୍ତ ବେଳେ ଭାରତ ବିରୋଧୀ ମନ୍ତବ୍ୟ ରଖିଥିବାରୁ ୟୁନୁସ୍‌ଙ୍କ ପ୍ରତି ଭାରତର ଆଭିମୁଖ୍ୟ ନକାରାତ୍ମକ ରହିଛି। ଏହାସହ ଭାରତକୁ ଚ୍ୟାଲେଞ୍ଜ ଦେବା ଅବସରରେ ବାଂଲାଦେଶରେ ଚାଇନା ବିପୁଳ ପୁଞ୍ଜି ନିବେଶ ପାଇଁ ଚାଇନା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ବେଳେ ପ୍ରସ୍ତାବ ଦେଇଥିଲେ ୟୁନୁସ୍। ଗତ ବର୍ଷ ଅଗଷ୍ଟରେ ବାଂଲାଦେଶରେ ହିଂସା ଓ ସରକାର ବଦଳିବା ପରେ ଏହା ମୋଦି ଓ ୟୁନୁସ୍‌ଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ ଥିଲା। ସେପଟେ ମୋଦିଙ୍କ ଥାଇଲାଣ୍ଡ ଗସ୍ତ ଅବସରରେ ଭାରତ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ନେଇ ଆଲୋଚନା ହୋଇଛି। ବିଶେଷକରି ଭାରତର ଉତ୍ତର-ପୂର୍ବ ରାଜ୍ୟ ସହ ଥାଇଲାଣ୍ଡ ପର୍ଯ୍ୟଟନକୁ ଯୋଡ଼ିବା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ-ଥାଇଲାଣ୍ଡ ମଧ୍ୟରେ ୧.୩୭ ଲକ୍ଷ କୋଟିର ବ୍ୟବସାୟିକ ସମ୍ପର୍କ ରହିଛି। ଆଗକୁ ଏମ୍‌ଏସ୍‌ଏମ୍‌ଇ, ହ୍ୟାଣ୍ଡଲୁମ୍, ହସ୍ତତନ୍ତ କ୍ଷେତ୍ରରେ ସହଯୋଗ ସହ ଅକ୍ଷୟ ଶକ୍ତି, ଡିଜିଟାଲ ଜ୍ଞାନକୌଶଳ, ବୈଦ୍ୟୁତିକ ଯାନ, ରୋବଟିକ୍ସ, ବାୟୋଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ ଥାଇ ପର୍ଯ୍ୟଟକଙ୍କ ପାଇଁ ଇ-ଭିଜା ଦେବା ଆରମ୍ଭ କରିଛି। ଭାରତ ଲୁକ୍ ଇଷ୍ଟ ପଲିସିକୁ ଗୁରୁତ୍ୱ ଦେଉଥିବା ବେଳେ ଥାଇଲାଣ୍ଡର ମଧ୍ୟ ବିଶେଷ ଯୋଗଦାନ ରହିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଥାଇ ପ୍ରଧାନମନ୍ତ୍ରୀର ଯୁବା ପ୍ରଧାନମନ୍ତ୍ରୀ ପି. ସିନେୱାର୍ତ୍ତାଙ୍କୁ ତ୍ରିପିଟକ ଭେଟି ଦେଇଥିଲେ। ଗୁଜରାଟ ଆରାବଳି ପର୍ବତରୁ ୧୯୬୦ରେ ମିଳିଥିବା ବୁଦ୍ଧଙ୍କ ପବିତ୍ର ଅବଶେଷ ଆଗାମୀ ବର୍ଷ ଥାଇଲାଣ୍ଡ ପଠାଯିବ ବୋଲି ପ୍ରଧାନମନ୍ତ୍ରୀ ଥାଇବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା ତୃତୀୟ ଥାଇଲାଣ୍ଡ ଗସ୍ତ।

ଏସିଆ ମହାଦେଶରେ ଭାରତ ସମସ୍ତ ରାଷ୍ଟ୍ରଙ୍କ ସହ ବ୍ୟବସାୟିକ ସମ୍ପର୍କ, ଦ୍ୱିପାକ୍ଷିକ ସମ୍ପର୍କରେ ଘନିଷ୍ଠତା ବଢ଼ାଇବା ଲକ୍ଷ୍ୟରେ ରହୁଥିବା ବେଳେ ଚାଇନା, ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେଉଥିବାରୁ ସାମଗ୍ରିକ ଏସିଆର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ରାଜସ୍ଥାନ ଯୋଧପୁରର ନିର୍ମଳା ଶେଖାୱତ ଜଣେ ସିଙ୍ଗଲ ମମ୍ ଭାବେ ବ୍ୟବସାୟରେ ସଫଳତା ପାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। 'ମାରୱାଡ଼ି ମଁୱାର'ନାମରେ ସେ ଫୁଡ୍ ବିଜ୍‌ନେସ୍ ଚଳାଉଛନ୍ତି। ସେ ରାଜସ୍ଥାନୀ ସ୍ନାକ୍ସ, ଆଚାର ସହିତ ପାମ୍ପଡ଼ ଓ ଅନ୍ୟ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏଗୁଡ଼ିକୁ ଅନ୍‌ଲାଇନରେ ମଧ୍ୟ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ଭାଇ, ମା, ଭାଉଜ ଓ ଶାଶୁ ଘର ଲୋକେ ସହଯୋଗ କରୁଛନ୍ତି। ତାଙ୍କ ଭାଇ ଅନ୍‌ଲାଇନ ବ୍ୟବସାୟ ସମ୍ଭାଳୁଛନ୍ତି। ପ୍ରଥମେ ନିର୍ମଳା ମାସକୁ ମାତ୍ର ୧୫ ଟଙ୍କାର ଅର୍ଡର ପାଉଥିଲେ ଓ ଏବେ ପାଉଛନ୍ତି ଦେଢ଼ ଲକ୍ଷ ଟଙ୍କାର। ଏହି କାର୍ଯ୍ୟରେ ଘର ଲୋକଙ୍କ ବ୍ୟତୀତ ସେ ୩୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କୋଭିଡ ସମୟରେ ନିର୍ମଳାଙ୍କ ସ୍ୱାମୀଙ୍କର ବ୍ରେନ ହାମରେଜରେ ଦେହାନ୍ତ ହେବା ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଯାଇଥିଲା। ପିଲାଙ୍କ ପଢ଼ା ସହ ପରିବାର ଚଳାଇବା ଲାଗି ସେ ପ୍ରଥମେ ରାଜସ୍ଥାନୀ ସ୍ନାକ୍ସ ତିଆରି କରି ବିକ୍ରି କରୁଥିଲେ। ପରେ ଚାହିଦା ବଢ଼ିବାରୁ ସ୍ନାକ୍ସ ସହିତ ଅନ୍ୟ ଉତ୍ପାଦ ବିକ୍ରି ଅଧିକ ରୋଜଗାର କରିବା ସହ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କର୍ତ୍ତବ୍ୟରତ ପୋଲିସ ପ୍ରତି ଜୁଲମ

ମହାଶୟ,

ସମାଜରେ କର୍ତ୍ତବ୍ୟରତ ପୋଲିସ ଅପରାଧୀଙ୍କୁ ଗିରଫ କରିବା ଅବସରରେ ଜୁଲମର ଶିକାର ହେବା ଖବର ଦୈନନ୍ଦିନ ଖବରକାଗଜରୁ ପଢ଼ିବାକୁ ମିଳୁଛି। ଅପରାଧୀମାନେ ମିଳିତ ଭାବେ ପୋଲିସକୁ ଆକ୍ରମଣ କରି ରକ୍ତାକ୍ତ କରିବା ସହ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଉଛନ୍ତି। ଏପରିକି ସେମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ପୋଲିସକୁ ଦେଖିଲେ ଲୋକେ ଲୁଚୁଥିଲେ। ଲୋକ କଥାନୁଯାୟୀ ପୋଲିସ ମାଡ଼ ଥରେ ଯିଏ ଖାଇଛି ସେ ମରିବା ପର୍ଯ୍ୟନ୍ତ ଭୁଲିପାରିବ ନାହିଁ। ତେବେ ପୋଲିସମାନଙ୍କ ପ୍ରତି ଏପରି ବ୍ୟବହାର ଘଟିବାର କାରଣ କ'ଣ ? ସେ କାରଣ ଯାହାହେଉ, ଏପରି ବିଶୃଙ୍ଖଳା ପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉନାହିଁ କି? ପୋଲିସର ଏପରି ଉଦାରପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୁଏ। ୧- ପୋଲିସ ତାଲିମ ସମୟରେ କ'ଣ କଠୋରପଣିଆ ନ ଦେଖାଇବା ପାଇଁ ଶିକ୍ଷା ପାଇଥାନ୍ତି, ୨- ଅଥବା ଦେଶର ପରିସ୍ଥିତିକୁ ଲକ୍ଷ୍ୟ ଦେଇ ରାଜନେତା କିମ୍ବା ଉପରିସ୍ଥ ପୋଲିସ ଅଧିକାରୀଙ୍କର ପୋଲିସକୁ ଉଦାରପଣିଆ ଦେଖାଇବାକୁ ଆଦେଶ ଅଛି। ତେବେ ଉପରୋକ୍ତ ଦୁଇଟି କାରଣ ଆଦୌ ସତ ନ ହୋଇପାରେ। ତାହାହେଲେ ଅପରାଧୀ ଗିରଫ ସମୟରେ ପୋଲିସ ଜୁଲମର ଶିକାର ହେବାର ରହସ୍ୟ କ'ଣ ଆଉ ହୋଇପାରେ। ପ୍ରକୃତପକ୍ଷେ ଅପରାଧୀକୁ ଗିରଫ କରିବା ପୂର୍ବରୁ ପୋଲିସକୁ ଯଥେଷ୍ଟ ପ୍ରସ୍ତୁତ ଆବଶ୍ୟକ। ପୋଲିସକୁ ଯଥେଷ୍ଟ ବଳ, ଅସ୍ତ୍ରଶସ୍ତ୍ର, ଗାଡ଼ି ଓ ତାହା ସହ ପୋଲିସକୁ ସୁରକ୍ଷା ଜ୍ୟାକେଟ ଦେବା ଉଚିତ। ନଚେତ୍ ଅପରାଧୀମାନେ ସେଠାରେ ସାମ୍ରାଜ୍ୟ ବୃଦ୍ଧି କରି ଚାଲିବେ। ଏଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନଦେବା ଆବଶ୍ୟକ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିହାର ସିଏଚ୍‌ଓ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ

### ଅନ୍‌ଲାଇନ ପରୀକ୍ଷାରେ ପ୍ରକ୍ସି ସର୍ଭର ଜରିଆରେ ହୋଇଥିଲା ଦୁର୍ନୀତି

ପାଟନା,୮।୪

ବିହାରରେ ୪,୫୦୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ(ସିଏଚ୍‌ଓ) ପଦବୀ ପାଇଁ ଜୁଲାଇ ୨୦୨୪ରେ ହୋଇଥିବା ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି ଘଟଣାର ମୁଖ୍ୟ ଅଭିଯୁକ୍ତ ରବି ଭୂଷଣ ଏବଂ ତାଙ୍କ ସହଯୋଗୀ ଶଶି ରଞ୍ଜନଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓୟୁ) ଗିରଫ କରିଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି ୪୦ଜଣଙ୍କୁ ଗିରଫ କଲାଣି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି ବୋଲି ଇଓୟୁ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ବିହାର ଷ୍ଟେଟ ହେଲ୍‌ଥ ସୋସାଇଟି ଅଧୀନରେ ୨୦୨୪ ଜୁଲାଇରେ ୧୨ଟି ଅନ୍‌ଲାଇନ ସେଣ୍ଟରରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି)



ଜରିଆରେ ସିଏଚଓ ନିଯୁକ୍ତି ପରୀକ୍ଷା ହୋଇଥିଲା। ନାଳନ୍ଦା ଜିଲା ମୁବାରକ ଗ୍ରାମର ରବି ଭୂଷଣ ଏବଂ ତାଙ୍କ ଗ୍ୟାଙ୍ଗ ପରୀକ୍ଷା କେନ୍ଦ୍ର ଅପରେଟରଙ୍କ ସହ ମିଶି ପରୀକ୍ଷାରେ ଜାଲିଆତି କରିଥିଲେ। ପରୀକ୍ଷା ଚାଲିଥିବା ସମୟରେ ସେମାନେ ପରୀକ୍ଷାର୍ଥୀଙ୍କ କମ୍ପ୍ୟୁଟରଗୁଡ଼ିକୁ ହାଇଜାକ୍ କରିବା ପାଇଁ ନକଲି ସର୍ଭର ଏବଂ ରିମୋର୍ଟ ଆକ୍ସେସ ଉପକରଣ ବ୍ୟବହାର କରିଥିଲେ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ୪ରୁ ୫ଲକ୍ଷ ଟଙ୍କା ମଗାଯାଇଥିଲା। ଯେଉଁମାନେ ଏଥିରେ ରାଜି ହୋଉଥିଲେ ସର୍ଭର ଗ୍ୟାଙ୍ଗ ସେମାନଙ୍କ କମ୍ପ୍ୟୁଟରକୁ ନିଜ ନିୟନ୍ତ୍ରଣକୁ ନେଇ ପ୍ରଶ୍ନପତ୍ରର ଉତ୍ତର ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ଆସିବା ପରେ ଉକ୍ତ ପରୀକ୍ଷାକୁ ବାତିଲ କରାଯିବା ସହ ଏଥିରେ ରବି ଭୂଷଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି ଘଟଣାର ତଦନ୍ତ ସମୟରେ ଏସ୍‌ଆଇଟି ରବି ଭୂଷଣ ଏବଂ ଶଶିଙ୍କଠାରୁ ୩ଟି ମୋବାଇଲ ଜବତ କରିଥିଲା। ୨୦୧୭ରୁ ରବି ଭୂଷଣ ପାଟନାରେ ଥିବା ଗାଲାକ୍ସି ଅନ୍‌ଲାଇନ ସେଣ୍ଟର ମାଧ୍ୟମରେ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ମାନବ ସମ୍ବଳ ଯୋଗାଇଥାନ୍ତି ବୋଲି ଜଣାପଡ଼ିଥିଲା। ସେ ପରବର୍ତ୍ତୀ ସମୟରେ ତାଙ୍କର ଏହି ନେଟଓ୍ୱର୍କ ଦିଲ୍ଲୀ ଏବଂ ମୁମ୍ବାଇକୁ ଲମ୍ବାଇଥିଲେ। ଏମ୍/ଏସ୍ ବ୍ରାଇଟ୍ଜି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ଜରିଆରେ ସେ ବିଭିନ୍ନ ଅନ୍‌ଲାଇନ ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେଉଥିଲେ। ଉକ୍ତ ନେଟଓ୍ୱର୍କରେ ରବିଙ୍କ ଭାଇ ଅଭଧ ଭୂଷଣ ଏବଂ ଭାରତ ଭୂଷଣ ସମ୍ପୃକ୍ତ ଥିଲେ। ସେମାନେ ୨୦୨୪ ଡିସେମ୍ବରରେ ଆନ୍ଧ୍ରପ୍ରଦେଶ ମଙ୍ଗଳାଗିରି ଏଏମ୍‌ଏସ୍‌ରେ ନିଯୁକ୍ତି ପରୀକ୍ଷା କରିବା ପାଇଁ ଟେଣ୍ଡର ହାତେଇଥିବା ଜଣାପଡ଼ିଥିଲା। ସିଏଚ୍‌ଓ ନିଯୁକ୍ତି ପରୀକ୍ଷା ଜାଲିଆତି ଅଭିଯୋଗରେ ଇଓୟୁ ଏକ ମାମଲା(ନଂ. ୨୮/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଙ୍ଗଲରେ ୩ ଟ୍ରାପ୍ କ୍ୟାମେରା, ବିଟ୍ ହାଉସ୍ ଭାଙ୍ଗିଲେ

### ସୀମାରେ ମାଓବାଦୀ ପ୍ରବେଶ ସନ୍ଦେହ

ଢେଙ୍କାନାଳ,୮।୪ (ରତନ ନାୟାର)

ଗତ କିଛିଦିନ ହେବ ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲା ସୀମାବର୍ତ୍ତୀ ଅଞ୍ଚଳରେ କେତେଜଣ ସନ୍ଦିଗ୍ଧ ଲୋକଙ୍କ ବୁଲାଚଲାକୁ ନେଇ ଆଲୋଚନା ଜୋର ଧରିଛି। ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ଅଞ୍ଚଳ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ପାଇଁ ଲାଗିଥିବା ୩ଟି ଟ୍ରାପ୍ କ୍ୟାମେରାକୁ କେତେଜଣ ସନ୍ଦିଗ୍ଧ ବ୍ୟକ୍ତି ଭାଙ୍ଗି ଦେଇଥିବାବେଳେ ବନବିଭାଗର ବିଟ୍ ହାଉସରେ ମଧ୍ୟ ଭଙ୍ଗାରୁଜା କରାଯାଇଛି। ଏହି ଘଟଣା ପରେ କଙ୍କଡାହାଡ଼ ଥାନାର ସୀମାବର୍ତ୍ତୀ ଅଞ୍ଚଳ ଏକୁଲ, ସେକୁଲ ଓ ପୁଟିପୋଳ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ନେଇ ମଙ୍ଗଳବାର ଚର୍ଚ୍ଚା ଜୋର ଧରିଛି। ଏହି ଖବରକୁ ନେଇ ପୋଲିସ ଓ ବନବିଭାଗର ଚିନ୍ତା ବଢ଼ିଯାଇଛି। ଏପରି କି ଏହି ଖବର ପରେ ଜିଲାର ଜଣେ ପୋଲିସ ଅଧିକାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରିବା ପାଇଁ କୁହାଯାଇଥିବା ଜଣାପଡ଼ିଛି।

ଢେଙ୍କାନାଳ ପୋଲିସ ପ୍ରଶାସନ ଏହି ଘଟଣାକୁ ନେଇ କେନ୍ଦୁଝର ଜିଲା ପୋଲିସ ପ୍ରଶାସନ ସହିତ ଆଲୋଚନା କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଏସ୍‌ପି ଅଭିନବ ସୋନ୍‌କର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମ ପାଖରେ ମାଓବାଦୀ ନେଇ କୌଣସି ଖବର ନାହିଁ। ବନବିଭାଗ ପକ୍ଷରୁ ମଧ୍ୟ ଆମକୁ କୌଣସି ସୂଚନା ଦିଆଯାଇନାହିଁ। ଯେହେତୁ କିଛି ଖବର ମିଳୁଛି, ଏହାକୁ ନେଇ ଆମେ ଖୁବ୍‌ଶୀଘ୍ର ଯାଞ୍ଚ କରିବୁ। ମାଓବାଦୀମାନେ ଛତିଶଗଡ଼ କିମ୍ବା ପଶ୍ଚିମବଙ୍ଗରୁ ଆସିଥାଇପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଛି। ପ୍ରାୟ ୧୬/୧୭ବର୍ଷ ତଳେ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ଥିବାବେଳେ କଣ୍ଡାର ବିଟ୍ ହାଉସଠାରେ ସେହି ସମୟରେ ମାଓବାଦୀ ୪ ଜଣ ବନ କର୍ମଚାରୀଙ୍କୁ ହତ୍ୟା କରିଥିଲେ।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ (ଏଡିଜେ) କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ୱେଷ୍ଟସିଂହଭୂମ ଜିଲା ମଞ୍ଜହରି ଥାନା ଅଧୀନ ଦୁବିଲା ଗ୍ରାମର ଅମର ସିଂ ବିରୁଆ(୩୫)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମାର୍ଚ୍ଚ ୨୫ରେ ମୁଣ୍ଡୁରା ଗ୍ରାମର ରାମଚନ୍ଦ୍ର ନାଏକ ଘରେ କାହାକୁ ନ ଜଣାଇ କୁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ବସନ୍ତପୁର ରାସ୍ତାରେ ତାଙ୍କର ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ମୃତକଙ୍କ ପୁଅ ମନ ନାଏକ କେନ୍ଦୁଝର ନୟାକୋଟ ଥାନାରେ ଅଭିଯୋଗ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୧୩/୧୫) ରୁଜୁ କରି ତଦନ୍ତ ଚଳାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରିଥିଲେ।

## ସ' ମିଲ୍ ମାଲିକଙ୍କୁ ଗୁଳି କରି ହତ୍ୟା ଘଟଣା

# ଆଉ ଜଣେ ଧରାପଡ଼ିଲେ



ଗିରଫ ଅଭିଯୁକ୍ତ।



ଜବତ ପିସ୍ତଲ, ଗୁଳି, ମାଗାଜିନ୍ ଓ ନଗଦ ଟଙ୍କା।

### ଗୋଟିଏ ପିସ୍ତଲ, ୮ ଜୀବନ୍ତ ଗୁଳି ସହ ବୋଲେରୋ ଜବତ

ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଅଞ୍ଚଳର ସ' ମିଲ୍ ମାଲିକ ସେକ ଜସିମ୍‌ଙ୍କୁ ଗୁଳି କରି ହତ୍ୟା ଘଟଣାରେ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ସୋମବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସମଷ୍ଟିପୁର ଜିଲା ଫୁଲହରା ଗ୍ରାମର ଚନ୍ଦ୍ରମୋହନ ଝା। ତାଙ୍କଠାରୁ ଗୋଟିଏ ପିସ୍ତଲ, ୮ଟି ଜୀବନ୍ତ ଗୁଳି, ୨ ମାଗାଜିନ୍, ନଗଦ ୧୪ହଜାର ଟଙ୍କା ସହ ଗୋଟିଏ ବୋଲେରୋ (ନଂ. ଓଡି୦୯ପି-୦୮୫୦) ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି।

୨୦୨୪ ଜୁନ୍ ୪ରେ ସେକ ଜସିମ୍ ସୋମନାଥପୁର ସ' ମିଲ୍‌ରୁ କାର୍ ଯୋଗେ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏକ କାର୍‌ରେ ଆସି ବଡ଼ଗାଁସ୍ଥିତ ରେଲୱେ ଲେଭଲ କ୍ରସିଂଠାରେ ଜସିମ୍‌ଙ୍କ ଉପରକୁ ଅତର୍କିତ ୪ ରାଉଣ୍ଡ ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ତାଙ୍କ ଛାତି, ପିଠି ଓ ହାତରେ ଗୁଳି ବାଜିବା ପରେ ସେ ଗୁରୁତର ଆହତ ହୋଇଥିଲେ। ଡ୍ରାଇଭର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଥାନାରେ ଏକ ହତ୍ୟା ମାମଲା (ନଂ. ୮୭/୨୪) ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୨୦୨୪ ଅକ୍ଟୋବର ୧୨ରେ ମୁଖ୍ୟ ଅଭିଯୁକ୍ତ ବିହାର ରାଜ୍ୟ ଔରଙ୍ଗାବାଦର ମୁଫାସିଲ୍ ଥାନା ରାଉଲବିଘା ଗ୍ରାମର ସଞ୍ଜୟ ସିଂଙ୍କୁ ଗିରଫ କରାଯାଇଥିଲା। ସେ ବାମପଦାସ୍ଥିତ ସୋମନାଥପୁର ଗ୍ରାମର ଶ୍ୱଶୁର ଘରେ ରହୁଥିଲେ। ତାଙ୍କଠାରୁ ଏକ ପିସ୍ତଲ ସହ ୬ଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ସବରଙ୍ଗ ଥାନା ପଦ୍ମପୁର ଗ୍ରାମର ଲକ୍ଷ୍ମୀଧର ସେଠୀଙ୍କୁ କୁରୁଡ଼ାସ୍ଥିତ ଏକ ମଦ ବାର୍‌ରୁ ଅକ୍ଟୋବର ୧୩ରେ ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ଏକ ପିସ୍ତଲ ସହ ୩ଟି ଜୀବନ୍ତ ଗୁଳି ଓ ଏକ ମୋବାଇଲ ଜବତ ହୋଇଥିଲା। ଏହି ହତ୍ୟା ମାମଲାରେ ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ସ' ମିଲ୍ ମାଲିକଙ୍କୁ ହତ୍ୟା କରିବା ପାଇଁ ପୂର୍ବରୁ ସୁପାରି ନେଇଥିଲେ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ରିମାଣ୍ଡରେ ସତ ଓକାଳିଲେ ନକଲି ଡିଏସ୍‌ପି, କନ୍‌ଷ୍ଟେବଲ

### ଜାଲ୍ ନୋଟ୍ କାରବାରରେ ଲିଙ୍କ୍ ପାଇଲା ପୋଲିସ

- ପୁଣି ଆସିପାରନ୍ତି ରିମାଣ୍ଡରେ ମାନସ, ଆଶିଷ
- ନକଲି ନୋଟ୍ ଲିଙ୍କ୍‌ରେ ଗିରଫ ହେବେ ଅନ୍ୟ ଅଭିଯୁକ୍ତ

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ରାଜଧାନୀରେ ଶହୀଦନଗର ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ କନ୍‌ଷ୍ଟେବଲଙ୍କ ଆଶିଷ ସ୍ୱାଇଁଙ୍କ ଗୁମର ଖୋଲିବାରେ ଲାଗିଛି। ଦୁଇ ଅଭିଯୁକ୍ତ ୨ଦିନିଆ ପୋଲିସ ରିମାଣ୍ଡରେ ଆସିଥିବାବେଳେ ବହୁ ସତ ଓଗଳିଥିବା ଜଣାପଡ଼ିଛି। ଗୁରୁବାରଠାରୁ ଅଭିଯୁକ୍ତଦ୍ୱୟ ରିମାଣ୍ଡରେ ଆସି ଶନିବାର ଜେଲ ଫେରିଥିଲେ। ତେବେ ଏହି ସମୟ ମଧ୍ୟରେ ସେମାନଙ୍କ ଅପରାଧ ରେକର୍ଡରେ ବହୁ ତଥ୍ୟ ସହ ଜାଲ ନୋଟ କାରବାରର ଲିଙ୍କ୍ ମଧ୍ୟ ପୋଲିସ ପାଇଛି। ଗିରଫ ପରେ ମାନସଙ୍କ ଭଡ଼ା ଘରୁ ୧ ଲକ୍ଷ ୯୩ ହଜାର ଟଙ୍କାର ୩୮୬ଟି ୫୦୦ ଟଙ୍କିଆ ଜାଲ୍ ନୋଟ ମିଳିଥିବାବେଳେ ଏହା କେଉଁଠୁ ଆସିଥିଲା ସେନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ତେବେ ତଦନ୍ତବେଳେ ଏହି କାରବାରରେ ଆଉ ଦୁଇ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଧରାପଡ଼ିବା ଦିନ କନ୍‌ଷ୍ଟେବଲ ଚାକିରି ଦେବାକୁ କହି ମାନସ ଦୁଇ ଲକ୍ଷ ଟଙ୍କା ନେଇଥିଲେ, ଯାହା ନକଲି ନୋଟ ଥିଲା ବୋଲି ସେ ଜାଣିପାରି ନ ଥିଲେ। ଏପରିକି ସେଥିରୁ କିଛି ଖର୍ଚ୍ଚ ମଧ୍ୟ କରିଦେଇଥିଲେ। ତେଣୁ କେଉଁଠାରେ ସେହି ଜାଲ୍ ନୋଟ ବ୍ୟବହାର କରାଯାଇଛି, ସେନେଇ ପୋଲିସ ଖୋଳତାଡ଼ କରୁଛି।

ଏନେଇ ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି, ଜାଲ୍ ନୋଟ ଉଚ୍ଚମାନର ହୋଇଥିବାବେଳେ ତାହାକୁ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯାଇଛି। ତେବେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାବେଳେ ଏହି ଜାଲ୍ ନୋଟ କାରବାର ସମ୍ପର୍କରେ ଆମକୁ ତଥ୍ୟ ପ୍ରମାଣ ମିଳିଛି। ଏହାପଛରେ ଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଡିସିପି ମୀନା କହିଛନ୍ତି। ତେବେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୩-୨୪ ବିଳମ୍ବିତ ରାତିରେ ଶହୀଦନଗର ଥାନା ଟିମ୍ ଆଇଡିବିଆଇ ଛକରେ ବ୍ଲକିଂ ଚେକିଂ କରୁଥିବାବେଳେ ମାନସ ଓ ତାଙ୍କ ସହଯୋଗୀ ଧରାପଡ଼ିଥିଲେ। ମାନସ ଓ ଆଶିଷ କାର୍ ଯୋଗେ ବାଣୀବିହାରରୁ ଖାରବେଳନଗର ଅଭିମୁଖେ ଯାଉଥିବା ବେଳେ ଫସିଯାଇଥିଲେ। ମାନସ ଚଢ଼ା ଗଳାରେ ନିଜକୁ ପ୍ରୋବେଶନାରି ଡିଏସ୍‌ପି ଏବଂ ଆଶିଷ ପ୍ରୋବେଶନାରି କନ୍‌ଷ୍ଟେବଲ ପରିଚୟ ଦେଇଥିଲେ। ତେବେ କାର୍ ଆଗରେ ଥିବା ଏସ୍‌ଆଇ ଟୋପିକୁ ଦେଖି ଜ୍ୟୋତିଙ୍କ ସନ୍ଦେହ ହୋଇଥିଲା। ଜ୍ୟୋତି ସେମାନଙ୍କୁ ନିଜ ବ୍ୟାଚ୍ ଓ ସହକର୍ମୀମାନଙ୍କ ବିଷୟରେ ପଚାରିଥିଲେ। ମାନସ ମିଛ କହିବା ସହ ସେଠାରୁ କଳେବଳେ ଖସିଯିବାକୁ ଚେଷ୍ଟା କରିଥିଲେ। ଉଭୟ ନକଲି ବୋଲି ଜଣାପଡ଼ିବା ପରେ ପୋଲିସ ଟିମ୍ ଉଭୟଙ୍କୁ ଗିରଫ କରିଥିଲା।





ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.01-KUR-TRD-OT-2025-26
କାର୍ଯ୍ୟର ନାମ: ଭଦ୍ରକ-ପଲାସା (ଭଦ୍ରକ-ଦୁବାଡ଼ା) ସେକ୍ସନରେ LTE (ଦୀର୍ଘକାଳୀନ ବିବର୍ତ୍ତନ) ଭିତ୍ତିକ ମୋବାଇଲ ଟ୍ରେନ୍ ରେଡିଓ ଉପକରଣର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଅଗ୍ଜିଲିଆରୀ ଟ୍ରାନ୍ସଫର୍ମର (ATs) ଗୁଡ଼ିକର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,52,04,868.94, EMD (ଟଙ୍କାରେ) : 2,26,000/-, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.11.04.2025 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.04.2025 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-15/Q/25-26

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified
MARKETING DEPARTMENT
TEL:0661-2510384/2447623 FAX NO.:0661-2510028/2510907
SUB: OPEN SALE NOTICE FOR AMMONIUM SULPHATE
SAIL-RSP, intends to Sale Ammonium Sulphate of 10000 T. Order for a period of ONE year as per the following details:

| | |
|---|---|
| Ammonium Sulphate REF:MKTG/AMM.SULPHATE/2025-26/39 Dt.04/04/2025 | 10000 T for one year |

Tenderers who are interested in participating in the Tender, can download the Detailed Tender Documents from SAIL website (www.sailtenders.co.in) and submit their application on or before 18.00 Hrs of 18/04/2025 as per the instructions given in the open sale notice Documents.
GM I/c (Marketing)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ଜୁଭେନାଇଲ୍ କୋର୍ଟରେ ହାଜର ହେଲେ ୮ ଛାତ୍ର

### ଛାତ୍ରାବାସରେ ରାଗିଂ ଘଟଣା

ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଉଚ୍ଚ ବିଦ୍ୟାଳୟ (ଏସ୍‌ଏସ୍‌ଡି) ଛାତ୍ରାବାସରେ ରାଗିଂ ଘଟଣାକୁ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଗିଂରେ ସମ୍ପୃକ୍ତ ୮ ଛାତ୍ରଙ୍କୁ ମଙ୍ଗଳବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିଛି। ତେବେ ସମସ୍ତ ଛାତ୍ର ୧୦ମ ଶ୍ରେଣୀର ହୋଇଥିବାରୁ ପାଠପଢ଼ା ଓ ପରୀକ୍ଷାକୁ ଦୃଷ୍ଟିରେ ରଖି ବୋର୍ଡ ସେମାନଙ୍କୁ ନିଜ ନିଜ ଅଭିଭାବକଙ୍କ ଦାୟିତ୍ୱରେ ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୪ ତାରିଖ ରାତି ୧୦ଟା ୩୦ରେ ଛାତ୍ରାବାସରେ ବସି ୮ ଜଣ ଛାତ୍ର ମଦ ପିଉଥିଲେ। ୬ଷ୍ଠ ଶ୍ରେଣୀର ଜଣେ ଛାତ୍ର ଏହା ଦେଖି ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଏଥିରେ ରାଗିଯାଇ ମଦ୍ୟପାନ କରୁଥିବା ଛାତ୍ରମାନେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଲୁହାରଡ୍‌ରେ ନିସ୍ତୁକ ପିଟିଥିଲେ। ପରେ ଏକ ବନ୍ଦ କୋଠରି ମଧ୍ୟରେ ଅଟକ ରଖି ଘଟଣା ବାବଦରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗୋ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ**
**ନିଇତି କାଚିଲେ ନିଇତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେ ବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

DIR/03/04/2025-2026/Laundry Services
Govt. of Jharkhand
Office of the Director
Ranchi Institute of Neuro-Psychiatry & Allied Sciences
Kanke, Ranchi – 834006 (Ph.:2450303, 2450813)
https://rinpas.jharkhand.gov.in,, Director-rinpas@jharkhandmail.gov.in & Directorrinpas@gmail.com
E-tender notice No DIR/03/04/2025-2026/Laundry Services are invited in two bid system (Technical & Price Bid) through e-tendering process only from competent and eligible agencies, for a period of minimum one year.

| | |
|---|---|
| Date on publication on website | 11/04/2025, 11.30 A.M. |
| Pre-Bid Conference | 16/04/2025, 12.30 P.M. |
| Date of start of Online Bid Submission | 19/04/2025, 11.30 A.M. |
| Last Date and time for submission of Bids | 03/05/2025, 17.00 P.M. |
| Opening of bidding Technical Part "A" | 05/05/2025, 12.30 P.M. |

Note:- For further details, please visit website http://jharkhandtenders.gov.in
रिनपास पत्रांक 776 दि0:– 07/04/2025
Sd/- Director, RINPAS, Kanke, Ranchi
PR.NO.349896 RINPAS(25-26):D

झारखण्ड सरकार
पेयजल एवं स्वच्छता विभाग
ई–प्रोक्योरमेन्ट सूचना अति अल्पकालिन
(प्रथम आमंत्रण)
ई–निविदा सूचना संख्या - (धनबाद) 02/2025-26 तिथि – 08-04-2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 15-04-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 22-04-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 22-04-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 23-04-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू० में) | अग्रधन की राशि (रू० में) | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation and Commissioning of 33KV & 11KV Outdoor Vaccum Circuit Breaker and 11KV indoor Vaccum Circuit Breaker of Electric Sub-Station at WTP Bhelatand of Dhanbad Urban Water Supply Scheme under D.W. & S. Mechanical Division Dhanbad | 99,80,133.00 | 1,99,700.00 | 10,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम शर्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।
कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद।
PR 349967 (Drinking Water and Sanitation) 25-26 (D)

MILK UNION
GOSHALA, SAMBALPUR
TENDER NOTICE FOR ENGAGEMENT OF SECURITY AGENCY
Tender Notice floated for Engagement of Security Agency for deployment of Security Guard and Office Boy at various Units of this Milk Union - 13 Nos.
Detail tender documents can be purchased from Milk Union office or download from our website: **www.samul.in** from **09.04.2025** onward. Last date of submission is **30th April' 2024 by 5.00 P.M.**
Tender Paper Cost - Rs.5000/- + 18% GST
EMD - Rs.50,000/-
General Manager

छत्तीसगढ़ शासन, जल संसाधन विभाग
कार्यालय कार्यपालन अभियंता, जल संसाधन संभाग, बैकुण्ठपुर, जिला: कोरिया (छ.ग.)
ई-प्रोक्योरमेंट निविदा सूचना
e-Procurement Portal: https://eproc.cgstate.gov.in
निविदा निरस्तीकरण सूचना
इस कार्यालय के निविदा सूचना क्रमांक 10/वलेलि/2024-25 सिस्टम निवदा क्रमांक 162940 दिनांक 17.12.2024 (प्रथम आमंत्रण) द्वारा विज्ञापन क्रमांक जी. 242504692 के माध्यम से अंजनी जलाशय योजना के नहर विस्तारीकरण एवं सी.सी. चैनल का निर्माण कार्य हेतु आनलाईन निविदा आमंत्रित की गई थी। उक्त निविदा में भाग लिये गये 02 निविदाकारो का प्री बिड सक्षम एवं अधिकृत अधिकारी द्वारा आनलाईन खोला गया। जिसमें भाग लिए गये 02 निविदाकारो का आयोग्य घोषित किया गया। अतः उक्त प्रथम आनलाईन आमंत्रित निविदा को निरस्त किया जाता है।
स्वा./- (ए. टोप्पो)
कार्यपालन अभियंता
जल संसाधन संभाग, बैकुण्ठपुर, जिला कोरिया (छ.ग.)
कृते - मुख्य अभियंता हसदेव गंगा कछार
जल संसाधन विभाग, अंबिकापुर, सरगुजा (छ.ग.)
G-252600107/2

# ଭାଜପା ନେତାଙ୍କ ଘରେ ଗ୍ରେନେଡ୍ ମାଡ଼

## ପାକିସ୍ତାନୀ ସମେତ ୨ ଗିରଫ

## ଆଇଏସ୍ଆଇ ମାଷ୍ଟରମାଇଣ୍ଡ



ପୋଲିସ ଓ ଫୋରେନ୍ସିକ ଟିମ୍ ବିସ୍ଫୋରଣ ସ୍ଥଳ ଯାଞ୍ଚ କରୁଛନ୍ତି।

ଚଣ୍ଡିଗଡ଼,୮।୪

ପଞ୍ଜାବର ଭାଜପା ନେତା ମନୋରଞ୍ଜନ କାଲିଆଙ୍କ ଜଳନ୍ଧରସ୍ଥିତ ଘର ବାହାରେ ଗ୍ରେନେଡ୍ ମାଡ଼ ଘଟଣାରେ ପଞ୍ଜାବ ପୋଲିସ ମଙ୍ଗଳବାର ଜଣେ ପାକିସ୍ତାନୀଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହା ପଛର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି।

ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ଆକ୍ରମଣରେ ବ୍ୟବହୃତ ଅଟୋରିକ୍ସାକୁ ଜବତ କରିଛି। ଆକ୍ରମଣ ପଛରେ ଆଇଏସ୍ଆଇ ଏବଂ ବିଷ୍ଣୋଇ ଗ୍ୟାଙ୍ଗର ଷଡ଼ଯନ୍ତ୍ର ରହିଛି। ବେଆଇନ ଖଲିସ୍ତାନୀ ସଂଗଠନ ବିକେଆଇ (ବାବର ଖାଲ୍ସା ଇଣ୍ଟରନ୍ୟାଶନାଲ)ର ସମ୍ପୃକ୍ତି ଥିବା ନେଇ ମଧ୍ୟ ତଦନ୍ତ ଜାରି ରହିଛି। ରାଜ୍ୟରେ ସାମ୍ପ୍ରଦାୟିକ ସଦ୍ଭାବକୁ ଭଣ୍ଡୁର କରିବା ଲକ୍ଷ୍ୟରେ ଏହା ଏକ ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି ଅତିରିକ୍ତ ପୋଲିସ ଡିଜି ଅର୍ପିତ ଶୁକ୍ଲା କହିଛନ୍ତି। ବିକେଆଇ ସହ ସେମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଥିବା ଶୁକ୍ଲା କହିଛନ୍ତି।

ସୋମବାର ରାତି ୧ଟା ବେଳେ ପୂର୍ବତନ ମନ୍ତ୍ରୀ କାଲିଆଙ୍କ ଘର ବାହାରେ ବିସ୍ଫୋରଣ ହୋଇଥିଲା। ସେତେବେଳେ କାଲିଆ ଘରେ ଥିଲେ ମଧ୍ୟ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ବିସ୍ଫୋରଣରେ ଝରକା କାଚ ଭାଙ୍ଗିବା ସହ ଗୋଟିଏ ଏସ୍‌ୟୁଭି ଏବଂ ଗୋଟିଏ ମୋଟରସାଇକେଲ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀ ଏକ ଇ-ରିକ୍ସାରେ ଆସି ଆକ୍ରମଣ ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ବିସ୍ଫୋରଣ ଘଟଣାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଆପ୍ ସରକାରଙ୍କୁ ନିନ୍ଦା କରିଛନ୍ତି। ଏହି ସରକାର ଅମଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବ ସରକାରଙ୍କ ଗୋଇନ୍ଦା ବିଭାଗ, ଡିଜିପି ଏବଂ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମାନ୍‌ଙ୍କ ଅପାରଗତାରୁ ଏହି ବିସ୍ଫୋରଣ ଘଟିଲା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଜଣେ ବରିଷ୍ଠ ହିନ୍ଦୁ ନେତାଙ୍କ ବିରୋଧରେ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଅଭଯୋଗ କରିଛନ୍ତି। ଆପ୍ ସରକାର ବିରୋଧରେ ଭାଜପା ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଛି। ଗତ ୪/୫ ମାସ ମଧ୍ୟରେ ଅମୃତସର, ଗୁରୁଦାସପୁର ସମେତ ବିଭିନ୍ନ ସ୍ଥାନରେ ପୋଲିସ ପୋଷ୍ଟକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିବାବେଳେ ପ୍ରଥମ ଥର ପାଇଁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଘରକୁ ଟାର୍ଗେଟ କରାଯାଇଛି। ଗତ ମାସରେ ଅମୃତସର ମନ୍ଦିର ବାହାରେ ବିସ୍ଫୋରଣ ହୋଇଥିଲା।

# ୧୫ରେ ୱାକ୍‌ଫ ଶୁଣାଣି

## କ୍ୟାଭିଟ୍ ଦାଖଲ କଲା କେନ୍ଦ୍ର

ନୂଆଦିଲ୍ଲୀ,୮।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ। କେନ୍ଦ୍ର ସରକାର ମଧ୍ୟ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ଏକ କ୍ୟାଭିଟ୍ ଦାଖଲ କରିଛନ୍ତି। ଏହି ମାମଲାରେ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କ୍ୟାଭିଟ୍‌ର ଶୁଣାଣି ପାଇଁ କେନ୍ଦ୍ର ପକ୍ଷରୁ ନିବେଦନ କରାଯାଇଛି। ଅଲ୍ ଇଣ୍ଡିଆ ପର୍ସୋନେଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଏତ୍ ଉଲମା-ଇ-ହିନ୍ଦ୍, ବିଭିନ୍ନ ରାଜନେତାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ନୂଆ ଆଇନକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଏର କରିଥିଲେ। ୧୫ରେ ସେଗୁଡ଼ିକର ଶୁଣାଣି ହେବ ବୋଲି ପିଟିଶନ ସହ ଜଡ଼ିତ ଜଣେ ଆଇନଜୀବୀ କହିଛନ୍ତି। ତେବେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଶୁଣାଣି ସମ୍ପର୍କିତ କୌଣସି ତାରିଖ ଦର୍ଶାଯାଇନାହିଁ। ପିଟିଶନଗୁଡ଼ିକର ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବାକୁ ବିଚାର କରାଯାଉଥିବା ସୋମବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ହାଇଦ୍ରାବାଦ ବିସ୍ଫୋରଣ: ୫ ଦୋଷୀଙ୍କ ଫାଶୀଦଣ୍ଡ କାଏମ

ହାଇଦ୍ରାବାଦ, ୮।୪

୨୦୧୩ରେ ହାଇଦ୍ରାବାଦର ଦିଲ୍‌ସୁଖ ନଗରରେ ହୋଇଥିବା ବୋମା ବିସ୍ଫୋରଣ ମାମଲାରେ ଇସଲାମିକ୍ ଆତଙ୍କବାଦୀ ସଙ୍ଗଠନ ଇଣ୍ଡିଆନ୍ ମୁଜାହିଦ୍ଦିନର ୫ ସଦସ୍ୟଙ୍କ ଫାଶୀ ଦଣ୍ଡାଦେଶକୁ ମଙ୍ଗଳବାର ତେଲଙ୍ଗାନା ହାଇକୋର୍ଟ କାଏମ ରଖିଛନ୍ତି। ୨୦୧୬ ଡିସେମ୍ବରରେ ଜାତୀୟ ତଦନ୍ତ ଏଜେନ୍ସି(ଏନ୍ଆଇଏ)ର ସ୍ୱେଶାଲ କୋର୍ଟଙ୍କ ଦ୍ୱାରା ଏହି ୫ ଦୋଷୀ ଜିଆ ଉର୍ ରହମାନ, ୟାଶିନ ଭଟକଲ, ତହସୀନ ଅଖତର, ଏଜାଜ ଶେଖ, ମହମ୍ମଦ ତହସୀନ ଅଖତରଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ପ୍ରକାଶ ଯେ, ୨୦୧୩ ଫେବୃଆରୀ ୨୧ରେ ଦିଲ୍‌ସୁଖ ନଗରସ୍ଥିତ ବୋମା ବିସ୍ଫୋରଣରେ ୧୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୩୧ ଜଣ ଆହତ ହୋଇଥିଲେ।

# କଶ୍ମୀର ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଶ୍ରୀନଗର,୮।୪

ନିକଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ ଉପରେ ଜମ୍ମୁ-କଶ୍ମୀର ବିଧାନସଭାରେ ଆଲୋଚନା ପାଇଁ ବାଚସ୍ପତି ଅବଦୁଲ ରହିମ ରାଠେର ଅନୁମତି ଦେଇ ନ ଥିବାରୁ ତାଙ୍କ ବିରୋଧରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏବଂ ପିପୁଲ୍ସ କନ୍‌ଫରେନ୍ସ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବାଚସ୍ପତିଙ୍କ ବହିଷ୍କାର ଦାବିକରି ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା ବିଧାୟକ ସାଜଦ ଗନି ଲୋନ୍ ଏବଂ ପିଡିପି ବିଧାୟକ ମିର୍ ମହମ୍ମଦ ଫୟେଜ ଓ ରଫିକ ଅହମଦ ନାଏକ ରୁଲ୍ ୨୧୫(ଏ) ଅନୁଯାୟୀ, ଅନାସ୍ଥା ନୋଟିସ୍ ଦେଇଛନ୍ତି। ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଅନୁମତି ନ ଦେବା ସମେତ ବିଭିନ୍ନ କାର୍ଯ୍ୟକୁ ନେଇ ବାଚସ୍ପତି ଗୃହରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବାଚସ୍ପତିଙ୍କ ଏଭଳି ବ୍ୟବହାର ଗଣତାନ୍ତ୍ରିକ ସିଦ୍ଧାନ୍ତ ଏବଂ ବିଧାନସଭା ପରିଚାଳନା ପ୍ରକ୍ରିୟାର ଅବମାନନା କରୁଥିବା ଅନାସ୍ଥା ନୋଟିସ୍‌ରେ କୁହାଯାଇଛି। ୱାକ୍‌ଫ ସଂଶୋଧନ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ ତାହା ଅଦାଲତଙ୍କ ବିଚାରାଧୀନ ରହିଛି। ତେଣୁ ଜମ୍ମୁ-କଶ୍ମୀର ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ତାଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧୀ ଦଳ ସମେତ ସରକାରୀ ଦଳର ସଦସ୍ୟମାନେ ମଧ୍ୟ ପ୍ରତିବାଦ ଜଣାଇଥିଲେ।



ଅବଦୁଲ ରହିମ ରାଠେର

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ୟୁଏଇ

ନୂଆଦିଲ୍ଲୀ, ୮।୪

ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକତୁମ ମଙ୍ଗଳବାର ୨ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ନୂଆଦିଲ୍ଲୀସ୍ଥିତ ବିମାନ ବନ୍ଦରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ସ୍ୱାଗତ କରିଥିଲେ। ମଙ୍ଗଳବାର ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମ୍ପର୍କକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ଉଭୟ ଦେଶ ପରସ୍ପର ସହ ପ୍ରତିରକ୍ଷା ଏବଂ ତଟରକ୍ଷୀ ବାହିନୀ ସହଯୋଗକୁ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେହିପରି ଏହି ଆଲୋଚନାରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ସଂଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ବିଚାର ବିମର୍ଶ ହୋଇଛି। କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍‌ଙ୍କର ଏହି ଗସ୍ତ ଭାରତ ଏବଂ ୟୁଏଇ ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସହଯୋଗ ପାଇଁ ପଥ ପ୍ରସ୍ତୁତ କରିଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରକାଶ ଯେ, ଶେଖ୍ ହମଦାନ ବିନ୍ ହେଉଛନ୍ତି ୟୁଏଇର ଉପ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ। ତାଙ୍କ ସହ ଏହି ଭାରତ ଗସ୍ତରେ ୟୁଏଇର ଏକ ପ୍ରତିନିଧି ଦଳ ରହିଛନ୍ତି, ଯେଉଁଥିରେ ୟୁଏଇର ଅନେକ ମନ୍ତ୍ରୀ ଏବଂ ଶୀର୍ଷ ବାଣିଜ୍ୟିକ ନେତା ସାମିଲ ଅଛନ୍ତି।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଆଲୋଚନା କରୁଛନ୍ତି।

## ୨୦୦୮ ଜୟପୁର ବିସ୍ଫୋରଣ

# ୪ ଦୋଷୀଙ୍କୁ ଆଜୀବନ

ଜୟପୁର, ୮।୪

୨୦୦୮ ଜୟପୁର ସିରିଏଲ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣ ଆତଙ୍କବାଦୀଙ୍କୁ ମଙ୍ଗଳବାର ଜୟପୁରର ସ୍ୱତନ୍ତ୍ର ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜଷ୍ଟିସ୍ ରମେଶ କୁମାର ଜୋଷୀଙ୍କ ଖଣ୍ଡପୀଠ ୪ ଆତଙ୍କବାଦୀ ସରୱର ଆଜମୀ, ସୈଫୁର ରହମାନ, ମହମ୍ମଦ ଶୈଫ, ଶାହବାଦ ଅହମ୍ମଦଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଗତ ୪ତାରିଖରେ ଜୟପୁରର ସ୍ୱତନ୍ତ୍ର ଅଦାଲତ ଉକ୍ତ ୪ ଆତଙ୍କବାଦୀଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୮ ଏପ୍ରିଲ ୧୩ ସିରିଏଲ ବିସ୍ଫୋରଣରେ ୭୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୮୫ ଜଣ ଆହତ ହୋଇଥିଲେ। ଘଟଣାର ୧୭ ବର୍ଷ ପରେ ଦଣ୍ଡ ଘୋଷଣା କରାଯାଇଛି।

# ବହିଷ୍କାର ନିର୍ଦ୍ଦେଶ ପରେ ଆମେରିକା ଛାଡ଼ି ନ ଥିଲେ ଦିନକୁ ୯୯୮ ଡଲାର ଜରିମାନା

ୱାଶିଂଟନ,୮।୪

ବହିଷ୍କାର ନିର୍ଦ୍ଦେଶ ପରେ ଯେଉଁ ଆପ୍ରବାସୀମାନେ ଆମେରିକା ଛାଡ଼ି ନ ଥିବେ, ସେମାନଙ୍କ ଉପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦୈନିକ ୯୯୮ ଡଲାର ଜରିମାନା ଲଗାଇବେ ବୋଲି ଯୋଜନା କରିଛି। ଯଦି ସେମାନେ ଜରିମାନା ପୈଠ ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯିବ ବୋଲି ଏକ ଦସ୍ତାବିଜ୍‌ରୁ ଜଣାପଡ଼ିଛି। ୧୯୯୬ ଆଇନର ଜରିମାନା ବ୍ୟବସ୍ଥା, ଯାହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୮ରେ ପ୍ରଥମ ଥର ଲାଗୁ କରିଥିଲେ, ତାହାକୁ ପୁଣିଥରେ ୫ ବର୍ଷ ପର୍ଯ୍ୟନ୍ତ ଲାଗୁ କରିବାକୁ ଯୋଜନା କରିଛନ୍ତି। ଏହା ଦ୍ୱାରା ୧ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ଆମେରିକାରେ ରହିଛନ୍ତି, ସେମାନେ ଏବେ ସ୍ୱେଚ୍ଛାକୃତ ଭାବେ ଦେଶ ଛାଡ଼ି ପଳାଇଯାଆନ୍ତୁ, ନଚେତ ପରିଣାମର ସମ୍ମୁଖୀନ ହେବେ ବୋଲି ଆମେରିକା ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ମୁଖପାତ୍ର ଟ୍ରିସିଆ ମାକ୍‌ଲୁଘଲିନ୍ କହିଛନ୍ତି। ଚୂଡ଼ାନ୍ତ ବହିଷ୍କାର ନିର୍ଦ୍ଦେଶ ପରେ ରହିଥିବା ଲୋକମାନଙ୍କୁ ଦୈନିକ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏଥିପାଇଁ ଏକ ନୂଆ ଟ୍ୟାବ୍ ଖୋଲିବାକୁ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ କହିଛି।

# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୮।୪(ପି.ଟି.)

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକରେ ଅତିରିକ୍ତ ପଦବୀ ସୃଷ୍ଟି ପାଇଁ ପଶ୍ଚିମବଙ୍ଗ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିମନ୍ତେ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ମଙ୍ଗଳବାର ଉକ୍ତ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। ତେବେ ରାଜ୍ୟର ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କିତ ଅନ୍ୟାନ୍ୟ ଦିଗ ଉପରେ ତଦନ୍ତ ଚାଲିବ ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଜଣେ କର୍ମଚାରୀ ନିୟମିତ ପଦବୀ ପାଇଁ ହକ୍‌ଦାର, କିନ୍ତୁ ତାହା ଉପଲବ୍ଧ ନ ଥିଲେ ତାଙ୍କୁ ଥଇଥାନ କରିବା ନିମନ୍ତେ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଥାଏ, ଯାହାକି ସାମୟିକ ପଦବୀ।



## ପଶ୍ଚିମବଙ୍ଗ କ୍ୟାବିନେଟ୍ ଦ୍ୱାରା ଅତିରିକ୍ତ ପଦବୀ ସୃଷ୍ଟି


ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷକ ଓ ଅନ୍ୟ ସ୍କୁଲ୍ କର୍ମଚାରୀ ନିଯୁକ୍ତି ଲାଗି ହୋଇଥିବା ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ ବୋଲି ଦର୍ଶାଇ ଗତ ୩ ତାରିଖରେ ସୁପ୍ରିମକୋର୍ଟ ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ। ଅତିରିକ୍ତ ପଦବୀ ସୃଷ୍ଟି ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ବିରୋଧରେ ପଶ୍ଚିମବଙ୍ଗ ସରକାର କରିଥିବା ଆବେଦନକୁ ଅଲଗା ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ମଙ୍ଗଳବାର ଖଣ୍ଡପୀଠ ଏହାର ବିଚାର କରି କ୍ୟାବିନେଟ୍ ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ ବୋଲି କହିଛନ୍ତି। କ୍ୟାବିନେଟ ନିଷ୍ପତ୍ତିର ସାମ୍ବିଧାନିକ ଯୋଜନାକୁ ଦୃଷ୍ଟିରେ ରଖି ଏହାକୁ ଆଇନ ଅଦାଲତରେ ପ୍ରଶ୍ନ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁର୍‌ସତ୍

# 'ପରିସ୍ଥିତିରେ ପଡ଼ି ଚୋରି କରୁଛି, ୬ ମାସରେ ଫେରାଇବି'



ଜୁଜାର ଅଲୀ ବୋହରାଙ୍କ ଦୋକାନରେ ପୋଲିସ ତଦନ୍ତ କରୁଛି।



सबसे पहले तो जुजर भाई मे आपसे माफ़ी मांगता हु क्युकी मे आपकी दुकान से पैसे चुरा रहा हु मे आपके मोहल्ले का ही हु मुझे पैसो की सख्त जरुरत है बोहोत कर्जा है मेरे पर मे आपके पैसे वापस लौटा दूंगा पर मुझे थोड़ा समय लगेगा मैने आपको 3-4 दिन पहले आपकी दुकान पर पैसे गिनते हुए देखा था तब से आपको देख रहा हु पैसे लेने वाले रोज मेरे घर आ रहे है इसलिए ना चाहते हुए भी मे आपकी दुकान से पैसे चुरा रहा हु अगर मैने पैसे नहीं चुकाये तो मुझे जेल हो जाएगी इसलिए मे रात मे आपकी दुकान की पीछे वाली शटल के ऊपर से आके पैसे ले रहा हु और मुझे जितना कर्जा चुकाना है उतने ही पैसे ले रहा हु बाकि कोई भी सामान को कुछ नहीं करूंगा और मे आपसे ये भी वादा करता हु की मे 6 महीने मे आपके पैसे लौटा दूंगा और सामने भी आ जाऊंगा तब तक के लिए मे आपसे और आपके बेटे दोनों से हाथ जोड़के माफ़ी मांगता हु मे राम नवमी के दिन चोरी कर रहा हु मेरा चोरी का इरादा नहीं था पर मे बोहोत मजबूर हु आप चाहो तो 6 महीने बाद आप मुझे पुलिस मे दे देना पर अभी मेरा पैसे चुराना बोहोत जरुरी है मैने आपको सारी बाते सच सच बता दी पर अभी मे सामने नहीं आ पाउँगा आप मुझे अच्छे से जानते भी हो बस मे इतना ही कहूंगा की जब मे आपके पैसे आपको वापस दूंगा तब आप जो सजा दोगे मुझे मंजूर होगी

ଚୋର ଦୋକାନରେ ଛାଡ଼ିଯାଇଥିବା ଚିଠି।

## ଦୋକାନରୁ ୨.୪୫ ଲକ୍ଷ ଚୋରିକରି କ୍ଷମାପ୍ରାର୍ଥନା ଚିଠି ଛାଡ଼ିଲେ ଚୋର

ଭୋପାଳ

ମଧ୍ୟପ୍ରଦେଶର ଖର୍‌ଗୋନ ଜିଲାରେ ଚୋରିର ଏକ ନିଆରା ଘଟଣା ସାମ୍ନାକୁ ଆସିଛି। ରବିବାର ରାତିରେ ଜିଲା ସଦର ମହକୁମାରେ ଥିବା ଏକ ଦୋକାନରୁ ୨.୪୫ ଲକ୍ଷ ଟଙ୍କା ଚୋରି ହୋଇଥିଲା। ତେବେ ଚୋରି କରିବା ପରେ ଚୋର ଜଣକ କମ୍ପ୍ୟୁଟରରେ ଟାଇପ୍ ହୋଇଥିବା ଏକ କ୍ଷମାପ୍ରାର୍ଥନା ଚିଠି ଦୋକାନରେ ଛାଡ଼ି ଯାଇଛନ୍ତି। ପରିସ୍ଥିତିରେ ପଡ଼ି ସେ ଏହି ଚୋରି କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଚୋର ଜଣକ ଚିଠିରେ ଦର୍ଶାଇଛନ୍ତି। ଏହି ଚିଠି ଦୋକାନ ମାଲିକଙ୍କ ସମେତ ପୋଲିସ ଓ ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି।


ରାମନବମୀ ରାତିରେ ଖର୍‌ଗୋନ ଜିଲା କୋତ୍ୱାଲି ଥାନା ଅନ୍ତର୍ଗତ ଜମିଦାର ମୋହଲ୍ଲା ଅଞ୍ଚଳର ଜୁଜାର ଅଲୀ ବୋହରା ନାମକ ଜଣେ ଫୁଡ୍ ସପ୍ଲାୟରଙ୍କ ଦୋକାନରେ ଶଟର ଭଙ୍ଗାଯାଇ ୨.୪୫ ଲକ୍ଷ ଟଙ୍କା ଚୋରି ହୋଇଥିବା ପୋଲିସ କହିଛି। ଦୋକାନ ମଧ୍ୟରେ ଥିବା ଏକ ବ୍ୟାଗ୍‌ରେ ସେ ୨.୮୪ ଲକ୍ଷ ଟଙ୍କା ରଖିଥିଲେ ବୋଲି ଜୁଜାର କହିଛନ୍ତି। ତେବେ ସୋମବାର ଆସି ଦେଖିଲାବେଳକୁ ଉକ୍ତ ବ୍ୟାଗ୍‌ରେ କେବଳ ୩୯ ହଜାର ଟଙ୍କା ଥିଲା। ଜୁଜାର ଉକ୍ତ ବ୍ୟାଗ୍‌ରେ ଏକ କ୍ଷମା ପ୍ରାର୍ଥନା ଚିଠି ମଧ୍ୟ ପାଇଥିଲେ। ଉକ୍ତ ଚିଠିରେ ଚୋର ଜଣକ ଲେଖିଛନ୍ତି, "ଜୁଜାର ଭାଇ ଆପଣଙ୍କୁ କ୍ଷମା ମାଗୁଛି। ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ ଆପଣଙ୍କ ଦୋକାନରୁ ଟଙ୍କା ଚୋରାଇଛି। ମୁଁ ଆପଣଙ୍କ ଘର ନିକଟରେ ରୁହେ। ଆପଣ ମଧ୍ୟ ମୋତେ ଭଲ ଭାବେ ଜାଣିଛନ୍ତି। ମୋତେ ଏବେ ଟଙ୍କା ନିହାତି ଦରକାର ଥିଲା। ଋଣରେ ବୁଡ଼ି ରହିଥିବାରୁ ଏହି ଚୋରି କରିବାକୁ ବାଧ୍ୟ ହେଲି। ଏହି ଚୋରି କରି ନ ଥିଲେ ଅନେକଙ୍କଠାରୁ ଋଣରେ ନେଇଥିବା ଟଙ୍କାକୁ ଫେରେଇପାରି ନ ଥାନ୍ତି। ଫଳରେ ମୋତେ ଜେଲ ହୋଇଯାଇଥାନ୍ତା। ଋଣ ଶୁଝିବା ପାଇଁ ଯେତିକି ଟଙ୍କା ଆବଶ୍ୟକ ଥିଲା, ସେତିକି ଟଙ୍କା ହିଁ ଚୋରାଇଛି। ଦୋକାନର ଅନ୍ୟ କୌଣସି ସରଞ୍ଜାମକୁ ହାତ ଲଗାଇ ନାହିଁ। ୬ ମାସ ମଧ୍ୟରେ ଆପଣଙ୍କ ସମ୍ମୁଖକୁ ଆସି ଆପଣଙ୍କଠାରୁ ଚୋରି କରିଥିବା ୨.୪୫ ଲକ୍ଷ ଟଙ୍କା ଫେରସ୍ତ କରିବି ବୋଲି ପ୍ରତିଶ୍ରୁତି ଦେଉଛି। ସେତେବେଳେ ଆପଣ ମୋତେ ଯେଉଁ ଦଣ୍ଡ ଦେବେ, ତାହା ମୁଁ ସ୍ୱୀକାର କରିବି।"

# 'ରେଡ୍ ୨': ରିତେଶ, ଅଜୟ ଟକ୍କର

ମୁମ୍ବାଇ

ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ୨୦୧୮ରେ ରିଲିଜ୍ ହୋଇଥିବା 'ରେଡ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ଫିଲ୍ମରେ ଅଜୟ ପୁଣିଥରେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଅମୟ ପଟ୍ଟନାୟକଙ୍କ ଭୂମିକାରେ ନଜରକୁ ଆସିବେ। ତେବେ ଚଳିତ ଥର ତାଙ୍କର ସାମ୍ନା ରିତେଶଙ୍କ ସହ ହେବ। ରିତେଶଙ୍କୁ ଏହି ଫିଲ୍ମରେ ଦାଦା ମନୋହର ଭାଇ ନାମକ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କ ଭୂମିକାରେ ଦେଖିବାକୁ ମିଳିବ।

ଫିଲ୍ମର ଟ୍ରେଲରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟ୍ରେଲରର ଆରମ୍ଭ ଏକ ଆଇକନିକ୍ ଦୃଶ୍ୟରୁ ହେଉଛି, ଯେଉଁଥିରେ ଅଜୟ ନିଜର ପୂରା ଟିମ୍ ସହ ରିତେଶଙ୍କ ଘରେ ଚଢ଼ାଉ କରିବାକୁ ପହଞ୍ଚିଛନ୍ତି। ରିତେଶଙ୍କ ନାମରେ ୱାରେଣ୍ଟ ରହିଛି ବୋଲି ଅଜୟ ରିତେଶଙ୍କ ଘରେ ଥିବା ଚୌକିଦାରଙ୍କୁ କହୁଛନ୍ତି। ଅଜୟ ଓ ତାଙ୍କ ଟିମ୍ ରିତେଶଙ୍କ ଘରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କଲା ପରେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏହାପରେ ରିତେଶ ଅଜୟଙ୍କୁ ଚେତାବନୀ ଦେଇ କହିଛନ୍ତି, ସବୁଠାରୁ ବଡ ଜିନିଷ ଆପଣଙ୍କ ସାମ୍ନାରେ ରହିଛି, କିନ୍ତୁ ଆପଣ ତାହା ଖୋଜିବାକୁ ସମର୍ଥ ହେବେ ନାହିଁ। ଟ୍ରେଲରରେ ଉଭୟ ଅଜୟ ଓ ରିତେଶ ନିଜ ନିଜ ଅଭିନୟ ଶୈଳୀ ସହ ପରସ୍ପରକୁ ଟକ୍କର ଦେଉଥିବା ନେଇ ସିନେ ସମୀକ୍ଷକ କହିଛନ୍ତି। ଏହି ଟ୍ରେଲରର ଏକ ଆଇଟମ ଗୀତରେ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ପ୍ରକାଶ ଯେ, ରାଜକୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ 'ରେଡ୍ ୨' ଫିଲ୍ମ ଆସନ୍ତା ମେ ୧ରେ ରିଲିଜ ହେବ। ଫିଲ୍ମରେ ଅଭିନେତ୍ରୀ ବାଣୀ କପୁରଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।




## ଟ୍ରେଲର ଜାରି



## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

# ଫସଲ ଉତ୍ପାଦନରେ ଆଇରନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଗୋଟିଏ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ରହିବା ଆବଶ୍ୟକ । ସେଥିମଧ୍ୟରୁ ମାଟିରେ ଗୋଟିଏ ଖାଦ୍ୟ ଉପାଦାନର ଅଭାବ ରହିଲେ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରି ନ ପାରି ଅମଳ କମାଏ । ୧୭ଟି ଖାଦ୍ୟ ଉପାଦାନ ମଧ୍ୟରୁ ଆଇରନ୍ ବା ଲୁହା ଅନ୍ୟତମ । କେତେକ ଫସଲ ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ଏକ ମିଲିଗ୍ରାମ ଆଇରନ୍ ଆବଶ୍ୟକ କରୁଥିବା ବେଳେ ଅନ୍ୟ କେତେକ ଫସଲ ୫୦୦ ମିଲିଗ୍ରାମରୁ ଅଧିକ ଆଇରନ୍ ଆବଶ୍ୟକ କରନ୍ତି। ଅନ୍ୟ ଅଣୁଖାଦ୍ୟ ଉପାଦାନଠାରୁ ଫସଲ ଅଧିକ ଆଇରନ୍ ମାଟିରୁ ଗ୍ରହଣ କରିଥାଏ । ହେଲେ ଫସଲ ପାଇଁ ଆଇରନ ଏକ ଅଣୁ ଖାଦ୍ୟ ଉପାଦାନ।

ପତ୍ରରେ ସବୁଜ କଣିକା ସୃଷ୍ଟି ଏବଂ ଏହାର ରକ୍ଷାଣବେକ୍ଷଣ ପାଇଁ ଆଇରନ୍‌ର ବଡ଼ ଭୂମିକା ରହିଛି । ସବୁଜ କଣିକାରେ ଥିବା କ୍ଲୋରପ୍ଲାଷ୍ଟ ନାମକ ଏକ ଜୈବ ଅଣୁକୁ ଆଇରନ୍ ଶକ୍ତି ଯୋଗାଏ । ଫସଲରେ ଥିବା ବିଭିନ୍ନ ଏଞ୍ଜାଇମ୍‌ରେ ଆଇରନ୍ ରହି ସେମାନଙ୍କର କାର୍ଯ୍ୟକୁ ସୁନିୟନ୍ତ୍ରଣ କରେ । ଫସଲ ଗ୍ରହଣ କରୁଥିବା ଅଙ୍ଗାରକାମ୍ଳଜାନ, ଯବକ୍ଷାରଜାନ ଏବଂ ସଲ୍‌ଫରକୁ ସରଳ ଆକାର କରି ଫସଲ ପ୍ରସ୍ତୁତି କରୁଥିବା ଶ୍ୱେତସାର ଏବଂ ପ୍ରୋଟିନ୍ ଗଠନରେ ସାହାଯ୍ୟ କରେ । ଡାଲିଜାତୀୟ ଫସଲର ଚେରରେ ଥିବା ଭାତୁଡ଼ି ଏବଂ ନୀଳ ହରିତ୍ ଶୈବାଳରେ ଆଇରନ୍ ରହି ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ସକ୍ରିୟ କରି ଫସଲ ପାଇଁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରେ।

ଆଇରନ୍ ଅଭାବରେ ଗଛର ପତ୍ରରେ ସବୁଜ କଣିକା ସୃଷ୍ଟିରେ ବାଧା ଆସେ । ପ୍ରଥମେ ଗଛର ଉପର ପତ୍ର ଫିକା ହଳଦୀ ରଙ୍ଗର ହୁଏ । ତଳପତ୍ରର ଦୁଇ ଶିରା ମଧ୍ୟରେ ହଳଦୀ ରଙ୍ଗର କ୍ଷୁଦ୍ର ଛିଟ ଦାଗମାନ ଦେଖାଯାଏ । ପରେ ସମୁଦାୟ ପତ୍ର ହଳଦୀ ରଙ୍ଗର ହୁଏ, ପତ୍ରର ଧାର ବାଦାମୀ ରଙ୍ଗ ହୋଇ ତଳପତ୍ରରେ ଉପର ପତ୍ର ଆଡ଼କୁ ଗତିକରେ । ଆଇରନ ଅଭାବରେ ବିଭିନ୍ନ ଫସଲରେ ପୃଥକ୍ ପୃଥକ୍ ଲକ୍ଷଣମାନ ଦେଖାଯାଏ । ଧାନଗଛର ନୂଆପତ୍ର ଧଳା ରଙ୍ଗର ହୁଏ । ଜୁଆର, ବାଜରା, ମକା ଆଦି ଫସଲର ତଳପତ୍ରର ଧାର ଲାଲ ଏବଂ ବାଦାମୀ ରଙ୍ଗର ହୋଇ ପତ୍ରରେ ହଳଦିଆ ଛୋଟ ଛିଟ ଦାଗମାନ ଦେଖାଯାଏ । ଚିନାବାଦାମର ଉପର ନୂଆପତ୍ର ହଳଦୀ ରଙ୍ଗର ହୁଏ, କିନ୍ତୁ ତଳପତ୍ର ଫିକା ସବୁଜ ଥାଏ । ଆଖୁର ନୂଆପତ୍ର ଫିକା ନାରଙ୍ଗୀ ରଙ୍ଗର ହୁଏ । ଆଖୁର ଓଜନ ଏବଂ ମିଠା ଅଂଶ କମେ । ବନ୍ଧାକୋବିର ନୂଆପତ୍ର ସବୁଜ ନ ହୋଇ ନାରଙ୍ଗୀ ରଙ୍ଗର ହୁଏ । ଆଇରନ୍ ଅଭାବରେ ବିଭିନ୍ନ ଫଳଗଛର ନୂଆପତ୍ର ଫିକା ହଳଦୀ ଏବଂ ପରେ ବାଦାମୀ ରଙ୍ଗର ହୁଏ । ପତ୍ରସବୁ ଛୋଟ ଏବଂ ନରମ ହୁଏ । ଅଧିକ ଆଇରନ୍ ଅଭାବରେ ଫଳଗଛର ନୂଆ ମୁକୁଳ ବାହାରିପାରେ ନାହିଁ।

> "ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ୍ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ୍ ରହିଲେ ମାଟିରେ ଆଇରନ୍‌ର ଅଭାବ ହୁଏ । ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ ସମୁଦାୟ ଚାଷଜମିର ହାରାହାରି ମାତ୍ର ୭% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି ।"



ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ ରହିଲେ ମାଟିରେ ଆଇରନର ଅଭାବ ହୁଏ। ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ, ସମୁଦାୟ ଚାଷଜମିର ହାରାହାରି ମାତ୍ର ୭ ପ୍ରତିଶତ ଜମିରେ ଆଇରନ୍‌ର ଅଭାବ ଅଛି। ସେଥିମଧ୍ୟରୁ କଟକ ଜିଲାର ସମୁଦାୟ ଜମିର ୧୪.୦%, ଖୋର୍ଦ୍ଧା ଜିଲାର ସମୁଦାୟ ଜମିର ୯.୫%, କଳାହାଣ୍ଡି ଜିଲାର ୫.୫% ଏବଂ ବଲାଙ୍ଗୀର ଜିଲାର ୧.୪% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି। ରାଜ୍ୟର ଅନ୍ୟାନ୍ୟ ଜିଲାମାନଙ୍କର ଜମିରେ ୦.୧% ଭାଗରୁ ନଗଣ୍ୟ ପରିମାଣର ଅଭାବ ରହିଛି।

ମାଟି ପରୀକ୍ଷା ଏବଂ ଫସଲରେ ଆଇରନ୍‌ର ଅଭାବ ଲକ୍ଷଣ ଜଣାପଡ଼ିଲେ ମାଟି ଏବଂ ଫସଲରେ ଫେରସ ସଲ୍‌ଫେଟ୍ କିମ୍ବା ଚିଲେଟେଡ ଆଇରନ ପ୍ରୟୋଗ କରାଯାଏ। ଫେରସ ସଲଫେଟ୍‌ରେ ୧୯.୫% ଏବଂ ଚିଲେଟେଡ୍ ଆଇରନରେ ୧୨% ଆଇରନ ଥାଏ। ଆମ ରାଜ୍ୟରେ ଫେରସ ସଲ୍‌ଫେଟ୍‌କୁ ମାଟିରେ ପ୍ରୟୋଗ ପାଇଁ ବିଶେଷ ଭାବେ ଅନୁମୋଦନ କରାଯାଉଛି। ହେକ୍ଟର ପ୍ରତି ୫୦ କିଲୋଗ୍ରାମ ଫେରସ ସଲଫେଟ୍‌କୁ ଏହାର ୧୦ ଗୁଣ ଗୁଣ୍ଡ ଗୋବରଖତ ସହ ମିଶାଇ ଧାଡ଼ିରେ ମଞ୍ଜିବୁଣା କିମ୍ବା ତଳିରୁଆ ସମୟରେ ପ୍ରୟୋଗ କରାଯାଏ। ପରବର୍ତ୍ତୀ ସମୟରେ ଠିଆ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଦେଲେ ୧% ଅର୍ଥାତ୍ ୧୦ ଲିଟର ପାଣିରେ ୧୦୦ ଗ୍ରାମ ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଚିଞ୍ଚା କରାଯାଏ । ଚିଲେଟେଡ୍ ଆଇରନ୍‌କୁ ମାଟିରେ ପ୍ରୟୋଗ ନକରି ୦.୦୫% ଅର୍ଥାତ୍ ୧୦ ଲିଟର ପାଣିରେ ୫ ଗ୍ରାମ ଦ୍ରବଣ ପତ୍ରଚିଞ୍ଚା କଲେ ଅଧିକ ଫଳପ୍ରଦ ହୁଏ । ଶସ୍ୟଜାତୀୟ ଫସଲ ଛଡ଼ା ଫଳ ଏବଂ ପନିପରିବା ଫସଲରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଜାଣିଲେ ଉକ୍ତ ଫସଲରେ ୦.୩% ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କଲେ ଫସଲରୁ ଆଇରନ୍‌ର ଅଭାବ ଦୂର ହୁଏ।

ଅନେକ ସମୟରେ ମାଟିରେ ଆଇରନ୍‌ର ଲୁକ୍କାୟିତ ଅଭାବ ଥାଏ । ବର୍ଷା କିମ୍ବା ଜଳସେଚନ ଅଭାବରେ ଶସ୍ୟଜାତୀୟ ଫସଲ ଯଥା ଧାନ, ମାଣ୍ଡିଆ, ବାଜରା ଏବଂ ଜୁଆର ଫସଲର ବର୍ଦ୍ଧନ ସମୟରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଦେଖାଯାଏ । ଏହି ସମୟରେ ବର୍ଷା ହେଲେ କିମ୍ବା ଜଳସେଚନ କଲେ, ଫସଲରୁ ଆଇରନର ଅଭାବ ଦୂର ହୋଇ ଫସଲର ପତ୍ର ସବୁଜ ହୁଏ । ଜଳସେଚନ କିମ୍ବା ବର୍ଷା ପରେ ଫସଲ ସବୁଜ ନ ହେଲେ ଫେରସ ସଲଫେଟ୍ ପତ୍ରଚିଞ୍ଚା କରିବା ଉଚିତ୍ । କଳାହାଣ୍ଡି ଜିଲାର କଳାମାଟିରେ ଢିପ ଜମିରେ ଧାନ ଫସଲରେ ବର୍ଷାଜଳ ଅଭାବରେ ଏପରି ଲକ୍ଷଣ ଦେଖାଯାଏ।

ରାଜ୍ୟର ବିଭିନ୍ନ ଫଳଗଛ ଯଥା ଆମ୍ବ, ସପେଟା, ପିଜୁଳି, ଲିଚୁ, ଲଙ୍କାଆମ୍ବ ଏବଂ ଲେମ୍ବୁ ଗଛରେ ଆଇରନର ଅଭାବ ଦେଖାଯାଏ । ଏପରି ସ୍ଥଳେ ୦.୫% ଫେରସସଫେଟ୍ ଦ୍ରବଣ ପ୍ରସ୍ତୁତି କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଚିଞ୍ଚା କରାଯାଏ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ଫଳଚାଷ

ଓଡ଼ିଶା ଜଳବାୟୁରେ ନାନାପ୍ରକାର ଲାଭଜନକ ଫଳଚାଷ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି କରାଯାଇପାରିବ। ଫଳଚାଷରେ ଅଧିକ ଲାଭ ପାଇବା ପାଇଁ ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମି ଚୟନ କରନ୍ତୁ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ ସେମି ଚଉଡ଼ା ଓ ୧୫ସେମି ଗଭୀରରେ ନାଳି ଖୋଳାଯାଏ।



## କୁଜିସାରୁ

ଜଳସେଚନର ସୁବିଧା ଥିଲେ ଏବଂ କୁଜିସାରୁ ଚାଷ କରୁଥିଲେ ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କିଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨ରୁ ୩ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍,୧୬ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କିଗ୍ରା ଯବକ୍ଷାରଜାନ, ୨୦କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ ଅମଳ କରୁଥିଲେ...

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ୧୦% କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ନଳିତାର ଉନ୍ନତ କିସମ

ନଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ-୫୨୪ (ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥିରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କିଗ୍ରା ଯବକ୍ଷାରଜାନ, ୧୨କି.ଗ୍ରା ଫସ୍‌ଫରସ ଓ ୧୨କିଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮ କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସ୍‌ଫରସ ଓ ୮କିଗ୍ରା ପଟାସ୍ ମୂଳସାର ଆକାରରେ ପ୍ରୟୋଗ କରନ୍ତୁ।



## ପ୍ରାଣୀଙ୍କ ପ୍ରତିଷେଧକ ଟିକା



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କ ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଲିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିସିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ, ୪୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସ୍‌ଫରସ୍ ଓ ୪୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭାବନା ଥିଲେ ଶେଷଓଡ଼ ଚାଷରେ ଏକର ପ୍ରତି ୧୦କିଗ୍ରା ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କିଗ୍ରା ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ମାନସ ଭାଜପା ସହ ରହି ଡିଲ୍ କରୁଛନ୍ତି: ନୀଳମାଧବ


ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

■ଆସିଥିବା ଅଭିଯୋଗ ନିରାଧାର: ମାନସ
■ଡ୍ରାମାର ନାୟକ ଓ ଖଳନାୟକ ନିଜେ ନବୀନ: ବାବୁ

ୱକ୍‌ଫ ବିଲ୍‌କୁ ନେଇ ବିଜେଡି ଭିତରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। ରାଜ୍ୟ ସଭାରେ ଦଳର ନେତା ସସ୍ମିତ୍ ପାତ୍ରଙ୍କ ପରେ ଏବେ ଏମ୍‌ପି ମାନସ ମଙ୍ଗରାଜଙ୍କୁ ବିଜେଡି ଭିତରୁ ଟାର୍ଗେଟ କରିବା ଆରମ୍ଭ ହୋଇଛି। ଦଳର ବିପର୍ଯ୍ୟୟ ହେବା ପାଇଁ ମାନସ ମୁଖ୍ୟ ଦାୟୀ ବୋଲି ବିଜୁ ଯୁବ ଜନତା ଦଳ ନେତା ନୀଳମାଧବ ମହାନ୍ତି କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକ ୱକ୍‌ଫ ବିଲ୍ ବିରୋଧରେ ଦଳର ଆଭିମୁଖ୍ୟ ରହିବ ବୋଲି କହିଥିଲେ। ହେଲେ କଷ୍ଟ ନ କରି ଦୟାରେ ରାଜ୍ୟ ସଭାରେ ଦଳ ନେତା ହୋଇଥିବା ସସ୍ମିତ୍ ପାତ୍ର ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ ଗୋଟିଏ ପୋଷ୍ଟ କରି ସବୁ ଓଲଟପାଲଟ କରିଦେଲେ। ଏହା ସହିତ ସେ ଭାଜପା ସପକ୍ଷରେ ଯାଇ ଭୋଟ୍ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଯେତେବେଳେ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ତାଙ୍କୁ ଫୋନ୍‌କରି କାହିଁକି ଏମିତି କଲେ ବୋଲି ପଚରାଗଲା ସେ କହିଲେ, ଏନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା କରିବାକୁ ମାନସ ମଙ୍ଗରାଜ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ ବୋଲି ନୀଳମାଧବ କହିଛନ୍ତି। ସେ ପୁଣି କହିଛନ୍ତି, କେତେଜଣ ନେତା ଦଳକୁ ବ୍ୟବହାରକରି ଦଲାଲଗିରି ଚଳାଇଛନ୍ତି। ଭାଜପା ସହ ଡିଲ୍ କରି ଏମାନେ ବେପାର କରୁଛନ୍ତି। ସେମାନଙ୍କ ମୂଳ ଉଦ୍ଦେଶ୍ୟ ହେଉଛି ଏଠି ବିଜେଡିର କ୍ଷତି କରିବେ। ଦଳକୁ ସୁଦୃଢ଼ କରିବା ଲାଗି ୨୪ ବର୍ଷ ହେଲା ବହୁ ନେତାଙ୍କ ଅବଦାନ ରହିଛି। ହେଲେ କେତେଜଣ ଦଲାଲ ଆସିଛନ୍ତି ଦଳକୁ ନଷ୍ଟ କରିବାକୁ। ଏବେ ସମସ୍ତେ ଦେଖୁଛନ୍ତି ମାନସ ମଙ୍ଗରାଜ ଆଉ ଶଙ୍ଖ ଭବନ ଯାଉନାହାନ୍ତି। ଆଗାମୀ ଦିନରେ ମାନସଙ୍କ ବିରୋଧରେ ଜୋର୍‌ଦାର ବିରୋଧ ହେବ। ସସ୍ମିତ ପାତ୍ର ବିଦେଶରୁ ଫେରିଲେ ଦଳର ଯୁବ, ଛାତ୍ର ଓ ମହିଳାମାନେ ପଚାରିବେ ସେ କାହିଁକି ଏମିତି କଲେ। ଦଳର ଯିଏ କ୍ଷତି କରିବ ତାକୁ ଜବାବ ଦିଆଯିବ। ମାନସ କଂଗ୍ରେସରୁ ଆସି ବିଜେଡିରେ ପତିଆରା ଜାହିର କରିଥିଲେ। ବିଜେଡି ନଷ୍ଟହେବାର ସେ ମୂଳ ଦାୟୀ ବୋଲି ନୀଳମାଧବ କହିଛନ୍ତି।

ନୀଳମାଧବଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମାନସ ମଙ୍ଗରାଜ କହିଛନ୍ତି, ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ନିରାଧାର। ଅଭିଯୋଗ ଆଣୁଥିବା ବ୍ୟକ୍ତିଙ୍କୁ ସସ୍ମିତ ଏଭଳି କହିଥିବେ ବୋଲି ବିଶ୍ୱାସ ହେଉ ନାହିଁ। ଏପରି କି ସସ୍ମିତ୍‌ଙ୍କ ସହ ତାଙ୍କର ଏ ବାବଦରେ କୌଣସି ବାର୍ତ୍ତାଳାପ ହୋଇନାହିଁ। ଯେଉଁ ନୀଳମାଧବ ଏ ବାବଦରେ ମତ ରଖିଛନ୍ତି ତାଙ୍କୁ ସେ ଜାଣନ୍ତି ନାହିଁ। ତାଙ୍କୁ ଦୋଷ ଦେଉନାହାନ୍ତି, ସମସ୍ତେ ଜାଣନ୍ତି କାହା ପକ୍ଷରୁ ସେ ଏମିତି କହୁଛନ୍ତି। ସସ୍ମିତ୍ ବାବୁଙ୍କୁ ପଚାରିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ମାନସ କହିଛନ୍ତି।

ଅନ୍ୟପଟେ ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ନବୀନବାବୁ ଓଡ଼ିଶାବାସୀଙ୍କ ସହ ଡ୍ରାମା କରୁଛନ୍ତି। ସୋମବାର କେତେଜଣ ପାଣ୍ଡିଆନ୍‌ଙ୍କ ବିରୋଧରେ ହାଏ ହାଏ କରିଥିଲା ବେଳେ ଆଉ କେତେଜଣ ତାଙ୍କ ସପକ୍ଷରେ ବାହାରିଛନ୍ତି। ବିଜେଡିର ମାଲିକ ନବୀନବାବୁ, ସେଥିଲାଗି ଯେତେବେଳେ ଯାହାକୁ ଚାହୁଁଛନ୍ତି କାଢ଼ି ଦେଉଛନ୍ତି ନ ହେଲେ ଉପରକୁ ଚଢ଼େଇଦେଉଛନ୍ତି। ସବୁ ନିଷ୍ପତ୍ତି ବିଜେଡିରେ ନବୀନବାବୁ ନିଅନ୍ତି। ଏ କଥାରେ ନାୟକ ଓ ଖଳନାୟକ ନିଜେ ନବୀନ ପଟ୍ଟନାୟକ। ବିଜେଡିର ସବୁ ଡ୍ରାମାର ମୁଖ୍ୟ ନିଜେ ଦଳର ସଭାପତି ବୋଲି ବାବୁ କହିଛନ୍ତି।



ମୁମ୍ବାଇର ନରିମାନ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା କ୍ରିକେଟର କେଦାର ଯାଦବ।

# ଭାଜପାରେ କ୍ରିକେଟର କେଦାର ଯାଦବ

ମୁମ୍ବାଇ,୮।୪

ପୂର୍ବତନ ଭାରତୀୟ କ୍ରିକେଟର କେଦାର ଯାଦବ ରାଜନୀତିରେ କ୍ୟାରିୟର ଆରମ୍ଭ କରିଛନ୍ତି। ୪୦ ବର୍ଷୀୟ ପୂର୍ବତନ ଅଲରାଉଣ୍ଡର ମଙ୍ଗଳବାର ଅପରାହ୍ନରେ ଭାଜପାରେ ଯୋଗଦେଇଛନ୍ତି। ନରିମାନ ପଏଣ୍ଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପାର ମହାରାଷ୍ଟ୍ର ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱାଙ୍କୁଲେ ଓ ବରିଷ୍ଠ ନେତା ଅଶୋକ ଚଭନ ତାଙ୍କୁ ସ୍ୱାଗତ କରିଥିଲେ। ୧୯୮୫ ମାର୍ଚ୍ଚ ୨୬ରେ ମହାରାଷ୍ଟ୍ରରେ ଜନ୍ମିତ କେଦାର ଜଣେ ନିର୍ଭର ଯୋଗ୍ୟ ମଧ୍ୟକ୍ରମର ବ୍ୟାଟର ଥିଲେ। ଭାରତ ପାଇଁ ୨୦୧୪ ପଦାର୍ପଣ କରିଥିବା କେଦାର ମୋଟ ଉପରେ ଅନ୍ତର୍ଜାତୀୟ ସ୍ତରରେ ୭୩ ଦିନିକିଆ ଓ ୯ଟି ଟି୨୦ ମ୍ୟାଚ ଖେଳିଥିଲେ। ଦିନିକିଆରେ ସେ ୪୨.୦୯ ଆଭରେଜରେ ଦୁଇଟି ଶତକ ସହ ୧୩୮୯ ରନ କରିଥିବା ବେଳେ ଟି୨୦ରେ ଗୋଟିଏ ଅର୍ଦ୍ଧଶତକ ସହ ୧୨୨ ରନ କରିଥିଲେ। ତାଙ୍କ ନାମରେ ୨୭ ଉଇକେଟ ମଧ୍ୟ ରହିଛି। ସେ ଆଇପିଏଲ୍‌ରେ ୪ଟି ଫ୍ରାଞ୍ଚାଇଜ ଯଥା ଦିଲ୍ଲୀ ଡେୟାରଡେଭିଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଚେନ୍ନାଇ ସୁପର କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଲାଗି ଖେଳିଥିଲେ। ଗତ ବର୍ଷ ଜୁନ ୩ ତାରିଖରେ ସେ କ୍ରିକେଟରୁ ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରିଥିଲେ।

# ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇଦେଲେ

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

■ପୁଣି ଏକାଠି ହେଲେ ପୂର୍ବତନ ବିଧାୟକଙ୍କ ପୁଅ, ଆଜି ନବୀନଙ୍କୁ ଦେବେ ଦାବିପତ୍ର

ୱକ୍‌ଫ ବିଲ୍ ପ୍ରସଙ୍ଗରେ ବିଜେଡି ଭାଗ ହୋଇଯାଉଥିବା ଦେଖିବାକୁ ମିଳୁଛି। ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ଅନ୍ୟପଟେ ପାଣ୍ଡିଆନ୍‌ଙ୍କ ହାତରୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ ରଖେଇ ନ ଦେବା ଲାଗି ତୃଣମୂଳସ୍ତରରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ବହୁ ଭାଗରେ ବିଜେଡି ନେତାମାନେ ଏକାଠି ହେବାରେ ଲାଗିପଡ଼ିଛନ୍ତି। ଗୋଟିଏ ପଟେ ୱକ୍‌ଫ ବିଲ୍‌କୁ ନେଇ ଦଳରେ ହୋଇଥିବା କ୍ଷତି ପାଇଁ ପାଣ୍ଡିଆନ୍ ଦାୟୀ ନୁହନ୍ତି ଏକଥା ପ୍ରମାଣ କରିବା ଲାଗି ଜୋର୍‌ଦାର ଉଦ୍ୟମ ଚାଲିଛି। ଅନ୍ୟପଟେ କେତେଜଣ ପୂର୍ବତନ ବିଧାୟକ ଏବଂ ଏବର ବିଧାୟକ ଏକାଠି ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ପୂର୍ବତନ ବିଧାୟକ ଓ ମନ୍ତ୍ରୀଙ୍କ ପୁଅ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଦଳରେ ଯେଉଁ ପାଣ୍ଡିଆନ୍ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି ସେହି କଥାରେ ବହୁ ନେତା ସହମତ ନାହାନ୍ତି। ଏପରିକି ଏଭଳି ଏକାଠି ନ ହେବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି।

ମଙ୍ଗଳବାର ବୈଠକ କରିଥିବା ବିଜେଡିର ଗୋଟିଏ ଗୋଷ୍ଠୀ ଏନେଇ ବୁଧବାର ଏକ ଦାବିପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ବିଜେଡି ନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଦିନ ୧୨ଟାରେ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ସମ୍ଭିତ ରାଉତରାୟ, ଚନ୍ଦ୍ରସାରଥି ବେହେରା, ପ୍ରଣବ ବଳବନ୍ତରାୟ, ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଏକାଠି ହୋଇଥିବା ଜଣାପଡ଼ିଛି। ବୈଠକରେ ମୁଖ୍ୟତଃ ୱକ୍‌ଫ ବିଲ୍ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ଏଥିରେ ଯୋଗଦେଇଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳର ମୂଳ ବିଷୟ ନେଇ ଆଲୋଚନା ହୋଇଛି। ୱକ୍‌ଫ ବିଲ୍ ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଛି। ଏହାଦ୍ୱାରା ତୃଣମୂଳସ୍ତରରେ ଦଳର ବ୍ୟାପକ କ୍ଷତି ହୋଇଛି। ନିର୍ବାଚନମଣ୍ଡଳୀରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବିଜେଡିଠାରୁ ମୁହଁ ଫେରାଉଛନ୍ତି। ଏକଥାକୁ ପ୍ରଶମିତ କରିବା ଲାଗି ଆଗକୁ କ'ଣ କରାଯିବ ସେ ବିଷୟରେ ଆଲୋଚନା ହୋଇଥିବା ସମ୍ପୃକ୍ତ ନେତା କହିଛନ୍ତି।

## ଦେବାଶିଷଙ୍କୁ ଆକ୍ଷେପ କରିବା ପାଇଁ ସୁବାସଙ୍କ ନୈତିକ ଅଧିକାର ନାହିଁ: ଚନ୍ଦ୍ରସାରଥି

କଟକ,୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି ନେତା ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ଏକ ବୈଠକ ହୋଇଥିଲା। ତେବେ କଟକସ୍ଥିତ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା କହିଛନ୍ତି, ବିଜେଡିରେ ବିବାଦ ଓ ୱକ୍‌ଫ ବିଲ୍‌ରେ ବିଜେଡି ଭୋଟିଂ ପାଇଁ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ ସିଏମ୍‌ସି ମେୟର ସୁବାସ ସିଂ ପରସ୍ପରକୁ ଆକ୍ଷେପ କରିଛନ୍ତି। ବିଜେଡି ଦୁଇଫାଳ ନୁହେଁ, ଗୋଟିଏ। ଦଳର ମୁଖିଆ ନବୀନ ପଟ୍ଟନାୟକ ସବୁ ବିଷୟରେ ସ୍ପଷ୍ଟ କରିବେ। ଦେବାଶିଷ ବାବୁ ତାଙ୍କର ବ୍ୟକ୍ତିଗତ ମତ ରଖିଥିଲେ, ହେଲେ କାହାକୁ ଆକ୍ଷେପ କରି ନ ଥିଲେ। କିନ୍ତୁ ମେୟର ସୁବାସଙ୍କର କୌଣସି ନୈତିକ ଅଧିକାର ନାହିଁ ଦେବାଶିଷ ବାବୁଙ୍କୁ ଆକ୍ଷେପ କରିବା ପାଇଁ ବୋଲି ଚନ୍ଦ୍ରସାରଥି କହିଛନ୍ତି।

# ସଂକଳ୍ପ, ସମର୍ପଣ ଓ ସଂଘର୍ଷକୁ ଗୁରୁତ୍ୱ:ଭକ୍ତ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)



ଭକ୍ତ ଚରଣ ଦାସ

ସଂକଳ୍ପ, ସମର୍ପଣ ଓ ସଂଘର୍ଷ ଭାବନାକୁ ନେଇ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ମଙ୍ଗଳବାର ଗୁଜରାଟର ଅହମଦାବାଦଠାରେ ଅନୁଷ୍ଠିତ ଏଆଇସିସି ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ଅବସରରେ ଭକ୍ତ କହିଛନ୍ତି, ଓଡ଼ିଶାରେ ଏବେ କଂଗ୍ରେସ ମହିଳାମାନଙ୍କ ସୁରକ୍ଷା ପାଇଁ ଲଢ଼େଇ କରୁଛି। ରାଜ୍ୟ ସରକାର କିଭଳି ମହିଳାମାନଙ୍କ ସୁରକ୍ଷା ପ୍ରତି ଆଖି ବୁଜି ଦେଇଛନ୍ତି ଏବଂ ଦିନକୁ ଦିନ ନାରୀ ନିର୍ଯାତନା ବଢ଼ୁଛି ତାହା ଉପରେ କାର୍ଯ୍ୟକାରିଣୀ ବୈଠକରେ ଉତ୍ଥାପନ କରାଯାଇଛି। ରାଜ୍ୟରେ ମହିଳାମାନଙ୍କୁ ଯେ ପର୍ଯ୍ୟନ୍ତ ସୁରକ୍ଷା ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ସେ କହିଛନ୍ତି।

ଭକ୍ତ କହିଛନ୍ତି, ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ରାଜ୍ୟର କଂଗ୍ରେସ ସଭାପତି, ବିଧାୟକ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ବର୍ଗଙ୍କୁ କିଭଳି ୫୦ପ୍ରତିଶତ ସଂରକ୍ଷଣ ମିଳିବ ତାହା ଉପରେ ସଂକଳ୍ପ ଅଣାଯାଇଥିଲା। ଏହାକୁ ସମସ୍ତେ ଆନ୍ତରିକତାର ସହ ସମର୍ଥନ ଜଣାଇଥିଲେ। ଏହି ଅବସରରେ ବୈଦେଶିକ ନୀତି, ଚାଷୀ ପ୍ରସଙ୍ଗ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ବୋଲି ସେ କହିଥିଲେ। ବୈଠକରେ ଓଡ଼ିଶା କଂଗ୍ରେସ ପକ୍ଷରୁ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ସାମିଲ ଥିଲେ।

BUSINESS

# ଋଣ ପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ

ନୂଆଦିଲ୍ଲୀ,୮।୪

■ପିଏମ୍‌ଏମ୍‌ୱାଇର ୧୦ମ ପୂର୍ତ୍ତି ଉତ୍ସବ
■୩୩ ଲକ୍ଷ କୋଟିର ବିନା ଗ୍ୟାରେଣ୍ଟିରେ ମୁଦ୍ରାଋଣ

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)ର ୧୦ମ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାରେ ପ୍ରସ୍ତୁତ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଦେଶର ଋଣପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି।

ଉଲ୍ଲେଖଯୋଗ୍ୟ,୨୦୧୫ ଏପ୍ରିଲରେ ମୁଦ୍ରା ଯୋଜନା ଆରମ୍ଭ ହୋଇଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହି ଯୋଜନାକୁ ଅନେକ ସଫଳତା ମିଳିଛି। ଏହି ଯୋଜନା ଜରିଆରେ ୫୨କୋଟିରୁ ଅଧିକ ଋଣ ଆକାଉଣ୍ଟ ଖୋଲାଯାଇଛି। ଏପରିକି ଏହା ଜରିଆରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣ ହିତାଧିକାରୀମାନଙ୍କୁ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଛି। ବିଶେଷକରି ଏହା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ଯୋଗାଣ ସହଜ କରିଛି। ଗତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ୨୭.୨୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ଏହା ୩୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଋଣ ସମ୍ପ୍ରସାରଣ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ବ୍ୟବସାୟକୁ ଆର୍ଥିକ ସହାୟତା ପାଇବାକୁ ଅନୁମତି ଦେଇଛି,ଯାହା ପୂର୍ବରୁ ଉପଲବ୍ଧ ନ ଥିଲା ଏହା ଭାରତର ଆର୍ଥିକ ସ୍ଥିତିକୁ ମଜଭୁତ କରିଛି। ମୁଦ୍ରା ଯୋଜନା ଆତ୍ମନିର୍ଭରଶୀଳ ଅର୍ଥବ୍ୟବସ୍ଥା ଏବଂ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟିରେ ସହାୟକ ହୋଇଛି।

ସେହିଭଳି ଗତ ୧ଦଶନ୍ଧି ମଧ୍ୟରେ ଏହା ୩୩ ଲକ୍ଷ କୋଟି ଟଙ୍କାର ୫୨ କୋଟି ଋଣ ପ୍ରଦାନକରି ଦେଶବ୍ୟାପୀ ଉଦ୍ୟୋଗ ପ୍ରତିଷ୍ଠାର ବିପ୍ଳବ ଆଣିଛି। ଏହି ଯୋଜନାର ପରିଣାମ ସ୍ୱରୂପ ବର୍ତ୍ତମାନ କେବଳ ବଡ଼ ସହର ନୁହେଁ ଛୋଟ ସହର ଓ ଗାଁରେ ମଧ୍ୟ ବ୍ୟବସାୟର ବିକାଶ ହେଉଛି। ପ୍ରଥମ ଥର ଉଦ୍ୟୋଗୀ ହୋଇଥିବା ଲୋକମାନେ ସେମାନଙ୍କର ଭାଗ୍ୟ ବଦଳାଇପାରୁଛନ୍ତି। ଏହା ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିଛି। ଲୋକମାନେ ଏବେ ଚାକିରି ଆଶାୟୀ ନୁହେଁ, ବରଂ ନିଯୁକ୍ତିଦାତା ପାଲଟିଛନ୍ତି। ସେହିପରି ମୋଟ୍ ୪ଟି ବର୍ଗରେ ମୁଦ୍ରା ଯୋଜନାର ଋଣ ପ୍ରଦାନ କରାଯାଉଛି। ଶିଶୁ ବର୍ଗରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ, କିଶୋର ବର୍ଗରେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ତରୁଣ ବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିତରଣ କରାଯାଉଛି। ଏହାଛଡ଼ା ସଫଳତାପୂର୍ବକ ତରୁଣ ଋଣ ପରିଶୋଧ କରିଥିବା ଉଦ୍ୟୋଗୀଙ୍କୁ ତରୁଣ ପ୍ଲସ୍ ବର୍ଗରେ ୧୦ ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବାର ସୁବିଧା ରହିଛି।

ଗତ ୧ ଦଶନ୍ଧି ମଧ୍ୟରେ ମୁଦ୍ରା ଯୋଜନା ଭାରତର ଉଦ୍ୟୋଗ ପରିଦୃଶ୍ୟକୁ ନୂଆ ଆକାର ଦେଇଛି। ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଡେଲକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ମୁଦ୍ରା ଯୋଜନା ବ୍ୟାପକ ଆର୍ଥିକ ଲାଭକୁ ପ୍ରୋତ୍ସାହନ ଦେଇଛି।

ସ୍କଚ୍‌ର ମୋଦିନୋମିକ୍ସ ରିପୋର୍ଟ ମୁତାବକ ଏହା ପ୍ରତିବର୍ଷ ବାର୍ଷିକ ୫.୧୪ କୋଟିବ୍ୟକ୍ତି-ବର୍ଷରୋଜଗାରସୃଷ୍ଟିକରିଛି।

ସେହିପରି ୨୦୧୪ ପରଠାରୁ ମୁଦ୍ରା ଯୋଜନା କାରଣରୁ ବାର୍ଷିକ ହାରାହାରି ୨.୫୨ କୋଟି ସ୍ଥିର ଏବଂ ଦୀର୍ଘସ୍ଥାୟୀ ରୋଜଗାର ଉତ୍ପନ୍ନ ହୋଇଛି। ପିଏମ୍ ମୁଦ୍ରା ଯୋଜନା ଅନୌପଚାରିକ କ୍ଷେତ୍ରର ବ୍ୟବସାୟକୁ ଔପଚାରିକ କରିଛି। ଯୁବବର୍ଗ ବିଶେଷକରି ଛୋଟ ସହର ଏବଂ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଏହା ଉଦ୍ୟୋଗୀ ହେବାର ମାନସିକତା ବିକଶିତ କରିଛି, କେବଳ ନୂଆ ଉଦ୍ୟୋଗୀଙ୍କୁ ୧୦ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ମୁଦ୍ରା ସମର୍ଥିତ ବ୍ୟବସାୟ ଜରିଆରେ ୨୦୧୫-୧୮ ମଧ୍ୟରେ ୧ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ଯୋଜନା ପ୍ରଥମ ଥର ଋଣଗ୍ରହୀତାମାନଙ୍କୁ ଔପଚାରିକ ଋଣ ବ୍ୟବସ୍ଥା ମଧ୍ୟକୁ ଆଣିପାରିଛି। ମୁଦ୍ରାଋଣର ପ୍ରାୟ ୬୮% ମହିଳାମାନଙ୍କୁ ଦିଆଯାଇଛି।

# ବଜାରରେ ବିର୍ଲା ଓପସ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୮।୪



ବିର୍ଲା ଓପସ୍ ପେଣ୍ଟସ୍‌ର ନୂତନ ଉତ୍ପାଦ ତଥା ନୂଆ ରେଞ୍ଜର ଡିଜାଇନର ଫିନିଶରକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବିର୍ଲା ଓପସ୍ ପକ୍ଷରୁ ଦୁଇଟି ଏକ୍ସକ୍ଲୁସିଭ ଓ ଫ୍ୟୁଚରିଷ୍ଟିକ କଲେକ୍ସନ ଏବଂ ଏହାର ନୂଆ ଓ ଅଭିନବ ରେଞ୍ଜର ଡିଜାଇନର ଫିନିଶରକୁ ମଧ୍ୟ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯାଇଛି। ଯାହା ଭାରତରେ ପ୍ରିମିୟମ ଇଣ୍ଟେରିୟର ଡିଜାଇନିଂକୁ ରୂପାନ୍ତର କରିବ। ଏହି ସ୍ୱତନ୍ତ୍ର ରେଞ୍ଜ ଦୁଇଟି କଲେକ୍ସନ ଯଥା ଡ୍ରିମ୍ କଲେକ୍ସନ ଓ ଟାଇମଲେସ୍ କଲେକ୍ସନର ଶୁଭାରମ୍ଭ କରିଛି। ପ୍ରତ୍ୟେକ କଲେକ୍ସନ ପ୍ରକୃତି ଅନୁପ୍ରାଣିତ ଉତ୍କର୍ଷ ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି। ହାଇ-ଡେଫିନିଶନ ୩ଡି ପାଟର୍ନ ଓ ମେଟାଲିକ୍ ବ୍ରିଲିଆନ୍ସଠାରୁ ଆରମ୍ଭକରି ଟାଇମଲେସ୍ ଓ ହ୍ୟାଣ୍ଡକ୍ରାଫ୍ଟେଡ ଫିନିଶ ପର୍ଯ୍ୟନ୍ତ, ବିର୍ଲା ଓପସ୍ ପେଣ୍ଟସର ଡିଜାଇନର ଫିନିଶ କାନ୍ଥଗୁଡିକୁ ବିଳାସପୂର୍ଣ୍ଣତା ସହ ଜୀବନ୍ତ କରିବ।

ଏ ସମ୍ପର୍କରେ ବିର୍ଲା ଓପସ୍ ପେଣ୍ଟସର ସିଇଓ ରକ୍ଷିତ ହର୍‌ଗଭେ କହିଛନ୍ତି, ଭାରତବ୍ୟାପୀ ଶୁଭାରମ୍ଭ ହୋଇଥିବା ଆମର ପେଣ୍ଟ ଷ୍ଟୁଡିଓ ଫ୍ରାଞ୍ଚାଇଜି ଷ୍ଟୋରଗୁଡିକ ସମର୍ଥନରେ ଆମେ ଉପଭୋକ୍ତାଙ୍କୁ ବର୍ତ୍ତମାନ ପ୍ରକୃତିର ସୌନ୍ଦର୍ଯ୍ୟ ଓ ଇଟାଲୀର କଳାକୃତିରୁ ଅନୁପ୍ରାଣିତ ଏଭଳି ସ୍ୱତନ୍ତ୍ର ଫିନିଶ ପ୍ରଦାନ କରୁଛୁ।

# ସିଡ୍ ରାଉଣ୍ଡ ଜରିଆରେ ପାଣ୍ଠି ସଂଗ୍ରହ

ନୂଆଦିଲ୍ଲୀ,୮।୪

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଏଆଇ-ପରିଚାଳିତ ଭିଡିଓ ଟେଲିମାଟିକ୍ସ ଷ୍ଟାର୍ଟଅପ୍ 'କୌସିଓ'କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ତା'ର ବିଦ୍ୟମାନ ସିଡ୍ ରାଉଣ୍ଡର ଅଂଶ ଭାବେ ୧୧ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ସେହିଭଳି ଏହି ରାଉଣ୍ଡରେ ୯ ୟୁନିକର୍ନସ, ଭେଞ୍ଚର କାଟାଲିଷ୍ଟ, ଆଣ୍ଟଲର ଇଣ୍ଡିଆ, ଇନ୍‌ଫିନାଇଟ ଡଟ୍ କ୍ଲବ, ପିଆଇଇଡିଏସ୍, ବିଟ୍ସ ପିଲାନି ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ, କାର୍ସ ୨୪ର ପ୍ରତିଷ୍ଠାତା ଗଜେନ୍ଦ୍ର ଜାଙ୍ଗିଦ ଓ ବିକ୍ରମ ଚୋପ୍ରା ଅଂଶ ଗ୍ରହଣ କରିଥିଲେ। ଏହି ପାଣ୍ଠିକୁ ପ୍ରାରମ୍ଭିକ ଗ୍ରାହକ ଓ ଇଣ୍ଡଷ୍ଟ୍ରି ଲିଡରଙ୍କଠାରୁ ମଜଭୁତ ସମର୍ଥନ ମିଳିଥିଲା। ବର୍ତ୍ତମାନ ସମୟର ଆବଶ୍ୟକତା ବୁଝି କୌସିଓ ସକ୍ରିୟ ଭାବେ ଦୁର୍ଘଟଣାଗୁଡିକୁ ହ୍ରାସ କରିବା, ଫ୍ଲିଟ୍ ଅପରେଟରଙ୍କ ପାଇଁ ଆର୍ଥିକ କ୍ଷତିକୁ ରୋକିବା ଏବଂ ପ୍ରତ୍ୟେକ ବ୍ୟକ୍ତି ଯେପରି ଘରକୁ ସୁରକ୍ଷିତ ଭାବେ ଫେରିବେ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଏକ ମିଶନରେ ରହିଛି।

କୌସିଓର ସହ ପ୍ରତିଷ୍ଠାତା ଓ ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଏଆଇ-ଚାଳିତ ଭିଡିଓ ଟେଲିମାଟିକ୍ସ ସହ ଆମେ କାହାଣୀକୁ ପରିବର୍ତ୍ତନ କରୁଛୁ। ଆମେ ଫ୍ଲିଟ୍ ଅପରେଟର, ଡ୍ରାଇଭର ଓ ଯାତ୍ରୀମାନଙ୍କୁ ସଡକରେ ଅଧିକ ସୁରକ୍ଷିତ, ଦାୟିତ୍ୱବାନ ଓ ଉତ୍ତରଦାୟୀ ରହିବା ପାଇଁ ଏକ ସୁଯୋଗ ପ୍ରଦାନ କରୁଛୁ। ଏହାର ଆଡଭାନ୍ସଡ ଭିଡିଓ ଟେଲିମାଟିକ୍ସ ପ୍ଲାଟ୍‌ଫର୍ମ ସହିତ କୌସିଓ ୩ କୋଟି କିଲୋମିଟରରୁ ଅଧିକ ସୁରକ୍ଷିତ ଯାତ୍ରାକୁ ସକ୍ଷମ କରିଛି ଏବଂ ୧୬ ଲକ୍ଷରୁ ଅଧିକ ଟ୍ରିପକୁ ସୁରକ୍ଷିତ ରଖିଛି, ଯାହା ବିପଦ ହ୍ରାସ କରିବା ସହ ଦାୟିତ୍ୱ ବୃଦ୍ଧି କରିଛି ଓ ପରିଚାଳନାକୁ ଉନ୍ନତ କରିଛି। କୌସିଓର ସହପ୍ରତିଷ୍ଠାତା ଓ ସିଟିଓ ପ୍ରାଲ ନାଧାନି କହିଛନ୍ତି, କୌସିଓ ସହ ଆମେ ସେମାନଙ୍କୁ ପ୍ରତ୍ୟେକ ଯାତ୍ରା ଯେପରି କେବଳ ସମ୍ପୂର୍ଣ୍ଣ ହେବ ନାହିଁ ବରଂ ସୁରକ୍ଷିତ ଭାବେ ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରିବାରେ ସାହାଯ୍ୟ କରୁଛୁ।

# ମାର୍ଚ୍ଚରେ ୪,୩୫,୮୨୮ ୟୁନିଟ୍ ଯାନ ବିକ୍ରି

■ହିରୋ ମୋଟୋକର୍ପର ବଜାର ଅଂଶ ୨୯%
■ବର୍ଷକରେ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି

ନୂଆଦିଲ୍ଲୀ,୮।୪(ଅଭୟ ଦାଶ)

ହିରୋ ମୋଟୋକର୍ପର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀ ମୋଟ ୪,୩୫,୮୨୮ ୟୁନିଟ୍ ଯାନ ବିକ୍ରି କରିଛି। ସେହିଭଳି କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି କରିବା ସହ ୨୯% ର ପ୍ରମୁଖ ବଜାର ଅଂଶ ହାସଲ କରିଛି। ଅପରପକ୍ଷରେ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଏଫ୍‌ଏଡିଏ/ ଫାଡା) ପକ୍ଷରୁ ପ୍ରକାଶିତ ସଦ୍ୟତମ ଯାନ ବିକ୍ରି ତଥ୍ୟ ଅନୁଯାୟୀ ହିରୋ ମୋଟୋକର୍ପ ୨୦୨୪-୨୫ ଆର୍ଥିକ ବର୍ଷ ଓ ୨୦୨୫ ମାର୍ଚ୍ଚରେ ଖୁଚୁରା ବିକ୍ରି ଓ ବଜାର ଅଂଶ ଦୃଷ୍ଟିରୁ ଶୀର୍ଷ ଦୁଇଚକିଆ ଯାନ ବ୍ରାଣ୍ଡ ଭାବେ ଉଭା ହୋଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ଫାଡା ରିଟେଲ ଡାଟା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ମୋଟ ୫୪,୪୫,୨୫୧ ୟୁନିଟ୍ ଯାନ ବିକ୍ରି ସହ ପ୍ରଥମ ସ୍ଥାନ ଏବଂ ୨୯% ର ପ୍ରମୁଖ ବଜାର ଅଂଶ ହାସଲ କରିଛି। ସେହିପରି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ୪୭,୮୯,୨୮୩ ୟୁନିଟ୍ (୨୫.୩%) ବିକ୍ରି ସହ ୨ୟ ସ୍ଥାନରେ ରହିଥିଲାବେଳେ ଟିଭିଏସ୍ ମୋଟର କମ୍ପାନୀ ୩୩,୦୧,୭୮୧ ୟୁନିଟ୍ (୧୭.୪%) ବିକ୍ରି ସହ ୩ୟ ସ୍ଥାନରେ ଏବଂ ବଜାଜ ଅଟୋ ୨୧,୫୪,୪୬୭ ୟୁନିଟ୍ (୧୧.୪%) ସହ ୪ର୍ଥ ସ୍ଥାନରେ ରହିଛି। କେବଳ ୨୦୨୫ ମାର୍ଚ୍ଚରେ ହିରୋ ମୋଟୋକର୍ପ ୪,୩୫,୮୨୮ ୟୁନିଟ୍ ଦୁଇଚକିଆ ଯାନ ବିକ୍ରି କରିଛି। ଏହା ହୋଣ୍ଡାର ୩,୫୬,୦୮୩ ୟୁନିଟ୍ ତୁଳନାରେ ଯଥେଷ୍ଟ ଆଗରେ ରହିଛି, ଯାହା ଭାରତୀୟ ଉପଭୋକ୍ତାଙ୍କ ମଧ୍ୟରେ ସବୁଠାରୁ ପସନ୍ଦର ଦୁଇଚକିଆ ଯାନ ବ୍ରାଣ୍ଡ ଭାବେ ଏହାର ସ୍ଥିତିକୁ ମଜଭୁତ କରିଛି।

ହିରୋ ମୋଟୋକର୍ପର ନିରବଚ୍ଛିନ୍ନ ରିଟେଲ ଲିଡରଶିପ ଓ ଏହାର ବିବିଧ ଉତ୍ପାଦ ପୋର୍ଟଫୋଲିଓ, ବିସ୍ତୃତ ଡିଲର ନେଟ୍‌ୱର୍କ ଏବଂ ଭାରତୀୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଯାତାୟାତ ଆବଶ୍ୟକତା ଉପରେ ଗଭୀର ପ୍ରଭାବ ପକାଇଛି। କମ୍ପାନୀର ଭିଡା ବ୍ରାଣ୍ଡ ଅଧୀନରେ ଇନ୍ଧନ-ଯାତ୍ରୀଙ୍କଠାରୁ ଆରମ୍ଭକରି ପ୍ରିମିୟମ ମୋଟରସାଇକେଲ ଓ ଇଲେକ୍ଟ୍ରିକ୍ ସ୍କୁଟର ପର୍ଯ୍ୟନ୍ତ କମ୍ପାନୀର ନିର୍ଭରଯୋଗ୍ୟତା, ସୁଲଭତା ଓ ବିଶ୍ୱସନୀୟ ଯାତାୟାତର ଏହାର ପ୍ରତିଶ୍ରୁତିକୁ ପୂରଣ କରିବା ଜାରି ରଖିଛି।

# ୧୦ ମିନିଟ୍‌ରେ କୋଟିଏ ଟଙ୍କାର ଋଣ

ନୂଆଦିଲ୍ଲୀ,୮।୪

ଜିଓ ଫାଇନାନ୍ସ ଲିମିଟେଡ୍ (ଜେଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ସୁବିଧା ଓ ସେବା 'ଡିଜିଟାଲ ଲୋନ୍ ଏଗେନଷ୍ଟ ସିକ୍ୟୁରିଟିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ସିକ୍ୟୁରିଟିଜ୍ ଉପରେ ଋଣ ପ୍ରଦାନ ସହ ଋଣ କ୍ଷେତ୍ରରେ ମଧ୍ୟ ବିଧିବଦ୍ଧ ଭାବେ ପ୍ରବେଶ କରିଛି। ଅପରପକ୍ଷରେ ଆଶାୟୀ ଗ୍ରାହକମାନେ ସେମାନଙ୍କର ଡିମାଟ୍ ଆକାଉଣ୍ଟରେ ଥିବା ଶେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭଳି ସିକ୍ୟୁରିଟିଗୁଡ଼ିକୁ ବନ୍ଧକ ରଖି ଋଣ ପାଇପାରିବେ।

ସେହିଭଳି ଏହି ଋଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଲ ଓ ସୁରକ୍ଷିତ ଏବଂ ଓଟିପି ଆଧାରିତ ସେବା ହୋଇଥିଲାବେଳେ ଜିଓ ଫାଇନାନ୍ସ ଆପ୍ ମାଧ୍ୟମରେ ଆଶାୟୀ ଗ୍ରାହକ ମାତ୍ର ୧୦ ମିନିଟ୍ ମଧ୍ୟରେ ୧ କୋଟି ଟଙ୍କା ପର୍ଯ୍ୟନ୍ତର ଋଣ ନେଇପାରିବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଜେଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ କୁଶଳ ରାୟ କହିଛନ୍ତି, ଡିଜିଟାଲ ଲୋନ୍ ଏଗେନଷ୍ଟ ସିକ୍ୟୁରିଟିଜ୍ ସେବାର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶୁଭାରମ୍ଭ ଆର୍ଥିକ ସେବାକୁ ଅଧିକ ସୁଲଭ, ଦ୍ରୁତ ଏବଂ ଗ୍ରାହକକୈନ୍ଦ୍ରିକ କରିବା ପାଇଁ ଆମର ମିଶନରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ଏହା ଆମର ବ୍ୟାପକ ଡିଜିଟାଲ ରଣନୀତିର ଏକ ଅଂଶ, ଯାହାର ଲକ୍ଷ୍ୟ ରହିଛି, ଗ୍ରାହକମାନଙ୍କ ପାଖରେ ଆର୍ଥିକ ସେବା ପହଞ୍ଚାଇବାର ଉପାୟରେ ପରିବର୍ତ୍ତନ ଆଣିବା। ଜିଓ ଫାଇନାନ୍ସ ଆପ୍ ମାଧ୍ୟମରେ ସିକ୍ୟୁରିଟି ଉପରେ ଋଣ ସହ ଗୃହ ଋଣ, ସମ୍ପତ୍ତି ଉପରେ ଋଣ ଏବଂ କର୍ପୋରେଟ୍ ଫାଇନାନ୍ସିଂ ମଧ୍ୟ ହୋଇପାରିବେ।

# 'ଓକାକ୍'କୁ ଦୁଇଟି ସମ୍ମାନଜନକ ପୁରସ୍କାର

## ଆଧାର ସମ୍ବାଦ-୨୦୨୫

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ-୨୦୨୫ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକ୍‌କୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ୱୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜୀକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ୍ ଏହି ସ୍ୱୀକୃତି ପାଇପାରିଛି। ସେହିପରି ଓକାକ୍ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଥିବାରୁ ଦ୍ୱିତୀୟ ପୁରସ୍କାର ମିଳିଛି। ବିଭିନ୍ନ ସରକାରୀ ସେବାଗୁଡ଼ିକର ନିରବଚ୍ଛିନ୍ନ ବିତରଣକୁ ଓକାକ୍ ସକ୍ଷମ କରିଆସିଛି। ଉଲ୍ଲେଖଯୋଗ୍ୟ, ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ୍ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡ଼ିକ ପ୍ରତିଫଳିତ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୟୁଆଇଡିଏଆଇର ସିଇଓ ଏବଂ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓକାକ୍ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ।



ଓକାକ୍ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ସମ୍ମାନ ଜନକ ପୁରସ୍କାର ଗ୍ରହଣ କରୁଛନ୍ତି।

# ୫ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୪(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ମାଓବାଦୀ ଡିଭିଜନର ୫ଲକ୍ଷ ପୁରସ୍କାର ଘୋଷିତ ୫ ମହିଳା ମାଓବାଦୀ ମଙ୍ଗଳବାର ପୋଲିସରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ବଞ୍ଜାମୀ, ସନି ଓରଫ ଜମଲି ପଡ଼ିୟମ, ଅନିତା ଉସେଣ୍ଡି, ସୁକାୟ ପୋଡ଼ିୟମ ଓ କୁମ୍ମେ ପୋଡ଼ିୟମ। ଏମାନେ ଛତିଶଗଡ଼ କୁତୁଲ, ନେଲନାର, ଓ ପରଲକୋଟ ଏରିଆ କମିଟିରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବାରୁ ଏମାନଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବର୍ତ୍ତମାନ ଛତିଶଗଡ଼ରେ ପ୍ରତିଦିନ ଏନ୍‌କାଉଣ୍ଟରରେ ମାଓବାଦୀଙ୍କ ମୃତ୍ୟୁ ଘଟୁଥିବା ବେଳେ ଅଧିକାଂଶ ସଂଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲହେବା, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଓ ଆଦିବାସୀଙ୍କୁ ବିନା କାରଣରେ ହତ୍ୟା ସହ ମହିଳାଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିବାରୁ ବାଧହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।



ପୋଲିସ ଅଧିକାରୀଙ୍କ ସହ ଆତ୍ମସମର୍ପଣ କରିଥିବା ୫ ମହିଳା ମାଓବାଦୀ।


## GOVERNMENT OF ODISHA
No.O-17

### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com

No.Tender Online-RWCCESNG-01 of 2025-26, Letter No.901/ Dtd.04.04.2025

**e-Procurement Notice**

1. Type of the Work: Roads (MMSY), 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-01 of 2025-26 | 11.04.2025 11.00 AM | 28.04.2025 5.00 PM | 25.04.2025 5.00 PM | 29.04.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0042/2425



## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System
Skilled in ODISHA

### ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୫-୨୬ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ

No.KK-06:ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ମେଧାଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ । ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର **ତା.୧୦.୦୪.୨୦୨୫** ରିଖଠାରୁ ଗ୍ରହଣ କରାଯିବ ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା.୦୧.୦୮.୨୦୨୫ ରିଖ ସୁଦ୍ଧା ୧୪ ବର୍ଷ ବୟସ ପ୍ରାପ୍ତ/ଅତିକ୍ରମ କରିଥିବେ, କିନ୍ତୁ କୌଣସି ସର୍ବାଧିକ ବୟସ ସୀମା ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ (ଟ୍ରେଡ୍) ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ/ ୧୦ମ ଶ୍ରେଣୀ ଫେଲ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ ଉପଲବ୍ଧ ଅଛି ।

ଗ) SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟରେ **ତା.୧୦.୦୪.୨୦୨୫**ଠାରୁ onlineରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।

ଘ) ଚଳିତ ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ପ୍ରାପ୍ତ ମାର୍କ ଓ ଆବଶ୍ୟକୀୟ ପ୍ରମାଣପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ ।

ଙ) ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷାବର୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ ଯେଉଁମାନେ NCVT, New Delhiଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ଅଛନ୍ତି ଓ ସରକାରୀ ନିୟମାବଳୀ ଅନୁସାରେ ଯୋଗ୍ୟ ଅଟନ୍ତି ସେହି ସମସ୍ତ ଆଇ.ଟି.ଆଇମାନଙ୍କରେ ନାମଲେଖା ପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିପାରିବେ ।

ଚ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର- ସଂଯୋଗ** Helpline- **୧୫୫୩୩୫** କିମ୍ବା **୧୮୦୦-୩୪୫-୬୭୭୦କୁ ଯୋଗାଯୋଗ** କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ଅନୁମୋଦିତ
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-44008/11/0029/2425



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-28

### OFFICE OF THE DIVISIONAL HEAD, MAINTENANCE DIVISION, IDCO, IDCO TOWERS, BHUBANESWAR

Bid Identification No.IDCO/MAINT/BBSR/07/24-25

TCN.NO.1009 Dt.29.03.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Maintenance of the Cricket Ground of IDCO Colony at Mancheswar for the period May-2025 to Mar-2026 (11 months).

1.Value of Work:8.94 lakhs. 2. Period of contract:11 (eleven) Calendar Months. 3. Availability of tender online for Bidding: I. Start Date:18.00 Hours of Dt.06.04.2025. II. End Date: 17.00 Hours of Dt.16.04.2025. III. Opening Date: 11.30 Hours of Dt.17.04.2025.

Tender details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Divisional Head,
MAINTENANCE DIVISION,
IDCO, Bhubaneswar

OIPR-14003/11/0129/2425



### OFFICE OF THE ENGINEER-IN-CHIEF (CIVIL) ODISHA NIRMAN SOUDHA, UNIT-V, BHUBANESWAR

INVITATIONS FOR BIDS (IFB)

E-mail ID:cebuildings_orissa@yahoo.co.in,cebuildings@rediffmail.com

Tel.-(0674)-2391523

File No.B-I-Tourism-38/2023 14527/ Bhubaneswar, the 7th April,2025

No.B-12: **Invitation For Bids**
**1st Corrigendum**

**Tender Reference No.C.E. (B)-36/2024-25**

The following changes have been made in Bid Identification No.C.E. (B)-36/2024-25

1. Bid documents such as DTCN/ BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.17.04.2025 to 17.00 hours of dt.02.05.2025** instead of **dt.07.04.2025 to dt.21.04.2025** for ONLINE BIDDING respectively. 2. **Online** bids shall be received till **17.00 Hours of dt.02.05.2025** instead of **dt.21.04.2025**. 3. The technical bids will be opened at **11.30 A.M. of dt.03.05.2025** instead of **dt.22.04.2025**. All other terms and conditions remain unchanged.

Sd./- Engineer-in-Chief
Chief Engineer, Buildings (I/C)
Odisha, Bhubaneswar

OIPR-34117/11/0073/2425



### ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର

ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର - ୭୭୦୦୧୭

### OFFICE OF THE RAJGANGPUR MUNICIPALITY, RAJGANGPUR

Municipality Office, Rajgangpur - 770017, Tel : 06624-220454
Rajgangpur Municipality | Rajgangpur_Mun
E-mail : rajgangpurm.hud@nic.in

**No. 1874** **Date : 05.04.2025**

**QUOTATION CALL NOTICE**

No.C-36 : Quotation in closed cover from the registered manufacturers/ suppliers are hereby invited for supply of 4000 liters capacity of four wheelers water tanker (iron) to this Municipality as per the specification mentioned hereunder.

The quotations are required to submit copies of the Registration Certificate of firm, PAN, GST and latest GST deposit challan and Income Tax Clearance Certificate along with the quotation without which the quotations will not be taken into consideration. The taxes/duties if any will be charged extra should be clearly indicated in the quotation. The water tanker in good condition shall be delivered to the Municipality Office, Rajgangpur.

The quotation should reach the Office of the undersigned by 05 P.M. of 15.04.2025 which will be opened the same day at 05 P.M. in presence of the quotationers or their authorized representatives. The quotation received after due date and time will not be taken into consideration.

The authority reserves the right to accept or reject any or all quotations without assigning any reason thereof.

1. Tank elliptical shape, Machine-rolled made of 10gauge M.S. sheet. Tank inside and outside electrically welded with 50mm dia G.I. perforated pipe for Road Spray and 02 Nos. of C.I. Brass 25mm dia stop cocks for delivery of water. Rame made of 75x50x6mm M.S. Angle Iron having platform and stairs. Chasis made of 100x50mm M.S. Channel Iron with Cross members. Turn Table made of double circular plate and 100x50mm Channel iron. Table frame with 75mm dia Road Pivot Pin. Wheel Equipments 7.50x16Pneumatic rubber Type Wheels. Axle made of 63mm Square bar with 63x9mm laminated leaf springs(12ply) paibnted with ICI synthetic enamel paint on red oxide printer.

By order of Chiarperson
**Sd./- Executive Officer**
**Rajgangpur Municipality**

OIPR-13094/11/0021/2425



### ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**No.g-02:** **ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୦୭.୦୬.୨୦୨୩ ତାରିଖରେ ଗୋବରା, ଗୁରୁଡିଝାଟିଆ, କଟକର ପବିତ୍ର ବେହେରାଙ୍କ ନିକଟରେ ଉକ୍ତ ଶିଶୁପୁତ୍ରଟିକୁ ରଖିଥିବା ଖବର ପାଇ କଟକ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଅଛି । କଟକ ଶିଶୁମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ.୧୫୯/୨୦୨୩ ଅନୁଯାୟୀ ଏହି ଶିଶୁପୁତ୍ରଟି ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥାରେ (ସା) ରହୁଅଛି । ଏହି ଶିଶୁପୁତ୍ରଟିର ନାମ "ପିଣ୍ଟୁ ବେହେରା" ଏବଂ ତା'ର ଜନ୍ମ ତାରିଖ ୨୪.୦୩.୨୦୨୨ ଅଟେ । ଏହି ଶିଶୁପୁତ୍ରଟି ଆସିବା ଦିନଠାରୁ ବାପାମାଆ କିମ୍ବା ଅନ୍ୟ କେହି ପରିବାରବର୍ଗ ଦେଖାସାକ୍ଷାତ କରିବାକୁ ଆସିନାହାନ୍ତି । ତେଣୁ ଯଦି ଏହି ଶିଶୁପୁତ୍ରଟିର ପିତାମାତା କିମ୍ବା କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.-୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,
କଟକ

OIPR-33038/11/0020/2425



### PANCHAYAT SAMITI, BARIPADA

**TENDER CALL NOTICE**

**No.i-05** : BDO, Baripada invites sealed tender on behalf of Govt. of Odisha for the following work in conformity with the DTCN.BID Identification No.01-2024-25/ BDO, BARIPADA

Name of the work : **"Construction of Model AWC at Bhagabandh under B. C. Pur GP "**

Date of Receipt of Tender : 08.04.2025 at 10.30 A.M. to 19.04.2025 up to 5 P.M. via Drop Box at Block Office.

Date of Opening of Tender : 21.04.2025 ,11 AM in the Conference Hall of BDO, Baripada.

Terms and Conditions : Details of the Bid documents can be downloaded from the official website of the district (https://mayurbhanj.odisha.gov.in) from 08.04.2025 to 19.04.2025. All the terms and conditions can be seen from the above website.

Sd./- Block Development Officer
Baripada

OIPR-19109/11/0009/2425



### OFFICE OF THE DIVISIONAL FOREST OFFICER : DEOGARH DIVISION

Phone No. 06641-291002 (Office) Email- dfo.deogarh@odisha.gov.in

Letter No. 2105 /1F (Acct) Dated : 04th April, 2025

**TENDER CALL NOTICE FOR HIRING OF VEHICLES**

**No.MM-02** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 15 (Fifteen) Nos. of Vehicle (BS VI compliant Diesel driven AC/Non-AC) vehicles, which shall conform to the Terms and Conditions (Annexure-III) for official use in different Ranges (Details of the vehicles to be engaged is in - Annexure-V) under Deogarh Forest Division on monthly rent basis to reach in the O/o the Divisional Forest Officer, Deogarh Forest Division, on or before **21.04.2025** up to **5.00 P.M.** through Registered/Speed Post/ Courier Service and can also be dropped in the Tender Box placed in the Office of the Divisional Forest Officer, Deogarh Forest Division. The tender will be opened in the same office on **22.04.2025 at 11.30 A.M.** The Standard Bidding Documents and Terms and Conditions can be downloaded from www.deogarh.odisha.gov.in / https://angul.nic.in, https://odishaforest.in and also can be obtained from the Office of the Divisional Forest Officer, Deogarh Forest Division, Deogarh from 05.04.2025 to 21.04.2025 during office hours.

Sd./- Divisional Forest Officer
Deogarh Forest Division

OIPR-08041/11/0013/2425



### OFFICE OF THE MUNICIPAL COUNCIL PARALAKHEMUNDI, GAJAPATI

Ph. No. : 06815-222052, E-mail : parala.mply@gmail.com

Letter No. 1091 Date : 04.04.2025

**EXPRESSION OF INTEREST**

**No.C-42** : Executive Officer on behalf of Paralakhemundi Municipality, Dist: Gajapati inviting expression of interest from companies/Individuals/any other agency having relevant certificates and past experience for the following work. "SELECTION OF AGENCY FOR PROCESSING AND DISPOSAL OF BIO-REMEDIATION OF LEGACY WASTE FOR RECLAMATION OF LAND AT PARALAKHEMUNDI MUNICIPALITY SITE SITUATED AT SITE IN SCIENTIFIC APPROACH." Preference shall be given to the companies and agencies who have already rendered similar type of services to various ULBS of Govt. of Odisha. The Bidder shall furnish the paper cost Rs. 6000/-(non- refundable) & EMD of Rs.10,000/- in shape of Demand Draft from any scheduled commercial bank or any nationalized bank in favour of Executive Officer, Paralakhemundi Municipality payable at Paralakhemundi along with EOI. (The prescribed bid documents & related terms & condition need to be purchased from 05.04.2025 to 16.04.2025 During office hours by paying cash/ DD). The EOI should reach to Municipality office by Reg. post or Speed Post on or before dated: 16.04.2025 by 1.00 P.M. and Technical Proposal will be opened on 17.04.2025 at 10.00 A.M. & Financial Proposal will be opened on 19.04.2024 at 10.00 A.M. in the presence of the quotationers or their authorized representative. The EOI Received beyond the schedule date and time will not be considered.

**Note : Bid Evaluation process :**

Bid will be evaluated through Technical & Financial evaluation. A technical evaluation will be conducted in form presentation to verify the bidders capabilities for executing the project. The Financial bid will be opened for the technically qualified Bidders.

The undersigned reserves the right to reject any or all of the EOI proposal without assigning any reason thereof.

Sd./- Executive Officer
Paralakhemundi Municipality

OIPR-13145/11/0013/2425



### ODISHA HYDRO POWER CORPORATION LTD.
### OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT

OHPC

AT/PO- BARINIPUT, DIST-KORAPUT - 764006, ODISHA
PHONE:(06854)242001, FAX:(06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**NOTICE INVITING TENDER NO. UKHEP-39/2024-25, DT.28.03.2025**

**No.CAD-05:**Sealed Tenders are invited in two part i.e. (1) Technical Bid & (2) Price Bid in separate sealed envelopes from the Manufacturers or its Authorized Dealers/ Distributors only having valid Firm Registration Certificate issued by Govt. Authority/Dealership certificate, IT PAN & GST Registration Certificate for the following work as detail given below.

| No. | Description of Item | Cost of tender paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| | Supply, Installation and commissioning of radar level sensor with display for tailrace water level measurement for UKHEP, Bariniput | Rs.2360/- (2000/- + 18% GST) | Rs.4500/- |

- Period of Sale/ Download of tender document : **10.00 Hrs. of Dt.08.04.2025 upto 11.00 Hrs of Dt.09.05.2025.**
- Last date & time of receipt of tender document : **Upto 12.00 Hrs. of Dt.09.05.2025**
- Date & Time of opening of tender document : **At 12.30 Hrs. of 09.05.2025.**

For details of tender documents/ terms & conditions/ corrigendum/ errata/ addendum if any please visit our website www.ohpcltd.com.

OIPR-04002/11/0069/2425 Sd./- C & P Head, UKHEP, Bariniput



### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୪୮ **ବିଜ୍ଞାପନ** ତା.୧୭.୦୩.୨୫

**No.CAD-51**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୫୮ (MIG-58), ବାଜିରାଉତ ଇଣ୍ଟିଗ୍ରେଟେଡ୍ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ, ଫେଜ୍-୧, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ପିତା- କୃଷ୍ଣଚନ୍ଦ୍ର ମିଶ୍ର, ସା/ପୋ-କମଳାଡିହ, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଦେବୀ ପ୍ରସାଦ ମିଶ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ବିନି ସେଠୀ, ସ୍ୱାମୀ-ରବୀନ୍ଦ୍ର ନାଥ ସେଠୀ, ସା-କଣ୍ଟାଗୋବିନ୍ଦପୁର, ପୋ-ପିକରାଳି, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0525/2425



No.CAD-48

**NOTICE INVITING TENDER**

### Office of Chief CSO / CSO-cum-District Managers Odisha State Civil Supplies Corporation Ltd.

District BARGARH

**Tender No. for the Block/ULB for KMS 2024-25 :**

**1. Attabira Block/NAC-1273/28.03.2025**
**2. Bheden Block-1274/28.03.2025**
**3. Ambabhona Block-1275/28.03.2025**
**4. Bargarh Block /Municipality-1276 /28.03.2025**
**5. Barpali Block/NAC-1277/28.03.2025**
**6. Bhatli Block-1278/28.03.2025**
**7.Bijepur Block/NAC-1279/28.03.2025**
**8.Gaisilet Block-1280/28.03.2025**
**9.Jharbandh Block -1281/28.03.2025**
**10.Padampur Block /NAC -1282/28.03.2025**
**11.Sohela Block-1283/28.03.2025**
**12.Paikmal Block -1284/28.03.2025**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of (i) Paddy from Paddy Purchase Centres (PPCs) / Mandis to Rice Mill points in Bargarh District & (ii) Custom Miller Rice (CMR) from Rice Mills points to Rice Receiving Centers (RRCs)/ Depots in Bargarh District for the KMS 2024-25. |
| 2 | Availability of tender documents in the portal | **From Dt.03.04.2025 5:00 P.M. onwards** |
| 3 | Last date;& time for receipt of complete Tender Documents in the portal | **Dt.21.04.2025 Up to 5:00 P.M.** |
| 4 | Date & time for opening of Technical Bid | **Dt.22.04.2025 at 11:00 A.M.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments/ corrigendum/cancellation/re-tenders etc. if any shall be published only in above websites.

Sd./- Chief CSO-cum District Manager
OSCSC Ltd., Bargarh

OIPR-07036/11/0006/2425



No.D-5

### ODISHA POLICE, OISF, HEADQUARTERS
PLOT NO.139 (P) KESHARI NAGAR, UNIT-V, BHUBANESWAR

**ବିଜ୍ଞାପନ**

**କନେଷ୍ଟେବଲ ନମ୍ବର- ୨୯୪ ଚନ୍ଦ୍ର ଶେଖର ଘୋଷ**
**ପିତା-ମନରଞ୍ଜନ ଘୋଷ**
**ଗ୍ରାମ-କସାକେନ୍ଦୁ, ପୋଷ୍ଟ-ରେସିଗାଁ, ଥାନା-ସଦର**
**ଜିଲ୍ଲା-କଳାହାଣ୍ଡି, ପିନ୍- ୭୬୬୦୦୧**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଶି.ସୁ.ବ., ବେଦାନ୍ତ ଲାଞ୍ଜିଗଡରେ ସୁରକ୍ଷା ଡିଉଟିରେ ଥିବା ସମୟରେ ତା.୨୭.୧୧.୨୦୨୪ ରିଖ ଅପରାହ୍ନ ଠାରୁ ତା.୩୦.୧୧.୨୦୨୪ ଅପରାହ୍ନ ପର୍ଯ୍ୟନ୍ତ ୩ ଦିନ ସାମୟିକ ଛୁଟିରେ ଯାଇଥିଲେ । ଆପଣଙ୍କର ତା.୦୧.୧୨.୨୦୨୪ ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା । କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିରେ ରହିଥିଲେ । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବେଦାନ୍ତ ଲାଞ୍ଜିଗଡ ଓ.ଶି.ସୁ.ବ. ଶିବିରରେ ଯୋଗଦାନ କରିବେ । ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./-ଦୁର୍ଗପତି (ଏସ.ଏ.ଜି.)
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0076/2425



### COUNCIL OF HIGHER SECONDARY EDUCATION, ODISHA
### PRAJNAPITHA, SAMANTAPUR, BHUBANESWAR-751013

**NOTIFICATION**

**Bhubaneswar, dated the 7th April, 2025**

**No.N-03** : No. EC-II-(MP)-29/23/888/CHSE/ This is for information of all concerned that the candidates those who have been booked under malpractice in Arts, Science, Commerce and Vocational streams during AHSE, 2025 are requried to submit written statement in their defence to the undersigned through email : coechseodisha@gmail.com or by person/post latest by 21.04.2025 for quick disposal of the MP cases in the prescribed proforma as mentioned below.

NB : No postal dealy or any causes will be considered after this stipulated date.

By order of the Chairperson
**Sd./- Dr. P. K. Parida**
**Controller of Examinations**

**STATEMENT OF THE M.P. CANDIDATE**

1. Name of the candidate :
2. Roll No . :
3. Registration No. :
4. Name of the H.S. School :
5. Subject(s) in which booked under malpractice :
6. Whether resorted to mal-practice inside the Examination Hall : (Yes/No)
7. Statement of the candidate shall be furnished in his/her own handwriting briefly. (if required, use additional sheet)

Signature of the candidate
Address :
Date :
Mobile :

OIPR-11003/11/0019/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ପୋଲିସ ହକି: କର୍ଣାଟକ, ସିଆର୍‌ପିଏଫ୍‌ର ବୃହତ୍ ବିଜୟ

**ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର କର୍ନାଟକ ଓ ସିଆର୍‌ପିଏଫ୍ ଦଳ ବୃହତ୍ ବିଜୟ ହାସଲ କରିଛି। କର୍ନାଟକ ୨୦-୧ ଗୋଲରେ ଗୁଜରାଟକୁ ହରାଇଥିବାବେଳେ ସିଆର୍‌ପିଏଫ୍ ୨୧-୧ ଗୋଲରେ ପୁଡୁଚେରୀ ପୋଲିସ ଦଳକୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶ ୯-୦ରେ ମହାରାଷ୍ଟ୍ର ଓ ତେଲଙ୍ଗାନା ୯-୧ ଗୋଲରେ କେରଳକୁ ହରାଇଛି ଏବଂ ଉତ୍ତର ପ୍ରଦେଶ ମହିଳା ପୋଲିସ ଦଳ ତାମିଲନାଡୁକୁ ୬-୧ ଗୋଲରେ ପରାସ୍ତ କରିଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା ଏବଂ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି ( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡିକରେ ଅତିଥି ଭାବେ ଅଂଶ ଗ୍ରହଣ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

## ଗୁଲ୍ ବାଂଲାଦେଶ ବୋଲିଂ କୋଚ ହୋଇପାରନ୍ତି

**ଢାକା,୮।୪:** ପାକିସ୍ତାନ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ ବାଂଲାଦେଶ ଦଳର ପେସ ବୋଲିଂ କୋଚ୍ ହୋଇପାରନ୍ତି। ଏ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ ସହ ତାଙ୍କର ଆଲୋଚନା ଚାଲିଛି। ଆନ୍ଦ୍ରେ ଆଡାମ୍ସ ଏବେ ବୋଲିଂ କୋଚ ପଦରେ ଅଛନ୍ତି।



# Classified Everyday
0674-2580101, 9692975378


MATRIMONIAL

BRIDE WANTED

କର୍ପୋରେଟ୍ ଚାକିରି କରୁଥିବା ବ୩୧ର୍ଷ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦରୀ ଶିକ୍ଷିତା ଚାକିରି କରୁଥିବା ଝିଅ ଆବଶ୍ୟକ। ୮୯୧୭୫୬୫୭୦୭. ଧ-୦୧୩

34 yrs Brahmin groom, 6ft, Bhubaneswar, resident, earning 6 lpa. Contact: 9776243023, self Employed. D-048


AUTOMOBILE
SALE

For Sale Innova Crysta, Landrover, Dezire, Mercedes, Hondacity, Fortuner Ertiga CNG for details contact: 7381091234, 7077731532. D-76254


REAL ESTATE
SALE

Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452. D-76439


CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-3219




Positively health benefited SPA by expert female therapist. 9114559860. D-76907

Full body massage by Odia therapist in homely atmosphere. 9556498382. D-75376

All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited spa by expert female therapist, Bapujinagar. 8018429809 D-76906

AFFIDAVIT

I Pratibha Patil, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 181 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-070

I Bhuse Pratibha Dattatray, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 182 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-071

By virtue of an affidavit sworn before Notary Public, dated 08th April 2025, I, Ramesh Adhikari, Address: At-Jinjilibadi, P.O.- Penta, Dist.- Rayagada, Odisha, 765017 declare that I have changed my son's name from Bhaskar Rao Adhikar to Adhikari Rohit. Henceforth, he shall be known as Adhikari Rohit for all purposes.
Ramesh Adhikari D-074

By virtue of an affidavit No.- 1319, dated 02.04.2025 sworn before the Executive Magistrate, Dharmasala, I, Jagadhis Kumar Ray, At- Deulipal, P.O.- Jaraka, P.S.- Dharmasala, Dist.- Jajpur declare that my minor son old name Riyashusekhar Ray changed to new name Riyansu Sekhar Ray. Henceforth, he shall be known as Riyansu Sekhar Ray for all purposes. D-73

By virtue of an affidavit sworn before the Executive Magistrate, Bhubaneswar, dated 17.02.2025, I, Samudrika Pradhan, Plot No.- 112, Saheednagar, Bhubaneswar, declare that I have changed my name from Samudrika Singh to Samudrika Pradhan. Henceforth, I shall be known as Samudrika Pradhan for all purposes.
Samudrika Pradhan D-066

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, I shall be known as Rajnandini Acharya for all purposes.
Biswaranjan Acharya D-067

I, Mayabati Topno, W/o- Ramesh Topno, R/o- Village- Jamarla, P.O.- Kustuna, P.S.- Bargaon, Dist.- Sundargarh, Odisha declare that my son's name has been wrongly mentioned as Dinesh Tapno instead of Dinabandhu Topno in his Aadhaar card bearing No.- xxxx xxxx 5117. By this affidavit No.- 240 dated 21.03.25 sworn before the Executive Magistrate, Bargaon, I have changed my son's name as Dinabandhu Topno for all future purposes. D-77

By virtue of an affidavit CF No.02 dated 03.04.2025 sworn before the Executive Magistrate, Sohela, I Kshirodri Rautia @ Basanti Mirdha, W/o. Pitabasa Rautia, D/o. Kunjal Singh Mirdha, R/o. Village/Po. Petupali, Ps. Melchhamunda, Dist. Bargarh, Odisha declare that after marriage I have changed my name from Basanti Mirdha to Kshirodri Rautia. That both the names is one and same person. D-86

Sri Dakendra Pidikaka, S/o- Late Tatura pidikaka, declare by this affidavit No.- 339, dt- 07.04.2025, sworn before The Executive Magistrate, Gudari, that now onwards I want to correction my son's name from Kaika Pidikaka to Nouka Pidikaka, bearing Aadhaar No-xxxx xxxx 4721 of village Sanaraijhola, P.O-Karlaghati, P.S/Tahasil-Gudari, Dist.- Rayagada, for all future purpose. D-69

SRI. AJANIYA GAMANGO, S/o- Late Hori Gamango, declare by this affidavit No.- 502/ 2025 dated on 07.04.2025, sworn before the Executive Magistrate, Gunupur, that now onwards I want to correction of my son's name from SALAMAN GAMANGO to SALMAN GAMANGO and his date of birth from 09.07.1985 to as 09.07.2011 bearing Aadhaar Card No.- xxxx xxxx 3824 as well as my Address: At/ P.O.- Kulusing, P.S.- Puttasing, Dist.- Rayagada for all future purposes. D-68

I, Mayadhar Bhue, R/o- Village- Karlipat, P.O./ P.S.- Loisingha, Dist.- Balangir declare by this affidavit No.- 43 dated 05.04.25 that my son Arabinda Bhue is the student of class IX in govt. Primary School, Loisingha. That in school admission register my son's surname has been wrongly mentioned as Bhoi instead of Bhue. Henceforth, he shall be known as Arabinda Bhue for all purposes. D-83

ମୁଁ ସନ୍ତୋଷ କୁମାର ମହାପାତ୍ର, ସା- ନାଉଗୋରଡ଼ା, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ଘୋଷଣା କରୁଅଛି କି, ମୋର ବାପା ସଦାନନ୍ଦ ମହାପାତ୍ରଙ୍କୁ କୌଣସି ବ୍ୟକ୍ତି ପ୍ରଲୋଭିତ କରି ତାଙ୍କ ନାମରେ ଥିବା ଖାତା ନଂ- ୫୪୫, ପ୍ଲଟ୍ ନଂ- ୫୯୭ (୦.୬ଡି.) ଓ ୮୧୪(୦.୯ଡି) ଘରବାଡ଼ି ଜମିକୁ ବିକ୍ରି କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଆମ୍ଭେ ଏହାର ସୂଚନା ପାଇବା ପରେ ଭଦ୍ରକ ସିଭିଲ କୋର୍ଟରେ ଏକ ମାମଲା (ନଂ-୧୧୪୭/୨୦୨୪) ଦାଏର କରିଅଛୁ। ଆମ୍ଭେ ପରିବାର ସହ ଉକ୍ତ ବୃତ୍ତିରେ ବାସ କରୁଅଛୁ। ଏଣୁ ଉକ୍ତ ଜମିକୁ କିଣିବା ପାଇଁ ଚାହୁଁଥିବା ବ୍ୟକ୍ତି ବିରତ ରହିବା ପାଇଁ ସୂଚନା ଦେଉଅଛୁ। ଧ-୮୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, I, Soltana Bibi (49 yrs), W/o- Imtaz Khan, Vill: Miramohalla, P.O.- Bankabazar, P.S.- Purunabazar, Dist.- Bhadrak declare that I have changed my name in my LIC Policy bearing No.- 586561422 from Kalimuna Bibi to Soltana Bibi for all purposes. D-84

By virtue of an affidavit No.-655, dated 07.04.25 sworn before the Executive Magistrate, Bolangir, I, Sushanta Kumar Gadatya, R/o. At./P.O.- Badabandha, P.S.- Deogaon, Dist.- Bolangir, PIN- 767029, Odisha declare that I have changed my son's name from Sai Saswat Gadatya to Saswat Gadatya. Today onwards he shall be known as Saswat Gadatya for all future purposes. D-78

By virtue of an affidavit before Executive Magistrate, Darpan, I have changed my former name Chuguli Das (Aadhaar Card No.- XXXX XXXX 0949), S/o- Radhanath Das to Aruna Kumar Das. Henceforth, I will be known as Aruna Kumar Das in all purposes. D-81

By virtue of an affidavit sworn before Executive Magistrate, Athagarh, Cuttack, dated 03.04.2025 I, Bikash Das (new name), Address: Kunheipara, P.O.- B.G.P Pur, Dist.- Cuttack, Odisha, PIN Code-754005 declare that I have changed my name from Bikash Nayak (old name) to Bikash Das (new name). Henceforth, I shall be known as Bikash Das (new name) for all purposes. D-80

I, Smt. Sujata Behera, D/o- Prahalad Chandra Pradhan, W/o- Prafulla Kumar Behera, residing At- Gandhinagar (Karanjia), P.O.- Issan Nagar, P.S.- Balasore Sadar, Dist.-Balasore have changed my name to Smt. Sujata Pradhan vide affidavit dated 4.4.2025 sworn before Executive Magistrate, Balasore. D-76

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସ୍ନେହଲତା ଷଡଙ୍ଗୀ (ସ୍ନେହ)
୧୦୪, ରତ୍ନାକର ବାଗ-୧, ଭୁବନେଶ୍ୱର,
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ, ବାହୁଡ଼ା ଯାତ୍ରା)
ଆଜି ତୁମର ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ତୁମ ଆତ୍ମା ଆରପାରିରେ ରହି ମଧ ଆମମାନଙ୍କୁ ଆଶୀର୍ବାଦ କରୁଥାଉ, ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ କାଳିନ୍ଦୀ ଚରଣ ଷଡ଼ଙ୍ଗୀ, ପୁଅ- ବାବୁଲି, ବୋହୂ-ଗୀତୁ, ଝିଅ- ଟୁନି, ଜ୍ୱାଇଁ- ରାମ, ପୁଅ- ମୁନା, ବୋହୂ- ଅପୁ, ନାତିନାତୁଣୀ- ନୀରଜ, ନୀରଜା, ଗୁଡୁ ଓ କାହ୍ନାଙ୍କ ସହ ସମସ୍ତ ପରିବାରବର୍ଗ। ଧ-୭୫

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସତ୍ୟଭାମା ରାଉତ
ସ୍ୱାମୀ: ୰କୃଷ୍ଣଚନ୍ଦ୍ର ରାଉତ
କଲେଜ ରୋଡ୍, ଭୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୬।୧୯୫୦
ତିରୋଧାନ: ୩୦।୦୩।୨୦୨୫
ମା' ଆପଣଙ୍କର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ଆଜି ଏକାଦଶାହରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ବବି, ଲୁନା, ଭୁନା, ମମତା ଓ ପରିବାରବର୍ଗ। ଧ-୮୨

୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ୨୧ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ ଧ-୭୫୮୪୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଭିଡିଓ ଭାଇରାଲ: ପ୍ରଶଂସକଙ୍କ ସହ ସେଲ୍‌ଫି ନେବାକୁ ମନାକଲେ ହେଡ୍

**ନୂଆଦିଲ୍ଲୀ, ୮।୪:** ଅଷ୍ଟ୍ରେଲିଆ ତଥା ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଷ୍ଟାର ଟ୍ରାଭିସ ହେଡ୍ ଜଣେ ପ୍ରଶଂସକଙ୍କ ସହ ସେଲ୍‌ଫି ନେବାକୁ ମନାକରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ସ୍ଥାନ ଓ ଗୋପନୀୟତା ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭିଡିଓରେ ହେଡ୍‌ଙ୍କୁ ହାଇଦ୍ରାବାଦର ଏକ ସୁପର ମାର୍କେଟରେ ଗ୍ରୋସେରୀ କିଣୁଥିବା ଦେଖିବାକୁ ମିଳୁଛି। ପ୍ରଶଂସକଙ୍କ ଏକ ଗୋଷ୍ଠୀ ତାଙ୍କୁ ପିଛା କରି ତାଙ୍କ ଭିଡିଓ କରିବା ସହ ବାରମ୍ବାର ସେଲ୍‌ଫି ଲାଗି ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ହେଡ୍ ବହୁବାର ବିନମ୍ର ଭାବେ ମନା କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଜଣେ ପ୍ରଶଂସକ କହିଥିଲେ, ଅତ୍ୟଧିକ ଆଟିଚ୍ୟୁଡ ଦେଖାଉଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି। କିଛି ୟୁଜର୍ସ ପ୍ରଶଂସକଙ୍କ ବ୍ୟବହାରକୁ ସମାଲୋଚନା କରିଛନ୍ତି।

## ଭୁବି ଆଇପିଏଲ୍‌ର ସବୁଠୁ ସଫଳ ପେସର

**ମୁମ୍ବାଇ,୮।୪:** ଭେଟେରାନ ପେସର ଭୁବନେଶ୍ୱର କୁମାର (ଭୁବି) ଆଇପିଏଲ୍ ଇତିହାସରେ ନିଜ ନାମକୁ ଲିପିବଦ୍ଧ କରାଇଛନ୍ତି। ୩୫ ବର୍ଷୀୟ ସ୍ୱିଙ୍ଗ ବୋଲର ୱେଷ୍ଟଇଣ୍ଡିଜ ଲିଜେଣ୍ଡ ଡ୍ୱେନ ବ୍ରାଭୋଙ୍କୁ ପଛରେ ପକାଇ ଆଇପିଏଲ୍‌ର ସବୁଠୁ ସଫଳ ପେସ ବୋଲର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳୁଥିବା ଭୁବି ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ବିପକ୍ଷରେ କ୍ୟାରିୟରର ୧୭୯ତମ ଆଇପିଏଲ୍ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚର ୧୮ତମ ଓଭରରେ ସେ ତିଲକ ବର୍ମାଙ୍କୁ ଆଉଟ କରି ଆର୍‌ସିବିର ବିଜୟରେ ଯୋଗଦାନ ଦେଇଥିଲେ। ଏହି ଉଇକେଟ ସହ ଆଇପିଏଲ୍‌ରେ ଭୁବିଙ୍କ ଉଇକେଟ ସଂଖ୍ୟା ୧୮୪ରେ ପହଞ୍ଚିଛି। ଏଥିପୂର୍ବରୁ ସେ ବ୍ରାଭୋ (୧୮୩)ଙ୍କ ସହ ସମକକ୍ଷ ଥିଲେ। ଭୁବି ଏବେ ଆଇପିଏଲ୍‌ରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କଠାରୁ କେବଳ ଯୁଜବେନ୍ଦ୍ର ଚହଲ (୧୬୩ ମ୍ୟାଚରେ ୨୦୬ ଉଇକେଟ) ଓ ପୀୟୂଷ ଚାୱଲା (୧୯୨ ମ୍ୟାଚରେ ୧୯୨ ଉଇକେଟ) ଅଧିକ ଉଇକେଟ ନେଇଛନ୍ତି।

## ପାଟିଦାର ପ୍ରଥମ ଅଧିନାୟକ

**ବେଙ୍ଗାଲୁରୁ, ୮।୪ (ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚଳିତ ଆଇପିଏଲ୍‌ରେ ଖୁବ ଭଲ ଆରମ୍ଭ କରିଛି। ଆର୍‌ସିବି ପୂର୍ବ ଭଳି କିଛି ନିର୍ଦ୍ଦିଷ୍ଟ ଖେଳାଳିଙ୍କ ଉପରେ ଅତ୍ୟଧିକ ନିର୍ଭର କରୁନାହିଁ। ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ଏପର୍ଯ୍ୟନ୍ତ ଲିଗ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍), ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଭଳି ବଡ଼ ଦଳକୁ ସେମାନଙ୍କ ଘରେ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ କୌଣସି ଅଧିନାୟକ ପୂର୍ବରୁ ଏହି ସଫଳତା ହାସଲ କରି ନ ଥିଲେ। ଏପରି କି ଆଇପିଏଲ୍ ଇତିହାସରେ କେବଳ ଦୁଇ ଦଳ ଗୋଟିଏ ସିଜନରେ ଇଡେନ ଗାର୍ଡେନ୍ସରେ କେକେଆର୍‌କୁ, ଚେପକରେ ସିଏସ୍‌କେକୁ ଓ ୱାଙ୍ଖେଡେରେ ଏମ୍‌ଆଇକୁ ହରାଇଛନ୍ତି। ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୨୦୧୨ରେ ପ୍ରଥମ ଦଳ ଭାବେ ଏହି ସଫଳତା ପାଇଥିଲା। ହେଲେ ଏହି ୩ ବିଜୟ ଦଳକୁ ଭିନ୍ନ ଭିନ୍ନ ଅଧିନାୟକଙ୍କ ନେତୃତ୍ୱରେ ମିଳିଥିଲା। ପିବିକେଏସ୍ ଆଡାମ ଗିଲକ୍ରିଷ୍ଟଙ୍କ ନେତୃତ୍ୱରେ ଇଡେନ ଗାର୍ଡେନ୍ସରେ କେକେଆରକୁ ପରାସ୍ତ କରିଥିବା ବେଳେ ଡେଭିଡ ହସିଙ୍କ ନେତୃତ୍ୱରେ ଏମ୍‌ଆଇ ଓ ସିଏସ୍‌କେକୁ ପରାସ୍ତ କରିଥିଲା। ଏଣୁ ସୋମବାର ଏମ୍‌ଆଇ ବିପକ୍ଷରେ ଆର୍‌ସିବିର ବିଜୟ ସହ ପାଟିଦାର ଗୋଟିଏ ସଂସ୍କରଣରେ ଏହି ସଫଳତା ପାଇବାରେ ପ୍ରଥମ ଅଧିନାୟକ ହୋଇଛନ୍ତି। ଏହି ମ୍ୟାଚରେ ୩୨ ବଲରେ ୬୪ ରନର ବିସ୍ଫୋରକ ଇନିଂସ ଖେଳିବା ପାଇଁ ପାଟିଦାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

## ସଂକ୍ଷେପରେ

### କୂଅରେ ପଡ଼ି ଶିଶୁପୁତ୍ର ମୃତ

**କୁତ୍ରା,୮।୪(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାନପାଲି ଗ୍ରାମର ସୁରେନ୍ଦ୍ର ନାଗଙ୍କ ୫ ବର୍ଷର ପୁଅ କେଶବ ମଙ୍ଗଳବାର କୂଅରେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହକୁ ରାଜଗାଙ୍ଗପୁର ପଠାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ କେଶବ ଘର ପାଖରେ ଖେଳୁଥିବା ବେଳେ ଏକ କୂଅରେ ଖସି ପଡିଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁଙ୍କ ବାପା ସୁରେନ୍ଦ୍ର ଲାଞ୍ଜିବେର୍ଣ୍ଣ ଫାଣ୍ଡିରେ ହୋମଗାର୍ଡ ଭାବେ କାର୍ଯ୍ୟ କରନ୍ତି।

# ୧୦ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଖଣି ଠାବ

**ରତନସରା ଓ ଭୋଗରା କଛାର ରେଭେନ୍ୟୁ ଫରେଷ୍ଟ**

- ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ
- ୧୦୦ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ

**ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ରହିଥିବା କଳାହୀରା (କୋଇଲା) ଉପତ୍ୟକାରେ ମାଫିଆମାନେ କବ୍‌ଜା କରି କୋଟି କୋଟି ଟଙ୍କାର କୋଇଲା ବର୍ଷ ବର୍ଷ ଧରି ଲୁଟୁଥିଲେ। ଏବେ ଜିଲା ପ୍ରଶାସନର ଚଢ଼ାଉ ସମସ୍ତଙ୍କୁ ଚକିତ କରିଛି। ଗତ ଶୁକ୍ରବାର ଗୋପାଳପୁର ନିକଟସ୍ଥ କୁଲାପଡ଼ା ଓ ତେଲେନ ଡିହି ଜଙ୍ଗଲରୁ ବେଆଇନ କୋଇଲା ଖଣି ଠାବ କରି ଚାଲାଣ ପାଇଁ ଗଚ୍ଛିତ ଥିବା ୧୫୦ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଥିଲା। ମଙ୍ଗଳବାର ପୁଣି ଏହି ବ୍ଲକର ଜାମକାନି ରିଜର୍ଭ ଫରେଷ୍ଟରୁ ୧୦୦ଟନରୁ ଊର୍ଦ୍ଧ୍ୱ କୋଇଲା ଜବତ ହେବା ସହିତ ରତନସରା ଓ ଭୋଗରାକଛାର ଗ୍ରାମ ନିକଟ ରେଭେନ୍ୟୁ ଫରେଷ୍ଟରେ ୧୦ରୁ ଊର୍ଦ୍ଧ୍ୱ କୋଇଲା ଖଣି ଠାବ କରାଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ପୋଲିସ, ଜଙ୍ଗଲ, ଓ ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଗଠିତ ସ୍କ୍ୱାର୍ଡ ଏହି ବେଆଇନ କୋଇଲା ଖଣି ଉପରେ ଚଢ଼ାଉ କରାଯାଇଛି। ହେମଗିର ବ୍ଲକରେ ଥିବା ବିଭିନ୍ନ କୋଲ ୱାସେରୀ, ସ୍ପଞ୍ଜ କାରଖାନା ଓ ଷ୍ଟକ ୟାର୍ଡଗୁଡିକରେ ଯାଞ୍ଚ କରାଯାଉଛି। ଜବତ କୋଇଲାକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇ ଏହି ଘଟଣାର ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷରେ ଏହି ଖଣି ଚୋରି ଘଟଣାରେ ଖଣି ନିର୍ଦ୍ଦେଶକ ରୋହିତ ଲେଙ୍କା ରାଉରକେଲା ଖଣି ଉପନିର୍ଦ୍ଦେଶକଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାର ତିନି ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ସଦର ଉପଜିଲାପାଳ,ଖଣି ଉପ ନିର୍ଦ୍ଦେଶକ ଓ ହେମଗିର ତହସିଲଦାରଙ୍କୁ ଚିଠି କରିଛନ୍ତି।

ଅପରପକ୍ଷରେ ମାଫିଆମାନେ କିଭଳି ଉକ୍ତ ଅଞ୍ଚଳରେ ଏତେ ପରିମାଣରେ ଚୋରା କୋଇଲା ଖଣି ଖନନ କରି ସେଠାରୁ ବିପୁଳ ପରିମାଣରେ ବାହାରକୁ କୋଇଲା ଚାଲାଣ କରୁଥିଲେ ତାହା ଆଶ୍ଚର୍ଯ୍ୟ କରିଛି। ଏ ବାବଦରେ ବିଭାଗୀୟ ଅଧିକାରୀମାନଙ୍କ ପାଖରେ କିଭଳି ସାମାନ୍ୟ ଟିକେ ସୂଚନା ନଥିଲା ସମସ୍ତଙ୍କୁ ଚକିତ କରିଛି । ଅନ୍ୟପଟେ ଡିଏଫଓ ପ୍ରଦୀପ ମୀରାସେ ଚୋରା କୋଇଲା ଖଣିଗୁଡିକ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ନ ଥିବା ଓ ଏହା ରେଭେନ୍ୟୁ ଫରେଷ୍ଟ ଅଞ୍ଚଳରେ ରହିଛି ବୋଲି ସ୍ପଷ୍ଟ କରିଛନ୍ତି। ଆଉ ମଧ୍ୟ ଏହି ଚୋରା କୋଇଲା ଖଣି ସମ୍ପର୍କରେ ଗତ ବର୍ଷ ପ୍ରଥମେ ଜଙ୍ଗଲ ବିଭାଗ ପକ୍ଷରୁ ଗୋପାଳପୁର ରେଞ୍ଜ ଅଫିସର ହେମଗିର ତହସିଲଦାରଙ୍କୁ ଚିଠି ଲେଖି ଜଣାଇଥିଲେ। ମାତ୍ର ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଏଠାରୁ ବଦଳି ହୋଇଚାଲିଯାଇଥିଲେ। ଏହି ଖଣି ଚୋରି ଘଟଣାରେ ଜିଲାପାଳ ତତ୍କାଳୀନ ତହସିଲଦାର ଲବଣେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ହେଲେ ଏହି ଖଣି ଚୋରି ଦୀର୍ଘ ବର୍ଷରୁ ଚାଲିଆସୁଛି। ଏହା ମଧ୍ୟରେ କେତେ ତହସିଲଦାର, ପୋଲିସ ଅଧିକାରୀ ବଦଳି ହୋଇଗଲେଣି। କେବଳ ରାଜସ୍ୱ ନୁହେଁ ପୋଲିସ, ଜଙ୍ଗଲ, ଖଣି ବିଭାଗର ତତ୍କାଳୀନ ଅଧିକାରୀମାନଙ୍କୁ ମଧ୍ୟ ରିପୋର୍ଟ ତଲବ କରାଯିବାକୁ ସାଧାରଣରେ ଦାବି ହେଉଛି। ସୂଚନା ଅନୁଯାୟୀ, ମାଫିଆମାନେ ଏହି ଅଞ୍ଚଳରୁ ନିଜସ୍ୱ ୧୮ଚକିଆ ଭାରିଯାନରେ ଜେସିବି ସାହାଯ୍ୟରେ କୋଇଲା ଖନନ କରି ବାହାରକୁ ଚାଲାଣ କରି ବିପୁଳ ଅର୍ଥ ଉପାର୍ଜନ କରୁଥିଲେ। ପରବର୍ତ୍ତୀ ସମୟରେ ଟନଟନ କୋଇଲା ଚାଲାଣ ହେବାରେ ଲାଗିଲା। ସ୍ଥାନୀୟ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟରେ ଲଗାଇ ସେମାନଙ୍କୁ ପାରିଶ୍ରମିକ ଦେଉଥିଲେ। ଏହି ଖଣି କିଏ ଖୋଲୁଛି ତାଙ୍କ ଧାରଣା ନଥିଲା। ବେଧଡକ ବହୁ ଅଞ୍ଚଳରେ ଏହି ଖଣି ଖନନ କରାଯାଉଥିବାରୁ ଏହା ସରକାର କିମ୍ବା କୌଣସି କମ୍ପାନୀ ତରଫରୁ ଖୋଲାଯାଉଥିବା ମନେ କରି ଗ୍ରାମବାସୀ ମୁହଁ ଖୋଲୁ ନଥିଲେ। ଯଦି କେହି ମୁହଁ ଖୋଲୁଥିଲେ ମାଫିଆମାନେ ସେମାନଙ୍କୁ ଚୁପ କରିଦେଉଥିଲେ। ମାଫିଆମାନଙ୍କ କଥାରେ ଅମାନିଆ ହେଲେ ସେମାନଙ୍କ ମୃତଦେହ ଜଙ୍ଗଲରୁ ମିଳୁଥିଲା। ଏଣୁ ରାଜ୍ୟ ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।


ଅଧିକାରୀମାନେ କୋଇଲା ଖଣିରେ ଚଢ଼ାଉ କରୁଛନ୍ତି।

## ତାଡ଼କା ବଧ, ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ

**ରାମଲୀଳା ଯାତ୍ରାର ଦ୍ୱିତୀୟ ରଜନୀ**

**ବଡ଼ଗାଁ,୮।୪(ଅଶୋକ ଷଡଙ୍ଗୀ)**

ବଡ଼ଗାଁରେ ରବିବାରଠାରୁ ଆରମ୍ଭ ହୋଇଥିବା ଖୋଲା ମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରାର ସୋମବାର ଦ୍ୱିତୀୟ ରଜନୀରେ ତାଡ଼କା ବଧ ଓ ଅହଲ୍ୟା ଉଦ୍ଧାର ବିଷୟବସ୍ତୁ ମଞ୍ଚସ୍ଥ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଳାକାରମାନେ ସୁନ୍ଦର ଅଭିନୟ ଦ୍ୱାରା ରାମାୟଣରେ ବର୍ଣ୍ଣିତ ଏହି ଦୃଶ୍ୟର ଚରିତ୍ର ଗୁଡ଼ିକୁ ନିଖୁଣ ଭାବେ ଫୁଟାଇ ପାରିଥିଲେ। ରାମ, ଲକ୍ଷ୍ମଣ, ଅହଲ୍ୟା, ବିଶ୍ୱାମିତ୍ର, ସୁବାହୁ, ମାରୀଚ, ତାଡ଼କା, ରାଜା ଦଶରଥ ଭୂମିକାରେ ଯଥାକ୍ରମେ ଅଭିଳାଷ ପାଣିଗ୍ରାହୀ, ଦୀପକ ପୃଷେଟ, ଦିବ୍ୟଲୋଚନ ପୃଷେଟ, ରାଜେଶ ଚକ୍ରବର୍ତ୍ତୀ, ରକି ସା, ନନ୍ଦୁ ସା ଅଭିନୟ କରିଥିଲେ।

ପରିବେଷିତ ବିଷୟବସ୍ତୁ ଅନୁଯାୟୀ ଋଷି ମୁନିଙ୍କ ଯଜ୍ଞ ସ୍ଥଳରେ ଅସୁରମାନେ ବିଘ୍ନ ଘଟାଇ ବିଭ୍ରାଟ ସୃଷ୍ଟି କରିଥିଲେ। ଅସୁରମାନଙ୍କ ଉପଦ୍ରବରେ ଋଷି ମୁନିମାନେ ତ୍ରାହି ତ୍ରାହି ଡାକ ଦେଲେ। ଋଷି ବିଶ୍ୱାମିତ୍ର ରାଜା ଦଶରଥଙ୍କ ପାଖକୁ ଯାଇ ରାମଚନ୍ଦ୍ରଙ୍କୁ ତାଙ୍କ ସହିତ ପଠାଇ ଅସୁର ନିପାତ କରି ଯଜ୍ଞ ସମ୍ପୂର୍ଣ୍ଣ ଓ ସମାପନ କରିବାକୁ ଜଣାଇଥିଲେ। ରାଜା ଦଶରଥଙ୍କ ଆଜ୍ଞା ପାଳନ କରି ରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସହିତ ବନ ଗମନ କଲେ। ସେଠାରେ ତାଡକାସୁର ସହିତ ଅନେକ ରାକ୍ଷସଙ୍କୁ ନିପାତ କଲାପରେ ଯଜ୍ଞ ସ୍ଥଳର ସୁରକ୍ଷା ଦେଇ ଯଜ୍ଞ କର୍ମ ସମ୍ପୂର୍ଣ୍ଣ କଲେ। ସେଠାରୁ ମିଥିଳା ରାଜ୍ୟ ଦେଇ ଗଲାବେଳେ ଗୌତମ ମୁନିଙ୍କ ଆଶ୍ରମ ନିକଟରେ ପାଷାଣ ହୋଇ ରହିଥିବା ଅହଲ୍ୟାଙ୍କ ପାଷାଣକୁ ଶ୍ରୀରାମଙ୍କ ପାଦସ୍ପର୍ଶ କରିବାରୁ ତାହା ଏକ ଅପୂର୍ବ ସୁନ୍ଦରୀ ରୂପ ନେଇଥିଲେ।

ଦ୍ୱିତୀୟ ରଜନୀର ବିଷୟବସ୍ତୁରେ ରାମ, ଯାତ୍ରାରେ ଅର୍ଜୁନ ନାୟକ ଓ ବିଭୂତି ନାୟକ ରାମାୟଣ ପାଠ କରୁଥିଲାବେଳେ ପଙ୍କଜ ମଝି ବାୟକ ଓ ସୁଧୀର ବିଶି, ଭିକାରୀ ଚରଣ ସା, ଅଚ୍ୟୁତ ସାହୁ ପାଳିଆ ଦାୟିତ୍ୱ ତୁଲାଉଛନ୍ତି। ବୁଧବାର ରାତିରେ ପର୍ଶୁରାମଙ୍କ ସହିତ ଶ୍ରୀରାମଙ୍କ ଭେଟ ଓ ଗୁରୁବାର ରାତିରେ ରାମଙ୍କ ବନ ଗମନ ମଞ୍ଚସ୍ଥ ହେବ।

# ନିଶାମୁକ୍ତି ଓ ମାନସିକ ଚାପ ପରିଚାଳନା ସଚେତନତା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ 'ନିଶା ମୁକ୍ତି ଓ ମାନସିକ ଚାପ ପରିଚାଳନା' ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ସେଲର ଅବସରପ୍ରାପ୍ତ ଇଞ୍ଜିନିୟର ଅଜିତ ପୁଝାରୀ, ଉମେଶ ବେହେରା ଇନ୍ସପେକ୍ଟର କ୍ରାଇମ ବ୍ରାଞ୍ଚ, ଦାସ, ବ୍ରହ୍ମକୁମାରୀ ଭଉଣୀ ସୁଜାତା ଏବଂ ନିରୁପମାବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବକ୍ତାମାନେ ନିଜକୁ କିପରି ଆମେ ନିଶା ଦ୍ରବ୍ୟରୁ ଦୂରେଇ ପରିବା, ନିଜ ପରିବାର ପାଇଁ ବଞ୍ଚିକି ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ମାନଙ୍କୁ ବିଭିନ୍ନ ଆଇନ ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ନିଶ୍ଚିତ ଭାବରେ ଏହିପରି କାର୍ଯ୍ୟକ୍ରମ ବିଭିନ୍ନ ବର୍ଗର ଛାତ୍ର ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ ଲାଭଦାୟକ ବୋଲି ମତ ଦେଇଥିଲେ। ଶିକ୍ଷକ ଦେବାଶିଷ ଦାସ, ସସ୍ମିତା ସାହୁ, ଅଶୋକ ପରିଡ଼ା, ପ୍ରିୟଙ୍କା ଜେନା, ମାୟୀକେଲା ଖାଲଖୋ, ପାରିଜାତ ବଡ଼ପଣ୍ଡା, ରଶ୍ମି ସିଂ, ବିଶ୍ୱ ନାୟକ, ବଶିଷ୍ଠ ଠାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ବ୍ଲକସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛଟେନପାଲି ଗ୍ରାମପଞ୍ଚାୟତ ସୁର୍ଗୁଡା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦିତ କୁମାର ପଟେଲ ମୁଖ୍ୟ ବକ୍ତା, ବିଡ଼ିଓ ଆତସୀ ପରିଡ଼ା, ଏଡିଇଓ ସାରଙ୍ଗଧର ବରିହା, ଲେଫ୍ରିପଡା ବ୍ଲକ ଶିକ୍ଷାଧିକାରୀ ଅଶୋକ ଲାକ୍ରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କିଶୋର ଅର୍କ, ସମ୍ବଲପୁର ବିଇଓ ରମେଶ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡିଆ ଅଧ୍ୟାପକ ଯୁବରାଜ ସା ମଞ୍ଚ ପରିଚାଳନା ଏବଂ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶିଲ ପୃଷେଟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୨୦୨୨ ଶିକ୍ଷା ବର୍ଷରୁ ବର୍ତ୍ତମାନ ଯାଏ ଅବସର ନେଇଥିବା ୪୭ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ସଚେତନତା ଶିବିର

**ସୁନ୍ଦରଗଡ଼,୮।୪(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ଆଇନ ସେବା ପ୍ରାଧୀକରଣଙ୍କ ତରଫରୁ ଭବାନୀପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଏହି ଶିବିର ଆୟୋଜିତ ହୋଇଥିଲା। କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ରୋକିବା ଅଧିନିୟମ (ପୋସ ଆକ୍ଟ)ଏବଂ ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମ ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡା.ରୀନତି ମିଶ୍ର, ନ୍ୟାୟ ରକ୍ଷକ କମଳଲୋଚନ ସେନ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ ସଙ୍ଘମିତ୍ରା ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଦାବିପତ୍ର ଦେଲେ ଯୋଗାଣ ସହାୟକ


ଲହୁଣୀପଡା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଲହୁଣୀପଡା,୮।୪(ଦାଶରଥି ପଣ୍ଡା)**

ରାଜ୍ୟ ଯୋଗାଣ ସହାୟକ ସଂଘ ନିଷ୍ପତ୍ତି କ୍ରମେ ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅଧୀନ ୧୭ଟି ପଞ୍ଚାୟତରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ସମୂହ ଛୁଟି ପାଇଁ ଲହୁଣୀପଡା ବିଡ଼ିଓ ଅନୁରାଗ ମିଶ୍ରଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୨ରୁ ଯୋଗାଣ ସହାୟକମାନେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଖାଦ୍ୟ ସାମଗ୍ରୀ ଯୋଗାଣ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। କିନ୍ତୁ ସେମାନଙ୍କୁ ନିୟମିତ କରିବା ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସହାୟତା ପ୍ରଦାନ କରାଯାଉ ବୋଲି ଦାବି ହେଉଥିଲେ ମଧ୍ୟ ସରକାର ଆଜି ପର୍ଯ୍ୟନ୍ତ ଦାବି ପୂରଣ ନ କରି ଅଣଦେଖା କରିଆସୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ସରକାର ସ୍ଥାୟୀ ନିଯୁକ୍ତି ନେଇ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୧୫ ତାରିଖରୁ ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ ଡାକରା ଦିଆଯାଇଛି। ଲହୁଣୀପଡା ବ୍ଲକ ଯୋଗାଣ ସହାୟକ ସଂଘ ତରଫରୁ ମନୋଜ କୁମାର ପଟେଲ, ସୁଜିତ କୁମାର ସାହୁ, ସୁଧାଂଶୁ କୁମାର ମାହାନ୍ତ, ବେଦମତି ମାହାନ୍ତ, ରମେଶ ଚନ୍ଦ୍ର ପାତ୍ର, ବର୍ଷା କିଷାନ, ରଶ୍ମିରେଖା ମାହାନ୍ତ, ଜିତେନ୍ଦ୍ର କୁମାର ମାହାନ୍ତ, ସନ୍ତୋଷୀ ମାହାନ୍ତ, ରୀନାରାଣୀ ମାହାନ୍ତ, ପୁନମ ମିଞ୍ଜ, ବୃନ୍ଦାବତୀ ନାୟକ, ଆଜମର ମୁଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ବେଦାନ୍ତର 'ପ୍ରକଳ୍ପ ବିଦ୍ୟା ଓ ନିର୍ମଳ'

**ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)**

ଆଲୁମିନିୟମ ଉତ୍ପାଦନକାରୀ ସଂସ୍ଥା ବେଦାନ୍ତ ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ 'ପ୍ରକଳ୍ପ ବିଦ୍ୟା' ଓ 'ପ୍ରକଳ୍ପ ନିର୍ମଳ' କାର୍ଯ୍ୟକାରୀ କରୁଛି। ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ପାର୍ଶ୍ୱବର୍ତ୍ତୀ ହେମଗିରି ଓ କୁରାଲୋଇ ଅଞ୍ଚଳରେ ଉଭୟ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ ହଜାର ଲୋକ ଉପକୃତ ହେଉଛନ୍ତି। ହେମଗିରି ମୁନ୍ଦରଖେତ ଅଞ୍ଚଳରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏବିଡିଓ ଜିତେନ୍ଦ୍ର ମୁଣ୍ଡା, ଏବିଇଓ କପିଳଚନ୍ଦ୍ର ଦାସ, ମୁନ୍ଦରକେଥ ସରପଞ୍ଚ ସନ୍ନ୍ୟାସୀ ବାଗ, ଗର୍ଜାନଜୋର ସରପଞ୍ଚ ସୁନନ୍ଦା କାଲୋ ଏବଂ ଚକ୍ର କ୍ଲଷ୍ଟର ସିଆର୍‌ସିସି ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବେଦାନ୍ତ କୋଲ ମାଇନ୍ସ ସିଇଓ ଡାଭିଡ୍ ଷ୍ଟୋନ୍ କହିଛନ୍ତି, ବେଦାନ୍ତ ସବୁବେଳେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥାଏ। ତେଣୁ ପ୍ରକଳ୍ପ ବିଦ୍ୟା ଅଧୀନରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଥିବାବେଳେ 'ପ୍ରକଳ୍ପ ନିର୍ମଳ' ଅଧୀନରେ ସ୍ୱଚ୍ଛ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରକଳ୍ପ ବିଦ୍ୟା ଅଧୀନରେ ଯେଉଁ ସରକାରୀ ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ରହିଛି, ସେହି ସ୍କୁଲରେ ଶିକ୍ଷକ ନିଯୁକ୍ତ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୨ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରକଳ୍ପ ନିର୍ମଳ ଅଧୀନରେ ଆଖପାଖର ୧୨ଟି ଗାଁକୁ ୧୧ଟି ସୌରଚାଳିତ ବୋର୍‌ୱେଲ, ୫୦ ବାୟୋଟଏଲେଟ୍ ଏବଂ ୨୦ଟି ୱାଟର ପ୍ୟୁରିଫାୟାର ଯୋଗାଇ ଦିଆଯାଇଛି।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦ୍‌ଘାଟିତ

**କୁତ୍ରା,୮।୪(ଦେବାଶିଷ ସାହୁ)**

କୁତ୍ରା ଚୁନିପଡାରେ ନୂତନ ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମାଜସେବୀ ଶଙ୍କର ପ୍ରସାଦ ଟପ୍ପୋ, ମହେନ୍ଦ୍ର ସରୋନିଆ, ସୁନୀଲ ପଟେଲ, ରବୀନ୍ଦ୍ର ପଣ୍ଡା, ରାଧାନାଥ ଦିଶ୍ରୀ, ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅତିଥିମାନେ ନୂତନ ଭାବେ ଆଡମିଶନ କରିଥିବା ଶିଶୁଙ୍କ ହାତରେ ଫିତା କାଟି ଶିକ୍ଷାନୁଷ୍ଠାନର ଉଦ୍‌ଘାଟନ କରିଥିଲେ।

# ସୁନ୍ଦରଗଡ଼ର ବିଶାଳ ଓରାମଙ୍କ ସଫଳତା

**ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ**

**ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଡୁଲି)**

ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଥମ ଥର ପାଇଁ ଆୟୋଜିତ ୫୭ତମ ଜାତୀୟ ଖୋ ଖୋ ଚମ୍ପିୟନଶିପ୍‌ରେ ଓଡ଼ିଶାର ମହିଳା ଦଳ ସିଲଭର ଏବଂ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ରାଜ୍ୟ ବାଳକ ବର୍ଗରେ ସୁନ୍ଦରଗଡ଼ ଜିଲାର ବିଶାଲ ଓରାମ ଏହି ସଫଳତା ହାସଲ କରିଛନ୍ତି। ବିଶାଲ ବାଲିଶଙ୍କରା ବ୍ଲକ କଣ୍ଡାବାହାଲ ଗ୍ରାମର। ତୁଳସୀ ଓରାମ ଓ ଭାଗବତୀଙ୍କ ପୁତ୍ର। ସେ ସବଡେଗା ସହଯୋଗ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି କଳା ପ୍ରଥମ ବର୍ଷର ଛାତ୍ର। ରାଜ୍ୟ ସ୍ତରୀୟ ଖୋ ଖୋ ରେଫରୀ ତଥା ପ୍ରଶିକ୍ଷକ ଅନୀଲ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅଭ୍ୟାସ କରୁଥିଲେ। ନିଜ ପ୍ରତିଭା ବଳରେ ବିଶାଳ ବର୍ତ୍ତମାନ ଯାଏ ୧୧ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୩ଟି କାନସ୍ୟ ପଦକ ହାସଲ କରିସାରିଛନ୍ତି। ବିଶାଳଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ସସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ ଓ ସବଡେଗା ସହଯୋଗ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ସଙ୍ଘମିତ୍ରା ସାହୁ ଶୁଭେଚ୍ଛା ଜଣାଇଛନ୍ତି।


ବିଶାଲ ଓରାମ।

## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ

**ଲହୁଣୀପଡ଼ା,୮।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ପରିସରରେ ମଙ୍ଗବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡା, ଅନିରୁଦ୍ଧ ବେହେରା, ଡା,ସସ୍ମିତା ରାଣୀ ନାଗ, ଡା. ଅରବିନ୍ଦ ସାହୁ ଏବଂ ତାଙ୍କର ସହଯୋଗୀ ତାରାବତୀ ମିଞ୍ଜ, ପଦ୍ମିନୀ ମାହାନ୍ତ, ଅଞ୍ଜନା ମାହାନ୍ତ, ରମାକାନ୍ତ ପାତ୍ର, ଇନ୍ଦ୍ରଜିତ ପ୍ରଧାନ, ହେମନ୍ତ କୁମାର ସିଂ, ସେଖ ମୁଜାଫର ସାବା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଲହୁଣୀପଡ଼ା ଥାନା ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝାଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବ୍ ଇନ୍ସପେକ୍ଟର ପ୍ରିୟବ୍ରତ ବେହେରା, ସୁଦର୍ଶନ ଦେହୁରୀ, ପ୍ରସନ୍ନ କୁମାର ଜେନା, ରଶ୍ମିରଞ୍ଜନ ପରିଜା ଓ ଥାନା କର୍ମଚାରୀଙ୍କ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

# ଜିଲାକୁ ସୁନ୍ଦର, ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧ କରିବାକୁ ଗୁରୁତ୍ୱାରୋପ

**ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଅଭିଯାନ**

**ସୁନ୍ଦରଗଡ଼, ୮।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଆ ପକ୍ଷ ପାଳନ ଅବସରରେ ମଙ୍ଗଳବାର ଅଷ୍ଟମ ଦିବସରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୁନ୍ଦରଗଡ଼ ପୌରପାଳିକା, ଜିଲା ରେଡକ୍ରସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଏହି ରକ୍ତଦାନ ଅଭିଯାନ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଏହି ରକ୍ତଦାନ ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ।

ଏହି ଅବସରରେ ଉପବାଚସ୍ପତି ଭୋଇ 'ରକ୍ତଦାନ ମହତ୍ ଦାନ, ରକ୍ତଦାନ ଦ୍ୱାରା ଆମେ ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେଉଥାଉ। ତେଣୁ ଏହି ମହ୍ନ ଉଦ୍ଦେଶ୍ୟ ନିମନ୍ତେ ସମସ୍ତେ ଆଗଭର ହେବା ଆବଶ୍ୟକ" ବୋଲି ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ସେହିଭଳି ସରକାରଙ୍କ ଏହି ଓଡ଼ିଆ ପକ୍ଷ ପାଳନ ନେଇ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲାକୁ ସୁନ୍ଦର ତଥା ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧ କରିବା ଉପରେ ଅତିଥିମାନେ ଗୁରୁତ୍ୱରୋପ କରିଥିଲେ। ଏହି ରକ୍ତଦାନ ଅଭିଯାନରେ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଜିଲା କାର୍ଯ୍ୟାଳୟ, ସଦର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ମହନ୍ତ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦିରା ଗଡ଼ନାୟକ, ଡେପୁଟି କଲେକ୍ଟର ତଥା ରେଡକ୍ରସର ସମ୍ପାଦକ ଅଶିନୀ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ରେଡକ୍ରସର ଆଜୀବନ ସଭ୍ୟ ଅଜିତ ପ୍ରସାଦ, ପ୍ରଦୀପ ସାହୁ, ବୈକୁଣ୍ଠ ବୋନଛର, ତାରାକାନ୍ତ ପଟେଲ, ଡ଼ା. ଲବଣୀଧର ଦାନି, ପ୍ରତାପ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଯୁବ ରେଡକ୍ରସର ସଯୋଜକ ସହକାରୀ ପ୍ରଫେସର ଚିତ୍ତରଞ୍ଜନ ବାରିକ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଡ. ସଞ୍ଜୟ କୁମାର ବେହେରା ଏବଂ ସହକାରୀ ପ୍ରଫେସର ଡ. କରନ କୁମାର ପ୍ରଧାନ ପ୍ରଥମେ ରକ୍ତଦାନ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଭାଜପା ପକ୍ଷରୁ ଘର ଘର ଝଣ୍ଡା କାର୍ଯ୍ୟକ୍ରମ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ାରେ ଭାଜପାର ପ୍ରତିଷ୍ଠା ଦିବସ ଅବସରରେ ଘର ଘର ଝଣ୍ଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ମୌଲିଗୁଡ଼ିଠାରେ ପହଞ୍ଚି ଭାଜପା କାର୍ଯ୍ୟକର୍ତ୍ତାଙ୍କ ଘରେ ଝଣ୍ଡା ବାନ୍ଧି ଭାଜପାର ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଘରେ ଏବଂ ସମସ୍ତ ପାର୍ଟି କାର୍ଯ୍ୟାଳୟରେ ପାର୍ଟିର ପତାକା ଉତ୍ତୋଳନ କରିବା ଏବଂ ଉଡ଼ାଇବା, ତାହା ସହିତ ପାର୍ଟି ପତାକା ସହ ସେଲ୍ଫି ନେଇ ଭାଜପାର ବିକଶିତ ଭାରତ ସହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଜିଲା ଭାଜପାର ବଲବିନ୍ଦର୍ ସିଂ, ରଞ୍ଜନ ପ୍ରଧାନ, ବିମଳେନ୍ଦୁ ଭୋଇ, ପ୍ରେମ୍ ସେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଳବୈଶାଖୀ ପ୍ରଭାବରେ କୁଆପଥର ବୃଷ୍ଟି

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ତୁହାକୁ ତୁହା ବର୍ଷା ସାଙ୍ଗକୁ କୁଆ ପଥର ବୃଷ୍ଟି ହୋଇଛି। ଏହା ଦ୍ୱାରା ବହୁ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ଏହାର ପ୍ରଭାବରେ ବିଶେଷ ଭାବେ ବାରକୋଟ ବ୍ଲକର କଲା ଗ୍ରାମପଞ୍ଚାୟତ ଓ ଆଖପାଖ ଗ୍ରାମରେ ଚାଳ ଛପର, ଟାଇଲ ଏବଂ ଆଜବେଷ୍ଟସ ଛାତ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଟମାଟୋ, ସୂର୍ଯ୍ୟମୁଖି ଓ ଭେଣ୍ଡି ସମେତ ବିଭୀନ୍ନ ପନିପରିବା ଫସଲ ନଷ୍ଟ ହୋଇଥିବା ବେଳେ ଏହି ଋତୁର ମୁଖ୍ୟ ତରଭୁଜ ଚାଷ ଅଧିକ କ୍ଷତିଗ୍ରସ୍ତ ହୋଇଛି।

### ୨୦୦ ନମ୍ବର ଜାତୀୟ ରାଜପଥ 'କର୍ମବୀର ଦେବେନ୍ଦ୍ର କର୍ତ୍ତବ୍ୟପଥ' ନାମରେ ହେଉ

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ପୂର୍ବତନ ଦେବଗଡ଼ ଲୋକ ସଭା ସଦସ୍ୟ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ନାମରେ ୨୦୦ ନମ୍ବର ଜାତୀୟ ରାଜପଥ 'କର୍ମବୀର ଦେବେନ୍ଦ୍ର କର୍ତ୍ତବ୍ୟପଥ' ନାମକରଣ କରିବା ପାଇଁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖରେ ନିବେଦନ କରିଛନ୍ତି ଯୁବନେତା ତଥା ସାମାଜିକ କର୍ମୀ ସୌରଭ ଗୋଏଲ । ସୂଚନା ଯେ, ସ୍ୱର୍ଗତ ପ୍ରଧାନଙ୍କ କାର୍ଯ୍ୟ ସମୟରେ ୨୦୦ ନମ୍ବର ଜାତୀୟ ରାଜପଥ ହୋଇଥିଲା। ଏଥିସହ ସ୍ୱର୍ଗତ ପ୍ରଧାନଙ୍କ ଅବଦାନ, ତ୍ୟାଗ, ସମର୍ପଣ, ଆଦର୍ଶ ଓ ସ୍ୱର୍ଣ୍ଣସ୍ମୃତିକୁ ଲିପିବଦ୍ଧ କରିବା, ତଥା ମାର୍ଗଦର୍ଶକଙ୍କ ମାର୍ଗଦର୍ଶନରେ ନୂଆ ଯୁବପିଢ଼ି ସଫଳତା ପାଇବାରେ ସହାୟକ ହେବା ପାଇଁ ଯୁବ ନେତା ଗୋଏଲ ଜିଲାପାଳ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିବେଦନପତ୍ର ପ୍ରଦାନ କରିଛନ୍ତି।

### ଟ୍ରେନ୍ ଧକ୍କାରେ ମା' ମୃତ, ବର୍ତ୍ତିଗଲେ ୪ ବର୍ଷର ଶିଶୁ

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳ ଫାଟକ ନିକଟରେ ଉତ୍କଳ ଏକ୍ସପ୍ରେସ ଧକ୍କାରେ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ୪ ବର୍ଷୀୟ ଶିଶପୁତ୍ର ଅଳ୍ପକେ ବର୍ତ୍ତିଯାଇଛି। ମୃତ ମହିଳା ହେଲେ ମଞ୍ଜୁ ଯାଦବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ତାଙ୍କ ୪ ବର୍ଷୀୟା ଶିଶୁ ପୁତ୍ରକୁ ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ସୂଚନା ଯେ, ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ମହିଳାଙ୍କ ୪ ବର୍ଷୀୟ ଶିଶୁ ବେଲପାହାଡ ରେଳ ଫାଟକ ପାରି ହେଉଥିଲେ। ଏହି ସମୟରେ ଉତ୍କଳ ଏକ୍ସପ୍ରେସ ଟ୍ରେନ ଦ୍ରୁତ ଗତିରେ ଆସୁଥିଲା। ଏହାଦେଖି ପୁଅକୁ ବଞ୍ଚାଇବା ପାଇଁ ମା' ଦୌଡ଼ି ଯାଇଥିଲେ। ଫଳରେ ଟ୍ରେନରେ ପିଟି ହୋଇ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ବର୍ତ୍ତି ଯାଇଛନ୍ତି। ମହିଳାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦଳକୁ ଅଧିକ ସଙ୍ଗଠିତ, ଶକ୍ତିଶାଳୀ କରିବାକୁ ଆହ୍ୱାନ

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ଭାଜପାର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ଭାଜପା ମଣ୍ଡଳ ସଭାପତି ତଥା ଯୁବ ନେତା ରାଜେନ୍ଦ୍ର କୁମାର ଆଚାର୍ଯ୍ୟ(ରାଜୁ)ଙ୍କ ଆବାହକତ୍ୱ ଏବଂ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନ ଓ ବରିଷ୍ଠ ନେତା ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଭାଜପା ଦଳର ଇତିହାସ ଓ ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲାର ପ୍ରତ୍ୟେକ ନେତା, କର୍ମୀ ଓ ନିର୍ବାଚିତ ଲୋକ ପ୍ରତିନିଧି କାନ୍ଧରେ କାନ୍ଧ ମିଳାଇ ଦଳକୁ ଆଗାମୀ ଦିନରେ ଅଧିକରୁ ଅଧିକ ସଙ୍ଗଠିତ ଏବଂ ଶକ୍ତିଶାଳୀ କରିବାକୁ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେବଗଡ଼ ସହରରେ ଏକ ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

# ପ୍ରଥମେ ବିସ୍ଥାପିତଙ୍କ ସମସ୍ୟା ସମାଧାନ କର

■ ଏନ୍‌ଏଲ୍‌ସି ଇଣ୍ଡିଆ ମାଟି, ଡଷ୍ଟ ପକାଇବା ବନ୍ଦ କରିବା ଦାବି

■ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପତ୍ରାପାଲି ପଞ୍ଚାୟତବାସୀ

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ପତ୍ରାପାଲି ଗ୍ରାମପଞ୍ଚାୟତବାସୀ ବିସ୍ଥାପିତ ଓ ପ୍ରଭାବିତଙ୍କ ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ଏନ୍‌ଏଲ୍‌ସି ଇଣ୍ଡିଆ କମ୍ପାନୀ ଦ୍ୱାରା ମାଟି ଓ ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଦାବି କରାଯାଇଛି। ଏହିକ୍ରମରେ ପତ୍ରାପାଲି ପଞ୍ଚାୟତବାସୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏନ୍‌ଏଲ୍‌ସି ଇଣ୍ଡିଆ (ଜାତୀୟ କୋଇଲା କମ୍ପାନୀ) ତଲାବିରା-୧ ଏବଂ ୨-ଦ୍ୱାରା ପତ୍ରାପାଲି ତଥା ଏହାର ଅଖପାଖରେ ପ୍ରାୟ ୨୪ ହଜାର କୋଟିର ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ଲୋକଙ୍କୁ ବିସ୍ଥାପିତ କରିଛି। ଏଥିସହ ମଳଦା ଓ ରାମପୁର ଅଞ୍ଚଳର ଏକ ପ୍ରାକୃତିକ ପୂର୍ଣ୍ଣ ଜଙ୍ଗଲ ତଥା ହଜାର ହଜାର ଏକର ସରକାରୀ ଜମି ନିଜ କବଳକୁ ନେଇ ସାରିଛି। କିନ୍ତୁ ପତ୍ରାପାଲି ପଞ୍ଚାୟତରେ ଥିବା ଜନସାଧାରଣଙ୍କ ବିସ୍ଥାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନ କରି ଏନ୍‌ଏଲ୍‌ସି ମାଟି ତଥା ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ ଆରମ୍ଭ କରି ଦେଇଛି। ଫଳରେ ଅଞ୍ଚଳର ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ କଷ୍ଟକର ହୋଇ ପଡ଼ିଲାଣି। ଶ୍ୱାସକ୍ରିୟା ନେବା, ପବନ, ଗାଧୋଇବା ପାଣି ସବୁ ବିଷାକ୍ତ ଓ ଦୂଷିତ ହୋଇସାରିଛି। ପତ୍ରାପାଲି ଅଞ୍ଚଳରେ କମ୍ପାନୀର କାର୍ଯ୍ୟକାଳ ୬ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିସ୍ଥାପିତ ଓ ପ୍ରଭାବିତଙ୍କ ଥଇଥାନ ଓ ସୁବିଧା ନ କରି କମ୍ପାନୀ ନିଜ ସ୍ୱାର୍ଥରେ ହାସଲରେ ଲାଗି ପଡିଛି। ମିଛ ପ୍ରତିଶ୍ରୁତି ଦେଖାଇ ପତ୍ରାପାଲି ଓ ରାମପୁର ଜଙ୍ଗଲ ଧ୍ୱଂସ କରିଦେଇ ସେଥିରୁ ମାଟି ଓ ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ କରି ଚାଲିଛି। ରାସ୍ତାକଡ଼, ଗାଁ ମୁଣ୍ଡରେ ମାଟି ଓ ଡଷ୍ଟ ଡମ୍ପିଙ୍ଗ କରିବା ଦ୍ୱାରା ଛାତ୍ରୀଛାତ୍ର, ଜନସାଧାରଣଙ୍କ ଯାତାୟାତରେ ବାଧା ହେବା ସହ ପରିବେଶ ଦୂଷିତ କରୁଛି। ପତ୍ରାପାଲିବାସୀଙ୍କ ଅଭିଯୋଗ ଅନୁସାରେ କମ୍ପାନୀ କୋଲ ବିୟରିଙ୍ଗ ଆକ୍ଟର ଖିଲାପି କରୁଛି। ଅଞ୍ଚଳବାସୀ ଆଗାମୀ ଦିନରେ ଯଦି ମାଟି ଓ ଡଷ୍ଟ ଡମ୍ପିଙ୍ଗ କାର୍ଯ୍ୟ ବନ୍ଦ ନ କରେ ତେବେ କମ୍ପାନୀ ଅନିର୍ଦ୍ଦିଷ୍ଟ କାଳ ବନ୍ଦ କରିବା ପାଇଁ ଆନ୍ଦୋଳନ ଓ ଧାରଣା ଦେବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଅଞ୍ଚଳବାସୀ ଆର୍‌ଡିସି, ଏସ୍‌ପି, ବିଧାୟକଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଦାବିପତ୍ର ଦେବା ସମୟରେ ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଇକ, ସନତ କୁମାର ସାହୁ, ସନ୍ତୋଷ ସେଠ, ଚୈତନ୍ୟ ସାହୁଙ୍କ ସହିତ ପତ୍ରାପାଲି ପଞ୍ଚାୟତ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି ପତ୍ରାପାଲି ଗ୍ରାମବାସୀ।

# ଜିଲା ମୁଖ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ଓ ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୩ଟି ଅଭିଯୋଗ ଆଗତ ହୋଇଥିବା ବେଳେ ସେଥିରୁ ୧୦ଟି ସାମୂହିକ ଓ ୩୩ଟି ବ୍ୟକ୍ତିଗତ। ବିଟିଏମ୍ କଲୋନି ଶ୍ମଶାନ ପାଚେରି ନିର୍ମାଣ ସହ ବିଦ୍ୟୁତ୍ ସଂଯୋଗ, ବିଟିଏମ୍ ଜମି କିଣିଥିବା ବ୍ୟକ୍ତିଙ୍କ ପଟ୍ଟା ରଦ୍ଦ କରାଯିବା, ବଡ଼ମାଲ ରୋହିଦାସପଡ଼ାରେ କମ୍ପାନୀ ଅଧିଗୃହୀତ ଜମିର କ୍ଷତିପୂରଣ ରାଶି ପ୍ରଦାନ କରାଯିବା, ବେହେରାପାଟରେ ଡ୍ରେନ୍ ନିର୍ମାଣ, ୱାର୍ଡ ନଂ. ୪ରେ ନିଜସ୍ୱ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ଲଇକେରା ଥାନା ଓ ବାଗଡିହି ଫାଣ୍ଡିରେ ଅଭିଯୋଗକାରୀଙ୍କୁ ମାଡ଼ ମରାଯିବା, କୋଲାବିରାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି କରାଯାଇଥିଲା। ଶିବିରରେ ୨ ଜଣଙ୍କୁ ଚିକିତ୍ସା ବାବଦକୁ ରେଡକ୍ରସ ପାଣ୍ଠିରୁ ୩୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ସମ୍ପର୍କରେ ତର୍ଜମା ପୂର୍ବକ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଅଣ୍ଡର ୧୫ ଫୁଟ୍‌ବଲ୍ ଚାମ୍ପିୟନଶିପ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ଜିଲା କ୍ରୀଡା ସଂଘ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଅଣ୍ଡର ୧୫ ଫୁଟ୍‌ବଲ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍ ୭ ଏପ୍ରିଲଠାରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦଘାଟନରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ନମିନୀ ଅରୁଣ ସାହୁ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା କ୍ରୀଡା ଅଧିକାରୀ ତାପସ କୁମାର ମହାନ୍ତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଉପ ସଭାପତି ଜିଲା କ୍ରୀଡା ସଂଘ ଭୁବନେଶ୍ୱର ପ୍ରଧାନ, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ ପ୍ରମୁଖ ଯୋଗଦେଇ ଅଣ୍ଡର ୧୫ ଫୁଟବଲ ଚାମ୍ପିୟନଶିପ୍ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ମନରମା କ୍ଲବ ଦେବଗଡ଼ ବନାମ ମହାଲକ୍ଷ୍ମୀ କ୍ଲବ କୁରଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଏହି ମ୍ୟାଚ୍‌ରେ ମନରମା କ୍ଲବ ୫-୦ ଗୋଲରେ ମହାଲକ୍ଷ୍ମୀ କ୍ଲବକୁ ପରାସ୍ତ କରି ବିଜୟ ହୋଇଛି। ମ୍ୟାଚ୍‌ରେ ରେଫରି ଭାବେ ମୁକୁନ୍ଦ ବେହେରା, ସୌରଭ କୁମାର ନାୟକ, ଆଲୋକ ବେହେରା, ଭୂପେନ ନାୟକ ପରିଚାଳନା କରିଥିଲେ।

# ଜାଲ୍ ଦସ୍ତାବିଜରେ ଜମି ବିକ୍ରି ଉଦ୍ୟମ

**ଅଭିଯୋଗ କଲେ ଜିଲା ଉପନିବନ୍ଧକ**

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ଜାଲ ଦସ୍ତାବିଜରେ ଦେବଗଡ଼ ପୌରାଞ୍ଚଳ ବାବୁସାହି (ୟୁନିଟ-୮)ର ଏକ ମୂଲ୍ୟବାନ ଜମି ବିକ୍ରି ଉଦ୍ୟମ ହେଉଥିବା ଜିଲା ଉପନିବନ୍ଧକଙ୍କ ଦ୍ୱାରା ଧରାପଡିଛି। ଏ ନେଇ ଜିଲା ଉପ ନିବନ୍ଧକ ଦେବଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦେବଗଡ଼ ପୌରାଞ୍ଚଳ ତଳ ଭିତିରିଆସାହିର ଜଣେ ବିଧବା ମହିଳା ଓ ତାଙ୍କ ପୁଅ ବିରୋଧରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ପୌରାଞ୍ଚଳ ତଳ ଭିତିରିଆ ସାହିର ସ୍ୱର୍ଗତଃ ଅରୁଣ ପ୍ରଧାନଙ୍କ ସ୍ତ୍ରୀ ସଞ୍ଜୁକ୍ତା ପ୍ରଧାନ ଓ ପୁଅ ଶାନ୍ତନୁ ଦେବଗଡ଼ ପୌରାଞ୍ଚଳ ବାବୁସାହି (ୟୁନିଟ-୮)ର ୫୬ ଡେସିମିଲ ଜମିକୁ ୮୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଦେବଗଡ଼ ପୌରାଞ୍ଚଳ ରଙ୍ଗିଆଗୁଡା ସାହିର ସୁଜାତା ହଂସ, ତଳ ଭିତିରିଆ ସାହିର ସଞ୍ଜୟ ଖାଁ, ମେହେଜାବିନ ବାନୋ ଓ ତିଲେଇବଣି ବ୍ଲକ ତଥା ଦେବଗଡ ଥାନାଞ୍ଚଳ କୁରେହିଁବାହାଲ ଗ୍ରାମର ଡୋଲାକାନ୍ତ ନାୟକଙ୍କୁ ବିକ୍ରି ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ସଞ୍ଜୁକ୍ତା ଓ ଶାନ୍ତନୁ ଜାଲ ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୪ଲକ୍ଷ ୪୪ ହଜାର ଟଙ୍କାର ଷ୍ଟାମ୍ପ ଡ୍ୟୁଟି ସହିତ ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରି ଜମି ବିକ୍ରି ଓ ପଞ୍ଜୀକରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କାଗଜପତ୍ର ଯାଞ୍ଚ ସମୟରେ ଦାଖଲ ହୋଇଥିବା ଲିଗାଲ ହେୟାର ସାର୍ଟିଫିକେଟ ଜାଲ ହୋଇଥିବା ଜିଲା ଉପ ନିବନ୍ଧକଙ୍କ ସନ୍ଦେହ ହୋଇଥିଲା । ଫଳରେ ସେ ଦାଖଲ ଲିଗାଲ ହେୟାର ସାର୍ଟିଫିକେଟର ବୈଦ୍ଧତା ପାଇଁ ଦେବଗଡ଼ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ଏହା ଜାଲ ବୋଲି ଜଣାପଡ଼ିଥିଲା। ଫଳରେ ଏ ନେଇ ଦେବଗଡ଼ ଥାନାରେ ଜିଲା ଉପନିବନ୍ଧକ ଅଭିଯୋଗ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର



ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିର।

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ଏପ୍ରିଲ ପହିଲାରୁ ୧୪ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ ହେଉଛି। ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଝାରସୁଗୁଡ଼ା ସହରସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ତଥା ଝାରସୁଗୁଡ଼ା ବ୍ଲଡ଼ ବ୍ୟାଙ୍କ ମୁଖ୍ୟ ଡ଼ା.ସିଲୱନ୍ତି ଯୋଜୋ ତଥା ଅନ୍ୟ ବ୍ଲଡବ୍ୟାଙ୍କ କର୍ମଚାରୀଙ୍କ ସହଯୋଗରେ ମହାବିଦ୍ୟାଳୟଠାରେ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ସଂଯୋଜକ ଡ. ମନୀଷ କୁମାର ଦ୍ୱିବେଦୀ, ଜାତୀୟ ସେବା ସଂସ୍ଥା ମୁଖ୍ୟ ଡ. ଲାଲଧାରୀ ସିଂ, ଏନ୍‌ସିସି ଅଫିସର୍ ଅଧ୍ୟାପକ ତପନ ସାହୁ, ଲେଫ୍ଟନାଣ୍ଟ ମାନସ ରଞ୍ଜନ ଆଚାର୍ଯ୍ୟ, ଡ. ଉଦ୍ଧବ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ବିଶେଷ ଭାବେ ମହାବିଦ୍ୟାଳୟ ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କ ସହିତ ଛାତ୍ରୀମାନେ ଉତ୍ସାହିତ ହୋଇ ରକ୍ତଦାନ କରିଥଲେ। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ଧନ୍ୟବାଦ ଦେଇଛନ୍ତି।

**ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର):** ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ଦେବଗଡ଼ ରକ୍ତ ଭଣ୍ଡାର ପରିସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ଜିଲାପଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଉପ ଜିଲାପଳ ପରକ୍ଷିତ ସାହୁ, ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ମନୋରଞ୍ଜନ ସାମଲ, ଭାରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ କେଦାର ନାଥ ନାୟକ, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହନ୍ତ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଯୋଗଦେଇ ଶିବିର ଶୁଭାରମ୍ଭ କରିବା ସହ ଆୟୋଜକ ଏବଂ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସର୍ବପ୍ରଥମେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ରକ୍ତଦାନ କରିବା ପରେ ବହୁ ଜନସାଧାରଣ, ସ୍ୱେଚ୍ଛାସେବୀ ଓ ସରକାରୀ କର୍ମଚାରୀ ମିଶି ମୋଟ ୨୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିର ପରିଚାଳନାରେ ଦେବଗଡ଼ ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।




ଦେବଗଡ଼ ରକ୍ତ ଭଣ୍ଡାରରେ ଆୟୋଜିତ ରକ୍ତଦାନ ଶିବିର।

# ଝାରସୁଗୁଡ଼ା ବିମାନ ବନ୍ଦରରେ ଆଇନ ମନ୍ତ୍ରୀଙ୍କୁ ସ୍ୱାଗତ

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ସମ୍ବଲପୁର ଜିଲା କୁଚିଣ୍ଡା ମହୋତ୍ସବରେ ଯୋଗଦେବାକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଅପରାହ୍ନ ୩ଟାରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆଇନ ମନ୍ତ୍ରୀ ଝାରସୁଗୁଡ଼ାରେ ପହଞ୍ଚିଥିବା ପରେ ବିଧାୟକ ଟଙ୍କଧର ତ୍ରିପାଠୀ ତାଙ୍କୁ ସ୍ୱାଗତ କରିଥିଲେ। ଝାରସୁଗୁଡ଼ା ବିମାନ ବନ୍ଦରରେ ଜିଲା ଭାଜପାର ବରିଷ୍ଠ ନେତା ପ୍ରେମସେନ ରାୟ, ପ୍ରମୋଦ ତ୍ରିପାଠୀ, ବଲବିନ୍ଦର ସିଂ, ରାଧେଶ୍ୟାମ ପ୍ରଧାନ, ବିବେକ ଶ୍ରୀବାସ, ହେମ ରଞ୍ଜନ ସିଂ, ନେତାଜୀ ପଟ୍ଟନାୟକ, ଅରବିନ୍ଦ ପାଠକ, ଲକ୍ଷ୍ମୀ ଜେନାଙ୍କ ସମେତ ଭାଜପା ମହିଳା ମୋର୍ଚ୍ଚାର ଅନେକ କର୍ମୀ ଉପସ୍ଥିତ ଥିଲେ।

# ସୋସିଆଲ ମିଡିଆରେ ବିଧାୟକଙ୍କ ବିରୋଧରେ ଅପମାନଜନକ ପୋଷ୍ଟ

**ଥାନାରେ ଅଭିଯୋଗ କଲା ଭାଜପା ମହିଳା ମୋର୍ଚ୍ଚା**

**ଝାରସୁଗୁଡ଼ା,୮।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଜଣେ ମହିଳା ସୋସିଆଲ ମିଡିଆରେ ଅପମାନଜନକ ପୋଷ୍ଟ କରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ ଥାନାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ବିଧାୟକ ତ୍ରିପାଠୀଙ୍କୁ ଅପମାନ କରିବା ଉଦ୍ଦେଶ୍ୟରେ ସହରସ୍ଥିତ ସରବାହାଲର ପଦ୍ମିନୀ ସିଂହ ନାମ୍ନୀ ଜଣେ ମହିଳା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏଭଳି ପୋଷ୍ଟ କରିଥିବା ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀପ୍ରିୟା ଜେନା ଅଭିଯୋଗ କରିଛନ୍ତି। ଏଭଳି ପୋଷ୍ଟ କରିବା ଦ୍ୱାରା ଅଞ୍ଚଳରେ ଶାନ୍ତିଶୃଙ୍ଖଳା କ୍ଷୁଣ୍ଣ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବିଧାୟକ ତ୍ରିପାଠୀଙ୍କ ନାମ ଏବଂ ଖ୍ୟାତିକୁ ବଦନାମ କରିବା ପାଇଁ ତାଙ୍କ ବିରୋଧରେ ଅପମାନଜନକ ଶବ୍ଦ ମଧ୍ୟ ପୋଷ୍ଟ ହୋଇଛି। ତାହା ସହିତ ସମ୍ପୃକ୍ତା ମହିଳା ବିଧାୟକଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଦୃଶ୍ୟମାନ ପ୍ରତିନିଧିତ୍ୱ ବ୍ୟବହାର କରିଥିବା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା ମହିଳା ମଣ୍ଡଳ ସଭାପତି ଲକ୍ଷ୍ମୀ ଜେନାଙ୍କ ସମେତ ତରନ ଦୁବେ, ପଦ୍ମିନୀ ପଟେଲ, ମିନତି ନାୟକ, ମମତା ପଟେଲ, ସରିତା ଦେବୀ, କିଶୋରୀ ନାୟକ, ଉମା ମେହେର, ବିନ୍ଦୁ ମୁଣ୍ଡା, ସନ୍ତୋଷ କୌର, ରଜନୀ ତିୱାରୀ ପ୍ରମୁଖ ଅଭିଯୋଗ ସମୟରେ ଉପସ୍ଥିତ ଥିଲେ।



ଭାଜପା ମହିଳା ମୋର୍ଚ୍ଚା କର୍ମୀ ପକ୍ଷରୁ ଟାଉନ ଥାନାରେ ମାମଲା ରୁଜୁ କରିବାକୁ ଆସିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣରେ ଅନିୟମିତତା


■ ପୂର୍ବରୁ ରାତ୍ରି ସମୟରେ ହେଉଥିଲା

■ ଏବେ ଦିନ ଦ୍ୱିପ୍ରହରେ ମେଶିନରେ ହେଉଛି ନିର୍ମାଣ କାର୍ଯ୍ୟ

■ ଭିଜିଲାନ୍ସ ତଦନ୍ତ ଦାବି

**ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଞ୍ଚାୟତରେ ବିନା ଶ୍ରମିକରେ ମେଶିନ ଯୋଗେ ରାତିଅଧିଆ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ହେଲେ ଏବେ ବିନା ସୂଚନା ଫଳକରେ ଦିନ ଦ୍ୱିପ୍ରହରେ ଖୋଲାଖୋଲି ମେଶିନରେ ରାସ୍ତା ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଫଳରେ କାମଧନ୍ଦା ଅଭାବରୁ ହାତବାନ୍ଧି ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୨ମାସ ପୂର୍ବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ତାଳକୁଣ୍ଡି ଗ୍ରାମପଞ୍ଚାୟତ କୁମୁରାମାରୀ ଗ୍ରାମର ଏଡ୍‌ମନ୍ ସାହିଠାରୁ ବାବା ସାହି ରାସ୍ତା ଓ କଲଭର୍ଟ ନିର୍ମାଣ କରାଯାଇଥିଲା। ତେବେ କଲଭର୍ଟ ନିର୍ମାଣରେ ଶ୍ରମିକ ନିୟୋଜିତ ହୋଇଥିବା ବେଳେ ରାସ୍ତାର ନିର୍ମାଣ କାର୍ଯ୍ୟ ରାତ୍ରିରେ ମେଶିନ ସହାୟତାରେ କରାଯାଇଥିଲା। ଅନୁରୂପ ଭାବେ ସେହି ଗ୍ରାମପଞ୍ଚାୟତ ଖାରପଡା ଗ୍ରାମରେ ପ୍ରକାଶ ଘରଠାରୁ କେନାଲ ରାସ୍ତା ମଧ୍ୟ ରାତ୍ରି ସମୟରେ ମେଶିନରେ କରାଯାଇଥିବା ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ସାହୁଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାସତ୍ତ୍ୱେ ଶ୍ରମିକ ବଦଳରେ ମେଶିନରେ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ସେହି ସମୟରେ ଉକ୍ତ ଗ୍ରାମପଞ୍ଚାୟତ ଗ୍ରାମରୋଜଗାର ସହାୟିକାଙ୍କୁ ପଚାରିବାରୁ 'ଦିନବେଳେ ଯାହା କାମ ହେଉଛି ତାହା ଆମେ ଦେଖିବାକୁ ପାଉଛୁ। ରାତ୍ରି ସମୟରେ ଯଦି ମେଶିନରେ କାମ କରାଯାଉଥିବ ତେବେ ମୁଁ କହିପାରିବି ନାହିଁ' ବୋଲି କହିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଗତ ୨ ଦିନ ହେଲା ଦିନ ଦ୍ୱିପ୍ରହରେ ଶ୍ରଦ୍ଧାପୁର-ବାଙ୍କଦର୍ହ ଏବଂ ଭାଲୁଖୋଳ-ଶ୍ରଦ୍ଧାପୁର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳୁଛି। କାମଧନ୍ଦା ଅଭାବରୁ ବସି ରହିଥିବା ଶ୍ରମିକ ଏବଂ ଗ୍ରାମବାସୀ ବିଭାଗୀୟ ପଞ୍ଚୟତର ଗ୍ରାମ ରୋଜଗାର ସେବକ ତପସ୍ୱିନୀ ସାହୁ, ନିର୍ବହୀ ଅଧିକାରୀ ରଶ୍ମି ପ୍ରଧାନ ଓ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିର୍ମାହୀ ଅଧିକାରୀ ରଶ୍ମୀ ପ୍ରଧାନଙ୍କ ମତାମତ ଲୋଡିବାରୁ ଶ୍ରଦ୍ଧାପୁର-ବାଙ୍କଦର୍ହ ରାସ୍ତା ନିର୍ମାଣ କୌଣସି ଫାଇଲ ତାଙ୍କ ନିକଟକୁ ଆସି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ମତାମତ ପାଇଁ କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ସାହୁଙ୍କୁ ମୋବାଇଲରେ ଯୋଗେଯାଗ କରାଯାଇଥିଲେ ହେଁ ମୋବାଇଲ ସୁଇଚ ଅଫ୍ ଥିବାରୁ ଏହା ସମ୍ଭବ ହୋଇନାହିଁ। ସେ ଯାହା ହେଉନା କାହିଁକି ତିଲେଇବଣି ବ୍ଲକ ଏପିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଦିନଦ୍ୱିପ୍ରହରେ ମେଶିନରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି।

## ସଂକ୍ଷେପରେ

### ୨ ପିକ୍‌ଅପ୍ ସହ ଖଇରକାଠ ଜବତ

ଖଡ଼ିଆଳ,୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଉପରପିଟା ମାଳପଡ଼ା ଗ୍ରାମଠାରେ ବନ ବିଭାଗ ପାଟ୍ରୋଲିଂ ବେଳେ ବିପୁଳ ପରିମାଣର ଖଇରକାଠ ସହ ୨ ପିକ୍‌ଅପ୍ ଗାଡ଼ି ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ୨ ପିକ୍‌ଅପ୍ ଗାଡ଼ିରେ ଖଇର କାଠ ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଚଢ଼ାଉରେ ଫରେଷ୍ଟର ଖଗେଶ୍ୱର ମାଝୀ, ମହାଦେବ ବନ୍ଦିଛୋର, ରାଜେଶ ହରିଜନ, ସୁଦାମ ବାଗ, ପୁରୁଷୋତ୍ତମ ନାଗ, ଫରେଷ୍ଟ ଗାର୍ଡ ନରେଶ ଦଣ୍ଡସେନା ସାମିଲ ଥିଲେ। ଫଟୋ: ଜବତ କାଠ ସହ ପିକ୍‌ଅପ ଗାଡ଼ି।

### ପ୍ରିମିୟର ଲିଗ୍ ସିଜନ ୫ ଉଦ୍‌ଘାଟିତ

ଖଡ଼ିଆଳ,୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ତୁକଲା ଅନୁପ ସିଂ ଷ୍ଟାଡିୟମଠାରେ ତୁକଲା ପ୍ରିମିୟର ଲିଗ୍ ସିଜନ ୫ ଉଦ୍‌ଘାଟିତ ହୋଇଯାଇଛି। ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସିଦ୍ଧାର୍ଥ କିଙ୍ଗ୍ ଓ ହିଟ୍‌ମ୍ୟାନ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଦ୍ଧାର୍ଥ କିଙ୍ଗ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ହିଟ୍‌ମ୍ୟାନ ୪ ଉଇକେଟ ବିନିମୟରେ ୮୮ ରନକରି ବିଜୟୀ ହୋଇଥିଲା। ବସନ୍ତ ଶବର ଓ ଆଲୋକ ବାଗ ଖେଳ ପରିଚାଳନା କରିଥିଲେ। ଜୟ ମା ଗଡ଼ିଆଣି କ୍ରିକେଟ କ୍ଲବ ତୁକଲା ପକ୍ଷରୁ ଏହା ଆୟୋଜନ ହୋଇଥିଲା। ସଭାପତି ବିନୋଦ ମେହେର, ସମ୍ପାଦକ ମଣ୍ଟୁ ପଟେଲ, ଟିକେରାମ ବାଗ, ସତ୍ୟ ତାଣ୍ଡି, ତିଲକ ବାଗ ପ୍ରମୁଖ ସହଯୋଗ କରିଥିଲେ।

### ରିଷିଡ଼ା ରାମଲୀଳା: ତାଡ଼କା ସୁବାହୁ ବଧ, ଅହଲ୍ୟା ଉଦ୍ଧାର

ରିଷିଡ଼ା,୮।୪ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଜଗନ୍ନାଥ ମନ୍ଦିର ପରିସରରେ କୁମ୍ଭାରପଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ଚାଲିଥିବା ରାମଲୀଳାର ଦ୍ୱିତୀୟ ରଜନୀରେ ଅଯୋଧାରେ ବିଶ୍ୱାମିତ୍ର ଗମନ ଦଶରଥଙ୍କ ସହ କଥୋପକଥନ, ତାଡ଼କି ବନରେ ତାଡ଼କା ସୁବାହୁ ବଧ ଓ ରାମଙ୍କ ଚରଣ ସ୍ପର୍ଶରେ ଅହଲ୍ୟା ଉଦ୍ଧାର ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ରାମ ଭୂମିକାରେ ଚରଣ ରଣା, ଲକ୍ଷ୍ମଣ ସାନ ରଣା, ଦଶରଥ ନବୀନ ରଣା, ବିଶ୍ୱାମିତ୍ର ଲକ୍ଷ୍ମଣ ରଣା, ତାଡ଼କି ବିରଞ୍ଚି ରଣା, ସୁବାହୁ ବାଳଗୋପାଳ ରଣା, ମାରିଚ ତପନ ରଣା, କୌଶଲ୍ୟା ହେମ ରଣା, ଅହଲ୍ୟା ରମେଶ ବାରିକ, ଭରତ ଶତ୍ରୁଘ୍ନ ଜୟଗୁରୁ ପ୍ରମୁଖ ଅଭିନୟ କରିଥିଲେ। ପୁରାଣପଣ୍ଡା ଦାୟିତ୍ୱ ମୋହନ ଲାଲ ରଣା ନିର୍ବାହ କରିଥିଲେ। ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ପ୍ରଦୀପ ରଣା, ଉପସଭାପତି ନନ୍ଦୁଲାଲ ରଣା ସହଯୋଗ କରିଥିଲେ।

### ସିଆର୍‌ପିଏଫ୍ ୨୧୬ ବାଟାଲିୟନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ନୂଆପଡ଼ା,୮।୪ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଜାମଗାଁ ସିଆର୍‌ପିଏଫ୍ କ୍ୟାମ୍ପ ସମ୍ମୁଖରେ ୨୧୬ ବାଟାଲିୟାନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଷ ମୁଖ୍ୟଅତିଥି ଓ ଡେପୁଟି କମାଣ୍ଡାଣ୍ଟ ଧନ୍ନରାମ ଯାଦବ, ସୁନାବେଡା ସରପଞ୍ଚ ରଜନୀ ଜଗତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମାଓବାଦୀ ପ୍ରବଣ ଅଞ୍ଚଳରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହେବେ ସେଥିପାଇଁ ୨୧୬ ବାଟାଲିୟନ ପକ୍ଷରୁ ବିଭିନ୍ନ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ମହୁମାଛି ପାଳନ ପାଇଁ ବାକ୍ସ, ମହମବତୀ ତିଆରି ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯିବ ବୋଲି କମାଣ୍ଡାଣ୍ଟ ଯୋଷ ସୂଚନା ଦେଇଛନ୍ତି । ଅଭୟାରଣ୍ୟ ଅନ୍ତର୍ଗତ ଭାଓସିଲ ଗାଁରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଅତିଥି ଭାବରେ ସିଆର୍‌ପିଏଫ୍ ଡାକ୍ତର ଏମ୍ ସୁପ୍ରିୟା, ଡେପୁଟି କମାଣ୍ଡାଣ୍ଟ ମୁକେଶ ଉପସ୍ଥିତ ଥିଲେ ।

# ବର୍ଷକରେ ୪୮ କୋଟି ୬୭ ଲକ୍ଷ ରାଜସ୍ୱ ଆଦାୟ

ଭବାନୀପାଟଣା,୮।୪(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ**




- ୨୪, ୪୬୨ ନୂତନ ଯାନ ପଞ୍ଜୀକରଣ
- ସଡ଼କ ଦୁର୍ଘଟଣାରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚଳିତ ଆର୍ଥିକବର୍ଷ ୨୦୨୪-୨୫ରେ ୪୮ କୋଟି ୬୭ଲକ୍ଷ ୩୩ହଜାର ୭୯୨ ଟଙ୍କା ରାଜସ୍ୱ ସଂଗ୍ରହ କରିଥିବା ବିଭାଗ ସୂତ୍ରରୁ ଜଣାପଡିଛି। ଏହା ଗତବର୍ଷଠାରୁ ପ୍ରାୟ ୫ କୋଟି ଅଧିକ। କେବଳ ମାର୍ଚ୍ଚରେ ୭କୋଟି ୪୭ଲକ୍ଷ ୧୬ହଜାର ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ସେହିପରି ସଡକ ସୁରକ୍ଷା ନିୟମ ମାନି ନ ଥିବା ୧୮,୯୨୧ ଜଣଙ୍କ ଉପରେ ଚାଲାଣ କଟାଯାଇଛି। ଏଥିରେ ଦ୍ରୁତ ଗାଡି ଚାଳନା, ବିନା ହେଲମେଟରେ ବାଇକ୍ ଚଳାଇବା, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡ, ସିଟ୍ ବେଲ୍ଟ ନ ପିନ୍ଧିବା ଆଦି ରହିଛି। ଏହାସହ ୨ହଜାର ଚାଳକଙ୍କ ନାମରେ କୋର୍ଟରେ ମାମଲା ରୁଜୁ କରାଯାଇଛି। ସେହିପରି ଟିକସ ଫାଙ୍କିଥିବା ପୁରୁଣା ବକେୟା ବାବଦକୁ ରାଜସ୍ୱ ୩୪ଲକ୍ଷ ୨୮୭ ଟଙ୍କା ସଂଗ୍ରହ କରାଯାଇଛି। ଅନ୍ୟପକ୍ଷରେ ଏହି ଆର୍ଥିକ ବର୍ଷରେ ୨୪ ହଜାର ୪୬୨ଟି ନୂତନ ଯାନ ପଞ୍ଜୀକରଣ କରାଯାଇଛି। ଏଥିରେ ବାଇକ୍ ୧୯,୮୩୦, ମୋଟର କାର ୧୩୦୬, ଭାରିଯାନ ୬୮୪ ରହିଛି। ଜିଲାର ବିଭିନ୍ନ ସ୍ଥାନରେ ଏନ୍‌ଫୋର୍ସମେଣ୍ଟ ଚଢାଉ କରି ୩୧ଲକ୍ଷ ୩ହଜାର ୮୪୯ ଟଙ୍କା ସଂଗ୍ରହ କରାଯାଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲାରେ ୩୭୬ଟି ଛୋଟବଡ ଦୁର୍ଘଟଣା ହୋଇଥିବାବେଳେ ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି। ସେହିପରି ଜିଲାରେ ଏହି ଆର୍ଥିକ ବର୍ଷରେ ବାଇକ୍ ପାଇଁ ୩୯୨୪, କାର୍ ପାଇଁ ୮୦୬ ଲାଇସେନ୍ସ ନେଇଥିବା ଜଣାପଡିଛି। ଏ ନେଇ କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଗତିକୃଷ୍ଣ ସାମନ୍ତରାୟଙ୍କୁ ପଚାରିବାରୁ ଆଗାମୀ ଦିନରେ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମକୁ ଅଧିକ କଠୋର କରାଯାଇ ଦୁର୍ଘଟଣା ରୋକିବାକୁ ପ୍ରୟାସ କରାଯିବ। ଏହାସହ ସମସ୍ତେ ସଡକ ସୁରକ୍ଷା ନିୟମ ମାନି ଯାତ୍ରା କରନ୍ତୁ ବୋଲି କହିଥିଲେ।

# ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

କୋକସରା,୮।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

**ବାପଛେଉଣ୍ଡ ହୋଇଗଲେ ୨ ଶିଶୁ**

ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ସନ୍ତାନ ଏବେ ବାପଛେଉଣ୍ଡ ହୋଇଯାଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତ ନୂଆଗୁଡା ନାଗପଡା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ରାଜ ମୋହନ ନାଗଙ୍କ ବିବାହିତ ପୁଅ ପିତାମ୍ବର ନାଗ (୩୧) ୨ମାସ ତଳେ ପରିବାର ପ୍ରତିପୋଷଣ ପାଇଁ ସୁଦୂର ବାଙ୍ଗାଲୋର ଯାଇ ସେଠାରେ ଏକ ବେସରକାରୀ ଠିକାସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ତେବେ ଗତ ୬ ତାରିଖରେ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ କୋଠା ଉପରୁ ତଳେ ପଡି ଗୁରୁତର ହୋଇଥିଲେ। ଠିକାସଂସ୍ଥା ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ପରବର୍ତ୍ତୀ ସମୟରେ ସାଥୀ ୨ ଶ୍ରମିକଙ୍କ ସହ ତାଙ୍କୁ ଗାଁକୁ ପଠାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଗାଁକୁ ମୃତଦେହ ଆଣି ମୋଟେର ଫାଣ୍ଡିକୁ ଖବର ଦେଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରିଥିଲେ। ମୃତ ପିତାମ୍ବରଙ୍କ ବିଧବା ପତ୍ନୀ ଏବଂ ୯ ଓ ୪ ବର୍ଷର ନାବାଳକ ପୁଅଝିଅ ଏବେ ବେସାହାରା ହୋଇପଡିଛନ୍ତି। ଜିଲା ପ୍ରଶାସନ ଆର୍ଥିକ ସହାୟତା ଓ ଆବାସ ଯୋଜନାରେ ଏକ ଘର ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ



ଦାବିପତ୍ର ଦେବା ପାଇଁ ଆସିଥିବା ଯୋଗାଣ ସହାୟକମାନେ।

ନୂଆପଡ଼ା,୮।୪ (ମକାରୁ ବେମାଲ)

ରାଜ୍ୟ ଯୋଗାଣ ସହାୟକ ସଂଘ ନିଷ୍ପତ୍ତିକ୍ରମେ ସୋମବାର ନୂଆପଡ଼ା ଜିଲାରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ସମୂହ ଛୁଟି ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୨ଠାରୁ ଯୋଗାଣ ସହାୟକମାନେ ଜିଲାର ବିଭିନ୍ନ ପଞ୍ଚାୟତରେ ଖାଦ୍ୟ ସାମଗ୍ରୀ ଯୋଗାଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଦୀର୍ଘବର୍ଷ ହେବ ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି ପାଇଁ ଦାବି କରିଆସୁଥିଲେ ମଧ୍ୟ କୌଣସ ସୁଫଳ ମିଳୁ ନ ଥିବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି । ଏହାକୁ ନେଇ ଜିଲା ଯୋଗାଣ ସହାୟକ ସଂଘ ସଭାପତି ନରେନ୍ଦ୍ର ବାଗ ଓ ସମ୍ପାଦକ ପିତାମ୍ବର ଶଗରିଆଙ୍କ ନେତୃତ୍ୱରେ ସମସ୍ତ ଯୋଗାଣ ସହାୟକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଡାକ ଯୋଗେ ଦାବିପତ୍ର ପଠାଇଛନ୍ତି। ଆସନ୍ତା ୧୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୫ରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ନରୋତ୍ତମ ଗଉଡ, ରତନଲାଲ ସହିସ, ସଂକୀର୍ତ୍ତନ ବାରିକ, ପୁରନ ଦାସ, ରୁଦ୍ରାକ୍ଷର ହଂସ, ନେପାଳ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

କୋମନା,୮।୪ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରୀପାଳି ଗାଁରେ ଷୋହଳପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଁର ସଂକୀର୍ତ୍ତନ ଦଳ ସହ ଶତାଧିକ ମହିଳା ନିକଟସ୍ଥ ନଦୀରୁ କଳସରେ ପାଣିଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କଥିଲେ। ଏଥିରେ ଗଗନ ବିହାରୀ ଅଗସ୍ତି ଓ ତାଙ୍କ ପତ୍ନୀ ସସ୍ମିତା ପଣ୍ଡା କର୍ତ୍ତା ଭାବେ ଏବଂ ଧନପତି ପଣ୍ଡା ଓ ଆଲୋକ ଅଗସ୍ତି ପୂଜା ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ବୁଧବାର ସକାଳ ୭ଟା ୪୫ରେ ନାମ ଆରମ୍ଭ ହୋଇ ଶୁକ୍ରବାର ସକାଳ ୮ଟା ୩୦ରେ ସମାପନ ହେବ। ନାମଯଜ୍ଞରେ ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ୮ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି।

# ମା' ଠାକୁରାଣୀଙ୍କ ଚୈତ୍ରଯାତ୍ରା

କୋକସରା,୮।୪ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରାର ଅଧିଷ୍ଠାତ୍ରୀ ଦେବୀ ମା' ଠାକୁରାଣୀଙ୍କ ଚୈତ୍ରଯାତ୍ରା ମଙ୍ଗଳବାର ରୀତିନୀତି ଅନୁଯାୟୀ ସମାପନ ହୋଇଛି। ବର୍ଷତମାମ ଭକ୍ତଙ୍କୁ ମା' ସ୍ୱମନ୍ଦିରରେ ଦର୍ଶନ ଦେଉଥିବା ବେଳେ ଚୈତ୍ର ପର୍ବ ସମୟରେ ମା'ଙ୍କ ପ୍ରତିମା ସ୍ୱରୂପ ଘଟ (କଳସୀ) ପୂଜକଙ୍କ ଘରୁ ପୂଜାର୍ଚ୍ଚନା ପରେ ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆରେ ଦର୍ଶନ ଦେଇଥାନ୍ତି। ଏହିପର୍ବ ସମୟରେ ୨ କୁମାରୀ କନ୍ୟାଙ୍କ ଦ୍ୱାରା ମା'ଙ୍କ ଘଟ ବୁହାହୋଇ ସହରର ସମସ୍ତ ଘରକୁ ପରିକ୍ରମା କରାଯାଇଥାଏ। ପରମ୍ପରା ଅନୁଯାୟୀ ଚୈତ୍ରଯାତ୍ରାର ଦିନେ ପୂର୍ବରୁ ମା'ଙ୍କ ଘଟ (କଳସୀ)କୁ କେଉଁ କୁମାରୀ କନ୍ୟା ଧାରଣ କରିବେ ତାହା ମୁଖ୍ୟ ପୂଜକଙ୍କୁ ସ୍ୱପ୍ନାଦେଶ ହୋଇଥାଏ। ପରେ ପୂଜକ ସେହି ଘରକୁ ଯାଇ କୁମାରୀ କନ୍ୟାଙ୍କୁ କିଶୋରୀ ନେଇଆସନ୍ତି। ପୂଜାର୍ଚ୍ଚନା ପରେ ମା'ଙ୍କ ପାର୍ଶ୍ୱ ଦେବଦେବୀ କାଳିଶି (ଶିରା) ରୂପରେ ମା'ଙ୍କ ଆବିର୍ଭାବ ହୋଇଥାଏ। ଏହା ପରେ ମା'ଙ୍କ ଘଟ ସହ ସହର ଅଭିମୁଖେ ବାହାରିଥାନ୍ତି। ପ୍ରତି ଘର ଆଗରେ ମହିଳାମାନେ ଭୋଗରାଗ ସହ ପୂଜାର୍ଚ୍ଚନା କରି ପରିବାରର ମଙ୍ଗଳକାମନା କରିଥାନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ମୁଖ୍ୟ ପୂଜକ ନନ୍ଦ କିଶୋର ଧରୁଆ, ସହ ପୂଜକ ଦିଲୁ ସିଂ ଧରୁଆ, ଦିଲିପ ଧରୁଆ, ଶିରା ଅନୀଲ ରାଉତ, ପୁରୁଷୋତ୍ତମ ନାଏକ, ଜଳଧର ନାଏକ, ରାମ ପ୍ରସାଦ ନାଏକ, କେଦାର ମାଝୀ, ବିଜୟ ରାଉତ, ସୁରେଶ ରାଉତ ସହଯୋଗ କରିଥିଲେ।

# ଝୋଲାରେ ୧୦କି.ମି. ବୁହାହେଲେ ରୋଗୀ

ଥୁଆମୂଳ ରାମପୁର,୮।୪(ଦୁର୍ଗା କୀର୍ତ୍ତି)



ଏବେ ବି ଦୁର୍ଗମ ଅଞ୍ଚଳରେ ରାସ୍ତା ସମସ୍ୟା ଲାଗିରହିଛି। ଫଳରେ ଜରୁରୀ କ୍ଷେତ୍ରରେ ରୋଗୀଙ୍କୁ କେଉଁଠି ଭାରରେ ତ ଆଉ କେଉଁଠି ଦୋଳାରେ ବୁହାହେଉଛି। ଏଭଳି ଏକ ଘଟଣା କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କେରପାଇ ପଞ୍ଚାୟତ ମୁରଲୀମୁହଁ ଗାଁରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗତ ୪ ତାରିଖରେ ଗ୍ରାମର କାଳିଆ ମାଝୀ (୫୩)ଙ୍କ ପେଟ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ରାସ୍ତା ସମସ୍ୟା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ପରିବାର ଓ ଗାଁ ଲୋକେ ଏକ ଲୁଗା ଦୋଳାରେ କାଳିଆଙ୍କୁ ୧୦କି.ମି. ଦୂର ସର୍ଗିପଦର ଗାଁ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ତାଙ୍କ ଆମ୍ବୁଲାନ୍ସରେ କାଶୀପୁର ଡାକ୍ତରଖାନା ନିଆଯାଇଥିଲା। ଏବେ ସେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

# ନାବାଳକ ସହ ୨ କୋର୍ଟ ଚାଲାଣ

ଭବାନୀପାଟଣା,୮।୪(ଉତ୍ତମ କୁମାର ଦାଶ)

**ଯୁବତୀଙ୍କୁ ଗଣବଳାତ୍କାର ଘଟଣା**



ଗିରଫ ୨ ଅଭିଯୁକ୍ତ।

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଗତ ମାର୍ଚ୍ଚ ୨୬ ତାରିଖ ରାତିରେ ଜଣେ ଯୁବତୀ ଗଣବଳାତ୍କାର ଶିକାର ହୋଇଥିବା ଅଭିଯୋଗ ଆସିଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଉକ୍ତ ଗ୍ରାମର ତୁଳସି ରାମ ବିଶ୍ୱାଳ (୫୫)ଙ୍କୁ ପୋଲିସ ଗିରଫ କରି ୧ତାରିଖରେ କୋର୍ଟ ଚାଲାଣ କରିଥିଲା। ତେବେ ଘଟଣାରେ ଆଉ ୩ ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପାଇଁ ସୋମବାର ସନ୍ଧ୍ୟାରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଜୁନାଗଡ଼ ଥାନାକୁ ଆସିଥିଲେ। ଏହାପରେ ପୋଲିସ ତତ୍ପରତା ଦେଖାଇ ନାବାଳକ ସମେତ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ଏଥିରେ ୩ ଜଣ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୀଡିତାଙ୍କ ଗ୍ରାମର ମନୋଜ ପୂଜାରୀ (୧୯), ଡିଙ୍ଗର ପ୍ରଧାନୀ (୨୧) ଓ ଜଣେ ନାବାଳକ। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଜଣାପଡିଛି। ବର୍ତ୍ତମାନ ଘଟଣାରେ ସାମିଲ ଥିବା ସମସ୍ତ ୩ ଅଭିଯୁକ୍ତଙ୍କ ସହ ଜଣେ ନାବାଳକ ଧରାପଡିଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଗତ ୨୬ ତାରିଖ ରାତିରେ ଯୁବତୀ ଜଣକ ଗ୍ରାମରେ ହେଉଥିବା ନାଟକ ଦେଖିବାକୁ ଯାଉଥିବାବେଳେ ମୁଖ୍ୟ ଅଭିଯୁକ୍ତ ସମେତ ୩ ସହଯୋଗୀ ନିଛାଟିଆ ସ୍ଥାନକୁ ନେଇ ଗଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ମୁମୂର୍ଷୁ ଅବସ୍ଥାରେ ପୀଡିତାଙ୍କୁ ଏକ ନଳକୂପ ନିକଟରୁ ଉଦ୍ଧାର କରାଯାଇଥିଲା। ଏପ୍ରିଲ ୧ରେ ପୀଡିତାଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଏହା ଗଣ ବଳାତ୍କାର ବୋଲି କହିବା ପରେ ପୀଡିତାଙ୍କ ଭାଉଜ ଜୁନାଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୬୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଖବର ପ୍ରଥମେ ଗତ ୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ୫ବର୍ଷ ତଳେ ଜୁନାଗଡ଼ ଥାନା ବନମାଳୀପୁର ଘନ ଜଙ୍ଗଲରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ପୁଣି ଥରେ ଏପରି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଲଳିତକଳା ପ୍ରଦର୍ଶନୀ

ଭବାନୀପାଟଣା,୮।୪(ଉତ୍ତମ କୁମାର ଦାଶ)



ପ୍ରଦର୍ଶନୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଲଳିତ କଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଓ ଜିଲାପାଳ ପାୱାର ସଚିନ ପାୱାର ପ୍ରକାଶ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୨ଦିନ ଧରି ଅନୁଷ୍ଠିତ ହେବ। କଳା ଶିକ୍ଷକ କ୍ଷୀରସିନ୍ଧୁ ଭୋଇଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ତୂଳୀରେ ଆଦିବାସୀ ଚିତ୍ର, ଟେରାକୋଟା ପ୍ରଭୃତି ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଏଡିଏମ୍‌ଓ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଢ, ସାମାଜିକ କର୍ମୀ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ମହମବତି ଶୋଭାଯାତ୍ରା

ରିଷିଡ଼ା,୮।୪ (ସୁଶାନ୍ତ ମଲ୍ଲିକ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ କଂଗ୍ରେସ କର୍ମୀମାନେ ନାରୀ ସୁରକ୍ଷା ଦାବିରେ ମହମବତି ଶୋଭାଯାତ୍ରା ଜାରି ରଖିଛନ୍ତି। ଏହି କ୍ରମରେ କର୍ଲାମୁଣ୍ଡା ବ୍ଲକ୍ କଂଗ୍ରେସ ତରଫରୁ ବ୍ୟବସାୟିକ କେନ୍ଦ୍ର ରିଷିଡ଼ାଠାରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀନଗରପଡ଼ାରୁ ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ରିଷିଡା କଂଗ୍ରେସ କମିଟି ସଭାପତି ଗୋବର୍ଦ୍ଧନ କୁମାର ଓ ଯୁବନେତା ମାର୍କଣ୍ଡ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ସ୍ଲୋଗାନ ଦେବା ସହ ଭାଜପା ସରକାର ବିରୋଧରେ ଗର୍ଜିଥିଲେ। ଏଥିରେ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ତଥା ଜିଲା ପରିଷଦ ସଦସ୍ୟ ସୁରେଶ ଚୋଧୁରୀ, ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ର, ବୋରପଦର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଦୟା ମାଝୀ ପ୍ରମୁଖ ସାମିଲ ଥିଲେ।



ଶୋଭାଯାତ୍ରାରେ ସାମିଲ ମହିଳାପୁରୁଷ।

# ମା' ଠାକୁରାଣୀଙ୍କ ଘଣ୍ଟଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼,୮।୪(ରମେଶ ଚନ୍ଦ୍ର ନାୟକ)



ମା'ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରାଯାଉଛି।

**ଭକ୍ତଙ୍କ ପିଠିରେ ମା' ଆସ୍ଥାନକୁ ବିଜେକଲେ**

କଳାହାଣ୍ଡି ଜିଲା ଲାଞ୍ଜିଗଡର ମା' ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ଇଷ୍ଟଦେବୀ ମା' ଠାକୁରାଣୀ ୯ ଦିନ ଧରି ଘର ଘର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ମଙ୍ଗଳବାର ସ୍ୱଆସ୍ଥାନ ବାହୁଡିଛନ୍ତି। ପୂଜକ ଭକ୍ତଙ୍କ ପିଠିରେ ମା'ଙ୍କୁ ଆସ୍ଥାନକୁ ନେଇଥିଲେ। ମା'ଙ୍କ ଘଣ୍ଟଯାତ୍ର ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇଥିବାବେଳେ ଲାଞ୍ଜିଗଡ ରାଜ ଉଆସରୁ ମା'ଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇଥିଲା। ଜମ୍ବେଶ୍ୱର ପୂଜାରୀ ମା'ଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବା ବେଳେ ମନୋରଞ୍ଜନ ମାଝୀ ମା'ଙ୍କ ଛତର ଧରିଥିଲେ ଏବଂ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ମା'ଙ୍କ ପୂଜାର୍ଚ୍ଚନା ସହିତ ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଦୀର୍ଘ ୮ ଦିନ ଧରି ଭକ୍ତମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ସ୍ୱମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ରାତିସାରା ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ଉଦ୍ୟାପନୀ ଦିବସରେ ମା'ଙ୍କ ସେବକ ପୂଜାରୀ ପଡ଼ାରୁ ଏକ ବିରାଟ ଆଡୁଆଳରେ ମା'ଙ୍କୁ ମନ୍ଦିରକୁ ଆଣିଥିଲେ। ପଡାବାସୀ ନିଜ ଦ୍ୱାରରେ ଚିତା ଆଙ୍କି ମା'ଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ। ମାନସିକଧାରୀ ବୋଦା, କୁକୁଡ଼ା, ପାରା ବଳି ଦେଇଥିବା ଦେଖିବାକୁ ମିଳିଥିଲା। ମା' ଠାକୁରାଣୀ ଭକ୍ତମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ଏହା ଦ୍ୱାରା ବିଭିନ୍ନ ରୋଗ ଶୋକ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ମନ୍ଦିରକୁ ଆସିବା ପରେ ଗ୍ରାମର ସମସ୍ତଙ୍କ ଘରୁ ଶସ୍ୟ ସଂଗ୍ରହ କରାଯାଇଥିଲା। ସେହି ଶସ୍ୟକୁ ମା'ଙ୍କ ଘରେ ପୂଜାର୍ଚ୍ଚନା କଲା ପରେ ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ଏହାକୁ ଅକ୍ଷୟ ତୃତୀୟାରେ ବାହାର କରି ଜମିରେ ଦେଲେ ଭଲ ଅମଳ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ଭକ୍ତଙ୍କ ମନୋରଞ୍ଜନ ପାଇଁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ମା' ଠାକୁରାଣୀ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ମିଳୁନି ସୁରକ୍ଷା, ପୋଲିସ ଉପରେ ତୁଟୁଛି ଭରସା

- ଅପରାଧ ବୃଦ୍ଧି ଉପରେ ନିୟନ୍ତ୍ରଣ ନାହିଁ
- କାର୍ଯ୍ୟାନୁଷ୍ଠାନ ଦାବିକଲା ନାଗରିକ ମଞ୍ଚ
- ୧୬ରେ ପୋଲିସ ମୁଖ୍ୟାଳୟରେ ଧାରଣା

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)


ବରଗଡ଼ ଟାଉନ ଥାନା ଆଇଆଇସିଙ୍କୁ ନାଗରିକ ମଞ୍ଚର ପ୍ରତିନିଧିମାନେ ଭେଟୁଛନ୍ତି।

ପଶ୍ଚିମ ଓଡ଼ିଶାରେ ବରଗଡ଼ ଏକ ପ୍ରମୁଖ ଜିଲା। ବରଗଡ଼ ସହର ମଧ୍ୟରେ ଜିଲାର ପ୍ରମୁଖ ମୁଖ୍ୟାଳୟ ରହିଛି। ଫଳରେ ସହରକୁ ଜିଲାର ସଦର ମହକୁମା କୁହାଯାଏ। ଏଠାରେ ଜିଲାର ସମସ୍ତ ବିଭାଗର ପ୍ରମୁଖ କାର୍ଯ୍ୟାଳୟ ରହିଛି। ସେଥିମଧ୍ୟରେ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ମଧ୍ୟ ଅଛି। ହେଲେ ଏଠାରେ ଦିନ ଦ୍ୱିପ୍ରହରରେ ଲୁଟ୍‌ପାଟ୍, ଚୋରିଠାରୁ ଆରମ୍ଭ କରି ଅପହରଣ, ହତ୍ୟାକାଣ୍ଡ ଭଳି ଆଦି ଅପରାଧ ଘଟିବାର ନଜୀର ରହିଛି। ଏହି ଦୃଷ୍ଟିରୁ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଭଳି ଅଭିଯୋଗ କରି ମଙ୍ଗଳବାର ବରଗଡ଼ ନାଗରିକ ମଞ୍ଚ ସ୍ଥାନୀୟ ଟାଉନ ଥାନା ଆଇଆଇସିଙ୍କୁ ଫେରାଦ ହୋଇଥିଲା। ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କୁ ନାଗରିକ ମଞ୍ଚ ଏକ ଦାବିପତ୍ର ପ୍ରଦାନ କରିଛି। ସହରରେ ବଢୁଥିବା ଅପରାଧ ନିୟନ୍ତ୍ରଣ ପାଇଁ ଥାନା ଆଇଆଇସିଙ୍କଠାରେ ଦାବିପତ୍ରରେ ଦାବି କରାଯାଇଛି। ଅନ୍ୟପଟେ ଦାବି ପୂରଣ ନ ହେଲେ ଆସନ୍ତା ୧୬ତାରିଖ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ନାଗରିକ ମଞ୍ଚ ଚେତାବନୀ ଦେଇଛି।

ବରଗଡ଼ ସହରରେ ଟାଉନ ଏବଂ ସଦର ଭଳି ୨ଟି ଥାନା ରହିଛି। ସେହିପରି ସହର ଉପକଣ୍ଠ ବରାହଗୋଡ଼ାରେ ଗ୍ରାମାଞ୍ଚଳ ଥାନା ରହିଛି। ଏହା ବ୍ୟତୀତ ସହର ମଧ୍ୟରେ ଫାଣ୍ଡି ମଧ୍ୟ ରହିଛି। ସେହିପରି ଦିନ ଓ ରାତି ରାଜପଥ ପାଟ୍ରୋଲିଂ ପାଇଁ ସ୍ୱତନ୍ତ୍ର ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହାସତ୍ତ୍ୱେ ଦିନ ଦ୍ୱିପ୍ରହରରେ ମୋବାଇଲଠାରୁ ଆରମ୍ଭ କରି ସୁନା ଗହଣା ଲୁଟ୍‌ପାଟ୍, ବାଇକ୍‌ଠାରୁ ଆରମ୍ଭ କରି ଘର ମଧ୍ୟରେ ଚୋରି, ସାଧାରଣ ମାରପିଟ୍‌ଠାରୁ ହତ୍ୟାକାଣ୍ଡ ଭଳି ଅପରାଧ ଏଠାରେ ବଢ଼ିବାରେ ଚାଲିଛି। ଏଭଳି ସ୍ଥିତିରେ ସହରବାସୀ ନିଜକୁ ଅସୁରକ୍ଷିତ ମନେ କରିଛନ୍ତି। ଅପରାଧ ବୃଦ୍ଧି ସମୟରେ ଗୋଟିଏ ପଟେ ତଥାକଥିତ ରାଜନେତା ନୀରବ ଦର୍ଶକ ସାଜିଥିବାବେଳେ ଅନ୍ୟପଟେ ନାଗରିକ ମଞ୍ଚର ଅପରାଧ ନିୟନ୍ତ୍ରଣ ଦାବି ନେଇ ଏଭଳି ଆଗେଇ ଆସିବା ଘଟଣାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ବିଗତ କିଛିମାସରେ ସହରରେ ଘଟିଥିବା ଅପରାଧ ଗୁଡ଼ିକୁ ଦେଖିଲେ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡ଼ି ପଡ଼ିଥିବା ବାରି ହୋଇ ପଡ଼ିଛି। ସାକ୍ଷ୍ୟ ପ୍ରଦାନ ପାଇଁ ଆସିଥିବା ଜଣେ ଯୁବକଙ୍କୁ ଖୋଦ୍ କୋର୍ଟ ସମ୍ମୁଖରୁ ଅପହରଣ କରି ନେଇ ବିଳମ୍ବିତ ରାତି ଯାଏ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ସ୍ଥାନୀୟ ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଭିତରୁ ଦିନ ଦ୍ୱିପ୍ରହରରେ ଜଣେ ବ୍ୟାଙ୍କ ଉପଭୋକ୍ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର୍ ଉଦ୍ୟମ ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଏହା ବ୍ୟତୀତ ମୋବାଇଲ, ବାଇକ୍ ଚୋରି ହୋଇଛି। କିନ୍ତୁ ପୋଲିସ କାର୍ଯାନୁଷ୍ଠାନ ଏତଲା କିମ୍ବା ସେ ନେଇ ଏକ ମାମଲା ରୁଜୁରେ ସୀମିତ ରହି ଯାଉଥିବା ଅଭିଯୋଗ ହୋଇଛି। ଗତ ଶନିବାର ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରୁ ସୁଧୀର ବରିହାଙ୍କ ଏକ ପ୍ଲାଟିନା ବାଇକ୍ ଚୋରି ହୋଇଥିଲା। ସେ ଏତଲା ଦେବା ପରେ ମଧ୍ୟ ପୋଲିସ ଏ ଯାଏ ଚୋରଙ୍କୁ ଧରିବା ତ ଦୂରର କଥା, ବାଇକ୍ ଉଦ୍ଧାର କରିପାରି ନାହିଁ। ଏହା କେବଳ ଏକ ଦୃଷ୍ଟାନ୍ତ ମାତ୍ର। ପୂର୍ବରୁ ଏଭଳି ଅନେକ ଅପରାଧ ଘଟିଛି। ଗତ ଧନୁଯାତ୍ରା ଚାଲିଥିବା ସମୟରେ ସହର ମଧ୍ୟରେ ଘଟିଥିବା ହତ୍ୟାକାଣ୍ଡ, ଗୁରୁତର ଅବସ୍ଥାରେ ଜଣେ ନିଖୋଜ ଯୁବତୀଙ୍କୁ ଜଙ୍ଗଲରୁ ଉଦ୍ଧାର ଘଟଣା ପୋଲିସର ପାରିବାପଣିଆଁକୁ ପଦାରେ ପକାଇ ଦେଇଛି।

ସେହିପରି ସହର ମଧ୍ୟରେ ଯଦି ଅପରାଧ ଏଭଳି ଅନିୟନ୍ତ୍ରୀତ ହୋଇ ପଡ଼ିଛି, ଜିଲାର ଗ୍ରାମାଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କିଭଳି ରହିଥିବ ବୋଲି ବରଗଡ଼ ନାଗରିକ ମଞ୍ଚ ପ୍ରଶ୍ନ ଉଠାଇଛି। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ କରାଯାଇଛି, ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଫଳରେ ସହରର ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ସିସିଟିଭି ସ୍ଥାପନ ସହିତ ଅଚଳ ସିସିଟିଭିକୁ ସଚଳ କରିବାକୁ ନାଗରିକ ମଞ୍ଚ ଦାବି କରିଛି। ସେହିପରି ସହରରେ ଅବାଧରେ ନିଶା ଏବଂ ସଟ୍ଟା କାରବାର ଚାଲିଛି। ଏହାକୁ ମଧ୍ୟ ରୋକିବା ଦିଗରେ ବିହିତ ପଦକ୍ଷେପ ନେବାକୁ ବରଗଡ଼ ନାଗରିକ ମଞ୍ଚ ଦାବି କରିଛି। ସହରରେ ଏଭଳି ଅପରାଧ ରୋକିବା ଦାବିରେ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ସ୍ଥାନୀୟ ଟାଉନ ଥାନାକୁ ଯାଇଥିଲେ। ଉକ୍ତ ପ୍ରତିନିଧି ଦଳରେ ମଞ୍ଚର ଭବାନୀ ପ୍ରସାଦ ସାହୁ, ଶିବାନନ୍ଦ ମଟାରୀ, ରାଜକୁମାର ବିଶି, ମହେନ୍ଦ୍ର ପୁରୋହିତ, ମୃତ୍ୟୁଞ୍ଜୟ ମହାରଣା, ରମେଶ ବେହେରା, ବିଘ୍ନେଶ୍ୱର ମିଶ୍ର, ଗଙ୍ଗା ପୂଜାରୀ, ଶ୍ରବଣ ଶର୍ମା, ବାସୁଦେବ ବାରିକ, ନିରଞ୍ଜନ ବାରିକ, ସତ୍ପ ମେହେର, ଲଳିତ ମିଉଲ, ପରମେଶ୍ୱର ପ୍ରଧାନ, ସାଗର ପୁରୋହିତ, ପ୍ରିୟାଂଶୁ ପଣ୍ଡା, ସୁଦାମ ସାହୁ, ପ୍ରମୋଦ ବେହେରା, ପ୍ରଶାନ୍ତ କୁମାର, ଅନିରୁଦ୍ଧ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ ଜିଲା ଓଷ୍ଟାର ନୂତନ କର୍ମକର୍ତ୍ତା

ବରପାଲି,୮।୪(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଗଠନ (ଓଷ୍ଟା)ର ପଞ୍ଚମ ଜିଲା ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଜିଲା ସଭାପତି ନନ୍ଦଲାଲ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ଓଷ୍ଟା କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ରାଜ୍ୟ ଯୁଗ୍ମ-ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶାଳ, ରାଜ୍ୟ ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦିକା ରଞ୍ଜିତା ମିଶ୍ର ରାଜ୍ୟ ଉପ-ସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ କୁମାର ସ୍ୱାଇଁ,ରାଜ୍ୟ ସମ୍ପାଦକ ମାଣିକେଶର ସ୍ୱାଇଁ, ସହସମ୍ପାଦକ ଆଶୁତୋଷ ରଥ,ପୂର୍ବତନ ଜିଲା ସମ୍ପାଦକ ହରିନାରାୟଣ ପଣ୍ଡା, ଅନୁଗୋଳ ସମ୍ପାଦକ ତ୍ରିଲୋଚନ ଦାଶ, କଳାହାଣ୍ଡି ସମ୍ପାଦକ ପ୍ରଭାତ ରଥ,ସୋନପୁର ସଂପାଦକ ସୁଶୀଲ କୁମାର ବିଶି, ସମ୍ବଲପୁର ସମ୍ପାଦକ ବିଭୂତି ଚାନ୍ଦ, ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ବର୍ତ୍ତମାନ ପରିସ୍ଥିତିରେ ଚାଲୁଥିବା ସରକାରଙ୍କ ଶିକ୍ଷାନୀତି, ବିଭିନ୍ନ ବର୍ଗର ଶିକ୍ଷକମାନଙ୍କ ପ୍ରତି ଚାଲୁଥିବା ପାତର ଅନ୍ତର ନୀତିକୁ ସଂଘ ତୀବ୍ର ନିନ୍ଦା କରାଯାଇଥିଲା। ଏହି ଅବସରରେ ବରଗଡ଼ ଜିଲା ସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ତୋରା ବାଳିକା ଉଚ୍ଚ ବିଦ୍ୟାଳୟର ଜଗନ୍ନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ବିଶି, ଉପସଭାପତି ଭାବେ ଟୋପ ହାଇସ୍କୁଲର ଅନୁସୂୟା ଦେବତା, ଭେଡେନ ବ୍ଲକର ରୁଦ୍ରଦେବ ସାହୁ, ଓ ସରଣ୍ଡା ଉଚ୍ଚ ବିଦ୍ୟାଳୟର ସଚିଦାନନ୍ଦ ପ୍ରଧାନ, ସମ୍ପାଦକ ଭାବେ ବିଜେପୁର ବ୍ଲକ ବରମୁଣ୍ଡା ହାଇସ୍କୁଲର ସଞ୍ଜୟ ସିଂହ, ଯୁଗ୍ମ ସମ୍ପାଦକ ଭାବେ, ମହଲା ହାଇସ୍କୁଲର ସରୋଜ ସାହୁ, ଅମାପାଲି ହାଇସ୍କୁଲର ମିନତୀ ମହାପାତ୍ର, କୁଲୁଣ୍ଡା ହାଇସ୍କୁଲର ଯାଦବ ପଧାନ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ପ୍ରସନ୍ନ ମେହେର, ଡୋଲାମଣି ତରିଆ, ଭାଗିରଥୀ ପଧାନଙ୍କୁ ନିର୍ବାଚନ କରାଯାଇ ଶପଥ ପାଠ କରାଯାଇଥିଲା।

# ବାସନ୍ତିକ ନବଦିନାତ୍ମକ ପୂଜା ସମ୍ପନ୍ନ


ବାସନ୍ତିକ ନବଦିନାତ୍ମକ ପୂଜାର ଅନ୍ତିମ ଦିବସରେ ପୂଜାର୍ଚ୍ଚନା।

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ଶ୍ରୀ ଶ୍ରୀ ମାଁ ଶ୍ୟାମାକାଳୀ ମନ୍ଦିରରେ ଚାଲିଥିବା ବାସନ୍ତିକ ନବଦିନାତ୍ମକ ପୂଜା ସମ୍ପନ୍ନ ହୋଇଛି। ଏହି ଅବସରରେ ପ୍ରତ୍ୟହ ମାଁଙ୍କ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ନବପତ୍ରିକା ପୂଜା, ପାର୍ଶ୍ୱଦେବତା ପୂଜା, ବାବା ଶ୍ୟାମେଶ୍ୱରଙ୍କଠାରେ ରୁଦ୍ରାଭିଷେକ, ହନୁମାନ ମନ୍ଦିରରେ ହନୁମାନ ଚାଳିଶା ପଠନ ହୋଇ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଚୈତ୍ର ଅମାବାସ୍ୟାଠାରୁ ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ବାସନ୍ତିକ ନବଦିନାତ୍ମକ ପୂଜା ମହୋତ୍ସବରେ ପ୍ରତ୍ୟହ ଶତାଧିକ ଭକ୍ତ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଅନ୍ତିମ ଦିବସରେ ନବମୀ ବିହିତ ପୂଜା, ନବକୁମାରୀ ପୂଜାର୍ଚ୍ଚନା ପରେ ରାମନବମୀ ଉପଲକ୍ଷେ ବିଶେଷ ପୂଜା କରାଯାଇଥିଲା। ଶ୍ରୀରାମଙ୍କ କ୍ଷୀରାଭିଷେକ, ରାମସ୍ତୋତ୍ର ପଠନ, ସାମୂହିକ ହନୁମାନ ଚାଳିଶା ପଠନ କରାଯାଇ ହୋମ, ପୁଷ୍ପାଞ୍ଜଳି ହୋଇଥିଲା। କାନ୍ତା ପ୍ରସାଦ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ବାସନ୍ତିକ ନବଦିନାତ୍ମକ ପୂଜାର ପୂର୍ଣ୍ଣାହୁତି ଉପଲକ୍ଷେ ଚଣ୍ଡୀ ହବନ, ପୁଷ୍ପଣ୍ଡ ବଳି, ଦୀପଦାନ, ପୁଷ୍ପାଞ୍ଜଳି ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇ ଆଶୀର୍ବାଦ ପ୍ରଦାନ କରାଯାଇ ବାସନ୍ତିକ ନବରାତ୍ର ପୂଜା ସମ୍ପନ୍ନ ହୋଇଥିଲା। ପଣ୍ଡିତ ନରସିଂହ ଶତପଥୀ, ଚଣ୍ଡୀ ପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ଅନନ୍ତ ଶତପଥୀ, ପଣ୍ଡିତ ଆନନ୍ଦ ଷଡ଼ଙ୍ଗୀ, ପଣ୍ଡିତ ହରିରାମ ପଣ୍ଡା, ପଣ୍ଡିତ ସୁମନ୍ତ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ସୁଜିତ ଦାଶ ସସ୍ତ୍ରୀକ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ୮ଜଣ ସହଯୋଗୀ କର୍ତ୍ତା ଥିଲେ।

# ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଘାଟିତ

ବରଗଡ଼, ୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରି ସୋମବାର ଭଟ୍‌ଲି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଜିଲା ଶିକ୍ଷା ବିଭାଗ ଏବଂ ସ୍ଥାନୀୟ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭଟ୍‌ଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ସ୍କାଉଟ୍ସ ଏବଂ ଗାଇଡ୍ସ ତଥା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ସ୍କାଉଟ୍ସ କମିଶନର ତଥା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଗାଇଡ୍ସ କମିଶନର ତଥା ସୋହେଲା ଗୋଷ୍ଠୀ ଶିକ୍ଷାଧିକାରୀ ଅମୃତା ସାହୁ, ଭଟ୍‌ଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ ନାୟକ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୨ ବ୍ଲକର ୫୨୧ ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଛାତ୍ରୀଛାତ୍ର, କ୍ୟାପଟେନ ଓ ସାଧନ କର୍ମୀ ଅଂଶଗ୍ରହଣ କରିଛନ୍ତି ।

# ଭାରତୀୟ କିଷାନ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାରତୀୟ କିଷାନ ସଂଘ ।

ପାଇକମାଳ, ୮।୪(ବଢ଼ ଶତପଥୀ)

ଭାରତୀୟ କିଷାନ ସଂଘ, ବରଗଡ଼ ଜିଲା ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପାଇକମାଳ ତହସିଲଦାରଙ୍କ ଜରିଆରେ ଏକ ୬ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ଧାନ କିଣାବିକା ପ୍ରକ୍ରିୟାକୁ ଜଟିଳ ନ କରି ଅଣଜଳସେଚିତ ଗଭୀର ନଳକୂପରେ ଚାଷଜମିର ସମସ୍ତ ଧାନ ଏହି ରବି ଋତୁରେ କିଣାଯାଉ ତତ୍‌ସହିତ ସୁଦୃଢ଼ ମଣ୍ଡି ବ୍ୟବସ୍ଥା କରାଯାଉ। କୃଷି ପାଇଁ ଜଳର ଆବଶ୍ୟକତା ରହିଛି ତେଣୁ ଚିରମରୁଡ଼ି ପ୍ରପୀଡ଼ିତ ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ବ୍ଲକରେ ଜଳସେଚନ ସକାଶେ ଅଙ୍ଗ ନଦୀ ଅବବାହିକାରେ ଆନିକଟ ନିର୍ମାଣ କରାଯାଉ। ନଳକୂପ ଖନନ ସରିଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ସେହି ସ୍ଥାନରେ ବିଦ୍ୟୁତ୍ ସଂଯୋଗ କରାଯିବା ସହ ଅଯଥା ସ୍ମାର୍ଟ ମିଟର ଲଗା ନ ଯାଉ। ସମସ୍ତ ଚାଷୀମାନଙ୍କୁ ସରକାର ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତପୂର୍ବକ କାର୍ଡ ପ୍ରଦାନ କରି ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ସାମିଲ କରାଯାଉ। ଅଜଣା କ୍ରାଫ୍ଟ ଟାଇଫସକୁ ପ୍ରାକୃତିକ ଦୁର୍ବିପାକ ଘୋଷଣା ସହ ଏହି ରୋଗରେ ମୃତ ଚାଷୀ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉ । ସଂଘ ଏହି ସବୁ ଦାବି ସମ୍ବଳିତ ଏକ ଦାବିପତ୍ର ପାଇକମାଳ ତହସିଲଦାର ସିନ୍ଧୁ ସୁତା ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ କିଷାନ ସଂଘ, ବରଗଡ଼ ଜିଲାର ସଭାପତି ପୀତାମ୍ବର ସାହୁ, ସମ୍ପାଦକ କବିରାଜ ସାହୁ, ସହସମ୍ପାଦକ କରୁଣାକର ପ୍ରଧାନ, ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଓ ମୀନକେତନ ସାହା, ଏବଂ ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟ ଚାଷୀମାନେ ଉପସ୍ଥିତ ରହିଥିଲେ।

# ହାଇସ୍କୁଲରେ ଅତିଥି ପ୍ରକୋଷ୍ଠ ଉଦ୍‌ଘାଟିତ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲର ପୁରାତନ ଛାତ୍ର ସଂଗଠନ କାର୍ଯ୍ୟାଳୟ ଓ ଅତିଥି ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରମାନଙ୍କର ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ ଉତ୍ସବ ପାଳନ ପୂର୍ବକ ପୁସ୍ତକ, ପୋଷାକ ଆଦି ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁ, ବିଦ୍ୟାଳୟର ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ସକ୍ରୀୟ ଯୋଗଦାନ କରିଥିଲେ। ବିଦ୍ୟାଳୟର ଆବଶ୍ୟକତାକୁ ଅନୁଧ୍ୟାନ କରି ବିଧାୟକ ଷଡ଼ଙ୍ଗୀ ସ୍କୁଲ ପରିସରରେ ଏକ ନଳକୂପ ଖନନ ଏବଂ ମିଟିଂ ହଲରେ ୬ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସଂଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ।

# ବିଶ୍ୱ ଶାନ୍ତି ବ୍ରହ୍ମ ଯଜ୍ଞ,ବାଲ୍ୟଲୀଳା ଉଦ୍‌ଯାପିତ

ଝାରବନ୍ଧ:୮।୪(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଜଗଦଲପୁରଠାରେ ଥିବା ଅଲେଖ ମହିମା ଆଶ୍ରମ ପରିସରରେ ବିଶ୍ୱ ଶାନ୍ତି ବ୍ରହ୍ମ ଯଜ୍ଞ ଓ ବାଲ୍ୟଲୀଳା ଉଦ୍‌ଯାପିତ ହୋଇଛି। ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ ଓ ସାଧୁ ସୁଦର୍ଶନ ଦାସ, ସାଧୁ ବନବାସୀ ଦାସ ସମେତ ବିଭିନ୍ନ ଆଶ୍ରମର ମହିମାଧର୍ମୀ ସାଧୁ ସନ୍ଥ ଯୋଗଦାନ କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ଅହୋରାତ୍ର ଦୀପ ପ୍ରଜ୍ୱଳନ ସହ ହୋମ ଯଜ୍ଞ ହୋଇଥିଲା।ବିଭିନ୍ନ ମଣ୍ଡଳୀ ଦ୍ୱାରା ଆଠ ଭଜନ ପରିବେଷଣ ହୋଇ ଥିଲା। ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଯଜ୍ଞ ପରିଚାଳନା କମିଟି ସଭାପତି ଅବଦୁଲ ଭକ୍ତ, କମଳା ମାତା, ସ୍ୱର୍ଣ୍ଣ ମାତା ଯୋଗଦାନ କରିଥିଲେ।

# ବ୍ଲୁ ଡାଇମଣ୍ଡ କ୍ଲବ ୪-୧ ଗୋଲରେ ବିଜୟୀ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆୟୋଜିତ ହେଉଥିବା ୧୫ ବର୍ଷରୁ କମ ବୟସ ବର୍ଗର ସି.ଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ବୁଧବାର ଦ୍ୱିତୀୟ ଦିବସରେ ବରଗଡ଼ ବ୍ଲୁ ଡାଇମଣ୍ଡ କ୍ଲବ ଓ ଆମ୍ବେଦକର କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବ୍ଲୁ ଡାଇମଣ୍ଡ କ୍ଲବ ୪-୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିବା ବେଳେ ଗୋବର୍ଦ୍ଧନ ବାଗ, ପୂର୍ଣ୍ଣଚନ୍ଦ୍ର ଭୁଏ ଲାଇନରେ ସହଯୋଗ କରିଥିଲେ । ଶୁଭମ ପାତ୍ର ଚତୁର୍ଥ ରେଫରି ଥିବାବେଳେ ସୁରେଶ ଦାଶ ମ୍ୟାଚ କମିଶନର ଥିଲେ। ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ସମ୍ପାଦକ ଶେକ ଶବଦର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଅଜୟ ପଟ୍ଟନାୟକ, କ୍ରୀଡ଼ା ପ୍ରଶିକ୍ଷକ ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରାକ୍ତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ଆଜୀବନ ସଦସ୍ୟ ପ୍ରଦୀପ ନନ୍ଦ ବ୍ଲୁ ଡାଇମଣ୍ଡ କ୍ଲବର ଦଳ ୩ ନମ୍ବର ଖେଳାଳି ଲିଙ୍ଗରାଜ ମେହେରଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ୧୧ ପରିବାରକୁ ଦାନା ଯୋଗାଉଛି ଶ୍ରୀରାମ ଲୀଳା ନାଟକ

- ଅଭିନୟ କରି ଲୋକଙ୍କ ମନ ଜିଣୁଛନ୍ତି ଚନ୍ଦ୍ରପ୍ରକାଶ
- ୧୨ ବର୍ଷ ହେଲା ଜୟ ମା' ଶ୍ରୀତଲା ରାମଲୀଳା ମଣ୍ଡଳୀ କରୁଛି ନାଟକ


ଅତାବିରାରେ ଚାଲିଥିବା ଶ୍ରୀରାମ ଲିଳାର ନାଟକର ଏକ ଦୃଶ୍ୟ ।

ଅତାବିରା,୮।୪(ଯୁଧିଷ୍ଠିର ମହାପାତ୍ର)

ପେଟ ପାଇଁ ନାଟ। ନିଜ ପରିବାର ସହ ଅନ୍ୟ ୧୧ ପରିବାରର ପ୍ରତିପୋଷଣ କରୁଛନ୍ତି ଚନ୍ଦ୍ରପ୍ରକାଶ। ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଚରିତ୍ର ଓ କାହାଣୀ ଉପରେ ଅଭିନୟ କରି ଲୋକଙ୍କ ମନୋରଞ୍ଜନ କରିବା ସହିତ ନାଟକ ମାଧ୍ୟମରେ ଲୋକଙ୍କୁ ଶିକ୍ଷା, ସମ୍ମାନ ଦେବା, ବଡ଼ ଲୋକଙ୍କୁ ଆଦର ଦେବା ସହ ସମାଜକୁ ସଚେତନ କରାଇବା ଯେପରି ଚନ୍ଦ୍ରପ୍ରକାଶଙ୍କ ନିଶା ପାଲଟିଯାଇଛି। ସେ ବର୍ଷକୁ ୧୨ ମାସ ଗାଁ ଗାଁ ବୁଲି ଶ୍ରୀରାମ ଲୀଳା ନାଟକ କରୁଛନ୍ତି। ୧୨ ବର୍ଷ ହେଲା ଦେଶର ବିଭିନ୍ନ ପ୍ରାନ୍ତରେ କରୁଛନ୍ତି 'ଶ୍ରୀରାମ ଲୀଳା' ନାଟକ। ଶ୍ରୀରାମ ନବମୀ ଅବସରରେ ବରଗଡ଼ ଜିଲା ଅତାବିରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି 'ଶ୍ରୀରାମ ଲୀଳା' ନାଟ୍ୟାଭିନୟ। ଉତ୍ତରପ୍ରଦେଶର ମିର୍ଜାପୁର ଜିଲା ଡମନଗଞ୍ଜ ଥାନା ଅନ୍ତର୍ଗତ ଭଟପୂର୍ବା ଗ୍ରାମରୁ ଅତାବିରାକୁ ଆସିଛନ୍ତି ଜୟ ମା' ଶ୍ରୀତଲା ରାମଲୀଳା ମଣ୍ଡଳୀର ସଦସ୍ୟ। ଏଥିରେ ପରିଚାଳକ ଭାବେ ରହିବା ସହ ଶ୍ରୀରାମ ଲୀଳା ନାଟକର ଦଶରଥ, ରାବଣ, କୈକେୟୀ, ମେଘନାଦ, ଜନକ ଆଦି ବିଭିନ୍ନ ଭୂମିକାରେ ଅଭିନୟ କରନ୍ତି ଚନ୍ଦ୍ରପ୍ରକାଶ ଚୌରାସିଆ । ତାଙ୍କ ସହ ୯ ବର୍ଷୀୟ ପୁତ୍ର ହିତେନ୍ଦ୍ର ଚୌରାସିଆ ବାଲ୍ୟକାଳରୁ ଲକ୍ଷ୍ମଣ ଭୂମିକା ତୁଲାଉଛନ୍ତି। ଏହି ନାଟକରେ ବାଲ୍ୟ ଶ୍ରୀରାମ ଓ ଲକ୍ଷ୍ମଣ ଭୂମିକା ନିର୍ବାହ କରୁଛନ୍ତି କ୍ରିଷ୍ଣନାରାୟଣ ଚୌରାସିଆ। ସେହିପରି ସୀତା ଭୂମିକାରେ ଅର୍ପିତ ଚୌରାସିଆ, ବିଶ୍ୱାମିତ୍ର ଓ ଶ୍ରୀରାମ ଭୂମିକାରେ କୁଶଳ ଚନ୍ଦ୍ର ଚୌରାସିଆ ଅଭିନୟ କରୁଥିବା ବେଳେ ହାରମୋନିୟମ ମାଷ୍ଟର ଭାବେ ରାଜେନ୍ଦ୍ର, ମୃଦଙ୍ଗବାଦକ ରାମଆସରେ ଏବଂ ଗିନିବଜାଳି ଭାବେ ତାରାଚାନ୍ଦ କାର୍ଯ୍ୟ ନିର୍ବାହ କରୁଛନ୍ତି। ୧୨ ବର୍ଷ ହେଲା ଦେଶର ବିଭିନ୍ନ ପ୍ରାନ୍ତରେ ଏହି ଶ୍ରୀରାମ ଲୀଳା ନାଟକ ପ୍ରଦର୍ଶିତ କରିଥିବା ବେଳେ ଓ ବହୁ ଜିଲା ସହ ବରଗଡ଼, ଅତାବିରା, ସୋହେଲା, ଘେଁସ, ନୂଆଗଡ଼ ଆଦି ସ୍ଥାନରେ ସେ ଅଭିନୟ କରିଛନ୍ତି । ନିଜ ଅନ୍ତର୍ନିହିତ ପ୍ରତିଭାକୁ ଉଚିତ ମାର୍ଗରେ ପ୍ରତିପାଦନ କରି ଅନ୍ୟକୁ ଅନୁପ୍ରେରିତ କରିପାରିଛନ୍ତି ଏହି କଳାକାର। ଏହି ଶ୍ରୀରାମ ଲୀଳା ନାଟ୍ୟାଭିନୟ ଶ୍ରୀରାମ ନବମୀରୁ ଆରମ୍ଭ ହୋଇଛି। ଆସନ୍ତା ୧୩ ତାରିଖଯାଏ ଚାଲିବ। ପ୍ରଥମ ରଜନୀରେ ଶ୍ରୀରାମ ଜନ୍ମ, ମୁନି ଆଗମନ, ତାଡ଼କା, ମାରିଚ, ସୁବାହୁ ବଧ ଏବଂ ଦ୍ୱିତୀୟ ରାତ୍ରରେ ଶ୍ରୀ ଧନୁଷ ଯଜ୍ଞ, ରାବଣ - ବାଣାସୁର ସଂବାଦ ଏବଂ ସୀତା ସ୍ୱୟଂବର ଦୃଶ୍ୟାଭିନୟ ପରିବେଷଣ ହୋଇସାରିଛି। କଳାକାରମାନଙ୍କ ନିଖୁଣ ଅଭିନୟରେ ଦର୍ଶକ ଭରପୂର ମଜା ନେଉଛନ୍ତି ।

## ଏମାନେ କୁହନ୍ତି...............


" ଆମେ କଳାକାର ଲୋକ । ଯେଉଁଠିକୁ ଗଲେ ଅଭିନୟ ମାଧ୍ୟମରେ ଲୋକଙ୍କୁ ସମାଜରେ ଚଳଣି ଧାରାକୁ ପୌରାଣିକ କଥାବସ୍ତୁ ଉପରେ ସଚେତନ କରୁଛୁଁ। ଏଥିରୁ ଯେଉଁ ଦୁଇ ପଇସା ପାରିଶ୍ରମିକ ମିଳେ, ତାକୁ ନେଇ ଆମ ୧୧ ପରିବାର କୁଟୁମ୍ବ ଚଳେ ।

**ଚନ୍ଦ୍ରପ୍ରକାଶ ଚୌରାସିଆ, ପରିଚାଳକ ତଥା କଳାକାର, ଉତ୍ତରପ୍ରଦେଶ**


" ମୁଁ ଛୋଟ ଥିଲା ବେଳେ ବାପାଙ୍କ ସହ ପରିବାର ଲୋକ ରିହର୍ସାଲ କରିବା ଦେଖି ଅଭିନୟ ପ୍ରତି ଆକୃଷ୍ଟ ହେଲି। ଦଶମ ଶ୍ରେଣୀ ପରୀକ୍ଷା ପରେ ପାଟିହାରାର ହନୁମାନ ସିଂ ପଟେଲ ଇଣ୍ଟରନ୍ୟାଶନାଲ କଲେଜରେ ପଢୁଛି । ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ପ୍ରଥମକରି ସୀତା ଭୂମିକାରୁ ଅଭିନୟ ଜୀବନ ଆରମ୍ଭ କରିଛି। ହେଲେ ୨୦୨୧ରୁ ନିୟମିତ ବାବା କାକାଙ୍କ ସହ ବିଭିନ୍ନ ସ୍ଥାନ ଯାଇ ଅଭିନୟ କରିଛି। ମୋତେ ଲକ୍ଷ୍ମଣ ଭୂମିକା କରିବାକୁ ବହୁତ ପସନ୍ଦ ଲାଗେ।

**କ୍ରିଷ୍ଣ ନାରାୟଣ ଚୌରାସିଆ, ବାଲ୍ୟ ଶ୍ରୀରାମ ଉତ୍ତର ପ୍ରଦେଶ**


" ବାପାଙ୍କ ସହ ପ୍ରଥମ ଥର ପାଇଁ ବାହାରକୁ ଆସିଛି ଅଭିନୟ କରିବା ପାଇଁ। ମିର୍ଜାପୁର ଜନତା ପବ୍ଲିକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛି। ୨୦୨୨-୨୩ରେ ପ୍ରଥମ କରି ଛତିଶଗଡ଼ରେ ସୀତା ଭୂମିକାରେ ଅଭିନୟ କରିଥିଲି। ଏଠି ପ୍ରଥମ କରି ବାଲ୍ୟ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଛି।

**ହିତେନ୍ଦ୍ର ଚୌରାସିଆ, ବାଲ୍ୟ ଲକ୍ଷ୍ମଣ, କଳାକାର ଉତ୍ତର ପ୍ରଦେଶ**


" ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଅବସରରେ ଅତାବିରା ହନୁମାନ ମନ୍ଦିର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ପ୍ରଥମକରି ଏହି ରାମ ଲୀଳା ମହୋତ୍ସବ କରାଯାଉଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚଳିବ। ୧୪ ତାରିଖ ହନୁମାନ ଜୟନ୍ତୀ ପାଳନ କରାଯିବ। ଏଣୁ ଭକ୍ତମାନେ ଶ୍ରୀରାମ ଲୀଳା ଦେଖିବା ସହ ବୀର ହନୁମାନଙ୍କ ଦର୍ଶନ କରି ଆଶୀର୍ବାଦ ନେବାକୁ ଅନୁରୋଧ।

**ଭୂପେନ୍ଦ୍ର କୁମାର ପଟେଲ, ଆବାହକ, ହନୁମାନ ଜୟନ୍ତୀ ସମନ୍ୱୟ ସମିତି, ଅତାବିରା**

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ Bhubaneswar, Wednesday, April 9/ 2025

# ଲକ୍ଷ୍ନୌ ୪ ରନ୍‌ରେ ଜିତିଲା



ଶଟ୍ ଖେଳିବା ଅବସରରେ ନିକୋଲସ ପୁରନ।

**କୋଲକାତା,୮।୪**

ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଅପରାହ୍ନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଏଲ୍‌ଏସ୍‌ଜି ଦ୍ୱାରା ପ୍ରଦତ୍ତ ୨୩୯ ରନର ଟାର୍ଗେଟର ଜବାବରେ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଅର୍ଦ୍ଧଶତକ ଓ ସୁନୀଲ ନାରିନ ଏବଂ ଭେଙ୍କଟେଶ ଆୟାରଙ୍କ ଲଢୁଆ ପାଳି ସତ୍ତ୍ୱେ କେକେଆର୍ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ଲକ୍ଷ୍ନୌର ତୃତୀୟ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ତୃତୀୟ ପରାଜୟ। ଏହି ମ୍ୟାଚ ଭାରତୀୟ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଲାଗି ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ଏଡେନ ମାରକ୍ରାମ ଓ ମିଚେଲ ମାର୍ଶ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୧୦.୨ ଓଭରରେ ୯୯ ରନ କରିଥିଲେ। ମାରକ୍ରାମ ୨୮ ବଲରେ ୪ ଚୌକା ଓ ୨ ଛକା ସହିତ ୪୭ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ତୃତୀୟ କ୍ରମରେ ଆସିଥିବା ନିକୋଲାସ ପୁରନଙ୍କ ସହ ମିଶି ମାର୍ଶ ଦ୍ୱିତୀୟ ଉଇକେଟରେ ୩୦ ବଲରେ ୭୧ ରନ ଯୋଡ଼ିଥିଲେ। ମାର୍ଶ ୮୧ (୬ ଚୌକା ଓ ୫ ଛକା) ରନ କରି ଆନ୍ଦ୍ରେ ରସେଲଙ୍କ ବଲରେ କ୍ୟାଚ ଆଉଟ ହୋଇଥିଲେ। ପୁରନ ୩୬ ବଲରେ ଧୂଆଁଧାର ୮୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୮ ଛକା ସାମିଲ ଥିଲା। ଏଥିଯୋଗୁ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୩୮ ରନ କରିଥିଲା। କେକେଆର୍ ପକ୍ଷରୁ ହର୍ଷିତ ରାଣା ଦୁଇଟି ଓ ରସେଲ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କେକେଆର୍ ଆରମ୍ଭରୁ କ୍ୱିଣ୍ଟନ ଡି କକ୍ (୧୫)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ରାହାନେ ଓ ସୁନୀଲ ନାରିନ ଦ୍ୱିତୀୟ ଉଇକେଟରେ ୫୪ ରନ ଯୋଡ଼ିଥିଲେ। ନାରିନ ୧୩ ବଲରେ ୪ ଚୌକା ଓ ୨ ଛକା ସହିତ ୩୦ ରନ କରି ଆଉଟ ହୋଇଥିଲେ। ଏହାପରେ ଭେଙ୍କଟେଶ ଓ ରାହାନେ ତୃତୀୟ ଉଇକେଟରେ ୪୦ ବଲରେ ୭୧ ରନ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ଏକଦା ୧୩ ଓଭର ସୁଦ୍ଧା ଦଳ ୩ ଉଇକେଟ ହରାଇ ୧୬୨ ରନ କରିଥିଲା। ହେଲେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ କେକେଆର ୨୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରାହାନେ ୬୧ (୮ ଚୌକା ଓ ୨ ଛକା), ଭେଙ୍କଟେଶ ୪୫ (୬ ଚୌକା ଓ ୧ ଛକା) ଓ ରିଙ୍କୁ ସିଂ ୩୮ (୬ ଚୌକା ଓ ୨ ଛକା) ରନ କରିଥିଲେ। ଏଲ୍‌ଏସ୍‌ଜି ପାଇଁ ଆକାଶ ଦୀପ ଓ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୩୮/୩ (ନିକୋଲସ ପୁରନ-୮୭*, ମିଚେଲ ମାର୍ଶ-୮୧, ଏଡେନ ମାରକ୍ରାମ-୪୭, ହର୍ଷିତ ରାଣା-୨/୫୧, ଆନ୍ଦ୍ରେ ରସେଲ-୧/୩୨)। କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୩୪/୭ (ଅଜିଙ୍କ୍ୟ ରାହାନେ-୬୧, ଭେଙ୍କଟେଶ ଆୟର-୪୫, ରିଙ୍କୁ ସିଂ-୩୮*, ସୁନୀଲ ନାରିନ-୩୦, ଶାର୍ଦ୍ଦୁଳ ଠାକୁର-୨/୫୨, ଆକାଶ ଦୀପ-୨/୫୫, ଆଭେଶ ଖାନ-୧/୪୫)।

# ପ୍ରିୟାଂଶଙ୍କ ଶତକରେ ପଞ୍ଜାବ ବିଜୟୀ



ଶତକ ହାସଲ ପରେ ପ୍ରିୟାଂଶ ଆର୍ଯ୍ୟ।

**ମୁଲାନପୁର,୮।୪**

ପ୍ରିୟାଂଶ ଆର୍ଯ୍ୟଙ୍କ ଧୂଆଁଦାର ଶତକ ବଳରେ ମଙ୍ଗଳବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୧୮ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ପଞ୍ଜାବ ଦ୍ୱାରା ପ୍ରଦତ୍ତ ୨୨୦ ରନର ଟାର୍ଗେଟ ଆଗରେ ସିଏସ୍‌କେ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ପଞ୍ଜାବର ତୃତୀୟ ବିଜୟ ହୋଇଥିବା ବେଳେ ଚେନ୍ନାଇର ଏହା କ୍ରମାଗତ ଚତୁର୍ଥ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପାଇଁ ଆରମ୍ଭରୁ ଗୋଟିଏ ପକ୍ଷରେ ଓପନର ପ୍ରିୟାଂଶ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ କ୍ରମାଗତ ଉଇକେଟ ପତନ ଜାରି ରହିଥିଲା। ଦଳ ଏକଦା ୮ ଓଭରରେ ୮୩ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ପ୍ରିୟାଂଶ ଓ ଶଶାଙ୍କ ସିଂ ଷଷ୍ଠ ଉଇକେଟରେ ୭୧ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୫୪ ହୋଇଥିବା ବେଳେ ପ୍ରିୟାଂଶ ପ୍ୟାଭିଲିଅନ ଫେରିଥିଲେ। ସେ ଆଉଟ ହେବା ପୂର୍ବରୁ ୪୨ ବଲରେ ୭ ଚୌକା ଓ ୯ ଛକା ସହିତ ୧୦୩ ରନ କରିଥିଲେ। ଶେଷ ଆଡ଼କୁ ଶଶାଙ୍କ ଓ ମାର୍କୋ ଜାନସେନ ଅବିଭାଜିତ ସପ୍ତମ ଉଇକେଟରେ ୬୨ ରନ ଯୋଡ଼ିଥିଲେ। ଶଶାଙ୍କ ୩୬ ବଲରେ ୫୨ (୨ ଚୌକା ଓ ୩ ଛକା) ଓ ଜାନସେନ ୧୯ ବଲରେ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ କରିଥିଲା। ସିଏସକେ ପକ୍ଷରୁ ଖଲିଲ ଅହମ୍ମଦ ଓ ରବିଚନ୍ଦ୍ରନ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସିଏସ୍‌କେକୁ ଡେଭନ କନୱେ ଓ ରାଚିନ ରବୀନ୍ଦ୍ରଙ୍କ ଓପନିଂ ଯୋଡ଼ି ୬୧ ରନର ଆରମ୍ଭ ଦେଇଥିଲା। ଏହାପରେ ଦଳ ଗୋଟିଏ ଓଭରର ବ୍ୟବଧାନରେ ରବୀନ୍ଦ୍ର (୩୬) ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ(୧)ଙ୍କ ଉଇକେଟ ହରାଇଥିଲା। ଚତୁର୍ଥ କ୍ରମରେ ଆସିଥିବା ଶିବମ ଦୁବେଙ୍କ ସହ ମିଶି କନୱେ ତୃତୀୟ ଉଇକେଟ ଲାଗି ୮୯ ରନ ଯୋଡ଼ିଥିଲେ। ଦୁବେ ୪୨ ରନ କରି ଆଉଟ୍ ହୋଇଥିବା ବେଳେ କନୱେ ୬୯ (୬ ଚୌକା ଓ ୨ଛକା) ରନ କରି ରିଟାୟର୍ଡ ଆଉଟ ହୋଇଥିଲେ। ଶେଷ ଆଡ଼କୁ ମହେନ୍ଦ୍ର ସିଂ ଧୋନୀ ୧୩ ବଲରେ ୧ ଚୌକା ଓ ୩ ଛକା ସହିତ ୨୭ ରନ କରିଥିଲେ। ହେଲେ ତାହା ଯଥେଷ୍ଟ ହୋଇନଥିଲା। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୧ ରନ କରିପାରିଥିଲା। ପଞ୍ଜାବ ପାଇଁ ଲୋକି ଫର୍ଗୁସନ ଦୁଇ ଉଇକେଟ ନେଇଥିବା ବେଳେ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୧୯/୬ (ପ୍ରିୟାଂଶ ଆର୍ଯ୍ୟ-୧୦୩, ଶଶାଙ୍କ ସିଂ-୫୨*, ମାର୍କୋ ଜାନସେନ-୩୪*, ଖଲିଲ ଅହମ୍ମଦ-୨/୪୫, ରବିଚନ୍ଦ୍ରନ ଅଶ୍ୱିନ-୨/୪୮, ମୁକେଶ ଚୌଧାରୀ-୧/୨୧, ନୁର ଅହମ୍ମଦ- ୧/୩୨ )। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୧/୫ (ଡେଭନ କନୱେ-୬୯, ଶିବମ ଦୁବେ-୪୨, ରାଚିନ ରବୀନ୍ଦ୍ର-୩୬, ମହେନ୍ଦ୍ର ସିଂ ଧୋନୀ-୨୭, ଲୋକି ଫର୍ଗୁସନ-୨/୪୦, ଗ୍ଲେନ ମାକ୍ସୱେଲ -୧/୧୧, ଯଶ୍ ଠାକୁର-୧/୩୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଗୁଜରାଟ ବନାମ ରାଜସ୍ଥାନ

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |




# ୨୭ ବର୍ଷୀୟ ପୁକୋଭସ୍କିଙ୍କ ଅବସର

**କନ୍‌କଶନ ପ୍ରଭାବ**

**ମେଲବୋର୍ନ, ୮।୪(ଏପି)**

ବାରମ୍ବାର କନ୍‌କଶନ କାରଣରୁ ଅଷ୍ଟ୍ରେଲିଆର ଯୁବ କ୍ରିକେଟର ୱିଲ ପୁକୋଭସ୍କି ମାତ୍ର ୨୭ ବର୍ଷ ବୟସରେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କଦାପି କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବର୍ଷ ଶିଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟର ଏକ ମ୍ୟାଚରେ ତାଙ୍କ ମୁଣ୍ଡରେ ବଲ ବାଜିଥିଲା, ଯାହା କି ତାଙ୍କ କ୍ରିକେଟ କ୍ୟାରିୟରର ୧୩ତମ କନ୍‌କଶନ ଘଟଣା ଥିଲା। ଏଥିଯୋଗୁ ଡାକ୍ତର ତାଙ୍କୁ ଫାଷ୍ଟ-କ୍ଲାସ କ୍ରିକେଟରୁ ଅବସର ଘୋଷଣା କରିବାକୁ ପରାମର୍ଶ ଦେଇଥିଲେ। ପୁକୋଭସ୍କି ଏକ ରେଡିଓ ସାକ୍ଷାତ୍କାରରେ ସେ କଦାପି କୌଣସି ସ୍ତରରେ କ୍ରିକେଟ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସରଳ କଥା ହେଲା ମୁଁ କୌଣସି ସ୍ତରରେ କଦାପି କ୍ରିକେଟ ଖେଳିପାରିବି ନାହିଁ। ଗତ କନ୍‌କଶନ ଘଟଣା ପରେ ଗତ କିଛି ମାସ ହେଲା, ମୁଁ ମୋ ନିଜ କାମ କରିବାରେ ସଂଘର୍ଷ କରୁଛି। ମୁଁ ଘରେ ଠିକ୍ ଭାବେ ଚାଲି ବି ପାରୁନାହିଁ। ମୁଁ ବହୁତ ଶୋଉଛି। ପ୍ରଥମ କିଛି ମାସ ମୋ ପାଇଁ ଖୁବ ଯନ୍ତ୍ରଣା ଦାୟକ ଥିଲା। କିନ୍ତୁ ଏହା ମୋ ପିଛା ଛାଡୁ ନାହିଁ। ଏହା ମୋ ପାଇଁ ଖୁବ କଷ୍ଟକର ସମୟ ଥିଲା। ଏଥିଯୋଗୁ ମୁଁ ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଛି ବୋଲି ପୁକୋଭସ୍କି କହିଛନ୍ତି। ପୁକୋଭସ୍କି ଅଷ୍ଟ୍ରେଲିଆ ପାଇଁ ୨୦୨୧ରେ କ୍ୟାରିୟରର ଏକମାତ୍ର ଟେଷ୍ଟ ଖେଳିଥିଲେ। ଭାରତ ବିପକ୍ଷରେ ସେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ୬ ମାସ ପାଇଁ କ୍ରିକେଟଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ୨୦୨୧ ଅକ୍ଟୋବରରେ ଟ୍ରେନିଂକୁ ଫେରିବା ପରେ ସେ କନ୍‌କଶନର ସମ୍ମୁଖୀନ ହୋଇଥିଲେ। ଯାହା ଫଳରେ ତାଙ୍କୁ ଆହୁରି କିଛି ମାସ ପଡ଼ିଆରୁ ଦୂରେଇ ରହିବାକୁ ପଡ଼ିଥିଲା। ଡାହାଣହାତୀ ବ୍ୟାଟର ପୁକୋଭସ୍କି ୩୬ ଫାଷ୍ଟ-କ୍ଲାସ ମ୍ୟାଚରେ ୪୫.୧୯ ଆଭରେଜରେ ୭ ଶତକ ଓ ୨୫୫ ରନର ସର୍ବାଧିକ ସ୍କୋର ଏବଂ ୨,୩୫୦ ରନ ସହ କ୍ୟାରିୟର ଶେଷ କରିଛନ୍ତି।

# ଚାମ୍ପିୟନ ଦଳକୁ ମିଳିବ ୨ଲକ୍ଷ

**କଳାହାଣ୍ଡି କପ୍ କ୍ରିକେଟ**

**ଭୁବନେଶ୍ୱର, ୮।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ସିନିୟର ପୁରୁଷ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର ଅପ୍ ଦଳ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଚାମ୍ପିୟନ ଦଳକୁ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ଲକ୍ଷ ଟଙ୍କା ମିଳିବ। ରବିବାର କଟକ ବାରବାଟୀ ଷ୍ଟାଡିୟମରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଟକ 'ଏ' ଓ ସୁନ୍ଦରଗଡ଼ ମଧ୍ୟରେ ହେବ। ଏହାର ଅପରାହ୍ନ ୧ଟି ୩୦ରୁ ଆରମ୍ଭ ହେବ। ଉଦ୍‌ଯାପନୀ ଉତ୍ସବ ରାତି ୮ଟାରେ ଅନୁଷ୍ଠିତ ହେବ।

# ପଟିଦାରଙ୍କୁ ୧୨ ଲକ୍ଷ ଜରିମାନା

**ମୁମ୍ବାଇ, ୮।୪ (ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଗୋଟିଏ ସ୍ଲୋ ଓଭର ରେଟ୍ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଅଧିନାୟକ ରଜତ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏଠାରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଆର୍‌ସିବି ୧୨ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମ୍ୟାଚରେ ପଟିଦାର ୩୨ ବଲ୍‌ରୁ ୬୪ରନ କରିବା ଦ୍ୱାରା ତାଙ୍କ ଦଳର ସ୍କୋର ୨୨୧/୫ରେ ପହଞ୍ଚି ପାରିଥିଲା। ପରେ ଏହି ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୯/୯ରେ ସୀମିତ କରି ଦେଇଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅଧୀନରେ ଚଳିତ ସିଜନରେ ତାଙ୍କ ଦଳର ଏହା ହେଉଛି ପ୍ରଥମ ଅପରାଧ। ସର୍ବନିମ୍ନ ଅପରାଧ ପାଇଁ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆଇପିଏଲ୍ ମିଡିଆ କହିଛି। ବେଙ୍ଗାଲୁରୁ ବର୍ତ୍ତମାନ ୬ ପଏଣ୍ଟ ସହ ବର୍ତ୍ତମାନ ଟେବୁଲରେ ତୃତୀୟ ସ୍ଥାନରେ ରହିଛି। ଦଳ ବର୍ତ୍ତମାନ ଏହାର ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ତା'ର ୫ମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଏପ୍ରିଲ ୧୦ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ